ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଏପ୍ରିଲ ୧୯/୨୦୨୨ (୧୬ ପୃଷ୍ଠା) | Sambalpur, Tuesday, April 19/2022 | Page 16 | ₹ 7.00 | ★★

୧୮ଶ ଭାଗ ୧୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ହଟ୍ ଫଟୋ ପାଇଁ ଟ୍ରୋଲ

ଇନ୍‌ଷ୍ଟାଗ୍ରାମରେ ମନୋକିନି ପିନ୍ଧା ଫଟୋ ଅପ୍‌ଲୋଡ୍ କରି ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ଟ୍ରୋଲର ଶିକାର ହୋଇଛନ୍ତି।

୧୩

୧୬

## ଜୋସ୍ ବଟଲରଙ୍କ ଶତକ

କୋଲ୍‌କାତା ନାଇଟ ରାଇଡର୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସର ଜୋସ୍ ବଟଲର ଶତକ ହାସଲ କରିଛନ୍ତି।



# ପୋଲିସ ଛାଡ଼ି ପଳାଇଲା

**ଓଡ଼ିଶା ରାଜ୍ୟ ଘରୋଇ ଡ୍ରାଇଭର ମହାସଂଘ ଡାକରାରେ ଆନ୍ଦୋଳନ କରିବାକୁ ସୋମବାର ଆସିଥିବା ୫୦ ହଜାରରୁ ଉର୍ଦ୍ଧ୍ୱ ଡ୍ରାଇଭରଙ୍କ କବ୍‌ଜାକୁ ଚାଲିଯାଇଥିଲା ରାଜଧାନୀ ଭୁବନେଶ୍ୱର। କେବଳ ପିଏମ୍‌ଜି, ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳ ନୁହେଁ, ସମସ୍ତ ପ୍ରମୁଖ ରାସ୍ତା ଓ ଏହାକୁ ସଂଯୋଗ କରୁଥିବା ସଡ଼କକୁ ଅଚଳ କରିଦେଇଥିଲେ ଡ୍ରାଇଭରମାନେ। ଲୋକେ ରାସ୍ତାରେ ଅଟକି ରହି ଦୁର୍ଦ୍ଦଶା ଭୋଗୁଥିବାବେଳେ ପୋଲିସ ସେମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ପଳାଇଥିଲା।**

## ଡ୍ରାଇଭରଙ୍କ କବ୍‌ଜାରେ ରାଜଧାନୀ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

୧୧ ଦଫା ଦାବି ନେଇ ରବିବାର ରାତିରୁ ସୋମବାର ପୂର୍ବାହ୍ନ ୧୧ଟା ଯାଏ ରାଜ୍ୟର ବିଭିନ୍ନ ସ୍ଥାନରୁ ଡ୍ରାଇଭରମାନେ ଭୁବନେଶ୍ୱରରେ ପହଞ୍ଚି ଆନ୍ଦୋଳନ, ପ୍ରତିବାଦ ସାଙ୍ଗକୁ ଧାରଣା ଦେଇଛନ୍ତି। ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଡ୍ରାଇଭରମାନଙ୍କୁ ପୋଲିସ ଓ ଜନସାଧାରଣଙ୍କଠାରୁ ସୁରକ୍ଷା, ଦୁର୍ଘଟଣାରେ କୌଣସି ଡ୍ରାଇଭରଙ୍କ ମୃତ୍ୟୁ ହେଲେ ୧୦ ଲକ୍ଷ ଏବଂ ଗୋଡ଼, ହାତ ଭାଙ୍ଗିଗଲେ ୫ ଲକ୍ଷ ଟଙ୍କାର ବୀମା ସୁବିଧା ଯୋଗାଇ ଦେବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। କିଛି ମାସ ତଳେ ଡ୍ରାଇଭରମାନେ ଦାବିପୂରଣ ପାଇଁ ଭୁବନେଶ୍ୱର ଆସି ଜୋରଦାର ଆନ୍ଦୋଳନ କରିଥିଲେ। ସେମାନଙ୍କ ୧୧ରୁ ୮ ଦଫା ଦାବି ପୂରଣ କରାଯିବ ବୋଲି କହି ସରକାର ସେମାନଙ୍କୁ ଫେରାଇ ଦେଇଥିଲେ। ତାହା ପୂରଣ ନ ହେବାରୁ ସୋମବାର ଡ୍ରାଇଭରମାନେ ଯୋଜନାବଦ୍ଧ ଭାବେ ପହଞ୍ଚି ବଡ଼ଧରଣର ଆନ୍ଦୋଳନ କରିଛନ୍ତି। ସେମାନଙ୍କ ସଂଖ୍ୟା ଏତେ ଅଧିକ ଥିଲା ଯେ, ଭୁବନେଶ୍ୱରର ସମସ୍ତ ପ୍ରବେଶ ପଥ, ପ୍ରମୁଖ ଅଞ୍ଚଳରେ ଭିଡ଼ ଜମିଥିଲା। ଏହାକୁ ନେଇ ଭୀଷଣ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦାବିଗୁଡ଼ିକ ପ୍ରତି ସରକାରଙ୍କ ହାଲୁକା ଆଭିମୁଖ୍ୟକୁ ଦେଖି ଡ୍ରାଇଭରମାନେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଜନସାଧାରଣଙ୍କ ଯାତାୟାତକୁ ବନ୍ଦ କରିଦେଇଥିଲେ। ଏପରି କି ପ୍ରମୁଖ ଛକଗୁଡ଼ିକର ଟ୍ରାଫିକ୍ ପୋଷ୍ଟଗୁଡ଼ିକୁ କବ୍‌ଜା କରି ମହାସଂଘ ସଦସ୍ୟମାନେ ଜଗି ରହିଥିଲେ। କେବଳ ଟ୍ରାଫିକ୍ ପୋଲିସ ନୁହେଁ, ରାଜଧାନୀର ସମସ୍ତ ଥାନା ପୋଲିସ ଏହି ଆନ୍ଦୋଳନ ☞ପୃଷ୍ଠା-୪



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଡ୍ରାଇଭରମାନେ ପୋଲିସକୁ ଅଟକାଇବା ସହ ଟ୍ରାଫିକ୍ ପୋଷ୍ଟକୁ କବ୍‌ଜା କରି ନେଇଛନ୍ତି।

# ପୁଣି ବଢ଼ିଲା ବସ୍‌ଭଡ଼ା

| ବସ୍ ଭଡ଼ା ବୃଦ୍ଧି | | |
|---|---|---|
| ବସ୍‌ର ବର୍ଗ | ଥିଲା | ହେଲା |
| ସାଧାରଣ | ୯୦ ପଇସା | ୯୨ ପଇସା |
| ଏକ୍ସପ୍ରେସ୍ | ୯୪ ପଇସା | ୯୬ ପଇସା |
| ଡିଲକ୍ସ | ୧.୩୧ ଟଙ୍କା | ୧.୩୫ ଟଙ୍କା |
| ଏସି ଡିଲକ୍ସ | ୧.୫୯ ଟଙ୍କା | ୧.୬୩ ଟଙ୍କା |
| ସୁପର ଡିଲକ୍ସ | ୨.୪୭ ଟଙ୍କା | ୨.୫୩ ଟଙ୍କା |

## ୧୮ ଦିନରେ ୨ ଥର



- କିଲୋମିଟର ପିଛା ୨ରୁ ୬ ପଇସା
- ଯାତ୍ରୀଙ୍କ ଉପରେ ବୋଝ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ରାଜ୍ୟରେ ବାରମ୍ବାର ଡିଜେଲ ଦର ବୃଦ୍ଧି ପରିବହନ ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପକାଉଛି। ଯାତ୍ରୀ ପରିବହନ ହେଉ କି ମାଲ ପରିବହନ ସବୁକ୍ଷେତ୍ରରେ ତୈଳଦର ବୃଦ୍ଧିର ପ୍ରଭାବ ଦେଖିବାକୁ ମିଳିଛି। ଲଗାତର ଭାବେ ଡିଜେଲ ଦର ବୃଦ୍ଧି ପାଇବା ଯୋଗୁ ରାଜ୍ୟରେ ସୋମବାର ପୁଣି ବସ୍‌ଭଡ଼ା ବୃଦ୍ଧି ପାଇଛି। ସୋମବାର ଏ ନେଇ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଗତ ୧୮ ଦିନ ମଧ୍ୟରେ ୨ଥର ପାଇଁ ବସ୍‌ଭଡ଼ା ବୃଦ୍ଧି ପାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, କିଲୋମିଟର ପିଛା ୨ରୁ ୬ ପଇସା ଯାଏ ବୃଦ୍ଧି ପାଇଛି। ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ଲେଖାଏ ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଲାଗି କିଲୋମିଟର ପିଛା ୪ ପଇସା ଲେଖାଏ ବୃଦ୍ଧି ପାଇଛି। ଏଥିଯୋଗୁ ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୯୦ ପଇସାରୁ ୯୨ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏକ୍ସପ୍ରେସ ଭଡ଼ା ୯୪ରୁ ୯୬ ପଇସାରେ ପହଞ୍ଚିଛି। ସେହିପରି ଡିଲକ୍ସ ବସ୍ କିଲୋମିଟର ପିଛା ୧ଟଙ୍କା ୩୧ପଇସାରୁ ୧ଟଙ୍କା ୩୫ପଇସାକୁ ବୃଦ୍ଧି ପାଇଥିବା ବେଳେ ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୧.୫୯ରୁ ୧.୬୩ ଟଙ୍କା ଏବଂ ସୁପର ପ୍ରିମିୟମ୍ ବସ୍ ଭଡ଼ା କିଲୋମିଟର ପିଛା ୨ଟଙ୍କା ୪୭ ପଇସାରୁ ୨ଟଙ୍କା ୫୩ ପଇସାକୁ ବୃଦ୍ଧି ପାଇଛି। ପରିବହନ ବିଭାଗ ସୂଚନା ଅନୁଯାୟୀ, ମାର୍ଚ୍ଚ ୩୧ରୁ ଏପ୍ରିଲ ୧୮ ତାରିଖ ମଧ୍ୟରେ ଡିଜେଲ ଦର ୯୮ ଟଙ୍କା ୪୦ ପଇସାରୁ ବୃଦ୍ଧି ପାଇ ୧୦୨ ଟଙ୍କା ୨୨ ପଇସାକୁ ବୃଦ୍ଧି ପାଇଥିବାରୁ ବସ୍‌ଭଡ଼ାରେ ବୃଦ୍ଧି କରାଯାଇଛି। ତୈଳଦର ବୃଦ୍ଧିକୁ ନେଇ ସ୍ୱୟଂକ୍ରୀୟ ବ୍ୟବସ୍ଥା ଅନୁଯାୟୀ ବସ୍‌ଭଡ଼ା ବଢ଼ିବା ଏବଂ କମିବା ବ୍ୟବସ୍ଥା ରହିଛି। ☞ପୃଷ୍ଠା-୪

## ଆଶିଷ ମିଶ୍ରାଙ୍କ ଜାମିନ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୧୮।୪(ପି.ଟି.):** ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରି ହିଂସା ମାମଲାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ୍ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ଜାମିନ ପ୍ରଦାନ କରିଥିବାବେଳେ ସୋମବାର ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଛନ୍ତି। ଏଥିସହିତ ଆଶିଷଙ୍କୁ ସପ୍ତାହେ ମଧ୍ୟରେ ଆତ୍ମସମର୍ପଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟ ଅପ୍ରାସଙ୍ଗିକ ବିଷୟକୁ ବିଚାରକୁ ନେଇ ଏବଂ ଏଫ୍‌ଆଇଆର୍‌ରେ ଥିବା ବିଷୟ ପ୍ରତି ଅଧିକ ଗୁରୁତ୍ୱ ଦେଇ ମିଶ୍ରାଙ୍କୁ ଜାମିନ ପ୍ରଦାନ କରିଥିବା ପ୍ରଧାନ ବିଚାରପତି ଏନ୍.ଭି. ରମନା, ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କହିଥିଲେ। ଲଖିମପୁରଖେରି ହିଂସା ଘଟଣାରେ କ୍ଷତିଗ୍ରସ୍ତଙ୍କୁ ଶୁଣାଣିର ସମ୍ପୂର୍ଣ୍ଣ ସୁଯୋଗ ଦିଆଯାଇ ନ ଥିଲା। ଏଥିସହିତ ହାଇକୋର୍ଟ ମୁଖ୍ୟ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବାରେ ବ୍ୟଗ୍ରତା ଦେଖାଇଥିଲେ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି। ଅଭିଯୁକ୍ତଙ୍କ ଜାମିନ ଆବେଦନ ସମାନ ବିଚାରପତି ଶୁଣାଣି କରିବା ଜରୁରୀ ନୁହେଁ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନିଷ୍ପତ୍ତି ଆମ ହାତରେ

# ଉଚ୍ଚଶିକ୍ଷାନୁଷ୍ଠାନରେ ୧୬ ଦିନିଆ ଖରାଛୁଟି

### ଆବଶ୍ୟକ ପଡ଼ିଲେ ଛୁଟି ଦିନ ଓ କାର୍ଯ୍ୟ ଦିବସରେ ଅତିରିକ୍ତ କ୍ଲାସ୍

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ବିଦ୍ୟାଳୟ ପରେ ଏବେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ମଧ୍ୟ ଅଧିକ ଦିନ ଖରାଛୁଟି ମିଳିବ ନାହିଁ। କୋଭିଡ୍‌ଜନିତ ଶିକ୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ୧୬ଦିନିଆ ଖରାଛୁଟି ପାଇଁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏନେଇ ବିଭାଗ ପକ୍ଷରୁ ସୋମବାର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ ସରକାରୀ, ବେସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଏବଂ ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଚିଠି ଲେଖି ଜଣାଇଛନ୍ତି ଯେ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆସନ୍ତା ଜୁନ୍ ୧ରୁ ୧୬ ତାରିଖ ଯାଏ ଖରାଛୁଟି ରହିବ। କୋଭିଡ୍ ପାଇଁ ପାଠପଢ଼ା ପ୍ରଭାବିତ ହୋଇଥିବାରୁ ଖରାଛୁଟି କମାଇ ଦିଆଯାଇଛି। ଖରାଛୁଟି ଛାଡ଼ି ବାକି ସମୟରେ ସମସ୍ତ କୋର୍ସ ସାରିବା ପାଇଁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଚେଷ୍ଟା କରିବାକୁ କୁହାଯାଇଛି। ଆବଶ୍ୟକ ପଡ଼ିଲେ ଛୁଟି ଦିନ ଓ କାର୍ଯ୍ୟ ଦିବସରେ ଅତିରିକ୍ତ କ୍ଲାସ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ସ୍କୁଲରେ ଖରାଛୁଟି କମାଇ ଦିଆଯାଇଛି। ସାଧାରଣତଃ ସ୍କୁଲଗୁଡ଼ିକରେ ପ୍ରତିବର୍ଷ ପ୍ରାୟ ଦେଢ଼ରୁ ଦୁଇମାସ ଖରାଛୁଟି ହେଉଥିବାବେଳେ ଚଳିତବର୍ଷ ଏହାକୁ ୧୧ ଦିନକୁ କମାଇ ଦିଆଯାଇଛି। ଚଳିତବର୍ଷ ଜୁନ୍ ୬ରୁ ୧୬ ତାରିଖ ପର୍ଯ୍ୟନ୍ତ ଖରାଛୁଟି ହେବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। କରୋନା ମହାମାରୀ ଯୋଗୁ ☞ପୃଷ୍ଠା-୪

# ପୋଖରୀରେ ବୁଡ଼ି ଇସ୍ରୋ ବୈଜ୍ଞାନିକଙ୍କ ମୃତ୍ୟୁ

- ୧୫ଦିନ ଛୁଟିରେ ଗାଁକୁ ଆସିଥିଲେ
- ଗାଧୋଇବାବେଳେ ପାଣିରେ ବୁଡ଼ିଗଲେ
- ଜିଲାରେ ଶୋକର ଛାୟା



ନୀହାର ରଞ୍ଜନ ପ୍ରଧାନ

ବରଗଡ଼ ଅଫିସ୍/ଅମ୍ବାଭୋନା, ୧୮।୪(ଡି.ଏନ.ଏ.)

ଭାରତୀୟ ଅନ୍ତରୀକ୍ଷ ବିଜ୍ଞାନ ଓ ପ୍ରାଦ୍ୟୋଗିକ ସଂସ୍ଥାନ (ଇସ୍ରୋ), ବାଙ୍ଗାଲୋରରେ କାର୍ଯ୍ୟରତ ଯୁବ ବୈଜ୍ଞାନିକ ନୀହାର ରଞ୍ଜନ ପ୍ରଧାନ(୨୫)ଙ୍କ ସୋମବାର ମଧ୍ୟାହ୍ନରେ ଅକାଳ ବିୟୋଗ ଘଟିଛି। ନିଜ ଗ୍ରାମ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଝାରପାଲିର ଏକ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ସେଠାରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ଅମ୍ବାଭୋନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩/୨୨) ରୁଜୁକରି ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ଜଣେ ଯୁବ ବୈଜ୍ଞାନିକଙ୍କୁ ହରାଇ ସମଗ୍ର ବରଗଡ଼ ଜିଲାରେ ଶୋକର ଛାୟା ଖେଳିଯାଇଛି।

ଝାରପାଲି ଗ୍ରାମର ପଙ୍କଜିନୀ ପ୍ରଧାନ ଓ ରାଜକୁମାର ପ୍ରଧାନଙ୍କ ସାନପୁଅ ନୀହାର ୨୦୨୦ ଡିସେମ୍ବର ଶେଷ ସପ୍ତାହରେ ଇସ୍ରୋ ବୈଜ୍ଞାନିକ ଭାବେ ମନୋନୀତ ହୋଇଥିଲେ। ସେ ୨୦୨୧ ଜାନୁୟାରୀ ପ୍ରଥମ ସପ୍ତାହରେ ସେଠାରେ କାର୍ଯ୍ୟରେ ଯୋଗଦାନ କରିଥିଲେ। ସେହିବର୍ଷ ମାର୍ଚ୍ଚ ମାସରେ ଥରେ ସେ ଘରକୁ ଆସିଥିଲେ। ମାତ୍ର ସେହିଦିନଠାରୁ ନୀହାର ଘରକୁ ଆସି ନ ଥିଲେ। ଅନ୍ୟପଟେ ୧୫ଦିନ ଛୁଟି ଆଣି ଶନିବାର ସେ ଝାରପାଲି ଗ୍ରାମସ୍ଥିତ ନିଜ ଘରକୁ ଆସିଥିଲେ। ରବିବାର ଗ୍ରାମର ନାମଯଜ୍ଞରେ ମଧ୍ୟ ସେ ସାମିଲ ହୋଇଥିଲେ। ସୋମବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଦୁଇ ନାବାଳକଙ୍କ ସହିତ ନୀହାର ଗ୍ରାମର ଏକ ପୋଖରୀରେ ଗାଧୋଇବା ବେଳେ ବୁଡ଼ିଯାଇଥିଲେ। ପହଁରା ଜାଣି ନ ଥିବାରୁ ସେ ଆଉ ଜଳାଶୟ କୂଳକୁ ଆସି ପାରି ନ ଥିଲେ ବୋଲି ତାଙ୍କ ସହିତ ଥିବା ନାବାଳକମାନେ କହିଛନ୍ତି। ଏ ନେଇ ଗ୍ରାମବାସୀଙ୍କୁ ସୂଚନା ଦେବା ପରେ ପରିବାର ଏବଂ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ନୀହାରଙ୍କୁ ଉଦ୍ଧାରକରି ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଟେମରାମ ଦେହେରୀ ☞ପୃଷ୍ଠା-୪



# ପଞ୍ଚଭୂତରେ ବିଲୀନ ସୁରସାଧକ


ସତ୍ୟନଗରସ୍ଥିତ ବାସଭବନରେ ସୋମବାର ପ୍ରଫୁଲ୍ଲ କରଙ୍କ ପାର୍ଥିବ ଶରୀର ନିକଟରେ ଶୋକାକୁଳ ପରିବାର ଓ ବନ୍ଧୁବର୍ଗ।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)/ ପୁରୀ ଅଫିସ**

ପଞ୍ଚଭୂତରେ ବିଲୀନ ହୋଇଛନ୍ତି ପ୍ରସିଦ୍ଧ ସଙ୍ଗୀତଜ୍ଞ, ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫୁଲ୍ଲ କର। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ସୋମବାର ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଓଡ଼ିଶା ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯିବା ପରେ ସ୍ୱର୍ଗତ କରଙ୍କ ଜ୍ୟେଷ୍ଠ ପୁତ୍ର ମହାଦୀପ କର ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ କରଙ୍କ ସହଧର୍ମିଣୀ ମନୋରମା କର, ଦୁଇପୁତ୍ର ମହାଦୀପ ଓ ମହାପ୍ରସାଦ, କନ୍ୟା ସନ୍ଧ୍ୟାଦୀପ କର ଏବଂ ଦୁଇ ବୋହୂଙ୍କ ସମେତ ଆତ୍ମୀୟ ସ୍ୱଜନ, ବହୁ ସାରସ୍ୱତ ସାଧକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷକୃତ୍ୟ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଜଣ ମନ୍ତ୍ରୀ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଉପସ୍ଥିତ ଥିଲେ। ଏଥିସହିତ ପୂର୍ବତନ ଏମ୍‌ପି ତଥା ଦୈନିକ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ କରଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ପୁରୀ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ ଏବଂ ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ସ୍ୱର୍ଗତ କରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ରବିବାର ରାତିରେ ବର୍ଷିୟାନ୍ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ଦେହାନ୍ତ ପରେ ତାଙ୍କ ଶେଷ ଦର୍ଶନ ପାଇଁ ସତ୍ୟନଗରସ୍ଥିତ ତାଙ୍କ ବାସଭବନକୁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଛୁଅ ଛୁଟିଥିଲା। ସୋମବାର ସକାଳୁ ସ୍ୱର୍ଗତ କରଙ୍କ ବାସଭବନ ଲୋକାରଣ୍ୟ ହୋଇଉଠିଥିଲା। ସଙ୍ଗୀତ, ଚଳଚ୍ଚିତ୍ର ଓ ସାରସ୍ୱତ ଜଗତର ବହୁ ବ୍ୟକ୍ତିତ୍ୱ ସ୍ୱର୍ଗତ କରଙ୍କ ଶେଷ ଦର୍ଶନ କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶେଷ ଦର୍ଶନ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଆଇନ୍ ମନ୍ତ୍ରୀ ପ୍ରତାପ ଜେନା, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ, ପ୍ରଶାନ୍ତ ନନ୍ଦ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା, ଅତନୁ ସବ୍ୟସାଚୀ ନାୟକ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଅଭିନେତା ସିଦ୍ଧାନ୍ତ ମହାପାତ୍ର ଓ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପ୍ରମୁଖ ସ୍ୱର୍ଗତ କରଙ୍କ ଶେଷଦର୍ଶନ କରିଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ୧୫ରେ ତାଙ୍କ ପାର୍ଥିବ ଶରୀରକୁ ଏକ ସୁସଜ୍ଜିତ ଗାଡ଼ିରେ ପୁରୀ ଅଭିମୁଖେ ନିଆଯାଇଥିଲା। ଶେଷ ଦର୍ଶନ ପାଇଁ ତାଙ୍କ ପାର୍ଥିବ ଶରୀରକୁ ସଂସ୍କୃତି ଭବନକୁ ନିଆଯାଇଥିଲା। ପୁରୀ ଯିବା ବାଟରେ ବିଭିନ୍ନ ଛକରେ ମଧ୍ୟ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

ବଡ଼ପୁଅ ମହାଦୀପ କହିଛନ୍ତି, ବାପା ନିଜ ଜୀବନରେ ସବୁ ସ୍ୱପ୍ନକୁ ପରିପୂର୍ଣ୍ଣ କରିଛନ୍ତି। ସଙ୍ଗୀତ ସାଧନାରେ ତାଙ୍କ ଅବଦାନ ସବୁବେଳେ ଆମମାନଙ୍କ ପାଇଁ ପ୍ରେରଣା ହୋଇ ରହିବ। ତାଙ୍କ ସଙ୍ଗୀତ ସାମ୍ରାଜ୍ୟକୁ ମୁଁ ଆହୁରି ଆଗକୁ ନେବି। ଶ୍ରୀକ୍ଷେତ୍ର କଳା ପ୍ରକାଶିକାରେ ଦୀର୍ଘ ୫୪ ବର୍ଷ ଧରି ଭଜନ ସମାରୋହ ପରିଚାଳନାରେ ବାପାଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ। ମହାପ୍ରଭୁଙ୍କ ଆଶୀର୍ବାଦ ଆମ ପରିବାର ଉପରେ ସବୁବେଳେ ରହିଛି। ତାଙ୍କ ସଙ୍ଗୀତ ଓ କଳା ପ୍ରେମକୁ ପରିବାର ମଧ୍ୟରେ ସର୍ବଦା ବଞ୍ଚାଇ ରଖିବାର ପ୍ରୟାସ କରିବୁ। କଳାକାର ଭାବେ ବାପାଙ୍କ ପରାମର୍ଶକୁ ମାନି ଆଗକୁ ବଢ଼ିବୁ ବୋଲି ମହାଦୀପ ପ୍ରକାଶ କରିଛନ୍ତି।


ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ ଓ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।


ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ପୁଷ୍ପମାଲ୍ୟ ଦେଉଛନ୍ତି।


ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।




ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ।


ଭୁବନେଶ୍ୱର ସଂସ୍କୃତି ଭବନ ପରିସରରେ ପ୍ରଫୁଲ୍ଲ କରଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ।

## ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ





ଓଡ଼ିଶାର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ, ଗାୟକ, ଗୀତିକାର ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି କହିଛନ୍ତି, ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ଦେହାନ୍ତ ଖବର ଶୁଣି ମର୍ମାହତ। ଓଡ଼ିଆ ସଙ୍ଗୀତ ଓ ସଂସ୍କୃତି ପାଇଁ ତାଙ୍କର ଅନନ୍ୟ ଯୋଗଦାନ ତାଙ୍କୁ ସ୍ମରଣୀୟ କରି ରଖିବ। ସେ ଅନେକ ପ୍ରତିଭାର ଅଧିକାରୀ ଏବଂ ତାଙ୍କର ସୃଜନଶୀଳତା କାର୍ଯ୍ୟରେ ପ୍ରତିଫଳିତ ହୁଏ। ପରିବାର ଓ ପ୍ରଶଂସକଙ୍କୁ ସମବେଦନା ଜଣାଇବା ସହ ଶେଷରେ ଓଁ ଶାନ୍ତି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ସେହିଭଳି ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି, ଓଡିଶା ସଙ୍ଗୀତ ଜଗତର କିମ୍ବଦନ୍ତୀ ସଙ୍ଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ପରଲୋକରେ ମୁଁ ଗଭୀର ଶୋକ ପ୍ରକାଶ କରୁଛି। ଗାୟକ, ନିର୍ଦ୍ଦେଶକ ତଥା ଗୀତିକାର ଭାବରେ ତାଙ୍କର କୃତି ଓ କୀର୍ତ୍ତି ଚିରସ୍ମରଣୀୟ ରହିବ। ଏଥିସହ ସେ ଶୋକସନ୍ତପ୍ତ ପରିବାରବର୍ଗ ଓ ପ୍ରଫୁଲ୍ଲ ସଙ୍ଗୀତପ୍ରେମୀମାନଙ୍କୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଶୋକ ପ୍ରକାଶ କରିବା ସହ ପରିବାର ଓ ପ୍ରଶଂସକଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ପ୍ରଫୁଲ୍ଲ କର ଜଣେ ଯଶସ୍ୱୀ କଳାକାର। ଜଣେ ଗୀତିକାର, ସଙ୍ଗୀତଜ୍ଞ ତଥା ସଙ୍ଗୀତ ନିର୍ଦ୍ଦେଶକ ଭାବରେ ସେ ଅନେକ ଗୌରବୋଜ୍ଜ୍ୱଳ କୀର୍ତ୍ତି ସ୍ଥାପନ କରିଯାଇଛନ୍ତି। ତାଙ୍କ ବିୟୋଗ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଯୁଗର ଅବସାନ ଘଟାଇଛି। ତାଙ୍କର ସ୍ୱତନ୍ତ୍ର ସଙ୍ଗୀତ ରଚନା ଶୈଳୀ ଓ ନିର୍ଦ୍ଦେଶନା ଲୋକଙ୍କ ହୃଦୟରେ ତାଙ୍କୁ ସର୍ବଦା ଅମର କରି ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପ୍ରଫୁଲ୍ଲ କରଙ୍କ ବିୟୋଗରେ ଶୋକ


ପଦ୍ମଶ୍ରୀ ପ୍ରଫୁଲ୍ଲ କର ଓଡ଼ିଆ ସଙ୍ଗୀତ ଓ ସାହିତ୍ୟ ଜଗତର ଏକ ଉଜ୍ଜ୍ୱଳ ତାରକା ଥିଲେ। ଏହି ମହାନ୍ ସଙ୍ଗୀତଜ୍ଞଙ୍କ ବିୟୋଗ ଓଡ଼ିଶା ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଯେଉଁ କ୍ଷତି ଆଉ ପୂରଣ ହେବା ସମ୍ଭବ ନୁହେଁ।

**- ସୂର୍ଯ୍ୟ ନାରାୟଣ ପାତ୍ର, ବାଚସ୍ପତି**


ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ହୃଦୟସ୍ପର୍ଶୀ ସଙ୍ଗୀତ ତାଙ୍କୁ ସବୁଦିନ ପାଇଁ ମନେ ରଖିବ। ଏହି ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ତଥା ସଙ୍ଗୀତ ନିର୍ଦ୍ଦେଶକଙ୍କ ବିୟୋଗରେ ସଙ୍ଗୀତ ଜଗତର ଅପୂରଣୀୟ କ୍ଷତି ଘଟିଛି। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରୁଛି।

**- ରଘୁନନ୍ଦନ ଦାସ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ**


ଓଡ଼ିଆ ସଙ୍ଗୀତ ଜଗତର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ ଓ ଗୀତିକାର ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ବିୟୋଗରେ ମୁଁ ମର୍ମାହତ। ଏହି ଯଶସ୍ୱୀ ସଙ୍ଗୀତ ସାଧକ ଆମ ପାଇଁ ଛାଡ଼ି ଯାଇଛନ୍ତି ଅଜସ୍ର ସ୍ମୃତି, ସର୍ଜନା ଓ ସଙ୍ଗୀତ। ତାଙ୍କ ବିୟୋଗରେ ରାଜ୍ୟ ସାଂସ୍କୃତିକ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି।

**- ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ**


ପ୍ରଫୁଲ୍ଲ କରଙ୍କ ଙ୍କର ଦେହାନ୍ତ ହେବା ଜାଣି ଦୁଃଖିତ। ଓଡ଼ିଆ ସଙ୍ଗୀତ ଜଗତ ପ୍ରତି ପ୍ରଫୁଲ୍ଲ କରଙ୍କ ଅବଦାନ ତାଙ୍କୁ ଆମ ନିକଟରେ ଅମର କରି ରଖୁଥିବ। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ କାମନା କରୁଛି। ଶୋକସପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି।

**- ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି**


ସାହିତ୍ୟ, ସଙ୍ଗୀତ ଓ ଐତିହ୍ୟ ଜଗତ ପ୍ରତି ପ୍ରଫୁଲ୍ଲ କରଙ୍କ ଏକାଗ୍ରତା ଓ ଭଲ ପାଇବା ଲୋକଙ୍କ ମନରେ ସବୁଦିନ ପାଇଁ ମନେ ରହିବେ। ତାଙ୍କ ରଚିତ କାଳଜୟୀ ସଙ୍ଗୀତ ପୁରପଲ୍ଲୀରେ ଚୀରଦିନ ପାଇଁ ଅମର ହୋଇ ରହିବ। ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛ।

**- ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**


ପୁରୀ ସ୍ୱର୍ଗଦ୍ୱାରଠାରେ ପ୍ରଫୁଲ୍ଲ କରଙ୍କୁ ଓଡ଼ିଶା ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ର ଦାନ କରାଯାଉଛି।


ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ଶବାଧାରରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୪୮,୭୪,୬୭୩ | ୬୨,୨୩,୮୦୨ | ୪୫,୬୧,୦୯,୦୯୭ |
| ଭାରତ | ୪,୩୦,୪୪,୨୮୦ | ୫,୨୧,୯୬୫ | ୪,୨୫,୧୦,୭୭୩ |
| ଓଡ଼ିଶା | ୧୨,୮୭,୯୩୫ | ୯୧୨୩(+୫୩) | ୧୨,୭୮,୬୫୨ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କେନ୍ଦୁଝର ଜିଲାପାଳ ଆଶ୍ୱସ୍ତ

**କଟକ ଅଫିସ/କେନ୍ଦୁଝର, ୧୮।୪(ସ୍ୱ.ପ୍ର.)**

**ଏସ୍‌ଟି କମିଶନଙ୍କ ୱାରେଣ୍ଟ ଉପରେ ହାଇକୋର୍ଟଙ୍କ ରହିତାଦେଶ**

ବିଭିନ୍ନ ଜନଜାତିଙ୍କ ବ୍ୟକ୍ତିଗତ ତଥା ସାମୂହିକ କେସ୍‌ର ୮ଟି ମାମଲାରେ ଜାତୀୟ ଅନୁସୂଚିତ ଜନଜାତି (ଏସ୍‌ଟି) କମିଶନଙ୍କ ନିକଟରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ହାଜର ହେବେ ନାହିଁ। ଏନେଇ ସୋମବାର ଓଡ଼ିଶା ହାଇକୋର୍ଟ କମିଶନଙ୍କ ୱାରେଣ୍ଟ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଜିଲାପାଳଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ କମିଶନ ମାମଲା ଆଗକୁ ନେଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ୬ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସ୍ପଷ୍ଟ କରିଛନ୍ତି। କମିଶନଙ୍କ ୱାରେଣ୍ଟ ନୋଟିସକୁ ଚ୍ୟାଲେଞ୍ଜ କରି ଜିଲାପାଳ ଠାକ୍‌ରେ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। କେସ୍ ନଂ. ଡବ୍ଲ୍ୟୁପିସି ୦୦୦୯୬୦୯/୨୦୨୨ର ଶୁଣାଣି କରି ହାଇକୋର୍ଟ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ନୋଟିସ୍ ଉପରେ ରହିତାଦେଶ ଜାରି କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲାପାଳ ଠାକ୍‌ରେ ଆଶ୍ୱସ୍ତ ହୋଇଥିବାବେଳେ କମିଶନଙ୍କ କ୍ଷମତା ଓ ଜିଲାପାଳଙ୍କ ହାଜରକୁ ନେଇ କ'ଣ ଆଇନଗତ ବ୍ୟବସ୍ଥା ରହିଛି ସେ ସଂକ୍ରାନ୍ତରେ ତର୍ଜମା ଆରମ୍ଭ ହୋଇଛି ।

ପ୍ରକାଶ ଯେ, କେତେକ ମାମଲା ନେଇ କେନ୍ଦୁଝର ଆଦିବାସୀ ସଙ୍ଗଠନ ପକ୍ଷରୁ ଜାତୀୟ ଅନୁସୂଚିତ ଜନଜାତି ଆୟୋଗରେ ମାମଲା ଦାୟର କରାଯାଇଥିଲା। ଏହିସବୁ ମାମଲାରେ କମିଶନ ମାର୍ଚ୍ଚ ୨୧ରେ ଚିଠି କରି ଏପ୍ରିଲ ୪ ତାରିଖ ଅପରାହ୍ଣ ୪ଟାରେ ହାଜର ହେବା ପାଇଁ ଜିଲାପାଳଙ୍କୁ କହିଥିଲେ। ବାରମ୍ବାର ସମନ ସତ୍ତ୍ୱେ ଜିଲାପାଳ ଠାକ୍‌ରେ କମିଶନଙ୍କ ନିକଟରେ ହାଜର ହୋଇ ନ ଥିଲେ। ଫଳରେ ଜାତୀୟ ଜନଜାତି କମିଶନ ଭାରତୀୟ ସମ୍ବିଧାନର ସିଭିଲ କୋଡ୍ ୩୩୮/(ଏ)ର ଧାରା ୮ ଅନୁଯାୟୀ ନୋଟିସ କରିଥିଲେ। ଏପ୍ରିଲ ୧୩ ତାରିଖ ପୂର୍ବାହ୍ଣ ୧୧ଟା ସୁଦ୍ଧା ହାଜର କରାଇବାକୁ ପୋଲିସ ଡିଜିଙ୍କୁ କମିଶନ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲାରେ ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲାପାଳ ହାଜର ହୋଇପାରିବେ ନାହିଁ ଡିଜିପି ଜଣାଇଥିଲେ। ଫଳରେ ୧୯ ତାରିଖ ମଧ୍ୟାହ୍ନ ୧୨ଟା ସୁଦ୍ଧା ତାଙ୍କୁ ହାଜର କରିବାକୁ ପୋଲିସ ଡିଜିଙ୍କୁ କମିଶନ ୱାରେଣ୍ଟ ନୋଟିସ୍ କରିଥିଲେ। ଡିଜିପିଙ୍କ ନିର୍ଦ୍ଦେଶ କ୍ରମେ କଟକ ଆଇଜି ଏ.ଏନ୍. ସିହ୍ନା ଉକ୍ତ ନୋଟିସ୍ କାର୍ଯ୍ୟକାରୀ କରିବାକୁ କେନ୍ଦୁଝର ଏସ୍‌ପିଙ୍କୁ ୧୬ତାରିଖରେ ଚିଠି କରିଥିଲେ। ତେବେ ଏହାକୁ ନେଇ ଜିଲାପାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଅଶୋକ ପରିଜା ମାମଲା ଲଢ଼ୁଥିଲେ। ସୂଚନାଯୋଗ୍ୟ, କମିଶନଙ୍କ ଏଭଳି ୱାରେଣ୍ଟ ନୋଟିସ ସବୁଠି ଚର୍ଚ୍ଚାର ବିଷୟ ପାଲଟିଥିଲା।

# ବଡ଼ ବ୍ୟବସ୍ଥା, ନିଯୁକ୍ତି ନାହିଁ

***ଗତ ୫ ବର୍ଷ ମଧ୍ୟରେ ୪୫,୭୬୫ ଜଣ ଡିଗ୍ରୀ ଓ ଡିପ୍ଲୋମାଧାରୀ ଯୁବତୀଯୁବକ ନିଯୁକ୍ତି ଆଶାରେ ରାଜ୍ୟର ନିଯୋଜନ କାର୍ଯ୍ୟାଳୟଗୁଡ଼ିକରେ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ହେଲେ ସେଥିରୁ ମାତ୍ର ୨୭୫ ଜଣ ନିଯୋଜନ ପଞ୍ଜୀକରଣ ମାଧ୍ୟମରେ ନିଯୁକ୍ତି ପାଇଛନ୍ତି। ଅର୍ଥାତ୍ ଏହି ନିଯୁକ୍ତି ମୋଟ ପଞ୍ଜୀକରଣରୁ ୧ ପ୍ରତିଶତ ବି ନୁହେଁ। ସରକାର ଗଣ୍ଡା ଗଣ୍ଡା ନିଯୋଜନ କାର୍ଯ୍ୟାଳୟ ଖୋଲି ଅଫିସରଙ୍କଠାରୁ କିରାଣି ପର୍ଯ୍ୟନ୍ତ ନିଯୁକ୍ତି ଦେଇ ସେମାନଙ୍କ ବାବଦରେ ବିପୁଳ ଟଙ୍କା ଶ୍ରାଦ୍ଧ କରୁଛନ୍ତି। ଏତେ ବଡ଼ ବ୍ୟବସ୍ଥା ସତ୍ତ୍ୱେ ନିଯୁକ୍ତି ନାହିଁ।***

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ, ୧୮।୪**

- ■ନିଯୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ ନିରର୍ଥକ
- ■୧% ବି ମିଳିନି ନିଯୁକ୍ତି
- ■ବୈଷୟିକ ଶିକ୍ଷା ପ୍ରତି ମୁହଁ ଫେରାଉଛନ୍ତି ଛାତ୍ରୀଛାତ୍ର
- ■ଅଣଓଡ଼ିଆ ଠିକାସଂସ୍ଥା ପ୍ରୀତି ବଢ଼ିଛି

ନିଯୁକ୍ତି ମିଳୁ ନ ଥିବାରୁ ଗତ ୫ ବର୍ଷରେ ରାଜ୍ୟର ପ୍ରାୟ ୭୭୦ ବୈଷୟିକ ଶିକ୍ଷାନୁଷ୍ଠାନରେ ୭,୪୯୬ ସିଟ୍ ଖାଲି ପଡ଼ିଛି। ବୈଷୟିକ ଶିକ୍ଷା ପ୍ରତି ଯୁବତୀଯୁବକ ମୁହଁ ଫେରାଉଥିବା ଏହି ପରିସଂଖ୍ୟାନରୁ ସ୍ପଷ୍ଟ ହେଉଛି। ଗତ ବିଧାନସଭା ଅଧିବେଶନରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଦେଇଥିବା ତଥ୍ୟରେ ଏହି ସୂଚନା ମିଳିଛି।

ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଓଡ଼ିଶାରେ ମଧ୍ୟ ବେକାରି ହାର କମ୍ ନୁହେଁ। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମୀ (ସିଏମ୍‌ଆଇଇ)ର ମାସିକ ଟାଇମ୍ ସିରିଜ୍ ତଥ୍ୟ ଅନୁଯାୟୀ, ୧୬ ଏପ୍ରିଲ ୨୦୨୨ରେ ଦେଶର ବେକାରି ହାର ବୃଦ୍ଧି ପାଇ ୮.୧% ହୋଇଛି। ମାର୍ଚ୍ଚ ୨୦୨୨ରେ ଏହି ହାର ୭.୬% ରହିଥିଲା। ଓଡ଼ିଶା କଥା ଦେଖିଲେ ଫେବୃୟାରୀ ୨୦୨୨ରେ ବେକାରି ହାର ୧% ଥିବାବେଳେ ମାର୍ଚ୍ଚରେ ତାହା ବୃଦ୍ଧି ପାଇ ୯.୭% ହୋଇଛି। ମେ ୨୦୨୧ରେ ମଧ୍ୟ ରାଜ୍ୟର ବେକାର ହାର ୭% ଥିଲା।

ଶିଳ୍ପ ଓ ଖଣି ଦ୍ୱାରା ବେକାରି ସମସ୍ୟା ଦୂର ହୋଇପାରିବ ବୋଲି ସରକାର କହୁଥିବାବେଳେ ବାସ୍ତବତାଠାରୁ ଏହା ବହୁ ଦୂରରେ। ଯାଜପୁର ଜିଲାକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏହି ଜିଲାରେ ଅଣଓଡ଼ିଆ ଠିକାସଂସ୍ଥା ଜରିଆରେ ଶିଳ୍ପ ଓ ଖଣି ସଂସ୍ଥାଗୁଡ଼ିକରେ ନିଯୁକ୍ତି ଦିଆଯାଉଥିବାରୁ ସେଥିରେ ଓଡ଼ିଆଙ୍କ ସଂଖ୍ୟା ଅତି ନଗଣ୍ୟ। ଫଳରେ ରାଜ୍ୟର ବେକାରି ସମସ୍ୟା ବୃଦ୍ଧି ପାଇଥିବା କୁହାଯାଉଛି। ସେହିପରି ସରକାରୀ ସ୍ତରରେ ନିଯୁକ୍ତି ସୁଯୋଗ ହାତଗଣତିରେ ରହିଛି। ଯାଜପୁର ଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ ଆଦି ଶିଳ୍ପବହୁଳ ଜିଲାରେ ଓଡ଼ିଆ ଶିକ୍ଷିତ ଯୁବତୀଯୁବକଙ୍କୁ ବିଭିନ୍ନ ଆଳ, ଷଡ଼ଯନ୍ତ୍ର କରି ରୋକାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଏପରି କି ଏନେଇ ଆନ୍ଦୋଳନ ଦେଖିବାକୁ ମିଳୁଛି। ଏଠାରେ ପ୍ରଶ୍ନ ଉଠୁଛି ଯଦି ନିଯୁକ୍ତି ମିଳୁପାରୁନାହିଁ ତା'ହେଲେ ରାଜ୍ୟ ଶ୍ରମ ଓ ନିଯୋଜନ ବିଭାଗ ଅଧୀନରେ ବିଭିନ୍ନ ନିଯୋଜନ କାର୍ଯ୍ୟାଳୟ ବର୍ଷ ବର୍ଷ ଧରି କରୁଛି କ'ଣ।

ବେକାରଙ୍କ ନାମ ପଞ୍ଜୀକରଣ କରିବା, କର୍ମନିଯୁକ୍ତି ଦେବା, ନିଯୁକ୍ତି ପୂର୍ବରୁ ପ୍ରଶିକ୍ଷଣ ଦେବା ଉଦ୍ଦେଶ୍ୟରେ ସରକାର ରାଜ୍ୟ ସାରା ଅନେକ କାର୍ଯ୍ୟାଳୟ ଖୋଲିଛନ୍ତି। ସେଥିମଧ୍ୟରେ ୩୦ ଜିଲାରେ ନିଯୋଜନ କାର୍ଯ୍ୟାଳୟ, ୧୫ଟି ସ୍ୱତନ୍ତ୍ର କର୍ମନିଯୋଜନ କାର୍ଯ୍ୟାଳୟ, ୪ଟି ୟୁନିଭର୍ସିଟି ଏମ୍ପ୍ଲଏମେଣ୍ଟ ଇନ୍‌ଫର୍ମେଶନ ଗାଇଡାନ୍ସ ବ୍ୟୁରୋ, ୩୩ଟି କର୍ମନିଯୋଜନ ଉପ କାର୍ଯ୍ୟାଳୟ, ୭ଟି ଏମ୍ପ୍ଲଏମେଣ୍ଟ ବ୍ୟୁରୋ ଏବଂ ଗୋଟିଏ ରାଜ୍ୟସ୍ତରୀୟ କର୍ମ ନିଯୋଜନ କାର୍ଯ୍ୟାଳୟ ରହିଛି। ତେବେ ଏସବୁର ଆବଶ୍ୟକତା କେତେ ତାହାର ସମୀକ୍ଷା ଏବଂ ତଦନୁଯାୟୀ ପଦକ୍ଷେପ ନେବାର ସମୟ ଆସିଛି। ନଚେତ୍ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ତ ମିଳୁନି, ଅଯଥା ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ ମଧ୍ୟ ହୋଇଚାଲିଥିବ ବୋଲି ନିଯୁକ୍ତିରୁ ବଞ୍ଚିତ ଇଲେକ୍ଟ୍ରିକାଲ ବିଟେକ୍ ଛାତ୍ର ଦେବାଶିଷ ରାଉତ କହିଛନ୍ତି।

କେବଳ ନିଯୋଜନ କାର୍ଯ୍ୟାଳୟ ନୁହେଁ, ନିଯୁକ୍ତି ନିମନ୍ତେ ଅନ୍ୟ ସରକାରୀ ବ୍ୟବସ୍ଥା, ଯୋଜନା ମଧ୍ୟ ଫେଲ୍ ମାରୁଛି। ଇଞ୍ଜିନିୟରିଂ ଛାତ୍ରୀଛାତ୍ରମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ନିମନ୍ତେ ସପ୍ଟ ସ୍କିଲ୍ ଟ୍ରେନିଂ, ଏମ୍ପ୍ଲୋୟବିଲିଟି ସ୍କିଲ୍ ଟେଷ୍ଟ, ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ, ଚିଫ୍ ମିନିଷ୍ଟର ଏମ୍ପ୍ଲୋମେଣ୍ଟ ଜେନେରେଶନ ପ୍ରୋଗ୍ରାମ ଆଦି ଅନେକ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ହେଲେ ବିଭିନ୍ନ ଶିଳ୍ପସଂସ୍ଥା ଅଣଓଡ଼ଆ ଠିକାସଂସ୍ଥାଙ୍କୁ ନିଯୋଜନ କରି ସେମାନଙ୍କ ଜରିଆରେ ଅଧିକାଂଶ ବାହାର ରାଜ୍ୟର ଇଞ୍ଜିନିୟର ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେଉଛନ୍ତି। ଏହି କାରବାରରେ ସେହି ଶିଳ୍ପ କାରଖାନାର ଅଧିକାରୀମାନଙ୍କ ହାତ ଚିକ୍କଣ ମଧ୍ୟ ହେଉଛି। ଏପରି କି ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଅଣଓଡ଼ିଆ ଠିକାସଂସ୍ଥାଙ୍କ ସୁରକ୍ଷା କବଚ ସାଜିଥିବାରୁ ନିଯୁକ୍ତିରୁ ବଞ୍ଚିତ ଓଡ଼ିଆ ଯୁବତୀଯୁବକଙ୍କ କୌଣସି ଆନ୍ଦୋଳନ କାମକୁ ଆସୁନାହିଁ ବୋଲି ବିସ୍ଥାପିତ ନେତା ବାବୁଲି ପୃଷ୍ଟି କହିଛନ୍ତି। ରାଜ୍ୟରେ ଓଡ଼ିଆଙ୍କ ନିଯୁକ୍ତି ସଙ୍କୁଚିତ ହେବା କାରଣରୁ ଅନେକେ ରାଜ୍ୟ ଓ ଦେଶ ବାହାରକୁ ଚାଲିଯାଉଛନ୍ତି। ମନ୍ତ୍ରୀ ନାୟକ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ସେଣ୍ଟ୍ରାଲ ପ୍ଲେସ୍‌ମେଣ୍ଟ ସେଲ୍ ଜରିଆରେ ୪୫୦୦ ଜଣ ଡିପ୍ଲୋମାଧାରୀ ଏବଂ ୯୭୬୪ ଜଣ ଆଇଟିଆଇ ଛାତ୍ରୀଛାତ୍ର ଦେଶର ବିଭିନ୍ନ କମ୍ପାନୀରେ କାମ କରୁଛନ୍ତି। ହେଲେ ଏହି ସଂଖ୍ୟାଠାରୁ କାହିଁ କେତେ ଗୁଣା ବେକାର ଡିଗ୍ରୀ ଓ ଡିପ୍ଲୋମାଧାରୀ ବାହାରକୁ ଯାଇ ନ ପାରି ଦୟନୀୟ ଜୀବନ ଜିଉଛନ୍ତି। ଫଳରେ ଅପରାଧ ଦୁନିଆରେ ଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧିପାଉଛି। ସମ୍ପ୍ରତି ସାଇବର ଅପରାଧ, ନିଶା କାରବାର, ଅଭିନବ ଉପାୟରେ ଠକେଇ ଓ ଲୁଟ୍ ଆଦି ଉଚ୍ଚ ଶିକ୍ଷିତଙ୍କ ଦ୍ୱାରା ଘଟୁଥିବା ଅନେକ ଘଟଣାରୁ ଦେଖିବାକୁ ମିଳୁଛି।




# ମାଓବାଦୀ ନେତା ସବ୍ୟସାଚୀ ୬ ମାମଲାରେ ନିର୍ଦ୍ଦୋଷ

**ପାରଳାଖେମୁଣ୍ଡି, ୧୮।୪(ଡି.ଏନ୍.ଏ.)**

ଗଜପତି ଜିଲା ଦୌରାଜଜ୍ ସୋମବାର ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ୬ଟି ସଙ୍ଗିନ୍ ମାମଲାରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସବ୍ୟସାଚୀଙ୍କ ବିରୋଧରେ ଜିଲାର ବିଭିନ୍ନ ଥାନାରେ ୪୫ ମାମଲା ରହିଥିଲା। ସେଥିରୁ ୩୨ ମାମଲାରେ ସବ୍ୟସାଚୀଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ଆର୍. ଉଦୟଗିରିରେ ୨୦୦୬ରେ ଜେଲ ଓ ଟ୍ରେଜେରି କାର୍ଯ୍ୟାଳୟ ଉପରେ ଆକ୍ରମଣ କରିବା ସହ ମୋବାଇଲ ଟାୱାର ଲାଇନ କାଟିବା ଘଟଣା ଭଳି ସଙ୍ଗିନ୍ ମାମଲାରେ ଜିଲା ଦୌରାଜଜ୍ ସବ୍ୟସାଚୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଏହାକୁ ମିଶାଇ ମୋଟ ୩୮ ମାମଲାରେ ସେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ତେବେ ତାଙ୍କ ନାଁରେ ଥିବା ଆହୁରି ୭ ମାମଲାର ଶୁଣାଣି ହେବ ବୋଲି ସବ୍ୟସାଚୀଙ୍କ ଓକିଲ ସ୍ୱରୂପ କୁମାର ପାଳ ସୂଚନା ଦେଇଛନ୍ତି।

# ତ୍ରିନାଥ ମିଶ୍ରଙ୍କୁ ସର୍ତ୍ତମୂଳକ ଜାମିନ

**କଟକ ଅଫିସ, ୧୮।୪**

**ଚାର୍ଜଶିଟ୍ ଦାଖଲ କରିପାରିଲାନି ପୋଲିସ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ପୋଲିସ କମ୍ୟୁନିକେଶନ ବିଭାଗର ପୂର୍ବତନ ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କୁ ସୋମବାର କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୬୦ଦିନ ଭିତରେ ପୋଲିସ ଚାର୍ଜଶିଟ ଦାଖଲ କରି ନ ପାରିବାରୁ ତାଙ୍କୁ ଜାମିନ ମିଳିଛି। ପ୍ରମାଣ ନଷ୍ଟ ନ କରିବା ସହ ଅନ୍ୟାନ୍ୟ ସର୍ତ୍ତ ରଖି ଭିଜିଲାନ୍ସ କୋର୍ଟ ତାଙ୍କୁ ଜାମିନ ଦେଇଛନ୍ତି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତ୍ରିନାଥଙ୍କୁ ଫେବୃୟାରୀ ୧୬ରେ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ସେ ଜେଲରେ ଅଛନ୍ତି। ପରେ ରାଜ୍ୟ ସରକାର ତାଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ଭୁବନେଶ୍ୱର, ନବରଙ୍ଗପୁର, ଯାଜପୁର, ଚଣ୍ଡିଖୋଲ, ଧାନମଣ୍ଡଳ, ଜଗତସିଂହପୁର ଓ କଟକରେ ତାଙ୍କର ଏବଂ ତାଙ୍କ ସମ୍ପର୍କୀୟଙ୍କ ଘର ସମେତ ସରକାରୀ କ୍ୱାର୍ଟର୍ସରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଭୁବନେଶ୍ୱରରେ ଗୋଟିଏ ଫ୍ଲାଟ୍, ଯାଜପୁର ବଡଚଣାରେ ଫାର୍ମ ହାଉସ୍, ଯାଜପୁର ଓ ଭୁବନେଶ୍ୱରରେ ୩ଟି ପ୍ଲଟ୍, ନଗଦ ୩.୫ ଲକ୍ଷ ଟଙ୍କା, ୭ଟି ଦାମିକା ଗାଡ଼ି ଜବତ ହୋଇଥିଲା। ପ୍ରାୟ ୮ କୋଟି ୬୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଠାବ କରିଥିଲା ଭିଜିଲାନ୍ସ। ତାଙ୍କ ଆୟ ଠାରୁ ୫୦୦ ପ୍ରତିଶତ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଜବତ ହୋଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଥିଲା।

# ଯାଞ୍ଚ ହେବ ସ୍କୁଲ ପିଲାଙ୍କୁ ନେଉଥିବା ଗାଡ଼ି

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**

ସ୍କୁଲ ପିଲାଙ୍କୁ ନେଉଥିବା ବସ୍ ଓ ଅନ୍ୟାନ୍ୟ ଲାଇଟ୍ ଭେଇକିଲ ଏଣିକି ଯାଞ୍ଚ କରାଯିବ। ଯାଞ୍ଚ ନେଇ ସବୁ ଆଞ୍ଚଳିକ ପରିବହନ ଅଫିସ୍‌କୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ଚିଠି ଲେଖିଛନ୍ତି। ଆସନ୍ତା ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ଯାଞ୍ଚ କରି ୨୮ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଲାଙ୍କୁ ନେଇ ଯାଉଥିବା ଗାଡିର ଫିଟ୍‌ନେସ, ପରମିଟ୍, ବୀମା ଆଦିର ଯାଞ୍ଚ କରାଯିବ। ଧାର୍ଯ୍ୟ ନିୟମଠାରୁ ଅଧିକ ପିଲାଙ୍କୁ ନେଇ ଯାଉଥିଲେ ଜରିମାନା ହେବ। ବିଶେଷ କରି ସ୍କୁଲ ପିଲାଙ୍କ ସୁରକ୍ଷିତ ଯାତାୟତକୁ ଏସ୍‌ଟିଏ ଗୁରୁତ୍ୱ ଦେଇଛି। ରାଜ୍ୟରେ ଅନେକ ସ୍କୁଲରେ କାଗଜପତ୍ର ଠିକ୍ ନ ଥିବା ଗାଡି ଛୋଟ ପିଲାମାନଙ୍କୁ ବିପଦଶଙ୍କୁଳ ଅବସ୍ଥାରେ ପରିବହନ କରୁଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ ଅନେକ ସମୟରେ ଗାଡିଗୁଡିକ ଦୁର୍ଘଟଣାରେ ଶିକାର ହେଉଛନ୍ତି। ଏହା ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ସ୍କୁଲ ଗାଡିର କାଗଜପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ସମ୍ମେଟିଭ-୨ ପରୀକ୍ଷା**

# ଆଜିଠୁ ବୋର୍ଡ ୱେବସାଇଟରେ ମିଳିବ ଆଡ୍‌ମିଟ କାର୍ଡ

**କଟକ ଅଫିସ, ୧୮।୪:**

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଅଫ୍‌ଲାଇନରେ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ ମେ ୧୪ରେ ବୋର୍ଡ ପକ୍ଷରୁ ସମ୍ମେଟିଭ-୨ ପରୀକ୍ଷା ସୂଚୀ ପ୍ରକାଶ ପାଇଥିଲା। ତେବେ ଏହି ପରୀକ୍ଷା ପାଇଁ ମଙ୍ଗଳବାରଠାରୁ ବୋର୍ଡ ୱେବସାଇଟ୍ www.bseodisha.ac.in-ରେ ଆର୍ଡମିଟ କାର୍ଡ ଉପଲବ୍ଧ ହେବ। ହାଇସ୍କୁଲ, ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଆର୍ଡମିଟ କାର୍ଡ ଉକ୍ତ ୱେବସାଇଟରେ ମଙ୍ଗଳବାର ସକାଳ ୧୦ଟାରୁ ଉପଲବ୍ଧ ରହିବ। ହାଇସ୍କୁଲ ଓ ମଧ୍ୟମା ଛାତ୍ରୀଛାତ୍ରମାନେ ସ୍କୁଲ କୋଡ୍ ଏବଂ ପାସ୍‌ୱାର୍ଡଦେଇ ନିଜ ଆର୍ଡମିଟ କାର୍ଡ ଡାଉନଲୋଡ କରିପାରିବେ । ସେହିପରି କରେସପଣ୍ଡେନ୍ସ କୋର୍ସ ଏବଂ ମଧ୍ୟମା ଛାତ୍ରୀଛାତ୍ରମାନେ ନିଜ ନାମ ଏବଂ ନିଜ ବାପାଙ୍କ ନାମ ଦଖଲ କରି ଆଡ୍‌ମିଟ କାର୍ଡ ଡାଉନଲୋଡ କରିପାରିବେ। ତେବେ ଉକ୍ତ ଆଡ୍‌ମିଟ କାର୍ଡରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ସ୍ୱାକ୍ଷର କରିବା ପରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାକୁ ଅନୁମତି ପାଇବେ। ଏନେଇ ସୋମବାର ବୋର୍ଡ ପକ୍ଷରୁ ବିଜ୍ଞପ୍ତି ଜାରି କରି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ନୂଆ ଢାଞ୍ଚାରେ ମାଟ୍ରିକ ପରୀକ୍ଷା ହେଉଛି। ସମ୍ମେଟିଭ ୧ ସରିଯାଇଥିବା ବେଳେ ଆସନ୍ତା ୨୯ ତାରିଖରୁ ସମ୍ମେଟିଭ ୨ ପରୀକ୍ଷା ଆରମ୍ଭ ହେବ। ଏହା ମେ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। କରୋନା ସ୍ଥିତି ଓ ଛାତ୍ରୀଛାତ୍ରଙ୍କ ହିତକୁ ଦୃଷ୍ଟିରେ ରଖି ତିନି ପ୍ରକାର ପ୍ରଣାଳୀରେ ମୂଲ୍ୟାୟନ କରାଯିବ। ତିନୋଟି ପ୍ରଣାଳୀରୁ ଯେଉଁଥିରେ ଛାତ୍ରୀଛାତ୍ର ସର୍ବାଧିକ ମାର୍କ ରଖିବେ, ତାହାକୁ ଫାଇନାଲ ମାର୍କ ବୋଲି ଧରାଯିବ। ପ୍ରଥମ ଦୁଇଟି ପଦ୍ଧତି ହେଉଛି ବିକଳ୍ପ ମୂଲ୍ୟାୟନ ପଦ୍ଧତି ଓ ତୃତୀୟଟି ପରିଷଦ ଦ୍ୱାରା ନୂତନ ମୂଲ୍ୟାୟନ ପଦ୍ଧତି ନିର୍ଦ୍ଧାରଣ କରାଯାଇଛି।

# ସେଲ୍ଫ ଫାଇନାନ୍ସିଂ କୋର୍ସ ଉପରେ ରହିବନି ଅଙ୍କୁଶ

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**

**ନିଷ୍ପତ୍ତି ବଦଳାଇଲେ ସରକାର**

ଚାରିଆଡୁ ପ୍ରତିବାଦ ପରେ ସେଲ୍ଫ ଫାଇନାନ୍ସିଂ କୋର୍ସ ଉପରେ ଅଙ୍କୁଶ ଲଗାଇବାକୁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ବଦଳାଇଛନ୍ତି। ପୂର୍ବଭଳି ବିଶ୍ୱବିଦ୍ୟାଳୟଗୁଡ଼ିକରେ ସେଲ୍ଫ ଫାଇନାନ୍ସିଂ କୋର୍ସ ଚାଲୁ ରହିବ। ଏନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ବୀରେନ୍ଦ୍ର କୋରକରା ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

ସେଲ୍ଫ ଫାଇନାନ୍ସିଂ କୋର୍ସ ଉପରେ ଅଙ୍କୁଶ ଲଗାଇବାକୁ ସରକାର ନିଷ୍ପତ୍ତି ନେଇଥିଲେ। ସିଟ୍ ସଂଖ୍ୟା ୨୦ ପ୍ରତିଶତରେ ସୀମିତ ରଖିବାକୁ କୁଳାଧିପତିଙ୍କ ସଚିବାଳୟରୁ ଗତ ୧୨ ତାରିଖରେ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସେଲ୍ଫ ଫାଇନାନ୍ସିଂ କୋର୍ସ ଭିତରେ ରେଗୁଲାର ପାଠ୍ୟକ୍ରମ ନିଜର ଗୁରୁତ୍ୱ ହରାଉଥିବା ନେଇ ରାଜ୍ୟପାଳ ହୃଦବୋଧ କରିଥିଲେ। ତେଣୁ ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଲାଗି ବିଶ୍ୱବିଦ୍ୟାଳୟଗୁଡ଼ିକ ଗୁଣାତ୍ମକ ରେଗୁଲାର କୋର୍ସ ଆରମ୍ଭ କରିବା ପାଇଁ ରାଜଭବନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ତେବେ ଏହି ନିର୍ଦ୍ଦେଶନାମା ଜାରି ହେବା ପରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ଅଙ୍କୁଶ ଲଗାଯାଇଥିବା ଅଭିଯୋଗ ହୋଇଥିଲା। ଏପରିକି ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଛାତ୍ରୀଛାତ୍ର ଓ ଶିକ୍ଷାବିତ୍ ନାପସନ୍ଦ କରିଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ବାସଭବନ ସମ୍ମୁଖରେ ଛାତ୍ର କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ତାଙ୍କ ଅଣ୍ଡା, ଟମାଟୋ ମାଡ଼ କରିଥିଲା। ଶେଷରେ ସରକାର ନିଷ୍ପତ୍ତିକୁ ପ୍ରତ୍ୟାହାର କରିଛନ୍ତି।




**ଆଜିର ମନ୍ତବ୍ୟ**

"ସମ୍ବିଧାନ ଏବଂ ଏହାର ନୈତିକତା ସହ ଗଣତନ୍ତ୍ରର ସୁରକ୍ଷା ପାଇଁ ନିର୍ମିତ ଅନୁଷ୍ଠାନ ଉପରେ ଭାଜପା ଆକ୍ରମଣ କରୁଛି। ଭାଜପା ସରକାର ନିଜ ଲୋକଙ୍କ ସହ ଯୁଦ୍ଧ କରୁଛି।

– ରଣଦୀପ ସୁର୍ଯେୱାଲା, କଂଗ୍ରେସ ନେତା




## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୋ ବୋଉ !**
**ଖୁଦ ଯାଉ ସାଙ୍ଗେ ସିଝା ଓଉ।**

ଗରିବ ଘରେ ସବୁବେଳେ ଅଭାବ ଅନଟନ ଲାଗି ରହିଥାଏ। ଭଲରେ ଖାଇବା, ପିଇବା ଓ ପିନ୍ଧିବା ତାଙ୍କ ପାଇଁ ସାତସପନ ପାଲଟି ଯାଇଥାଏ। କେବେ ଭାତ ତରକାରି ବଦଳରେ ଖୁଦ ଯାଉ ଓ ସିଝା ଓଉରେ ପେଟ ଭରିବାକୁ ପଡ଼ିଥାଏ ତ କେବେ ପାଣି ପିଇ ଦିନ ବିତେଇବାକୁ ପଡିଥାଏ। ଗରିବ ଘରର ବୋହୂ ତା' ଶାଶୂଘରର ଦାରିଦ୍ର୍ୟ କଥା ଚିନ୍ତାକରି ନିଜ ବୋଉକୁ ମନେପକେଇ ମନ କଷ୍ଟ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆରେ ଚଇତା, ଦି' ମାଇପର ଘଇତା,**
**ତବତ ଖାଇବୁ କି ପଖାଳ ଖାଇବୁ,**
**ବେଳ ଥାଉଁ ଥାଉଁ କହିଥା।**

ଦୁଇଟା ସ୍ତ୍ରୀ ଥିଲେ କାହା ମନକୁ ନେଇ ଚଳିବ ସେନେଇ ମଣିଷ ହରଡ଼ଘଣାରେ ପଡ଼ିଯାଇଥାଏ। ଦୁଇଜଣଙ୍କ ମନ ଏକାଠି ମିଶି ନ ପାରିବା କାରଣରୁ କାହାକୁ ତୁଷ୍ଟ କରିହେବ ସେନେଇ ବ୍ୟସ୍ତତା ବଢ଼ିଯାଇଥାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ସ୍ଥଳ ବିଶେଷରେ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପାଣିପାଗ ଜାଣିବା ପାଇଁ ଆଉ ୮ ମାନୁଆଲ ସର୍ଫେସ୍ ଅବ୍‌ଜରଭେଟର ସ୍ଥାପନ

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାପମାତ୍ରା ଜାଣିବା ପାଇଁ ଓଡ଼ିଶାରେ ଆଉ ୮ ଜିଲାରେ ମାନୁଆଲ ସର୍‌ଫେସ୍ ଅବ୍‌ଜରଭେଟର ସ୍ଥାପନ କରାଯାଇଛି। ପୂର୍ବରୁ ୨୦୨୦-୨୧ରେ ନୟାଗଡ଼, ବୌଦ୍ଧ, ଛତ୍ରପୁର, ପାରଳାଖେମୁଣ୍ଡି, ରାୟଗଡ଼ା, ଭଦ୍ରକ ଓ ଯାଜପୁରରେ ଏହା ସ୍ଥାପନ କରାଯାଇଥିଲା। ଚଳିତବର୍ଷ ଏପ୍ରିଲରେ ଢେଙ୍କାନାଳ, ଦେବଗଡ଼, ବରଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, ନୂଆପଡ଼ା, ଖୋର୍ଦ୍ଧା ଏବଂ ନବରଙ୍ଗପୁରରେ ମାନୁଆଲ ଅବ୍‌ଜରଭେଟର ସ୍ଥାପନ ହୋଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ ମାନୁଆଲ ଅବ୍‌ଜରଭେଟର ସଂଖ୍ୟା ୩୮ରେ ପହଞ୍ଚିଛି। ଏଥିସହ ଏହା ରାଜ୍ୟର ସବୁ ଜିଲାରେ ଏବେ ଉପଲବ୍ଧ ହୋଇପାରିଛି। ଏଥିମଧ୍ୟରୁ ୧୦ଟି ସମ୍ପୂର୍ଣ୍ଣ ପାଣିପାଗ ବିଭାଗ ଦ୍ୱାରା ପରିଚାଳନା ହେଉଥିବାବେଳେ ବାକି ୨୮ଟି ସରକାରଙ୍କ ସହଯୋଗରେ ପରିଚାଳିତ ହେଉଛି।


## classifieds Everyday
0674-2580101, 2549302



### SALE

At Heart of Chandikhole, Gharabari plot in front of Chandikhole Govt. College. Mob: 9776025750, 9861072465. D-172

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

For sale residential plot with house (5000sqft.) near Radhakrishna Temple, Raja Bagicha, Balasore.Contact: 9845164819. D-71491

ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952. D-73214

ବରମୁଣ୍ଡାରୁ ୧୫ କି.ମି. ଦୂରରେ Gharabari Plot- 19,00,000/-, investment plot- 8,00,000/- (Loan available). 9853150290. D-73233

ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862. D-73231

ହଂସପାଳ, Syphoney Mall ଅଳ୍ପ ଦୂରତାରେ 2ଟି plot gharabari, yellowzone. 7008492511. D-171

ଭୁବନେଶ୍ୱର, ତମାଣ୍ଡୋ ବଜାର ନିକଟରେ 30ft. road, electricity, ପାଚେରି ଥାଇ ପ୍ଲଟ୍ କିଣନ୍ତୁ। 8658918284. D-73224

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856. D-73215

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

### GENERAL

### SALE

Automatic stone crusher plant for sale at Chatrama, Khurdha. 9937427861, 9337767967. D-045



2BHK newly build house for rent at Kalinga Nagar K-3A, Ghatikia, Bhubaneswar. Contact: 9437581715, 8455886202. D-177

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Rent for Office/ Bank/ Shop 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar-751019. Contact: 9871816986. D-71487



Take one hour any therapy @888 only, Jaydev Vihar. Call: 7852986810. D-71490

Relax, Refresh your body, mind at Saikrupa Spa with best therapies. 8984068077. D-129

Newly open SPA positively health benefits expert therapist, Kalpana. 7846814019. D-71489

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଦ୍ୱୈତ ନଗରୀରେ ୪୦ ଡିଗ୍ରୀ ଟପିଲା ତାପମାତ୍ରା

## ୪୩.୭ ଡିଗ୍ରୀ ସହ ଅନୁଗୋଳ ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ରାଜ୍ୟରେ ପାରଦ ଏବେ ଉପରମୁହାଁ ହୋଇଛି। ସୋମବାର ୨୧ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିଲା। ତେବେ ଚଳିତ ବର୍ଷ ପ୍ରଥମଥର ପାଇଁ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରର ତାପମାତ୍ରା ୪୦ ଡିଗ୍ରୀ ଟପିଛି। ଅନୁଗୋଳ ସର୍ବାଧିକ ୪୩.୭ ଡିଗ୍ରୀ ତାପମାତ୍ରା ସହ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିବାବେଳେ ବଲାଙ୍ଗୀର ୪୩.୨, କଟକ ୪୦.୫, ଭୁବନେଶ୍ୱର ୪୦.୨, ବାରିପଦା ୪୨, ଝାରସୁଗୁଡ଼ା ୪୧.୮, କେନ୍ଦୁଝର ୪୧, ସମ୍ବଲପୁର ୪୧.୩, ସୁନ୍ଦରଗଡ଼ ୪୨, ହୀରାକୁଦ ୪୦.୭, ଭବାନୀପାଟଣା ୪୧, ଟିଟିଲାଗଡ଼ ୪୧.୭, ସୋନପୁର ୪୧.୬, ନୟାଗଡ଼ ୪୦.୫, ବୌଦ୍ଧ ୪୨, ଭଦ୍ରକ ୪୦, ଯାଜପୁର ୪୦, ଢେଙ୍କାନାଳ ୪୨, ବରଗଡ଼ ୪୦, ନୂଆପଡ଼ା ୪୦ ଓ କେନ୍ଦ୍ରାପଡ଼ାରେ ୪୦.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନ ଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ୨ ରୁ ୩ ଡିଗ୍ରୀ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ପ୍ରଥମ ପୃଷ୍ଠାରୁ...

## ପୋଲିସ ଛାଡ଼ି...

ଆଗରେ ଅସହାୟ ମନେ କରି ପଳାୟନ କରିଥିଲେ। ଫଳରେ ଭୁବନେଶ୍ୱର ପ୍ରମୁଖ ରାସ୍ତା ଓ ଛକଗୁଡ଼ିକରେ ଜନସାଧାରଣଙ୍କ ଦୁର୍ଦ୍ଦଶା ବଢ଼ିଯାଇଥିଲା।

### ଫସି ରହିଲା ଆମ୍ବୁଲାନ୍ସ, ସ୍କୁଲ ଭ୍ୟାନ

ଏହି ଆନ୍ଦୋଳନ ଯୋଗୁ ଗଳିକନ୍ଦିରେ ଲୋକଙ୍କ ଯାତାୟାତ ଠପ୍ ହୋଇଯାଇଥିଲା। କେତେକ ସ୍ଥାନରେ ଆମ୍ବୁଲାନ୍ସ, ସ୍କୁଲ ଭ୍ୟାନ୍ ଫସିଯାଇଥିଲା। ଲୋକେ ଅଫିସ୍ ଓ କର୍ମସ୍ଥଳକୁ ଯାଇପାରି ନ ଥିଲେ। ମାଷ୍ଟରକ୍ୟାଣ୍ଟିନ ଛକଠାରେ ରାସ୍ତାରୋକୋ ସହ ସଂଲଗ୍ନ ରାସ୍ତାକୁ ମଧ୍ୟ ଆନ୍ଦୋଳନକାରୀମାନେ ବନ୍ଦ କରିଦେଇଥିଲେ। କେଉଁଠାରେ ବାଉଁଶ, ଭଙ୍ଗା ତାଳପତ୍ର ଏବଂ ଆଉ କେତେକ ସ୍ଥାନରେ କଂକ୍ରିଟ ପାଇପ୍ ପକାଇ ରାସ୍ତା ବନ୍ଦ କରିଥିଲେ। ଫଳରେ ରେଳଷ୍ଟେଶନକୁ ଯାଉଥିବା ଲୋକଙ୍କୁ ଚାଲି ଚାଲି ଯିବାକୁ ପଡ଼ିଥିଲା। ବିଭିନ୍ନ ଛକରେ ଲୋକମାନଙ୍କୁ ଘଣ୍ଟାଘଣ୍ଟା ଧରି ପ୍ରଚଣ୍ଡ ଖରାରେ ଠିଆ ହେବାକୁ ପଡ଼ିଥିଲା। ଯୁଆଡେ ଦେଖିଲେ ଡ୍ରାଇଭରମାନେ ହାତରେ ଠେଙ୍ଗା, ବାଡ଼ି ଧରି ବୁଲୁଥିବା ଦେଖିବାକୁ ମିଳିଥିଲା। ବାଣୀବିହାର ଛକ ଏବଂ ରାଜମହଲ ଛକଠାରେ ମଧ୍ୟ ଗାଡିମୋଟର ଅଟକାଇଦେବା କାରଣରୁ ଗୁରୁତର ଟ୍ରାଫିକ ଜାମ୍ ହୋଇଯାଇଥିଲା। ଟ୍ରାଫିକ ଡିସିପି ଏସ୍ ସୁଶ୍ରୀ ଆସି ହାତଯୋଡ଼ି ଗାଡ଼ିମୋଟର ଛାଡ଼ି ଦେବା ଲାଗି ଅନୁରୋଧ କରୁଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି, ୩୦ ହଜାରରୁ ଉର୍ଦ୍ଧ୍ୱ ଡ୍ରାଇଭର ଆସିଥିଲେ। ଟ୍ରାଫିକ ସମସ୍ୟା ଦୂର କରିବାକୁ ଯଥା ସମ୍ଭବ ଚେଷ୍ଟା କରିଥିଲୁ। ତଥାପି କିଛି ସ୍ଥାନରେ ଟ୍ରାଫିକ ବ୍ୟବସ୍ଥାରେ ବ୍ୟାଘାତ ସୃଷ୍ଟି ହୋଇଥିଲା ବୋଲି ସେ କହିଛନ୍ତି।

### ସାଧାରଣ ଲୋକଙ୍କ ଗାଡ଼ିକୁ ଆକ୍ରମଣ

କେତେଗୁଡିଏ ସ୍ଥାନରେ ଡ୍ରାଇଭରମାନେ ସାଧାରଣ ଲୋକଙ୍କ ଗାଡିକୁ ଆକ୍ରମଣ କରି ଭାଙ୍ଗିବା ସହ ଭୟଭୀତ କରି ଅଟକାଇଥିଲେ। ପୋଲିସ ଦେଖଣାହାରୀ ସାଜିଥିଲା। ସବୁ ଦେଖି କାହିଁକି ପୋଲିସ ସାଧାରଣ ଲୋକଙ୍କୁ ସୁରକ୍ଷା ଦେଲା ନାହିଁ ବୋଲି ଡ୍ରାଇଭରଙ୍କ ଆକ୍ରୋଶର ଶିକାର ହୋଇଥିବା ଲୋକଙ୍କଠାରୁ ଶୁଣିବାକୁ ମିଳିଛି।

### ସଂଘରେ ଫାଟ, ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଡାକରା

୫ ଘଣ୍ଟାର ଆନ୍ଦୋଳନ ପରେ ମହାସଂଘର ରାଜ୍ୟ ସଭାପତି ପ୍ରଶାନ୍ତ ମନ୍ଧୁଲି, ସମ୍ପାଦକ ଚୈତନ୍ୟ ପ୍ରଧାନଙ୍କ ସମେତ ଅନ୍ୟମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଆଲୋଚନା କରିବାକୁ ଡକାଯାଇଥିଲା। ସେପଟେ ରାଜ୍ୟ ସରକାରଙ୍କ ସହ ଆଲୋଚନା ଲାଗି ୩୦ ଜିଲାରୁ ଆସିଥିବା ଡ୍ରାଇଭରମାନଙ୍କ ସଭାପତିମାନେ ଲୋକସେବା ଭବନ ଭିତରକୁ ଯିବାପରେ ଏହା ସମ୍ମୁଖରେ ଡ୍ରାଇଭରମାନେ ଭିଡ଼ ଜମାଇଥିଲେ। ସୁରକ୍ଷା ବଳୟକୁ ଭେଦ କରି ଲୋକସେବା ଭବନ ଆଗରେ ସେମାନେ ନିଜର ଶକ୍ତି ପ୍ରଦର୍ଶନ ମଧ୍ୟ କରିଛନ୍ତି। ତେବେ ଏହି ଆଲୋଚନା ପରେ ସଂଘରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ସଭାପତି ମନ୍ଧୁଲି ଆନ୍ଦୋଳନ ସ୍ଥଗିତ କଥା କହିଥିବା ବେଳେ ସମ୍ପାଦକ କିନ୍ତୁ ଭିନ୍ନ ମତ ରଖିଛନ୍ତି। ସମ୍ପାଦକ ପ୍ରଧାନ କହିଛନ୍ତି, ମଙ୍ଗଳବାରଠାରୁ କୌଣସି ଡ୍ରାଇଭର ଷ୍ଟିଅରିଂ ଧରିବେ ନାହିଁ। ସମସ୍ତ ଡ୍ରାଇଭର ଗାଡ଼ି ନ ଚଳାଇ ଘରେ ବସିବେ। ରାଜ୍ୟ ସରକାରଙ୍କ ସହ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ମାତ୍ର ସେଥିରୁ କୌଣସି ନିଷ୍କର୍ଷ ବାହାରି ପାରିଲା ନାହିଁ। କେବଳ କୁହାଗଲା ପୋଲିସ ପ୍ରଶାସନ ଏବଂ ଜନସାଧାରଣ ହଇରାଣ କରୁଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୩ ମାସ ପରେ ବୀମା କଥା ବୁଝିବେ ବୋଲି ସରକାର କହିଲେ। ସେଥିଲାଗି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଚାଲିବ ବୋଲି ଚୈତନ୍ୟ କହିଛନ୍ତି। ଅନ୍ୟପଟେ ସଭାପତି ଆନ୍ଦୋଳନ ସ୍ଥଗିତ ରହିବା କଥା କହିବା ପରେ ସଂଘ ସଦସ୍ୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହେବା ସହିତ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ସରକାରଙ୍କ ପାଖରେ ଆଲୋଚନା କରିବାକୁ ଯାଇଥିବା ସଦସ୍ୟମାନେ ବିକ୍ରି ହୋଇଗଲେ ବୋଲି ଗୋଟିଏ ଗୋଷ୍ଠୀ କହିବା ସହିତ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା।

### ହ୍ୱାଟ୍ସଆପ୍ ଜରିଆରେ ଡକାଡକି ହୋଇ ଆସିଥିଲେ: ପୋଲିସ କମିଶନର

ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି ଯେ, ପ୍ରାୟ ୫୦ ହଜାର ଡ୍ରାଇଭର ଆସିଥିଲେ। ସେମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଆସିଥିଲେ। ହ୍ୱାଟ୍ସଆପ୍ ମେସେଜ୍ ମାଧ୍ୟମରେ ଡକାଡ଼କି ହୋଇ ସେମାନେ ଆସି ରାଜଧାନୀରେ ପହଞ୍ଚିଥିଲେ। ଲୋକସେବା ଭବନ ଆଗରେ ସେମାନେ ଆନ୍ଦୋଳନ କରିନାହାନ୍ତି। ୫୦ ହଜାର ଲୋକଙ୍କୁ ଯଦି ହାଇୱେ ଉପରେ ଅଟକା ଯାଇଥାଆନ୍ତା, ତେବେ ବହୁତ ଅସୁବିଧା ହୋଇଥାଆନ୍ତା। କିଛି ସ୍ଥାନରେ ସେମାନେ ରାସ୍ତାରୋକୋ କରିଥିଲେ। ହେଲେ ବିକଳ୍ପ ରାସ୍ତା ମଧ୍ୟ ଖୋଲାଥିଲା। ଆସିଥିବା ଡ୍ରାଇଭରଙ୍କ ମଧ୍ୟରୁ କେତେଜଣ ନିଶାସକ୍ତ ଥିଲେ, ଯେଉଁମାନେ କି ଗାଡି, ମୋଟର ଭାଙ୍ଗିଛନ୍ତି। ଯଦି ୫୦ ହଜାର ଡ୍ରାଇଭର ଭଙ୍ଗାଭଙ୍ଗି କରିଥାଆନ୍ତେ ଅସୁବିଧା ହୋଇଥାଆନ୍ତା।

### ଅନ୍ୟ ରାଜ୍ୟରେ ମିଳୁଥିବା ସୁବିଧା ଓଡ଼ିଶାରେ ମିଳିବ: ମନ୍ତ୍ରୀ

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ଘରୋଇ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ କରିବା ପାଇଁ ଆଲୋଚନା କରାଯାଇଛି। ପଡ଼ୋଶୀ ରାଜ୍ୟଗୁଡିକରେ ଘରୋଇ ଡ୍ରାଇଭରଙ୍କୁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସୁବିଧାସୁଯୋଗ ଓଡ଼ିଶାରେ ଯୋଗାଇଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଆସନ୍ତା ୩ ମାସ ମଧ୍ୟରେ ଏସବୁଗୁଡ଼ିକୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ବୈଠକ ପରେ ମନ୍ତ୍ରୀ ବେହେରା ସୂଚନା ଦେଇଛନ୍ତି। ଘରୋଇ ଡ୍ରାଇଭରଙ୍କୁ କାର୍ଯ୍ୟସ୍ଥଳରେ ଯେପରି କୌଣସି ପ୍ରକାରର ହଇରାଣ କିମ୍ବା ଅସୁବିଧା ନ ହୁଏ ସେଥିପ୍ରତି ସଜାଗ ରହିବା ପାଇଁ ପୋଲିସ ପ୍ରଶାସନ ତରଫରୁ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ଡ୍ରାଇଭରଙ୍କ ନୂତନ ଡ୍ରାଇଭିଂ ଲାଇସେନ୍ସ ପ୍ରାପ୍ତି କିମ୍ବା ଲାଇସେନ୍ସ ରିନ୍ୟୁ କରିବା କାର୍ଯ୍ୟ ନେଇ ପରିବହନ ବିଭାଗ କାର୍ଯ୍ୟାଳୟକୁ ଗଲେ ସେମାନଙ୍କୁ ପୂର୍ଣ୍ଣ ସହଯୋଗ ପାଇଁ ସବୁ ପରିବହନ ଅଧିକାରୀ (ଆର୍‌ଟିଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ବେହେରା ପ୍ରକାଶ କରିଛନ୍ତି। ଘରୋଇ ଡ୍ରାଇଭରମାନଙ୍କ ଦାବିଗୁଡ଼ିକୁ ରାଜ୍ୟ ସରକାର ଅନୁଧ୍ୟାନ କରି ପୂରଣ କରିବା ନିମନ୍ତେ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବେ। ଏହି କମିଟିରେ ୪ଟି ବିଭାଗ ଯଥା-ଗୃହ, ଅର୍ଥ, ପରିବହନ ଓ ଶ୍ରମ ବିଭାଗର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ରହିବେ। ଘରୋଇ ଡ୍ରାଇଭରମାନଙ୍କ ପାଇଁ ଅନ୍ୟ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସୁବିଧା ସୁଯୋଗଗୁଡ଼ିକୁ କମିଟି ଅନୁଧ୍ୟାନ କରି ଆମ ରାଜ୍ୟରେ ଏହାକୁ ଆସନ୍ତା ୩ ମାସ ମଧ୍ୟରେ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ ସୂଚନା ଦେଇଛନ୍ତି। ଏହି ଉଚ୍ଚସ୍ତରୀୟ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଟକ ମେୟର ସୁବାସ ସିଂ, ଏଡିଜି (ଆଇନଶୃଙ୍ଖଳା) ଆର୍.କେ. ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁଣି ବଢ଼ିଲା...

ତୈଳଦରରେ ୨ ଟଙ୍କା କମ୍ ବେଶି ହେଲେ ଭଡ଼ା ମଧ୍ୟ ସେହି ଆଧାରରେ ୧ରୁ ୨ ପଇସା କମ୍ ବେଶି ହେବ। ସେହି ଆଧାରରେ ଭଡ଼ା ବୃଦ୍ଧି କରାଯିବ। ଏଠାରେ ସୂଚନାଯୋଗ୍ୟ, ମାର୍ଚ୍ଚ ୩୧ ତାରିଖରେ ବସ୍ ଭଡ଼ା ବୃଦ୍ଧି ପାଇଥିବା ବେଳେ ପୁଣି ୧୮ ଦିନ ପରେ ତାହା ବୃଦ୍ଧି ପାଇଛି। କରୋନା ମହାମାରୀ ସମୟରେ ଲୋକମାନଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବା ବେଳେ ବାରମ୍ବାର ଭଡ଼ା ବୃଦ୍ଧି ଯାତ୍ରୀଙ୍କ ଲାଗି ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ବସ୍‌ଯାତ୍ରୀ ମଧୁସୂଦନ ସାହୁ କହିଛନ୍ତି ଯେ, ବସ୍ ଭଡ଼ା ବଢ଼ିବା ଯୋଗୁ ଆମ ଉପରେ ଚାପ ବଢୁଛି। କରୋନା ସମୟରେ ରୋଜଗାର କମ୍ ଥିବା ବେଳେ ଲଗାତର ଭଡ଼ା ବୃଦ୍ଧି ଅସହ୍ୟ ହେଉଛି। ଏଥିଲାଗି ରାଜ୍ୟ ଓ କେନ୍ଦ୍ର ସରକାର ତୈଳଦର ବୃଦ୍ଧି ଉପରେ ଅଙ୍କୁଶ ଲଗାଇବା ଦରକାର।

## ଉଚ୍ଚଶିକ୍ଷାନୁଷ୍ଠାନରେ ୧୬...

ବିଗତ ଦୁଇବର୍ଷ ମଧ୍ୟରେ ଶିକ୍ଷାଦାନରେ ହୋଇଥିବା କ୍ଷତି ଭରଣା ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଦ୍ୱାରା ପ୍ରସ୍ତୁତ ଶୈକ୍ଷିକ ପୁନରୁଦ୍ଧାର ଯୋଜନା(ଲର୍ଣ୍ଣିଂ ରିକଭରୀ ପ୍ଲାନ୍) ମାଧ୍ୟମରେ ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ସକାଳୁଆ ବିଦ୍ୟାଳୟଗୁଡ଼ିକ କାର୍ଯ୍ୟକ୍ଷମ କରାଯିବ। ଏହି ସମୟରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, କରୋନା ପାଇଁ ଗତ ପ୍ରାୟ ଦୁଇବର୍ଷ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ଗତ ଜାନୁୟାରୀରୁ ପର୍ଯ୍ୟାୟକ୍ରମେ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିଥିଲେ। କିନ୍ତୁ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ କେଉଁଠି ବି କୋର୍ସ ଶେଷ ହୋଇ ନାହିଁ। ତେଣୁ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଖରାଛୁଟି କମାଇ କୋର୍ସ ଶେଷ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ପୋଖରୀରେ ବୁଡ଼ି...

ତାଙ୍କୁ ମୃତ ଘୋଷଣା କରିଥିଲେ। ଅମ୍ବାଭୋନା ବିଡିଓ ଅନୁପମା ଘୋଷ, ଦ୍ୱାରି ସରପଞ୍ଚ ଜ୍ଞାନରଞ୍ଜନ ଭୋଇ, ରାଜସ୍ୱ ନିରୀକ୍ଷକ ମଣିକର ବାଗ, ଥାନା ଏଏସ୍‌ଆଇ ଶରତ କୁମାର ମିଶ୍ର ପ୍ରମୁଖ ଡାକ୍ତରଖାନାରେ ପହଞ୍ଚିଥିଲେ ଏବଂ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲେ।

ସୂଚନାଯୋଗ୍ୟ, ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା ନୀହାର ଗାଁ ସ୍କୁଲରେ ପ୍ରାଥମିକ, ଅମ୍ବାଭୋନା କେଦାରନାଥ ଉଚ୍ଚ ବିଦ୍ୟାଳୟରେ ହାଇସ୍କୁଲ ଏବଂ ବରଗଡ଼ ବିକାଶ ଜୁନିୟର କଲେଜରେ ଯୁକ୍ତ୨ ବିଜ୍ଞାନ ପଢ଼ିଥିଲେ। ଜେଇଇ ମେନ୍ ଏବଂ ଆଡଭାନ୍ସଡ୍ ପରୀକ୍ଷାରେ ତାଙ୍କ ଫଳାଫଳକୁ ନେଇ ସେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏସ୍‌ଟି)ର ଏରୋସ୍ପେସ୍ ଇଞ୍ଜିନିୟରିଂ ବିଭାଗର ବି-ଟେକ୍‌ରେ ନାମ ଲେଖାଇଥିଲେ। ୨୦୨୦ରେ ଶିକ୍ଷା ଶେଷ ହେବା ପରେ ସେ ଇସ୍ରୋ ବୈଜ୍ଞାନିକ ଭାବେ ମନୋନୀତ ହୋଇଥିଲେ।

## ଆଶିଷ ମିଶ୍ରାଙ୍କ ଜାମିନ...

ଏହା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ବିଚାର ନିମନ୍ତେ ଛାଡ଼ିଦିଆଯିବା ଭଲ ହୋଇଥାନ୍ତା ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ୩ରେ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ଗସ୍ତକୁ ବିରୋଧ କରି କୃଷକମାନେ ଲଖିମ୍‌ପୁର ଖେରିରେ ଆନ୍ଦୋଳନ ଚଳାଇଥିବାବେଳ ଆଶିଷ ମିଶ୍ରାଙ୍କ ଏସ୍‌ୟୁଭି ମାଡ଼ିଯାଇ ୪ ଚାଷୀଙ୍କ ଜୀବନ ଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ହିଂସାକାଣ୍ଡରେ ଏସ୍‌ୟୁଭି ଡ୍ରାଇଭର, ୨ ଭାଜପା କର୍ମୀ ଓ ଜଣେ ଖବରଦାତା ପ୍ରାଣ ହରାଇଥିଲେ। ଆଶିଷ ଜାଣିଶୁଣି ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇଦେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସେତେବେଳେ ରାଜନୀତି ଜୋର୍ ଧରିଥିଲା। ମୁଖ୍ୟ ଅଭିଯୁକ୍ତ ଆଶିଷ ୪ ମାସ ଜେଲ୍‌ରେ ରହିବା ପରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ଫେବୃୟାରୀ ୧୦ରେ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଉକ୍ତ ନିର୍ଦ୍ଦେଶନାମାକୁ ଖାରଜ କରିବା ପାଇଁ କୃଷକଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା।

ଶୁଣାଣି ବେଳେ ଶୀର୍ଷ ଅଦାଲତ ହାଇକୋର୍ଟଙ୍କ ରାୟ ଉପରେ ପ୍ରଶ୍ନ ଉଠାଇଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ, କ୍ଷତ ଚିହ୍ନ କିପରି ଥିଲା, ସେଗୁଡ଼ିକୁ ବିଚାରକୁ ନ ନେଇ ଜାମିନ ପ୍ରଦାନ କରାଯିବା ଆବଶ୍ୟକ ନ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ ଏସ୍‌ଆଇଟି ଗଠନ ପ୍ରସ୍ତାବ ଦେଇଥିବାବେଳେ ହାଇକୋର୍ଟଙ୍କ ରାୟ ବିରୋଧରେ ରାଜ୍ୟ ସରକାର ଅପିଲ୍ ନ କରିବା ଘଟଣାକୁ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱର ସହ ନେଇଥିଲେ। ସୁପ୍ରିମକୋର୍ଟଙ୍କ ରାୟକୁ କୃଷକ ସଂଗଠନଗୁଡ଼ିକ ସ୍ୱାଗତ କରିଛନ୍ତି। ଏହି ରାୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମନ୍ତ୍ରିମଣ୍ଡଳରୁ ଅଜୟ ମିଶ୍ରାଙ୍କୁ କେବେ ବାଦ୍ ଦେବେ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଉଚ୍ଚ ସ୍ତରରେ ସମ୍ପର୍କ ସ୍ଥାପିତ ହେବ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଶୁଭେଚ୍ଛା ଲାଭ କରିବେ। ବନ୍ଧୁଙ୍କ ସଦ୍‌ଭାବନାର ଅନ୍ତର୍ନିହିତ ସ୍ୱର ମୁହଁରେ ଫୁଟି ଉଠିବ। ଅର୍ଥନୈତିକ ସ୍ଥିତିର ଅଭିବୃଦ୍ଧି, କଳା, ସାହିତ୍ୟ, ସଙ୍ଗୀତରେ ଉନ୍ନତି, ଯାନ୍ତ୍ରିକ ଦ୍ରବ୍ୟାଦିଲାଭରୁ ମନ ଖୁସି ରହିବ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବନ୍ଧୁମିଳନ ସାଙ୍ଗକୁ ହସ ଖୁସିରେ ମସ୍‌ଗୁଲ୍ ରହିପାରନ୍ତି।

**ବୃଷ** – ଆଜି ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଯାତ୍ରା କରିବାକୁ ପଡ଼ିପାରେ । ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ ମିତ୍ରତାର ସମ୍ପର୍କ ଯୋଡ଼ିହୋଇଯିବ। କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଖଟାଇ କାମ ହାସଲ କରିବାରେ ସମର୍ଥ ହେବେ। ବାଣିଜ୍ୟରେ ଉନ୍ନତି କରିବେ, କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପରିବହନରେ କିଛି ଝଟକା ଲାଗିପାରେ।

**ମିଥୁନ** – ଗତକାଲିର ପରିଶ୍ରମଜନିତ କାରଣରୁ ଆଜି ସକାଳୁ ଦେହଟା ଟିକିଏ ଭଲ ଲାଗି ନ ପାରେ। ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭକରି କାମ ହାସଲ କରିପାରନ୍ତି।

**କର୍କଟ** – ପାରିବାରିକ ସଦ୍‌ଭାବ ସାଙ୍ଗକୁ କର୍ମକ୍ଷେତ୍ରର ସାବଲୀଳତା ମନକୁ ହର୍ଷୋତ୍‌ଫୁଲ୍ଲ କରିବ। ସମ୍ପର୍କୀୟଙ୍କ ସହଯୋଗୀ କାମକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବ। ଅତି ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ଅଟକି ରହିଥିବା ନିର୍ମାଣାଧୀନ କାମ ହଠାତ୍ ଆରମ୍ଭ କରିବାକୁ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି ।

**ସିଂହ** – ପାରିବାରିକ ସମସ୍ୟା ବିଜଡ଼ିତ ହେତୁ ମନ କଥା ମନରେ ମାରି ରହିବାକୁ ବାଧ୍ୟ ହେବେ। ବ୍ୟବସାୟ,ନିର୍ମାଣ,ଗୃହ ଜମି,ପରିବହନ ପ୍ରଭୃତିରେ ସମସ୍ୟା ରହିବ ନାହିଁ । ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ କିମ୍ବା ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ଜିଦ୍‌ଖୋର କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ହଇରାଣ ହୋଇପାରନ୍ତି।

**କନ୍ୟା** – ସମସ୍ୟା ଆସିବ ଏବଂ ଯିବ, କିନ୍ତୁ ଆରମ୍ଭ ଓ ଶେଷର ମଧ୍ୟବର୍ତ୍ତୀ ସମୟ ଆପଣଙ୍କ ପାଇଁ ଟେନ୍‌ସନର କାରଣ ପାଲଟିଯିବ। ଆର୍ଥିକ ସ୍ଥିତି ଓ ବୈଷୟିକ ସମୃଦ୍ଧିର ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିରତା ରହି ନ ପାରେ। ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତିରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଚିନ୍ତା ଦୂରହେବ ।

**ତୁଳା** – ବାଧିଲା ଭଳି କଥା କହିବା ଦ୍ୱାରା ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲହୋଇ ବନ୍ଧୁଗହଣରେ ସମୟ କାଟିପାରନ୍ତି। ଭୁଲ୍ ଖବର ପାଇ କିମ୍ବା ଉପରିସ୍ଥଙ୍କ କାମ ଚାପରେ ବିବ୍ରତ ହୋଇପାରନ୍ତି। ରୁଗ୍‌ଣ ସ୍ୱାସ୍ଥ୍ୟ ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ ।

**ବିଛା** – ଯାହା କରିବାକୁ ମନସ୍ଥ କରିଛନ୍ତି, ସେ ସମ୍ପର୍କରେ ହିତୈଷୀଙ୍କ ପରାମର୍ଶ ନେଇ କାମକରିବା ଭଲ। ବିଭିନ୍ନ ସମସ୍ୟାରେ ଛନ୍ଦିହେବା କାରଣରୁ କର୍ମପ୍ରବାହର ଗତି ମନ୍ଥର ହୋଇପାରେ। ସାଧାରଣ କଥାକୁ ଅସାଧାରଣ କଳ୍ପନା କରି ଆଶଙ୍କାଗ୍ରସ୍ତ ହୋଇପାରନ୍ତି। ବାଣିଜ୍ୟ,ମାଙ୍ଗଳିକ କାମକୁ ଶାନ୍ତ ମନରେ କରିବାରେ ଧୈର୍ଯ୍ୟ ଧାରଣ କରିବେ।

**ଧନୁ** – ଏକାକୀ ରହିବା ହେତୁ ଏକାଧିକ ବିଷୟରେ ଚିନ୍ତା ମନକୁ ବିବ୍ରତ କରାଇବା ଆଶଙ୍କା ରହିଛି। କେତେକ କ୍ଷେତ୍ରରେ ନିଜ ଲୋକମାନେ ପରୋକ୍ଷ ଶତ୍ରୁତା କରି ସମସ୍ୟାକୁ ବଢ଼ାଇଦେବେ। ରାଜନୈତିକ, ପ୍ରଶାସନିକ, ରଚନାତ୍ମକ ତଥା ସାମାଜିକ କ୍ଷେତ୍ରରେ ସୁଫଳ ମିଳିବ। ଆଜି ଦିନଟିରେ ତରବରିଆ ଭାବେ କୌଣସି କାମ କରନ୍ତୁ ନାହିଁ।

**ମକର** – ନିଜ କାମ ଛାଡ଼ି ପରକାର୍ଯ୍ୟରେ ତତ୍ପରତା ପ୍ରକାଶକରି ପରିବାରର ଚକ୍ଷୁଶୂଳ ହେବେ । ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇଯାଇପାରନ୍ତି। କାହା କଥାରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ନ କରି ବିଚାରପୂର୍ବକ କାମ ନ କଲେ ହଇରାଣ ହେବେ ।

**କୁମ୍ଭ** – ସହକର୍ମୀମାନଙ୍କ ଅସହଯୋଗ ହେତୁ କର୍ମକ୍ଷେତ୍ରରେ ଧିମେଇ ଧିମେଇ ଗତି କରିବାକୁ ପଡ଼ିପାରେ। ପାରିବାରିକ ସ୍ଥିତି ବିଶେଷ ପ୍ରୀତିଦାୟକ ରହିବ ଏବଂ ବନ୍ଧୁମିଳନ ଜନିତ ଆନନ୍ଦ ଅନୁଭବ କରିପାରନ୍ତି। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ମୀନ** – ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବିଶେଷ ଅନୁକୂଳ ରହିବ। କିନ୍ତୁ ପରକଥାରେ ପଡ଼ି ଘରଲୋକଙ୍କୁ ଅବିଶ୍ୱାସ କଲେ ଓଲଟାଫଳ ପାଇବେ। ନିଜର ସଂଯମିତ କଥାବାର୍ତ୍ତା ସମସ୍ୟା ସମାଧାନକରି ସମ୍ମାନ ପ୍ରଦାନରେ ସାହାଯ୍ୟ କରିବ। ବିପରୀତ ଆଚରଣ ପ୍ରତିକୂଳ ବାତାବରଣକୁ ଡାକି ଆଣିପାରେ।

ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ- ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ । -ଶ୍ରୀମା

# ନିଷ୍ପତ୍ତି ଆମ ହାତରେ

ଉଚ୍ଚ ଶିକ୍ଷାରେ ଛାତ୍ରୀଛାତ୍ରମାନେ ଏକସଙ୍ଗେ ପୂର୍ଣ୍ଣକାଳୀନ (ଫୁଲ୍-ଟାଇମ୍) ଦୁଇଟି ଡିଗ୍ରୀ ପାଠ ପଢ଼ି ପାରିବେ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ସଦ୍ୟ ନିୟମାବଳୀ ପ୍ରକାଶ ପାଇଛି । ଛାତ୍ରୀଛାତ୍ରମାନଙ୍କୁ ବହୁବିଧ ପାଠ ପଢ଼ିବା ଦିଗରେ ଏହା ସହାୟକ ହେବ ବୋଲି ୟୁଜିସି କହିଛି । ଏଥିଲାଗି ଶ୍ରେଣୀକକ୍ଷ ପାଠପଢ଼ା ହେଉ ବା ଅନ୍‌ଲାଇନ୍‌ରେ ପଢ଼ିବାର ସୁଯୋଗ ରହିବ । ଜଣେ ଗୋଟିଏ ବିଶ୍ୱବିଦ୍ୟାଳୟ ଅଧୀନ ବା ଅଲଗା ଶିକ୍ଷାନୁଷ୍ଠାନରେ ଦୁଇଟି ପାଠ୍ୟକ୍ରମରେ ନାମ ଲେଖାଇପାରିବେ । ସେହି ଅନୁଯାୟୀ ସମୟ ଏପରି କରାଯିବ ଯେପରି କୌଣସି ପାଠ ପଢ଼ିବାରେ ବ୍ୟାଘାତ ହେବ ନାହିଁ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଦୁଇଟି ପାଠ୍ୟକ୍ରମରେ ନାମ ଲେଖାଇବାକୁ ହେଲେ କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ସିୟୁଇଟି) ଦେବାକୁ ପଡ଼ିବ ବୋଲି ୟୁଜିସି ଗାଇଡ୍‌ଲାଇନ୍ସରେ ଉଲ୍ଲେଖ କରାଯାଇଛି ।

ଜନସଂଖ୍ୟା ବହୁଳ ଭାରତରେ ଉଚ୍ଚଶିକ୍ଷିତ ହୋଇ ନିଯୁକ୍ତି ପାଇବାକୁ ଅନେକେ ଆଶାୟୀ ରହିଛନ୍ତି । ଏବେ ପୁଣି ସାଧ୍ୱୀ ରତୁମ୍ଭରା କହିଛନ୍ତି ଯେ, ହିନ୍ଦୁ ଦମ୍ପତି ସର୍ବନିମ୍ନ ୪ଟି ସନ୍ତାନ ଜନ୍ମ କରନ୍ତୁ । ତନ୍ମଧ୍ୟରୁ ୨ ଜଣଙ୍କୁ ଦେଶ ପାଇଁ ଉତ୍ସର୍ଗ କରନ୍ତୁ । ତାହା କଲେ, ଏହି ସାଧ୍ୱୀଙ୍କ ଅନୁସାରେ ଭାରତ ହିନ୍ଦୁ ରାଷ୍ଟ୍ର ହୋଇପାରିବ । ଅର୍ଥାତ୍ ଆହୁରି ଜନସଂଖ୍ୟା ବୃଦ୍ଧି କରିବାର ପରାମର୍ଶ ଦିଆଯାଉଛି । ଜନସଂଖ୍ୟା ବୃଦ୍ଧି ପାଇଲେ ପାଠପଢ଼ାରେ ବିରାଟକାୟ ସମସ୍ୟା ସୃଷ୍ଟି ହେବ । କେଉଁ ଧରଣର ପାଠ ପଢ଼ିଲେ ଜଣେ ନିଜକୁ ରୋଜଗାରକ୍ଷମ କରିପାରିବେ ବୋଲି ପିଲାମାନେ ଅନଭିଜ୍ଞ କ୍ୟାରିୟର୍ କାଉନ୍‌ସିଲରଙ୍କଠାରୁ ପରାମର୍ଶ




ଲୋଡ଼ିଥାନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଧିକାଂଶ କାଉନ୍‌ସିଲର ଅନ୍ୟ କୌଣସି ନିଯୁକ୍ତି ପାଇବାରେ ଅସଫଳ ହେବାରୁ ଏଭଳି ପରାମର୍ଶଦାତା ପାଲଟି ଥାଆନ୍ତି । ଭାରତରେ ପିଲାଙ୍କୁ ଚାକିରି ପାଇଁ ଯୋଗ୍ୟ କରିବା ହେଉଛି ଶିକ୍ଷାର ମୂଳ ଲକ୍ଷ୍ୟ । ବିଶେଷକରି ଆଜିର ପରିସ୍ଥିତିରେ ଯେତେବେଳେ ଚାକିରି ମିଳୁନାହିଁ ସେତେବେଳେ ଛାତ୍ରୀଛାତ୍ର ଯେକୌଣସି ପାଠ ପଢ଼ିଲେ ମଧ୍ୟ ଅଯୋଗ୍ୟ ହୋଇ ବାହାରିବେ । ସେଥିପାଇଁ ଆଜିର ସମୟରେ ପାଠପଢ଼ାର ମାନ ପରିବର୍ତ୍ତନ ହେବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି । ଗତାନୁଗତିକ ପାଠ ପଢ଼ି ଯଦି ପିଲା ରୋଜଗାରକ୍ଷମ ହେବାରେ ଅସଫଳ ହେଉଛନ୍ତି, ତାହା ଛାତ୍ରୀଛାତ୍ରଙ୍କ ଦୋଷ ନୁହେଁ । ଦୋଷ ହେଉଛି ଶିକ୍ଷା ବ୍ୟବସ୍ଥାର । ଏକବିଂଶ ଶତାବ୍ଦୀର ଭାରତରେ ପିଲାଙ୍କୁ ଅର୍ଥନୀତି ବିଷୟରେ ସଚେତନ କରାଇବା ସହିତ ବ୍ୟକ୍ତିଗତ ଭାବେ ଅର୍ଥକୁ କିଭଳି ପରିଚାଳନା କରାଯାଏ ସେ ସଂକ୍ରାନ୍ତରେ ଜ୍ଞାନ ଦେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଲାଣି । ଆମ ଦେଶରେ ବ୍ୟବସ୍ଥା ଏହି ବାସ୍ତବତାକୁ ଆଖି ବନ୍ଦ କରି ଚିହ୍ନିବାକୁ ଅସ୍ୱୀକାର କରୁଛି । ଆର୍ଥିକ ପରିଚାଳନା କିଭଳି ବିଫଳ ହେଉଛି ତାହା ଓଡ଼ିଶାର ଅନେକ ଅଞ୍ଚଳରେ ଦେଖିବାକୁ ମିଳୁଛି । ଉଦାହରଣ ସ୍ୱରୂପ, ଯେତେବେଳେ ନୂଆ ଶିଳ୍ପ, ଜଳସେଚନ କିମ୍ବା ରେଳପଥ ଭଳି ପ୍ରକଳ୍ପ ପ୍ରତିଷ୍ଠା ହେଉଛି ସେଥିପାଇଁ ଘରୋଇ ଜମି ଅଧିଗ୍ରହଣ କରାଯାଉଛି । ଜମିହରା ପ୍ରଜା ପାଇଥିବା ଅର୍ଥରୁ ଗାଡ଼ି, ମୋଟର ସାଇକେଲ କିଣିବା ସହିତ ଅନେକ ଅଯଥା ଖର୍ଚ୍ଚ କରି ସେହି ପୁଞ୍ଜିକୁ ଖୁବ୍‌ଶୀଘ୍ର ଶୂନ କରିଦେଉଛନ୍ତି । ତା'ପରେ ଆରମ୍ଭ ହେଉଛି ପ୍ରକଳ୍ପ ବିରୋଧରେ ତାତି ଓ ଦାବି ହେଉଛି ଚାକିରି ଦିଅ । ଯଦି ଜମି ହରାଇଥିବା ପ୍ରଜା ଆର୍ଥିକ ଜ୍ଞାନଧାରୀ ହୋଇଥାଆନ୍ତେ ମିଳିଥିବା ଅର୍ଥକୁ ସଦୁପଯୋଗ କରି ନିଜର ସ୍ଥିତି ସୁଦୃଢ଼ କରିପାରି ଥାଆନ୍ତେ, ଚାକିରି ଖୋଜୁ ନ ଥାଆନ୍ତେ । ପାଶ୍ଚାତ୍ୟ ଦେଶଗୁଡ଼ିକରେ ପିଲାଙ୍କୁ ଏହି ଦିଗରେ ଶିକ୍ଷିତ ଏବଂ ସଚେତନ କରାଇବା ସମ୍ପର୍କରେ ଚିନ୍ତା ଆରମ୍ଭ ହୋଇଛି । ଭାରତ ପାଇଁ ଏବେ ମଧ୍ୟ ନିଜର ଆଗାମୀ ପିଢ଼ିକୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ସକାଶେ ସୁଯୋଗ ରହିଛି । ଏହି ସୁଯୋଗକୁ ହାତଛଡ଼ା କରିବାର ଏବଂ ବ୍ୟକ୍ତିଗତ ଆର୍ଥିକ ଉନ୍ନତିରୁ ଦୂରେଇ ଯିବାର ରାସ୍ତା ସାଧ୍ୱୀ ରତୁମ୍ଭରାଙ୍କ ଭଳି ବ୍ୟକ୍ତିତ୍ୱ ଆମ ସମାଜକୁ ଦର୍ଶାଉଛନ୍ତି । ଆମେ ମନ୍ଦିର ଗଢ଼ିପାରିବା, ନୂଆ ପ୍ରକାରର ଜୟନ୍ତୀ ପାଳନ କରି ଦ୍ୱେଷ ଓ ହିଂସା ବୃଦ୍ଧି କରାଇପାରିବା । ଦେଶକୁ ପାଞ୍ଚ ଶହ ବର୍ଷ ପଛକୁ ନେଇଯାଇପାରିବା । ନଚେତ୍ ନିଜର ଆଖି ଫିଟାଇ ବ୍ୟକ୍ତିଗତ ଉନ୍ନତି ସହ ସମଗ୍ର ଦେଶକୁ ଆଗେଇ ନେଇପାରିବା । ନିଷ୍ପତ୍ତି ଆମ ହାତରେ ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | 1 | | | | |
| 4 | | | | | | 6 | | 7 |
| | | 8 | 5 | | | | | |
| | | | | 9 | | | 5 | 2 |
| | | 2 | | | | 4 | 6 | |
| 7 | | | | | | | 3 | |
| | | | | | 4 | | | 8 |
| | 1 | | | 8 | | | | |
| | 5 | 9 | 7 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 6 | 9 | 3 | 4 | 2 | 7 | 1 |
| 7 | 3 | 2 | 5 | 6 | 1 | 9 | 8 | 4 |
| 4 | 1 | 9 | 2 | 7 | 8 | 3 | 6 | 5 |
| 6 | 8 | 4 | 7 | 1 | 2 | 5 | 9 | 3 |
| 5 | 9 | 7 | 3 | 4 | 6 | 1 | 2 | 8 |
| 1 | 2 | 3 | 8 | 5 | 9 | 7 | 4 | 6 |
| 2 | 7 | 1 | 4 | 8 | 3 | 6 | 5 | 9 |
| 9 | 6 | 8 | 1 | 2 | 5 | 4 | 3 | 7 |
| 3 | 4 | 5 | 6 | 9 | 7 | 8 | 1 | 2 |

ଗତକାଲିର ଉତ୍ତର

# ପ୍ରତିନିଧିଙ୍କ ଇଚ୍ଛାଧୀନ କୋଟା ଦୁର୍ନୀତିର ସୂଚକ



ସହଦେବ ସାହୁ

କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରତି ଏମ୍‌ପି ୧୦ଟି ଲେଖାଏ ସିଟ୍ ନିଜ ହସ୍ତମୁଦି ମାହାଲ କରିଥିଲେ । ତା' ଉପରେ ଏ ବର୍ଷ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ରହିତାଦେଶ ଜାରି କରିଛି । ବିଭିନ୍ନ ସମୟରେ ଶାସକ ଦଳଗୁଡ଼ିକ ଏମ୍‌ପିମାନଙ୍କୁ ଜମିଦାର-ସୁଲଭ ଅନୁଗ୍ରହ ଦେଖାଇଆସିଛନ୍ତି! ରାଜନୈତିକ ଦଳଟିଏ ଶାସନ ଗାଦିକୁ ଆସିଲେ ଭାବିନେଉଛି ରାଜ୍ୟ ଜିଣିନେଲା, ତାଙ୍କର ଦଳପତି ରାଜ୍ୟର ସମ୍ରାଟ; ଆଉ ଏମ୍‌ଏଲ୍‌ଏ ତଥା ଏମ୍‌ପିମାନେ ଜଣେ ଜଣେ ସତ୍ରପ, ସେମାନଙ୍କୁ ଦରମା ଓ ଭତ୍ତା ସହିତ କିଛି ହସ୍ତମୁଦି ମାହାଲ ବା ପ୍ରିଭିଲେଜ୍ (ସ୍ୱାଧିକାର) ମିଳୁ । ମନସ୍ତତ୍ତ୍ୱବିଦମାନେ କହନ୍ତି, ଆସୋସିଏଶନ ବା ସଙ୍ଗଠନ ହିଁ ମିଳିମିଶି ଖାଇବାର ଆବହାଓ୍ୱା ତିଆରି କରେ; ପଙ୍ଗତ ସୃଷ୍ଟି କରେ । ରାଜନୈତିକ ଦଳ ବ୍ୟତିକ୍ରମ ନୁହେଁ । 'ଗଣ' କେବଳ ଭୋଟ ଦେବା ଲାଗି; 'ଦଳ' ହିଁ ଶାସନ କରେ । ବିଧାନସଭା ବା ସଂସଦରେ ଉପସ୍ଥିତ ପ୍ରତିନିଧିମାନଙ୍କ ଭିତରୁ ଅର୍ଦ୍ଧାଧିକଙ୍କ ସମର୍ଥନ ହାସଲ ନ କଲେ କୌଣସି ପ୍ରସ୍ତାବ ବା ଆଇନ ଗୃହୀତ ହେଲା ବୋଲି ଧରାଯାଏ ନାହିଁ । ଏ ପ୍ରକାର ବହୁମତ କେବଳ ଦଳର ନେତାଙ୍କ ଛାଟ (ହୁଇପ୍) ଡରରେ ମିଳିଥାଏ, ଏ ଡରକୁ ଆଇନର ମାନ୍ୟତା ଦେଲେ ୧୯୮୭ ରୁ ୨୦୦୩ ଭିତରେ, ଦଳବଦଳ ନିରୋଧ ଆଇନକୁ ସମ୍ବିଧାନରେ ସ୍ଥାନ ଦେଇ । ଆସନ ହରାଇବା ଡର ନ ଥିଲେ କେତେଜଣ ପ୍ରତିନିଧି ବାହାରେ ବୁଲୁଥାନ୍ତେ, ଅଥବା ଘୁଙ୍ଗୁଡ଼ି ମାରନ୍ତେ । ନିଜ ସୁବିଧା କରୁଥିବା ବିଧେୟକ ଏମ୍‌ପିମାନେ ପାରିତ କରିନିଅନ୍ତି, ରୁଲ୍ସ ଗୃହର ମେଜ ଉପରେ ୧୫ ବା ୨୧ ଦିନ ପଡ଼ିରହି ପାରିତ ହୋଇଗଲା ବୋଲି ଧରିନିଆଯାଏ । ସେମାନେ ଦେଖନ୍ତି, ସରକାରୀ ଅଧିକାରୀମାନେ ବା ଏକ୍‌ଜିକ୍ୟୁଟିଭ୍ ଶାଖା ସବୁ ପଇସାର କାରବାର କରୁଛି, ସରକାରୀ ଯୋଜନାର ଉପଭୋକ୍ତା ଚୟନ କରୁଛି, ନିରପେକ୍ଷତା ଓ ଯୋଗ୍ୟତା ରହିଲେ ନିଜ ପାଇଁ ଭୋଟ ଗୋଟେଇ ଆଣିଥିବା ଏଜେଣ୍ଟ ବା ଦାଦାମାନଙ୍କୁ କିଛି ଫାଇଦା ମିଳୁନାହିଁ; ସ୍ୱଚ୍ଛ ଶୁଦ୍ଧ ଲେଜିସ୍ଲେଟର ହୋଇ କେବଳ ଆଇନ ପ୍ରଣୟନ କାମ କଲେ କିଛି ଲାଭ ନାହିଁ । ମନ୍ତ୍ରୀମାନଙ୍କ ଜରିଆରେ କେତେ ବା ହାସଲ କରିହେବ ? ଏକ୍‌ଜିକ୍ୟୁଟିଭ କାମରେ ମୁଣ୍ଡ ପୂରାଇବା ସ୍ୱାଧିକାର (ପ୍ରିଭିଲେଜ୍) ପାଇଲେ ଜିଲାପାଳ, ସଚିବ ଏପରିକି ମୁଖ୍ୟ ଶାସନ ସଚିବଙ୍କ ଉପରେ ଲାଲିଆଖି ଦେଖାଇ ହେବ! ଫଳରେ (କେତେକ ଦୁର୍ଦ୍ଧର୍ଷ ପ୍ରତିନିଧିଙ୍କ କ୍ଷେତ୍ରରେ) ସିଧାସଳଖ ଅଫିସରମାନଙ୍କ ସହ ହାତାହାତି ହୋଇହେବ; ଉପୁରି ଆଦାୟର ସୁବିଧା ବି ମିଳିବ । ସମାଜରେ ଭ୍ରଷ୍ଟାଚାର ବଢ଼ିଲେ ବି ଚିନ୍ତା ନାହିଁ ଯେ ପର୍ଯ୍ୟନ୍ତ ଦଳପତିଙ୍କ ଭାବମୂର୍ତ୍ତି ସ୍ୱଚ୍ଛ ଅଛି! କେତେଜଣ ମନ୍ତ୍ରୀ ତ ସେମାନଙ୍କ ଏକ୍‌ଜିକ୍ୟୁଟିଭ କ୍ଷମତା ଜରିଆରେ ଲାଞ୍ଚ ନିଅନ୍ତି ବୋଲି ସମସ୍ତେ ଜାଣନ୍ତି, ଏହାକୁ ଯେଉଁମାନେ ଉଡ଼ା ଖବର ବୋଲି କହିବେ ସେମାନେ କର୍ଣ୍ଣାଟକର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଈଶ୍ୱରପ୍ପାଙ୍କ ସଦ୍ୟ ଇସ୍ତଫା ଖବର ପଢ଼ନ୍ତୁ । ନିଜ ଦଳର କଣ୍ଟ୍ରାକ୍ଟର ଉପରେ ଲାଞ୍ଚ-ଜୁଲମ କରି ତା'ର ମୃତ୍ୟୁର କାରଣ ହୋଇଥିବା ଅଭିଯୋଗ ତାଙ୍କ ବିରୋଧରେ ଆସିଛି । ସରକାରୀ ସେବା ତଥା ଅନୁଦାନର ଉପଭୋକ୍ତା ଚୟନ କରିବା ତାଲିକାରେ ଏମ୍‌ପି ମାନଙ୍କ ସୁପାରିସ ବାଧ୍ୟତାମୂଳକ ହେବା କଥା । କେନ୍ଦ୍ରୀୟ ବିଦ୍ୟାଳୟରେ ଆଡ୍‌ମିସନ ପାଇଁ ୧୦ଟି ସିଟ୍ ଏମ୍‌ପିଙ୍କ କୋଟା ଏକମାତ୍ର ଉଦାହରଣ ନୁହେଁ, ରାସ୍ତାକଡ଼ରେ ପେଟ୍ରୋଲ ପମ୍ପ ବସାଇବା, ହସ୍ପିଟାଲ ହତାରେ ଔଷଧ ଦୋକାନ କରିବା, ତାର ବିଭାଗରୁ ଶୀଘ୍ର ଫୋନ୍ ଲାଇନ ପାଇବା, ସରକାରୀ ହସ୍ପିଟାଲରେ କ୍ୟାବିନ୍ ପାଇବା ଆଦି କ୍ଷେତ୍ରରେ ଏମ୍‌ପିଙ୍କ ସୁପାରିସ (କୋଟା) ଅଛି । ଡିସ୍‌କ୍ରେସନାରି କୋଟା ଯେତେ ବଢ଼ିବ ଉପୁରିର ଉତ୍ସ ସେତେ ପ୍ରଶସ୍ତ ହେବ । ବର୍ଷକ ପାଇଁ ସ୍କୁଲ କୋଟା ବନ୍ଦ ରଖିବା ଉତ୍ସର ଅତଡ଼ାରେ ଫାଟ ଆଣିଛି, ଡାକ୍ତରୀ ଭାଷାରେ ହେଆର୍ ଲାଇନ୍ ଫାଟ, ଆପେ ଆପେ ଫାଟଟା ବନ୍ଦ ହୋଇଯାଇପାରେ!

ଦଳର ନେତା ପ୍ରତି ରାଜ୍ୟରେ ସୁପ୍ରିମୋ ଓ ସାରା ଦେଶରେ ହାଇକମାଣ୍ଡ ବୋଲି କୁହାଯାଉଛି । ତାଙ୍କର କର୍ତ୍ତୃତ୍ୱ ଆମ ଦେଶର ରିପ୍ରେଜେଣ୍ଟେଶନ ଅଫ୍ ପିପୁଲ୍ସ ଆକ୍ଟ (ଲୋକ ପ୍ରତିନିଧି ଆଇନ)ରେ ସ୍ୱୀକୃତି ପାଇଛି: ପ୍ରତିନିଧି-ପ୍ରାର୍ଥୀ ତାଙ୍କର ନୋମିନେଶନ ପତ୍ରରେ ଦଳପତିଙ୍କ ସୁପାରିସ ନ ନେଇଥିଲେ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇପାରିବେ ନାହିଁ । ପ୍ରାର୍ଥୀମାନେ ଲୋକ ପ୍ରତିନିଧି ବୋଲାଉଥିଲେ ବି କାଗଜପତ୍ରରେ ଦଳ ପ୍ରତିନିଧି । ସବୁଠି ଦଳପତିଙ୍କ ଗୁଣଗାନ କରି, ତାଙ୍କ ମତ ସମର୍ଥନରେ ଓକିଲାତି କରି (କେବଳ ସଂସଦ ବା ବିଧାନସଭାରେ ନୁହେଁ, ଦୈନନ୍ଦିନ କଥାବାର୍ତ୍ତାରେ ବା ଟେଲିଭିଜନ ଆଲୋଚନାରେ) ପ୍ରାର୍ଥୀମାନେ ବିବେକର ବଳି ଦେଇଥାନ୍ତି! ରାଜୀବ ଗାନ୍ଧୀଙ୍କ ସମୟର ଦଳ-ବଦଳ-ନିରୋଧ ଆଇନ ୨୦୦୩ ରେ ସାମ୍ବିଧାନିକ ମର୍ଯ୍ୟାଦା ପାଇଛି । ଦଳପତିଙ୍କ ମତ (ହୁଇପ୍) ନ ମାନିଲେ ଦଳପତି ତାଙ୍କୁ ତ ଦଳରୁ ବହିଷ୍କାର କରିବେ, ବାଚସ୍ପତିଙ୍କ ଅନୁମୋଦନକ୍ରମେ ତାଙ୍କୁ ଏମ୍‌ପି ବା ଏମ୍‌ଏଲ୍‌ଏ ପଦରୁ ତଡ଼ିଦେଇପାରିବେ: ଆଗରୁ ଲୋକଙ୍କ ଭୋଟ ପାଇଥିଲେ ବି ତାହା ତୁଚ୍ଛ!

୧୯୪୭ ରେ ସିନା ବିଲାତି ଔପନିବେଶିକତା ଗଲା; ୧୯୯୦ରୁ ୨୦୦୩ ଭିତରେ ସମ୍ବିଧାନ ସଂଶୋଧନ ହୋଇ ସ୍ୱଦେଶୀ ଔପନିବେଶିକତା ଆସିଯାଇଛି । ଗଣତନ୍ତ୍ର ଛାଲରେ ଦଳପତିଙ୍କ ସ୍ୱୈରତନ୍ତ୍ର ଘୋଡ଼େଇହୋଇଛି । ସେତେବେଳେ ବିଲାତ ରାଣୀଙ୍କ ଲୋକେ ମାରିନେଉଥିଲେ ଆମେ ଚାହିଁ ରହୁଥିଲୁ ଜଳକା, ଏବେ ଦଳର ଲୋକେ ମାରିନେଉଛନ୍ତି ଆମେ ଚାହିଁରହୁଛୁ ଜଳକା! ଆମେ 'ଗଣ'ତନ୍ତ୍ରକୁ ଚଳାଇବା ପାଇଁ ଯେଉଁ ପ୍ରତିନିଧି ପଠାଉଛୁ ସେମାନେ କେବଳ ଦରମା ଓ ତତ୍‌ସଂକ୍ରାନ୍ତୀୟ ଭତ୍ତାରେ ସନ୍ତୁଷ୍ଟ (ଅର୍ଥାତ୍ ଦଳପତିଙ୍କ ଅନୁଗତ) ହେଉ ନାହାନ୍ତି, ୧୯୫୨ର ସରଳ 'ଦି ସାଲେରିଜ ଆଣ୍ଡ ଆଲାଓ୍ୱାନ୍ସେସ୍ ଆକ୍ଟ' ବାରମ୍ବାର ସଂଶୋଧିତ ହୋଇ ଏବେ ଯାବତୀୟ ସୁବିଧା ଦିଆହୋଇ ଜଟିଳ 'ଦି ସାଲେରିଜ, ଆଲାଓ୍ୱାନ୍ସେସ୍ ଆଣ୍ଡ ପେନ୍‌ସନ୍ସ ଆକ୍ଟ ଓ ରୁଲ୍ସ' ହେଲାଣି: ଆଜାଦୀର ୭୫ ବର୍ଷରେ ଉପୁରିର ସୁବର୍ଣ୍ଣ ଜୟନ୍ତୀ । କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ଏମ୍‌ପିଙ୍କ କୋଟା କଥା ଦେଖନ୍ତୁ । ୧୯୭୫ ରେ ପ୍ରଥମଥର ଏଚ୍‌ଆର୍‌ଡି ମନ୍ତ୍ରୀଙ୍କ ପାଇଁ କୋଟା କରାଗଲା, ତା'ପରେ ଏମ୍‌ପିମାନଙ୍କ ପାଇଁ କୋଟା ଆରମ୍ଭ ହୋଇଗଲା ୧୯୭୫ରୁ ୧୯୯୫ ଭିତରେ । ଏଭଳି ଇଚ୍ଛାଧୀନ କୋଟାରେ ଆଡମିସନ ପାଇଥିବା ପିଲାଙ୍କ ସଂଖ୍ୟା ୧୫୦୦୦ ହୋଇଗଲା । ୧୯୯୮ ରେ ମୁରଲୀ ମନୋହର ଜୋଷୀ ୧୭୦୦ ଆଡମିସନ ସୁପାରିସ କରିଥିଲେ ହେଁ ୭୩୦ କୁ କମାଇ ଦିଆଗଲା । ୨୦୧୦ ପର୍ଯ୍ୟନ୍ତ ପ୍ରତି ଏମ୍‌ପିଙ୍କ ହାତରେ ୨ଟି ଆସନ ସୁପାରିସ କରିବାର ଥିଲା, ସିବାଲ ୬ କୁ ବଢ଼ାଇ ଦେଲେ । ୨୦୧୪ ରେ ସ୍ମୃତି ଇରାନୀ ବର୍ଷେ ମନ୍ତ୍ରୀ ହୋଇଛନ୍ତିକି ନାହିଁ ପ୍ରତି ଏମ୍‌ପି କୋଟାକୁ ୧୦ କରିଦେଲେ, ଅର୍ଥାତ୍ ସାରା ଦେଶରେ ୮୦୦୦ କେନ୍ଦ୍ରୀୟ ବିଦ୍ୟାଳୟ ସିଟ୍ ରିଜର୍ଭ ହୋଇଗଲା । ମନ୍ତ୍ରୀଙ୍କ କୋଟା -୨୦୧୬ ରେ ପ୍ରଥମେ ୩୫୦୦ ଓ ପରେ ୮୦୦୦ ଥିଲେ ବି ପ୍ରକାଶ ଜାଭଡେକର ୧୫୪୯୨ ଆଡ୍‌ମିସନ ସୁପାରିସ କରିଥିଲେ । ବାର୍ଷିକ ଦେଢ଼ଲକ୍ଷ ପିଲାଙ୍କୁ ଆଡମିସନ ଦେଉଥିବା କେନ୍ଦ୍ରୀୟ ବିଦ୍ୟାଳୟ ଉପରେ ବୋଝ ବଢ଼ିଗଲା । ଗରିବଗୁରୁବା ତ ଏମ୍‌ପିଙ୍କ ସାକ୍ଷାତ ପାଆନ୍ତି ନାହିଁ, କେବଳ ଧରାଧରି କରୁଥିବା ଲୋକେ ଏମ୍‌ପିଙ୍କ କୋଟା ପାଆନ୍ତି । ଯେଉଁ କେତେଜଣ ଏମ୍‌ପି ସଭାଗୃହରେ ପ୍ରଶ୍ନ ଉଠାଇବା ପାଇଁ ପଇସା ନିଅନ୍ତି ସେମାନଙ୍କୁ ଏଭଳି କୋଟା ଶିକା ଛିଣ୍ଡିଲା ଭଳି ଲାଗୁଥିବ, ଯେଉଁଠି ଏମ୍‌ପି ନେଉ ନ ଥିବେ ତାଙ୍କ ପିଏ ଓ ପିଅନ ଯେ କିଛି ଖାଉ ନ ଥିବେ ସେ ଗାରେଣ୍ଟି ଅଛିକି? ସେମାନେ ତ ଏମ୍‌ପିଙ୍କ ମତ ବଦଳାଇଦେବେ ବା କେନ୍ଦ୍ରୀୟ ବିଦ୍ୟାଳୟକୁ ସମୟସୀମା ଭିତରେ ଚିଠିଟା ଇସୁ କରିବେ ନାହିଁ! ଏମ୍‌ପି କୋଟା ଅଯୋଗ୍ୟ ପିଲାକୁ ଯୋଗ୍ୟ କରିଦେଇପାରିବ! ସବୁଠୁ ବଡ଼ ଜମିଦାରି ହେଉଛି ଏମ୍‌ପି ଲାଡ୍ (ଲୋକାଲ ଏରିଆ ଡେଭଲେପମେଣ୍ଟ, ସଂକ୍ଷେପରେ ଲାଡ୍ ବା ପିଲା) । ବର୍ଷକୁ ୫ କୋଟି, ଯଦି ମାତ୍ର ୧୦% ନିଅନ୍ତି ତେବେ ତ ୫ ଲକ୍ଷ ଟଙ୍କା ବର୍ଷକୁ; ୫ ବର୍ଷରେ ୨୫ ଲକ୍ଷ ଟଙ୍କା । ଏମ୍‌ପିମାନେ ନିଜେ ଏମିତି ବହୁ ରକମର ମାଗଣା ଜିନିଷ ବା ସେବା ପାଆନ୍ତି ଯାହା ହାସ୍ୟାସ୍ପଦ । ଗୋଟିଏ ଉଦାହରଣ ବର୍ଷକୁ ୫୦ ହଜାର ଫୋନ୍ କଲ୍ ମାଗଣା । ନିଦ୍ରା ସମୟ ଓ ଭ୍ରମଣ ସମୟକୁ ବାଦ୍ ଦେଲେ ୩ ମିନିଟ୍‌କୁ ଗୋଟିଏ କଲ୍ । ପୁଣି ନାଗରିକମାନଙ୍କ କଲ୍ ତ ସମୟ ନେଉଥିବ, ତେବେ ପ୍ରତି କଲ୍ ପାଇଁ ଗୋଟିଏ ମିନିଟ୍! ତା' ମାନେ କ'ଣ ପିଅନ, ପିଏ ଓ ଘରବାଲାଏ ଫାଇଦା ଉଠାଉଥିବେ!

ତାଙ୍କ ନିର୍ବାଚନ ରଦ୍ଦ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ରହିବାକୁ ଏମ୍‌ପିମାନଙ୍କ ସମର୍ଥନ ପାଇବା ପାଇଁ ଇନ୍ଦିରା ଗାନ୍ଧୀ ପେନ୍‌ସନ ବ୍ୟବସ୍ଥା ଚାଲୁକଲେ । ୧୯୭୬ରେ ଆଇନର ପ୍ରସାରିତ ନାମ ହେଲା 'ଦି ସାଲେରିଜ, ଆଲାଓ୍ୱାନ୍ସେସ୍ ଆଣ୍ଡ ପେନ୍‌ସନ ଅଫ୍ ମେମ୍ବର୍ସ ଅଫ୍ ପାର୍ଲାମେଣ୍ଟ ଆକ୍ଟ' । ଚେର ଏ ଯାଏ ପଚି ନ ଥିବା ଦଳରୁ ଆସିଥିବାରୁ ପଞ୍ଜାବର ନୂଆ ମୁଖ୍ୟମନ୍ତ୍ରୀ ଲେଜିସ୍ଲେଟରମାନଙ୍କ ପେନ୍‌ସନ ଏକାଧିକ ଟର୍ମ ପାଇଁ ଦେବେ ନାହିଁ ବୋଲି ଘୋଷଣା କରିଛନ୍ତି । ରାଜକୋଷରୁ ବହିର୍ଗମନ କେତେ କମୁଛି ଭବିଷ୍ୟତ କହିବ ।

sahadevas@yahoo.com

## ଏଇ ଭାରତରେ

ଚାକିରି ଅଭାବ ଯୋଗୁ ଇଞ୍ଜିନିୟର ଗଣେଶ ଦୁଧନଲେ ୭ଟି ଚା'ଦୋକାନ କରି ମାସକୁ ପାଖାପାଖି ୩ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ମହାରାଷ୍ଟ୍ର ଲାତୁରରେ ଗଣେଶଙ୍କ ଘର, କିନ୍ତୁ ସେ ଗୁଜରାଟରେ ଚା'ଦୋକାନ କରିଛନ୍ତି । ପ୍ରଥମେ ସେ ପିତାଙ୍କଠାରୁ କିଛି ଟଙ୍କା ଆଣି ଗୁଜରାଟର ଭାପି ରେଲୱେ ଷ୍ଟେଶନରେ ଦୋକାନ ଆରମ୍ଭ କରିଥିଲେ । ଗଣେଶ ଗୁଜରାଟର ଭାପିସ୍ଥିତ ଏକ ଇଞ୍ଜିନିୟରିଂ କଲେଜରେ ଡିଗ୍ରୀ ହାସଲ କରିଥିବାରୁ ସେଠାରେ ଚା'ଦୋକାନ କରିବାକୁ ନିଷ୍ପତ୍ତି ନେଇଥିଲେ । ପରେ ସାଙ୍ଗ ପ୍ରଦୀପ ଯାଦବଙ୍କ ସହ ମିଶି ଅଧିକ ନିବେଶ କରି ସୁରଟରେ ଦ୍ୱିତୀୟ ଦୋକାନ ଖୋଲିଲେ । ଏବେ ସେ ଗୁଜରାଟର ବିଭିନ୍ନ ସ୍ଥାନରେ ୭ଟି ଦୋକାନ ଖୋଲିଛନ୍ତି । 'ଚାଏମେକର' ବ୍ରାଣ୍ଡରେ ବିଭିନ୍ନ ପ୍ରକାର ମସଲା ସହ ଆମ୍ବ, ଷ୍ଟ୍ରବେରି, ଗୋଲାପ, କଦଳୀ, ହଟ୍ ଚକୋଲେଟ ଏବଂ ଆଉ କିଛି ସ୍ୱାଦର ୨୦ ପ୍ରକାର ଚା' ଓ ୧୫ ପ୍ରକାର କଫି ପ୍ରସ୍ତୁତ କରୁଛନ୍ତି । ବର୍ତ୍ତମାନ ଗଣେଶ ଗୁଜରାଟରେ ୧୦୦ ଓ ସାରା ଭାରତରେ ୧,୦୦୦ଟି ଚା'ଦୋକାନ ଖୋଲିବାକୁ ଯୋଜନା ରଖିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଏପ୍ରିଲ ୧୯୯୭

- ପାକିସ୍ତାନ ଅଧିକୃତ କଶ୍ମୀରର ଉତ୍ତରାଞ୍ଚଳର ଜନସାଧାରଣଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନ କରିବାକୁ ପାକିସ୍ତାନ ସ୍ୱରକାର ମନା କରିଦେଇଛନ୍ତି ।
- ୪x୧୦୦ ମିଟର ମେଡ୍‌ଲେ ରିଲେ ଇଭେଣ୍ଟରେ ଅଷ୍ଟ୍ରେଲିଆର ଆଡ୍ରିଆନ ରାଡଲେ, ଫିଲ ରୋଜର୍ସ, ଜିଓଫ ହ୍ୟୁଗିଲ ଏବଂ ମାଇକେଲ କ୍ଲିମଙ୍କ ବିଶ୍ୱ ରେକର୍ଡ ପ୍ରତିଷ୍ଠା ।
- କଂଗ୍ରେସ ସମର୍ଥନରେ କେନ୍ଦ୍ରରେ ପୁଣିଥରେ ମିଳିତ ସାମୁଖ୍ୟ ଗଠନ ଉଦ୍ୟମକୁ ସମତା ପାର୍ଟି ସଭାପତି ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କ ବିରୋଧ ।

# ସଚେତନ ମନ



ଆରତି ମହାନ୍ତି

କେବେ ବୁଝିପାରିଛ କି ତମ ବାହାରେ ତମେ ଯେମିତି କଥା କୁହ ମନ ଭିତରେ ବି ସେମିତି କଥା ହେଉଥାଅ ? କେବଳ ଏଣୁତେଣୁ କଥାହୁଅ ତା' ନୁହେଁ ବରଂ ନାନା ରକମର ଛୋଟ ବଡ଼ ସମସ୍ୟା ବିଷୟରେ ନାନା ପ୍ରକାର ବିଶ୍ଳେଷଣ କରୁଥାଅ । ସେ କଥା ଶୁଣି କାବା ଲାଗିବଣି- କାରଣ ବାହାରେ ଯେମିତି ଆଖି, କାନ ଇତ୍ୟାଦି ଇନ୍ଦ୍ରିୟମାନଗୁଡ଼ିକ ଦ୍ୱାରା ଆମେ ଶୁଣିପାରୁ, ଦେଖିପାରୁ ପୁଣି ବୁଝିପାରୁ , ମନ ଭିତରେ ସେମିତି କୌଣସି ଇନ୍ଦ୍ରିୟ ନ ଥାଇ ଆମେ ଶୁଣୁ , ବୁଝୁ ଆଉ ଜବାବସୁଆଲ କରିଥାଉ । ସେଥିପାଇଁ ଆମର ପ୍ରୟୋଜନ ହୁଏ ମନ ବା ମନ ଭିତରେ ଥିବା ସ୍ମୃତି । ଏଠି ସେ ମନକୁ ଆମେ ଷଷ୍ଠ ଇନ୍ଦ୍ରିୟ ବୋଲି କହିଥାଉ, ଅବଶ୍ୟ ସ୍ମୃତି ଭାବନା ନୁହେଁ । କିନ୍ତୁ ସେହି ଭାବନା ଯେତେବେଳେ ଆମ ମସ୍ତିଷ୍କର ତନ୍ତୁଗୁଡ଼ିକରେ ଜମିଯାଏ ତାକୁ ସ୍ମୃତି କୁହାଯାଏ । ପୁଣି ବାହାରେ ଯେମିତି ଗୋଟିଏ କଳାପଟାରେ ଲେଖି ପୁଣି ଇଚ୍ଛାକଲେ ତାକୁ ଲିଭାଇ ଦେଇପାରୁ ସେମିତି ସେଇ ଭାବନାଗୁଡ଼ିକ ଯଦି ଅଦରକାରୀ ମନେହୁଏ ସେଗୁଡ଼ିକୁ ମଧ୍ୟ ଲିଭାଇ ଦେଇହୁଏ । ସେଇ ଭାବନାଗୁଡ଼ିକ ଇତିହାସ ଭାବରେ ଲେଖାହୋଇ ଆମ ନିକଟକୁ ପୁଣି ଆସେ ।

ଆମେ ଅଧିକାଂଶ ସମୟରେ ସେଇ ଭାବନାଗୁଡ଼ିକ ଭିତରେ ଏମିତି ମଗ୍ନ ହୋଇଯାଉ ଯେ ବାହାରେ କ'ଣ ଘଟୁଛି କିମ୍ବା କିଏ କ'ଣ କରୁଛି ତା' ପ୍ରତି ଆମର ନଜର ନ ଥାଏ । ଆମେ କେମିତି ଏଇ ଭାବନା ଭିତରେ ରହି ଭୋଳ ହୋଇଯାଉ ? ଟିକେ ବୁଝାଇ କହିଲେ ଆମେମାନେ ପ୍ରାୟ ସବୁବେଳେ ଅନ୍ୟମନସ୍କ ଥାଉ । ଗୋଟାଏ ଗୋଟାଏ ସାମାନ୍ୟ କଥାରେ ବାସ୍ତବ ଜଗତରୁ ଚାଲିଯାଇ ଏକ କାଳ୍ପନିକ ଜଗତ ଭିତରେ ରହିଯାଉ । ଅନ୍ୟ କଥାରେ ଏହାକୁ କୁହନ୍ତି ଅନ୍ୟମନସ୍କତା ଏବଂ ତା' ଦ୍ୱାରା ଆମର ବହୁତ କ୍ଷତି ହୁଏ ଓ ସଂବିତହରା ହୋଇ ଜୀବନ କଟାଉ । ବେଳେବେଳେ ଆମେ ଗୋଟାଏ ଗୋଟାଏ ଉତ୍ତେଜନା ଭିତରେ ରହି ଅପରାଧ କରିବସୁ । ଧରାଯାଉ, ଜଣେ କୌଣସି କାରଣରୁ ତା'ର ଜଣେ ପ୍ରତିବେଶୀ କି ପରିବାରର କାହାରି ଉପରେ ରାଗିଗଲେ । ତା' ପରେ ସେଇ ଘଟଣାଟିକୁ ନେଇ ଏମିତି ଭାବି ହେଲେ ଯେ ତାକୁ ମନ ଭିତରେ ନାନା ଗାଳିଗୁଲଜ କଲେ, ଅଭିଶାପ ବି ଦେଲେ । ତା'ପରେ ଯଦି ତାଙ୍କୁ ସାମ୍ନାରେ ପାଇଲେ ଓ ଜୀବନରେ ତାକୁ ମାରିଦେବାକୁ ପଛେଇଲେ ନାହିଁ । ଦେଖ ସାମାନ୍ୟ ଜିନିଷରୁ କେତେ ବଡ଼ ଅପରାଧ ଘଟି ପାରୁଛି । ତା' ହେଲେ ଆମେ କ'ଣ କରିବୁ ବୋଲି ମନରେ ପ୍ରଶ୍ନ ମନରେ ଦେଖାଦେବଣି । ଏଠି ଆଉ ଗୋଟିଏ ଘଟଣା- ଆମେ କେମିତି ନିଜ ଭାବନା ଭିତରେ ନିଜର ଅସ୍ତିତ୍ୱ ହରାଇଥାଉ । ଧର ପ୍ରାତଃ ଭ୍ରମଣ ସମୟରେ ଦେଖିଲ ଗୋଟିଏ ଶବ ପୋଡ଼ା ହବାକୁ ଯାଉଛି । ତା' ପଛରେ ତା'ର ପୁଅ ଓ ଆତ୍ମୀୟ ସ୍ୱଜନମାନେ ଯାଉଛନ୍ତି । ହଠାତ୍ ଏ ଦୃଶ୍ୟ ଦେଖି ତମ ମନକୁ ଏପରି ଆସିଲା '' ଇଏ କେତେ ଭୟଙ୍କର କଥା । ମରିଗଲେ କ'ଣ ଏମିତି ସବୁ ହୁଏ ? ଏ ସବୁ କାହିଁକି ମତେ ଭାଗବାନ ଦେଖେଇଲେ ? ମୋର ଆଜି କିଛି ଆଉ ଅଶୁଭ ହବ ନାଇଁ ତ ? ଏମିତି କ'ଣ ଦିନେ ମୋ ବାପା ମା' ଆଦି ସମସ୍ତେ ଚାଲିଯିବେ । ତା'ପରେ ଭୟ ଆଉ ଉତ୍ତେଜନା ଭିତରେ ତମେ ଅନ୍ୟମନସ୍କ ହୋଇ ବାଟ ଚାଲିବାରେ ଲାଗିଲ । ଠିକ୍ ଏଇ ସମୟରେ ହଠାତ୍ ଗୋଟିଏ ଗାଡ଼ି ଆସି ସାମ୍ନାରେ ହର୍ନ ଦବାରୁ ତମର ସଂବିତ୍ ଫେରିଆସିଲା ଓ ବୁଝିପାରିଲ ଯେ ରାସ୍ତା ମଝିରେ ଚାଲୁଛ । ଏପରି ଘଟଣାମାନ ପ୍ରାୟ ବିଭିନ୍ନ ସ୍ଥାନରେ ଚେତନାଶୂନ୍ୟ କରିଦିଏ । ତେବେ ସେଥିପାଇଁ କ'ଣ କରିହେବ ବୋଲି ଏଠି ତମେ ଭାବିପାର ? ତା'ମାନେ ଆମେ ସବୁବେଳେ ସଚେତନ ନ ଥାଇ ବିପଦକୁ ଡାକି ଆଣୁ । ତେଣୁ ସଚେତନ ରହିବା ଦରକାର । କିନ୍ତୁ ପ୍ରଶ୍ନ ହେଉଛି ସଚେତନତାକୁ କ'ଣ ଅଭ୍ୟାସରେ ପକେଇହେବ ? ଆଜିଯାକେ ବିଭିନ୍ନ ସ୍କୁଲ କଲେଜ କିମ୍ବା କୌଣସି ଶିକ୍ଷା ପ୍ରଣାଳୀରେ ଏଇ ଅଭ୍ୟାସକୁ ହିଁ ପ୍ରାଧାନ୍ୟ ଦିଆଯାଇଥାଏ । କିନ୍ତୁ କିଛି ଶିଖିବାକୁ ହେଲେ କୌଣସି ଜିନିଷକୁ ଅଭ୍ୟାସ କରିବା ଅପେକ୍ଷା ତାକୁ ଭଲ କରି ବୁଝିବା ଦରକାର । ଅଭ୍ୟାସ ଅର୍ଥ ବିନା ଚିନ୍ତା ଭାବନାରେ ସେଇ କଥାଟିକୁ କେବଳ ଘୋଷିବା । ସେହିପର ସଚେତନତାକୁ ଅଭ୍ୟାସରେ ପକେଇହେବ ନାହିଁ । କେବଳ ତାକୁ ବୁଝି ଜୀବନରେ ଚାଲିଲେ ତାହା ଅପଣାଛାଏଁ ମନେ ରହିଯିବ । ଯଦିଓ ଆମର ଯେତେ ଧର୍ମଗ୍ରନ୍ଥ ରହିଛି ସବୁଠି ଖାଲି ପଢ଼ିବାକୁ ଓ ମୁଖସ୍ଥ କରିବାକୁ କୁହାଯାଏ ; ତା' ଦ୍ୱାରା ବୁଦ୍ଧିର ବିକାଶ ହେବା ପରିବର୍ତ୍ତେ ତାହା ଆହୁରି ବେଶି ଜଡ଼ ହୋଇଯାଏ । ଆଗକୁ ଆଉ ବୁଦ୍ଧି ଖୋଲେ ନାହିଁ । ତା' ଠାରୁ ବରଂ ଆମେ ଯଦି ସଚେତନ ରହି ସମସ୍ୟାଗୁଡ଼ିକୁ ଠିକ୍ ଭାବରେ ଦେଖିପାରୁ ତେବେ ଆମ ଜୀବନ ସ୍ୱଚ୍ଛ, ପବିତ୍ର ଓ ଅନାସକ୍ତ ରହିବ ।

ଏଠି ବିଶିଷ୍ଟ ଦାର୍ଶନିକ ଜିଡ୍ଡୁ କ୍ରିଷ୍ଣମୂର୍ତ୍ତିଙ୍କର ପରିଚୟ ଦେବାକୁ ଯାଉଛି । ସେ ଯଦିଓ ଭାରତବର୍ଷରେ ଜନ୍ମ ହୋଇଥିଲେ କିନ୍ତୁ ସେ ସାରା ପୃଥିବୀର ଜନସାଧାରଣଙ୍କୁ ଏହି ସଚେତନତା ବିଷୟରେ ପରିଚିତ କରାଇଛନ୍ତି । ସେଥିପାଇଁ ତାଙ୍କୁ 'ଜଗତ ଗୁରୁ' ଅଥବା 'WORLD TEACHER' ନାମରେ ନାମିତ କରାଯାଇଥିଲା । ସେ ଏପରି ନମ୍ର ସ୍ୱଭାବର ଥିଲେ ଯେ ବଡ଼ ବଡ଼ ସଭାରେ କେବେହେଲେ ନିଜକୁ 'ମୁଁ କହୁଛି 'ବୋଲି ସମ୍ବୋଧନ କରନ୍ତି ନାହିଁ । ବରଂ ସେ ନିଜକୁ ଖାଲି 'ବକ୍ତା' ବା 'ବନ୍ଧୁ' କିମ୍ବା 'ଶୁଭାକାଂକ୍ଷୀ' ଭାବରେ ପରିଚିତ କରାଇଥାନ୍ତି । ସେ ସାରା ଜଗତକୁ ଶାନ୍ତିର ମାର୍ଗ ଦେଖାଇଛନ୍ତି । ସେ କହିଛନ୍ତି, କେବଳ ସଚେତନ ରହି ଜୀବନ ବିତାଇଲେ ଜଣେ ପ୍ରକୃତରେ ଧାର୍ମିକ ଜୀବନ କଟାଇ ପାରିବ । ତାଙ୍କର ବହିଗୁଡ଼ିକ ଦୀର୍ଘ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ଅଧ୍ୟୟନ କରିବା ପରେ ମୋର ମନେହେଲା ସେ ବିଶେଷ କୌଣସି ଧର୍ମ କି ପୂଜାପଦ୍ଧତିରେ ବିଶ୍ୱାସ କରନ୍ତି ନାହିଁ । ଅର୍ଥାତ୍ ଯାହା କରୁଛ କି ଯାହା ଭାବୁଛ ତା' ପ୍ରତି ସଚେତନ ରହିବା ଦ୍ୱାରା ହିଁ କେବଳ ଜଣଙ୍କର ବୁଦ୍ଧିର ବିକାଶ ଘଟିପାରିବ ଏବଂ ଜଣେ ପ୍ରକୃତରେ ପବିତ୍ର, ସ୍ୱଚ୍ଛ, ଧାର୍ମିକ ଜୀବନ କଟାଇପାରିବ । ତେବେ ତାଙ୍କର ଗୋଟିଏ କଥା ସେ ବାରମ୍ବାର କହି ଆସୁଛନ୍ତି, ''ସତ୍ୟ ଏକ ପଥହୀନ ସାମ୍ରାଜ୍ୟ ଏବଂ ଯେ କୌଣସି ବ୍ୟକ୍ତି ଯେ କୌଣସି ବାଟରେ ଗଲେ ସୁଦ୍ଧା ସେଠାରେ ଯାଇ ପହଞ୍ଚିପାରିବ ।'' ସେଥିପାଇଁ କୌଣସି ଗୁରୁ କି ଧର୍ମ ପୁସ୍ତକର କୌଣସି ଆବଶ୍ୟକତା ନାହିଁ । ଅନ୍ତର ଶୁଦ୍ଧପୂତ ପବିତ୍ର ନ ହେବା ପର୍ଯ୍ୟନ୍ତ ଜଣେ କଦାପି ଈଶ୍ୱରଙ୍କୁ ଉପଲବ୍ଧି କରିପାରିବ ନାହିଁ । 'ଈଶ୍ୱର' ଏକ ଉପଲବ୍ଧି ମାତ୍ର । ସେ କୌଣସି ମଠ କି ଆଶ୍ରମ, ଗୀର୍ଜା କି ମସ୍‌ଜିଦ୍‌ରେ ନ ଥାନ୍ତି । ସେ ହେଉଛନ୍ତି ସର୍ବବର୍ତ୍ତମାନ, ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଅତି ନିର୍ମଳ, ପବିତ୍ର ମନଟିଏ ଦରକାର । ସେଥିପାଇଁ ଆମର ଆବଶ୍ୟକ ହେଉଛି କେବଳ ସଚେତନ ମନଟିଏ ଯିଏ କି ଆପଣା ଆଲୁଅରେ ନିଜକୁ ନିଜେ ବାଟ ଚାଲିପାରିବ ।

ଶ୍ରୀରାମନଗର, ପୁରୁଣା ଭୁବନେଶ୍ୱର
ମୋ- ୯୬୯୨୦୯୮୦୫୪

## ଚିରନ୍ତନୀ

ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ
ସ୍ୱଦେଶେ ବିଦେଶେ କ୍ଷଣେ କ୍ଷଣେ ଆସେ
ତା'ରି ଶୁଭ ନିମନ୍ତ୍ରଣ ।
ପକ୍ୱ କେଶେ ମୋ କରେ ସେ ସରାଗ
ଗଳିତ ଅଙ୍ଗେ ବୋଳଇ ପରାଗ
ଦଶନବିହୀନ ବଦନେ ମୋହର
ଲେଖଇ ମଧୁ ଚୁମ୍ବନ
ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସବୁ ଗରିବଙ୍କୁ ଭତ୍ତା ମିଳୁ

ମହାଶୟ,

ପେଟ୍ରୋଲ, ଡିଜେଲ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦର ଯେଭଳି ବଢ଼ି ଚାଲିଛି ଏହା ଗରିବ ଜନସାଧାରଣଙ୍କ ପାଇଁ ବୋଝ ଉପରେ ନଳିତାବିଡ଼ା ସଦୃଶ । ଫଳତଃ ଏମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ କରିପାରୁନାହାନ୍ତି । କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି କରି ସମସ୍ୟା ଲାଘବ କରୁଛନ୍ତି । ସରକାରୀ ପେନ୍‌ସନଭୋଗୀ ମଧ୍ୟ ଏହି ସୁବିଧା ପାଉଛନ୍ତି । ଏମାନଙ୍କ ମଧ୍ୟରେ ବହୁ କୋଟିପତି ରହିଛନ୍ତି, ଯେଉଁମାନଙ୍କର କି ମହଙ୍ଗା ଭତ୍ତାର ଆବଶ୍ୟକତା ନାହିଁ । କିନ୍ତୁ ତେଲିଆଙ୍କ ମୁଣ୍ଡରେ ତେଲ ଢଳାଯାଉଛି । ଭାରତୀୟଙ୍କ ଟିକସ ଅର୍ଥରେ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କୁ ନିରନ୍ତର ସୁବିଧା ଉପଲବ୍ଧ ହେଉଛି । ବୁଝିବା ଉଚିତ ଯେ, କେବଳ ଏମାନଙ୍କ ଭୋଟରେ ସରକାର ଗଠନ ହୋଇନାହିଁ; ବରଂ ନାଗରିକଙ୍କ ମତଦାନ ଯୋଗୁ ଏହା ସମ୍ଭବ ହୋଇଛି । ସୁତରାଂ, ଦରବୃଦ୍ଧି ସମସ୍ୟାରୁ ମୁକ୍ତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରସମୂହ ଦେଶର ସବୁ ଗରିବଙ୍କୁ ଭତ୍ତା ପ୍ରଦାନ କରିବାର ସାମ୍ବିଧାନିକ ବିଧିବ୍ୟବସ୍ଥା ପ୍ରଣୟନ କରନ୍ତୁ ।

-ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମାଉନଟେନ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ସଦର ମହକୁମାସ୍ଥିତ ମାଉନଟେନ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଛି। ସ୍କୁଲ ପ୍ରିନ୍ସପାଲ ଅଭିଜିତ ଭୋଇଙ୍କ ଅଧ୍ୟକ୍ଷତାରେ ସ୍କୁଲ ପ୍ରତିଷ୍ଠାତା ନବୀନ କୁମାର ଦାସ ଏବଂ ସଂଘମିତ୍ରା ଦାସ ଯୋଗଦେଇଥଲେ। କାର୍ଯ୍ୟକ୍ରମରେ ଘଣ୍ଟମାଳ ସରପଞ୍ଚ ତଥା ମୁଖ୍ୟବକ୍ତା ଭାବେ ରାଜ୍ୟ ପରିବହନ ସମ୍ପାଦକ ମୋହନ କୁମାର ଭଟ ଏବଂ ଉପସ୍ଥାପକ ଭାବେ ନିକୁଞ୍ଜ ଭୋଇଙ୍କ ସମେତ ଅଭିଭାବକମାନେ ଯୋଗଦେଇଥିଲେ।

# ଭୂଇଁରେ ଲୋଟୁଛି କୀର୍ତ୍ତିରାଜି

**ସୋନପୁର,୧୮।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଦର ମହକୁମାଠାରୁ ୧୫କିଲୋମିଟର ଦୂର ତେଲନଦୀ କୂଳରେ ରହିଛି ବୈଦ୍ୟନାଥର ପ୍ରସିଦ୍ଧ କୋଶଳେଶ୍ୱର ଶିବମନ୍ଦିର। ଏହି ମନ୍ଦିର ହେଉଛି ଓଡ଼ିଶାର ମଧ୍ୟଯୁଗୀୟ ସ୍ଥାପତ୍ୟ କଳାର ଶ୍ରେଷ୍ଠତମ ନିଦର୍ଶନ। ତେବେ ସରକାରଙ୍କ ଅବହେଳା କାରଣରୁ ଐତିହ୍ୟ ଏବେ ଅସୁରକ୍ଷିତ ଅବସ୍ଥାରେ ରହିଛି। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନବମ ଶତାବ୍ଦୀର ବହୁ କାରୁକାର୍ଯ୍ୟ ଏବେ ନଷ୍ଟହେବାରେ ଲାଗିଛି। ବିକାଶ ଧାରାଠାରୁ ବହୁ ଦୂରରେ ରହିଛି ଏହି ଐତିହ୍ୟ ସ୍ଥାନ। ଏହାକୁ ନେଇ ଏଏସ୍ଆଇ ଭଗ୍ନ ମନ୍ଦିରର କିଛି ନିର୍ମାଣ କାର୍ଯ୍ୟ କରିବା ପରେ ଅଧାପନ୍ତରିଆ ଭାବେ ଛାଡି ଦେଇଥିବା ଅଭିଯୋଗ ହେଉଛି। ବହୁ କାରୁକାର୍ଯ୍ୟ ପୁରାତନ ପଥର ମୂର୍ତ୍ତିଗୁଡିକ ସ୍ଥାନ ଅଭାବରୁ ଏବେ ଭୂଇଁରେ ପଡି ନଷ୍ଟ ହେଉଛି। ମାତ୍ର ପରବର୍ତ୍ତୀ ସମୟରେ ସରକାର ଏଭଳି ଏକ ଐତିହ୍ୟର ବିକାଶ ଓ ସଂରକ୍ଷଣ ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି।

ପୁରୀର ଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟମନ୍ଦିର ଓ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ତୁଳନାରେ ଏହି ମନ୍ଦିରଟି ଯଥେଷ୍ଟ ପ୍ରାଚୀନ। ପୀଠରେ ଥିବା

**ଅସୁରକ୍ଷିତ ଐତିହ୍ୟ**



ଜରାଜୀର୍ଣ୍ଣ ଅବସ୍ଥାରେ କୋଶଳେଶ୍ୱର ଶିବମନ୍ଦିର।



ମହାକାଳେଶ୍ୱର ମନ୍ଦିର ତେଲନଦୀ ଗର୍ଭକୁ ଚାଲିଯାଇଛି ।

ବୁଦ୍ଧିଜୀବୀ, ଐତିହାସିକ ଓ ସଂସ୍କୃତିପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

କୀର୍ତ୍ତିରାଜିର ସୁରକ୍ଷା ଓ ପୁନରୁଦ୍ଧାର ନିମନ୍ତେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ(ଏଏସ୍ଆଇ) ସଂସ୍ଥା କାର୍ଯ୍ୟ ହାତକୁ ନେଇଛି। ୧୯୭୪ରେ ସ୍ମୃତି ବିଜଡ଼ିତ ସ୍ମାରକୀର ସୁରକ୍ଷା ଉଦ୍ୟମ ହୋଇଥିଲା। ମୂର୍ତ୍ତିଗୁଡିକ ପ୍ରସ୍ତର ତଥା ପୋଡ଼ା ଲାଲ ମାଟିରେ ତିଆରି। ତନ୍ମଧ୍ୟରେ ଦର୍ପଣୀ ସ୍ତ୍ରୀ, ପ୍ରେମିକା-ପ୍ରେମିକ, ଉଡନ୍ତା ଗନ୍ଧର୍ବୀ-ଗନ୍ଧର୍ବ, ନାଗ ସ୍ତମ୍ଭ, ନାଗ କନ୍ୟା, ପରୀ କନ୍ୟା ଏବଂ ମାତୃକା ଆଦି ମୂର୍ତ୍ତିରେ ଏହି ଅଞ୍ଚଳର କାରିଗର ପ୍ରସ୍ଫୁଟିତ କରିଥିବା ଉନ୍ନତ କଳାକୌଶଳ ବାସ୍ତବିକ ବିସ୍ମୟକର। ଏଗୁଡିକର ସ୍ୱାଭାବିକ ଭାବଭଙ୍ଗୀ ତଥା ସୁଉନ୍ନତ କଳାତ୍ମକ ଅଭିବ୍ୟକ୍ତି ପ୍ରଶଂସନୀୟ।

ମୁଖଶାଳାର ଭିତର ଛାତରେ ପୋଡ଼ା ନାଲିମାଟିରେ ନିର୍ମିତ ବିଷ୍ଣୁଙ୍କ ବିଭିନ୍ନ ରୂପ ସହ ଅର୍ଦ୍ଧ ନାରୀଶ୍ୱର, କାର୍ତ୍ତିକେୟ, ଗଣେଶ ଏବଂ ପାର୍ବତୀ ଆଦିଙ୍କ ପ୍ରସ୍ତର ମୂର୍ତ୍ତି ମଧ ରହିଛି। ଦ୍ୱିଭୁଜ ହସ୍ତରେ କାର୍ତ୍ତିକେୟ ମୟୂର ପୃଷ୍ଠରେ ବସି କୌଣସି ଏକ ଅଭିଯାନରେ ଗଲା ପରି ମନେ ହୁଏ। ତେବେ ବୈଦ୍ୟନାଥ ଗ୍ରାମରେ ଅବସ୍ଥିତ ଏହି ମନ୍ଦିରଟି କୋଶଳେଶ୍ୱର ଓ ବୈଦ୍ୟନାଥ ଉଭୟ ନାମରେ ପରିଚିତ। ସୋନପୁର ଗଡଜାତ ରାଜ୍ୟରେ ରାଜୁତି କରୁଥିବା ତେଲୁଗୁ ଚୋଡଙ୍କଠାରୁ ଆରମ୍ଭ କରି ଗଙ୍ଗରାଜା ପ୍ରଥମ ବୀରଭାନୁ ଦେବଙ୍କ ପର୍ଯ୍ୟନ୍ତ ରାଜକୀୟ ଅଭିଲେଖାଗୁଡିକରେ ବୈଦ୍ୟନାଥ ବୋଲି ଲେଖା ରହିଛି। ମନ୍ଦିରର ଗର୍ଭଗୃହ ତୁଳନାରେ ଅର୍ଦ୍ଧଭଗ୍ନ ଜଗମୋହନ ମଣ୍ଡପ ଓ ଶୁଭେଶ୍ୱର ମନ୍ଦିର ପ୍ରାଚୀନ। ମନ୍ଦିରର ବିମାନଟି ବହୁ ଦିନରୁ ଭାଙ୍ଗିଯାଇଥିବାରୁ ସୋନପୁର ମହାରାଜା ବୀରମିତ୍ରୋଦୟ ସିଂହଦେଓ ଏହି ନୂତନ ଗର୍ଭଗୃହ ନିର୍ମାଣ କରାଇଥିଲେ। ମନ୍ଦିର ସମ୍ମୁଖସ୍ଥ ତେଲନଦୀ କୂଳରେ ମହାକାଳେଶ୍ୱର ନାମକ ଆଉ ଏକ ଜଗମୋହନ ବିହୀନ ଶିବମନ୍ଦିର ଥିଲା। ରକ୍ଷଣାବେକ୍ଷଣ ଅଭାବରୁ ୧୯୬୭ ଅଗଷ୍ଟ ୧୭ ତାରିଖରେ ଉକ୍ତ ମନ୍ଦିରଟି ନଦୀଗର୍ଭକୁ ଚାଲିଯାଇଛି। ମାତ୍ର ମନ୍ଦିରର ପୁନରୁଦ୍ଧାର ହୋଇପାରିନାହିଁ। ଏ ସମ୍ପର୍କରେ ଐତିହାସିକ ସୁଦାମ ନାଏକ କୁହନ୍ତି, କଳାକୀର୍ତ୍ତିକୁ ସୁରକ୍ଷିତ ରଖିବା ପାଇଁ ସଂସ୍କୃତି ବିଭାଗ ପକ୍ଷରୁ କୌଣସି ଉଦ୍ୟମ ହୋଇନାହିଁ। କୀର୍ତ୍ତିରାଜିଗୁଡିକ ଏଣେତେଣେ ପଡି ରହିଛି। ଐତିହାସିକ ଓ ପର୍ଯ୍ୟଟକମାନେ ଏଭଳି ଦୁରବସ୍ଥା ଦେଖି ପ୍ରଶାସନିକ ଅବହେଳାକୁ ଦାୟୀ କରିଛନ୍ତି। ତେବେ ପୀଠର ଉନ୍ନତି, ଐତିହ୍ୟର ସୁରକ୍ଷା, ନଦୀରେ ବୋଟିଂ ବ୍ୟବସ୍ଥା, ନଦୀକୂଳ ସୁରକ୍ଷା ପାଇଁ ସୁଦୃଢ ଆଡ଼ିବନ୍ଧ ନିର୍ମାଣ, ଶୌଚାଳୟ ନିର୍ମାଣ ଓ ପୀଠର ସମ୍ପତ୍ତିକୁ ଦେବୋତ୍ତର ବିଭାଗ ଜବରଦଖଲ ମୁକ୍ତ କରିବା ଓ ଏକ ପାନ୍ଥନିବାସ ନିର୍ମାଣ ପାଇଁ ଅଞ୍ଚଳବାସୀ ତଥା ସଂସ୍କୃତି ଗବେଷକ ଗଦାଧର ବାରିକ ଦାବି କରିଛନ୍ତି।

**– ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ**

## ସଂକ୍ଷେପରେ

### ନୂତନ ପେନ୍‌ସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ଉଲୁଣ୍ଡା, ୧୮।୪ (ଡି.ଏନ.ଏ.):** ଉଲୁଣ୍ଡା ବ୍ଲକ ଚଡେଇପଙ୍କ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ନୂତନ ପେନସନସ୍‌ଭୁକ୍ତ ସୁବର୍ଣ୍ଣପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶଶାଙ୍କ ଶେଖର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର କାର୍ଯ୍ୟରତ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଦୀର୍ଘଦିନ ଧରି ଏକ ନିର୍ଦ୍ଦିଷ୍ଟ ବର୍ଗର ଶିକ୍ଷକିମାନଙ୍କ ଏମଏସିପି କାର୍ଯ୍ୟକାରୀ ହୋଇପାରୁନହିଁ। ତେଣୁ ତୁରନ୍ତ ଏହାର ସମାଧାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ଦେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ନୂତନ ପେନସନ ପରିବର୍ତ୍ତେ ପୁରୁଣା ପେନସନ ବ୍ୟବସ୍ଥାର ପ୍ରଚଳନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏଥିସହ ଆଗାମୀ ଦିନରେ ଏନଏମଓପିଏସର ରାଷ୍ଟ୍ରୀୟ ଆବାହକ ବିଜୟ ବନ୍ଧୁ ଓ ରାଜ୍ୟ ଆବାହକ ବିଜୟ ମଲ୍ଲଙ୍କ ନେତୃତ୍ୱରେ ହେବାକୁ ଥିବା ଆନ୍ଦୋଳନରେ ସଂଘ ସଦସ୍ୟମାନେ ଯୋଗଦେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଶିକ୍ଷକ ମନୋଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

### ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ବେଲ୍ଟ ପ୍ରଦାନ

**ଟିଟିଲାଗଡ, ୧୮।୪ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ସମାଜ କଲ୍ୟାଣ ପରିଷଦଠାରେ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ସ୍କୁଲର ୨ଟି ଶାଖାରୁ ୧୩୦ ଛାତ୍ରୀଛାତ୍ର ବିଭିନ୍ନ କଲର ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଟିଟିଲାଗଡ ଏସଡିପିଓ ସୁରେନ୍ଦ୍ର ନାଥ ଶତପଥୀ ସେମାନଙ୍କୁ ବେଲ୍ଟ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରମୋଦ ପ୍ରଧାନ, ପ୍ରଦୀପ କୁମାର ବାଗ, ସନ୍ତୋଷ ମହାନ୍ତି, ଆଇନଜୀବୀ ରଘୁନାଥ ରଥ, ପ୍ରମୋଦ ସରାଫ, ପ୍ରକାଶ ସରାଫ, ଅଶ୍ୱିନୀ ଭାରତୀ ଉପସ୍ଥିତ ଥିଲେ।

### ଏକାଦଶାହରେ ଭକ୍ତବନ୍ଧୁଙ୍କୁ ଜଣାଇଲେ ଶ୍ରଦ୍ଧାଞ୍ଜଳି

**ପାଟଣାଗଡ଼,୧୮।୪(ଡି.ଏନ୍.ଏ.):** ଭାଜପା ନେତା ତଥା ପୂର୍ବତନ ପାଟଣାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ୱର୍ଗତ ଭକ୍ତବନ୍ଧୁ ନାଏକଙ୍କ ଏକାଦଶାହ ଉଲବା ଗ୍ରାମରେ ରବିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତି ଭକ୍ତବନ୍ଧୁଙ୍କ ବାସଭବନରେ ପହଞ୍ଚି ପରିବାରକୁ ସମବେଦନା ଜଣାଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜ୍ୟୋତି କହିଥିଲେ, ବଲାଙ୍ଗୀର ଜିଲାରେ ଭାଜପା ସଙ୍ଗଠନକୁ ସୁଦୃଢ କରିବାରେ ଭକ୍ତବନ୍ଧୁଙ୍କ ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ବିୟୋଗ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ରାଷ୍ଟ୍ରମନ୍ତ୍ରୀଙ୍କ ସହ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରା କାଠ ଜବତ, ୬ ଗିରଫ

**ବୌଦ୍ଧ,୧୮।୪(ସ୍ୱ.ପ୍ର.):** ଜିଲାରେ ବନ ବିଭାଗ ପକ୍ଷରୁ ଜଙ୍ଗଲର ସୁରକ୍ଷା ପାଇଁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ସୋମବାର ବୌଦ୍ଧରେ ବନବିଭାଗ ପକ୍ଷରୁ ଚୋରା କାଠ ଚାଲାଣବେଳେ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ ବୌଦ୍ଧର ଖମ୍ବରୀପଡା ସେକ୍ସନର ବ୍ରାହ୍ମଣୀପାଲି ବିଟ୍ ଅଞ୍ଚଳରୁ ସାଇକେଲ ଯୋଗେ କାଠ ଚାଲାଣ ହେଉଥିବାବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ୬ସାଇକେଲ ସହ ୩୬ଟି ଶାଳ ସେଣି ଜବତ କରିଥିଲେ। ଏହା ସହ ୩ଟି ମାମଲା ରୁଜୁ କରିବା ସହିତ ୬ ଜଣକୁ ଗିରଫ କରିଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ କମିରା ଗ୍ରାମର ରତ୍ନାକର ବାଘ(୪୫), ଉପେନ୍ଦ୍ର ପାତ୍ର(୪୧), ସତ୍ୟାନନ୍ଦ ଭୁକ୍ତା(୫୫), ଧ୍ରୁବ ସାହୁ(୬୦) ଏବଂ ଖଣ୍ଡପଡା ଗ୍ରାମର ନିତେନ ପ୍ରଧାନ (୩୦) ଓ ଶମ୍ଭୁ ଦେହୁରୀ (୪୨)। ବନ କର୍ମଚାରୀ ପ୍ରଶାନ୍ତ ସେଠୀ, ଶରତ ନାୟକ, ଅଭିମନ୍ୟୁ ମହାନ୍ତି, ରମାକାନ୍ତ ପାଣିଗ୍ରାହୀ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ।

# ଜନବହୁଳ ସ୍ଥାନରେ ଲାଗିବ ସିସିଟିଭି

## ଆମ ପୋଲିସ ସମିତି ବୈଠକ

**ବିନିକା, ୧୮।୪(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ସଭାଗୃହଠାରେ ସୋମବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା, ଉପଜିଲାପାଳ ନିହାର ରଞ୍ଜନ କୁଅଁର, ଏସ୍‌ଡିପିଓ ପୁଷ୍ପାଞ୍ଜଳି ନେଗୀ, ବିନିକା ଏନ୍ଏସି ଅଧ୍ୟକ୍ଷ ସୁବାସ ଭୁଏ ଯୋଗ ଦେଇଥିଲେ। ବିନିକା ଥାନା ଅଧିକାରୀ ପବିତ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବିନିକା ସହରାଞ୍ଚଳ ଓ ଗ୍ରାମାଞ୍ଚଳସ୍ତରୀୟ ଜନପ୍ରତିନିଧି, ସଚେତନ ନାଗରିକ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଏସ୍‌ପି ପଣ୍ଡା ତାଙ୍କ ବକ୍ତବ୍ୟରେ ବିଭିନ୍ନ ସମୟରେ ହେଉଥିବା ଘଟଣା, ଦୁର୍ଘଟଣା ଓ ତତ୍ ପରବର୍ତ୍ତୀ ଉତ୍ପନ୍ନ ସମସ୍ୟା ସମାଧାନରେ ସାଧାରଣ ଜନତା ପୋଲିସକୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏଥିସହ ବିନିକା ଥାନାଧିକାରୀ ଓ ଷ୍ଟାଫ୍‌ଙ୍କ ସହ ବିଚାରବିମର୍ଶ କରିବା ପାଇଁ ୨୪ଘଣ୍ଟିଆ ସମ୍ପର୍କ ପାଇଁ ସୂଚନା ନମ୍ବର ଜାରି କରିଥିଲେ ଏସ୍‌ପି। ଆଗକୁ ବିନିକା ସହରର ପ୍ରତି ଜନବହୁଳ ସ୍ଥାନଗୁଡ଼ିକରେ ୪୦ରୁ ଊର୍ଦ୍ଧ୍ୱ ସିସି ଟିଭି କ୍ୟାମେରା ଲଗାଯିବ ବୋଲି କହିଥିଲେ । ବୈଠକରେ ଉପସ୍ଥିତି ସ୍ଥାନୀୟ ଜନସାଧାରଣ ଉଠାଦୋକାନୀଙ୍କ ଯୋଗୁ ଉପୁଜୁଥିବା ସମସ୍ୟା, ଗାଁ ଗହଳିରେ ବିକ୍ରି ହେଉଥିବା କୁଟିଆ ଦେଶୀମଦ ବେପାରୀଙ୍କ ଦୌରାତ୍ମ୍ୟ, ବିନିକା ଥାନାରେ ପିସିଆର୍ ଭ୍ୟାନ୍‌ର ଅଭାବ ସମସ୍ୟା ବିଷୟରେ ଏସ୍‌ପିଙ୍କୁ ଅବଗତ କରାଇଥିଲେ। ଉତ୍‌ଥାପିତ ପ୍ରସଙ୍ଗଗୁଡିକର ଯଥାସାଧ୍ୟ ପୂରଣ କରାଯିବ ବୋଲି ଏସ୍‌ପି ପଣ୍ଡା କହିଥିଲେ । ଏହି ଅବସରରେ ଏସ୍‌ପି ପଣ୍ଡା ବିନିକା ପୋଲିସ ପକ୍ଷରୁ ଥାନା ସମ୍ମୁଖରେ ଖୋଲାଯାଇଥିବା ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଏନ୍ଏସି ଅଧ୍ୟକ୍ଷ ସୁବାସ ଭୁଏ ଉପସ୍ଥିତ ଥିଲେ।




ଏସ୍‌ପି ଅମରେଶ ପଣ୍ଡା ଥାନା ସମ୍ମୁଖରେ ଜଳଛତ୍ର ଉଦ୍‌ଘାଟନ କରୁଛନ୍ତି।

# ମୁଖ୍ୟ ଛକରୁ ବାଇକ୍ ଚୋରି

**ଅମରପାଲି, ୧୮।୪(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁଖ୍ୟ ଛକରୁ ଉଫୁଲାଠାରେ ରହୁଥିବା ଲଛମନ ପ୍ରଧାନଙ୍କ ବାଇକ କେହି ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସକାଳେ ଲଛମନ ଛକ ନିକଟରେ ତାଙ୍କର ବାଇକ(ଓଡି୧୯ଏଫ୬୪୪୭) ରଖି ଦୈନିକ ପରିବା ବଜାରକୁ ଯାଇଥିବାବେଳେ ଗାଡ଼ ଚୋରି ହୋଇଯାଇଥିଲା। ଅନୁରୂପ ଭାବେ ଗତ ଦୁଇ ସପ୍ତାହ ତଳେ ସ୍ଥାନୀୟ ଶିକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ଦୀପକ କର୍ଣ୍ଣଙ୍କର ଗାଡ଼ି ଚୋରି ହୋଇଥିଲା। ବାରମ୍ବାର ବାଇକ ଚୋରି ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ପୋଲିସ ଦୃଢ଼ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

# ବିପଦସଙ୍କୁଳ ପୋଲ: ଲାଗିଛି ବାଉଁଶ ସୁରକ୍ଷା ବାଡ଼

**ବାଉଁଶୁଣୀ, ୧୮।୪(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ଦେଇ ଯାଇଥିବା ୫୭ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ସୋନପୁର-ମନମୁଣ୍ଡା ତେଲନଦୀ ପୋଲ ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ଦକ୍ଷିଣ, ପଶ୍ଚିମ ଓ ପୂର୍ବ ଓଡ଼ିଶାକୁ ସଂଯୋଗ କରୁଥିବା ଉକ୍ତ ତେଲନଦୀ ପୋଲ ଦ୍ୱାରା ରାଜଧାନୀ ଭୁବନେଶ୍ୱରକୁ ସିଧାସଳଖ ସଂଯୋଗ ରହିଛି। ତେଲନଦୀ ଉପରେ ସୋନପୁର-ମନମୁଣ୍ଡା ମଧ୍ୟରେ ତିଆରି ପୋଲକୁ ୧୯୭୩ ମସିହାରେ ତତ୍କାଳୀନ ରାଜ୍ୟପାଳ ଏହାର ଉଦ୍‌ଘାଟନ କରିଥିଲେ। ହେଲେ ଆଜକୁ ପ୍ରାୟ ଦୀର୍ଘ ପଚାଶ ବର୍ଷ ବିତିଯାଇଥିଲେ ସୁଦ୍ଧା ସେତୁର କୌଣସି ରକ୍ଷଣାବେକ୍ଷଣ ଠିକ ଭାବରେ କରାଯାଉ ନାହିଁ। ଫଳରେ ଅନେକ ସ୍ଥାନରେ ଭାଙ୍ଗିରୁଜି ଗଲାଣି। ଏହାର ମରାମତି ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ହେଁ ବିଭାଗ ପକ୍ଷରୁ ଅଣଦେଖା କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗତ କିଛି ମାସ ତଳେ ଏକ ଦୁର୍ଘଟଣା ଘଟି ପୋଲର ସୁରକ୍ଷା ବାଡ଼ ଭାଙ୍ଗି ଯାଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ତାହା ଏ ପର୍ଯ୍ୟନ୍ତ ମରାମତି ହୋଇ ପାରିନାହିଁ। ଦୁର୍ଘଟଣା ପରଠାରୁ ଭାଙ୍ଗି ଯାଇଥିବା ବାଡରେ ବାଉଁଶ ବାନ୍ଧି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଫଳରେ ଆଗାମୀ ଦିନରେ ବଡ଼ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ଏକ ବଡ଼ ଧରଣର ଦୁର୍ଘଟଣାକୁ ବିଭାଗ ଅପେକ୍ଷା କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ମନୋରଞ୍ଜନ ଦାସଙ୍କୁ ପଚାରିବାରୁ ତାଙ୍କର ଏଠାରୁ ବଦଳି ହୋଇଯାଇଛି ତଥାପି ଏହାର ମରାମତି କରାଇବାକୁ ସେ ଚେଷ୍ଟା କରୁଥିବା ପ୍ରକାଶ କରିଥିଲେ।



ପୋଲରେ ବାଉଁଶ ବାନ୍ଧି ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା



ସ୍କୁଲ ଗେଟ୍ ସମ୍ମୁଖରେ ଧାରଣାରତ ଛାତ୍ରୀଛାତ୍ର।

## ଆର୍ଥିକ ଅନିୟମିତତାର ପ୍ରତିବାଦ

**ଖପ୍ରାଖୋଲ, ୧୮।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଅନ୍ତର୍ଗତ ସର୍ଗିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଆର୍ଥିକ ଅନିୟମିତତା ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ସୋମବାର ସେମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ବିଦ୍ୟାଳୟ ବନ୍ଦ ରହିଥିଲା। ଆନ୍ଦୋଳନରେ ଛାତ୍ରୀଛାତ୍ରମନେ ସାମିଲ ହୋଇ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୂଚନା ଅନୁସାରେ ପୂର୍ବତନ ପ୍ରଧାନଶିକ୍ଷକ ସରୋଜ ପାଣିଗ୍ରାହୀ ବିଦ୍ୟାଳୟର ବିଭିନ୍ନ ପାଣ୍ଠିର ଦାୟିତ୍ୱ ନ ଦେଇ ସରକାରୀ ଅର୍ଥକୁ ବେଆଇନ ଭାବେ ଉଠେଇ ନେଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେମାନେ ପୂର୍ବନିଷ୍ପତ୍ତି ଅନୁସାର ଆନ୍ଦୋଳନକୁ ଓହ୍ଲାଇ ଥିଲେ। ଖବର ପାଇ ବ୍ଲକ ସହଶିକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର ସାହୁ, ମହରାପଦର ସରପଞ୍ଚ ସୁମତି ପଧାନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ଡକାଇ ଟଙ୍କା ଫେରସ୍ତର ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଜନ ସଚେତନତା କାର୍ଯ୍ୟକ୍ରମ




ସଭାରେ ମଞ୍ଚାସୀନ ଅତିଥି।

**ଲୋଇସିଂହା,୧୮।୪(ଡି.ଏନ.ଏ)**

କେନ୍ଦ୍ର ସରକାରଙ୍କ କ୍ଷେତ୍ର ଜନ ସମ୍ପର୍କ କାର୍ଯ୍ୟାଳୟ ଭବାନୀପାଟଣା ଆନୁକୂଲ୍ୟରେ ଲୋଇସିଂହା ବ୍ଲକ ଉପରବାହାଲଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅଟଳ ପେନସନ ଯୋଜନା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଜନସମ୍ପର୍କ ବ୍ୟୁରୋ ଅଧିକାରୀ ବିଷ୍ଣୁଚରଣ ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି, ବିଡିଓ ରାମଚନ୍ଦ୍ର ଖାଡିଆ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏବିଡିଓ ବିଜୟ କୁମାର ହୋତା, ବ୍ୟାଙ୍କ, ଗ୍ରାମ୍ୟ ଉନ୍ନୟନ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ। ବିଧାୟକ ମହାଲିଙ୍ଗ ବିଭିନ୍ନ କେନ୍ଦ୍ରୀୟ ଯୋଜନା ଉପରେ ଆଲୋଚନା କରିଥିଲେ। ଉପରବାହଲ ଅଞ୍ଚଳ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଗମନାଗମନ ସୁବିଧା ଥିବାରୁ ବାହାର ଅଞ୍ଚଳର ବ୍ୟାବସାୟୀ ଏଠାକୁ ଆସି ଚାଷୀଙ୍କ ପରିବା କିଣି ନେଉଛନ୍ତି। ଚାଷୀମାନେ ଲାଭାନ୍ୱିତ ହେଉଥିବା ବିଧାୟକ କହିଥିଲେ। ୨୦୨୪ ସୁଦ୍ଧା କେନ୍ଦ୍ର ସରକାର ଜଳମିଶନ ଜରିଆରେ ପ୍ରତ୍ୟେକ ଘରକୁ ଟ୍ୟାପ ପାଣି ଯୋଗାଇବାକୁ ଲକ୍ଷ୍ୟ ରଖିଥିବା ସେ କହିଥିଲେ। ୨୦୧୧ ଜଣଗଣନା ଅନୁଯାୟୀ ଏସିସି ତାଲିକାର ୮୦ ପ୍ରତିଶତ ଲୋକ ଘର ପାଇ ଉପକୃତ ହୋଇଛନ୍ତି। ୨୦୧୬-୧୭ ରୁ ୨୦୨୦-୨୧ ବର୍ଷରେ ବ୍ଲକକୁ ୬୩୩୧ ପ୍ରଧାନମନ୍ତ୍ରୀ ଆବାସ ଘର ଆସିଥିଲା। ହେଲେ ପ୍ରଶାସନର ଖାମଖିଆଲି ନୀତି ଯୋଗୁ ପ୍ରକୃତ ହିତାଧିକାରୀ ନ ପାଇ ଅଯୋଗ୍ୟ ବ୍ୟକ୍ତି ଘର ହାତେଇଥିବା ମହାଲିଙ୍ଗ କହିଥିଲେ। ୭୦ରୁ ୮୦ ବର୍ଷୀୟ ବ୍ୟକ୍ତିମାନେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଆବେଦନ ଫର୍ମ ଅନଲାଇନ ଯାଞ୍ଚବେଳେ ସେହିବର୍ଗର ଲୋକଙ୍କୁ ପ୍ରାଧାନ୍ୟ ଦେବାକୁ ବିଡିଓଙ୍କୁ କହିଥିଲେ ବିଧାୟକ।

# ପାନୀୟ ଜଳ ସମସ୍ୟା ନେଇ ଉଦ୍‌ବେଗ

## ଦେଓଗାଁ ପଞ୍ଚାୟତ ସମିତି ବୈଠକ

**ଦେଓଗାଁ, ୧୮।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ବୈଠକ ସୋମବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ବିଡିଓ ରାମଦତ୍ତ ଭୋଇ ପରିଚାଳନା କରିଥିଲେ। ବିଧାୟକ ନରସିଂହ ମିଶ୍ର ବୈଠକରେ ଯୋଗଦେଇ ବ୍ଲକରେ ଦେଖାଦେଇଥିବା ପାନୀୟ ଜଳ ସମସ୍ୟା ଉପରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜଳ ସମସ୍ୟା ଉତ୍କଟ ଥିବା ଗାଁମାନଙ୍କରେ ଯୁଦ୍ଧକାଳୀନଭିତ୍ତିରେ କାମ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା।

ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ସ୍ଥାୟୀ ବ୍ଲକ ଶିକ୍ଷାଧିକାରୀ ନିଯୁକ୍ତି, ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ, ଜଳନିଧି ଯୋଜନାର କାର୍ଯ୍ୟକାରିତା, କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଦେଶାଇମୁଣ୍ଡାରେ ନିର୍ମିତ ଚେକଡ୍ୟାମ ନିମ୍ନମାନର କାମ ଯୋଗୁଁ ଭାଙ୍ଗି ଯିବାର ତଦନ୍ତ, ବଙ୍ଗଳା ଛକ ନିକଟ ଛେଳି ପ୍ରଜନନ କେନ୍ଦ୍ରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ଦେଓଗାଁ ତହସିଲ ନିକଟରେ ସବରେଜେଷ୍ଟ୍ରି, ସବ୍‌ଟ୍ରେଜେରୀ ଓ ଜେଏମ୍‌ଏଫସି ସ୍ଥାପନ ଓ ଦେଓଗାଁ ଗୋଷ୍ଠୀ ଚିକିତ୍ସା କେନ୍ଦ୍ରର ନୂତନ କୋଠା ନିର୍ମାଣ ସହ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି କରିଥିଲେ। ହାତିସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର କହିଥିଲେ ଯେ, ଦାବଲିକାନୀ ପ୍ରାଥମିକ ବିଦ୍ୟାଳୟକୁ ଛାତ୍ର ଉପସ୍ଥାନ କମ୍ ଦର୍ଶାଇ ଉଠାଇ ଦିଆଯିବା ଯୋଗୁଁ ଛାତ୍ରୀଛାତ୍ରମାନେ ଦେଢ଼ କିଲୋମିଟର ଦୂର ନାଇକେନଶିରା ସ୍କୁଲକୁ ରାସ୍ତା ରେଳ ଧାରଣା ଦେଇ ବିପଦପୂର୍ଣ୍ଣଭାବେ ଯାଉଛନ୍ତି। ଏଣୁ ବନ୍ଦ ସ୍କୁଲକୁ ପୁନଃଚାଲୁ କରିବା ପାଇଁ ସେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ସୁନାଆଡକି ଏମଆଇପି ପ୍ରୋଜେକ୍ଟର ପୁନରୁଦ୍ଧାର ଓ ଗେଟ ନିର୍ମାଣ କରିବା ପାଇଁ ସେ ଦାବି କରିଥିଲେ। ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା ବନ୍ଧପଡା ଓ ଅର୍ଜ୍ଜୁନପୁରରେ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଦାବି କରିଥିଲେ। ବନ୍ଧପଡା ସରପଞ୍ଚ ଗୋପାଳଚନ୍ଦ୍ର ମିଶ୍ର ବିଜୟାନନ୍ଦ ସମବାୟ ଟିନିକଲ ପୁନଃଚାଲୁ କରିବା ପାଇଁ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। କେତେକ ପଞ୍ଚାୟତରେ ସ୍ଥାନୀୟ ସମିତି ସଭ୍ୟମାନଙ୍କୁ ପଞ୍ଚାୟତ ବୈଠକକୁ ଡକା ଯାଉ ନ ଥିବାରୁ ଗୃହରେ ଅସନ୍ତୋଷବ୍ୟକ୍ତ କରିଥିଲେ ଦେଓଗାଁ ସମିତି ସଭ୍ୟା ମିନାରାଣୀ ସା। ଟାଙ୍ଗରୁପଦର ସ୍କୁଲ କୋଠା ନିର୍ମାଣ ପାଇଁ ଆଜକୁ ୨ବର୍ଷ ତଳେ ପଶ୍ଚିମଓଡିଶା ବିକାଶ ପରିଷଦ ପାଣ୍ଠିରୁ ଅନୁଦାନ ଆସିଥିଲେ ମଧ କାର୍ଯ୍ୟାଦେଶ ଦିଆଯାଇ ନ ଥିବା ସମିତି ସଭ୍ୟ ସଂକୀର୍ତ୍ତନ ବାଗ କହିଥିଲେ। ସହକାରୀ ଯନ୍ତ୍ରୀ ମୋହନ ମହାଲିକ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଉପରେ ବିବରଣୀ ପ୍ରଦାନ କରିଥିଲେ। ଗ୍ରାମପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ଜିଲା ପରିଷଦ ସଭ୍ୟ ମମତା କୁମୁରା ଓ ସୁମତି ସେଠ, ସମସ୍ତ ସମିତିସଭ୍ୟାସଭ୍ୟ, ସରପଞ୍ଚ ତଥା ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକକୁ ଗ୍ରାମ୍ୟ ଉନ୍ନୟନ ବିଭାଗ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପ୍ରକଳ୍ପ ଆଦି ବିଭାଗୀୟ ଅଧିକାରୀମାନେ ଯୋଗଦେଇନଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା।




ଦେଓଗାଁ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ

**ବରଗଡ଼ ଅଫିସ୍,୧୮।୪:** ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ୍ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଏଥିରେ ଯୁକ୍ତ ଦୁଇ ପ୍ରଥମବର୍ଷର ୧୨୩ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କଲେଜର ଶାରୀରିକ ନିରୀକ୍ଷକ ଚତୁର୍ଭୁଜ ସାହାଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ସୁନେନା ଭେସ୍ରା ଛାତ୍ରୀଙ୍କୁ ୧୦ଦିନ ଧରି ଆତ୍ମସୁରକ୍ଷା ଉପରେ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟକ୍ଷା ସ୍ୱରୂପମା ମିଶ୍ର ପ୍ରଶିକ୍ଷାର୍ଥିନୀଙ୍କୁ ଉତ୍ସାହିତ କରିଥିଲେ।

### ଚମ୍ପାମାଲ ରାମଲୀଳା: ନାଟକ ସୀତାଚୋରି ମଞ୍ଚସ୍ଥ

**ଅମରପାଲି,୧୮।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଚମ୍ପାମାଲ ସଂସ୍କୃତି ସମ୍ପନ୍ନ ଗ୍ରାମ ବାବା ଚମ୍ପେଶ୍ୱରଙ୍କ ପୀଠରେ ଶ୍ରୀରାମ ନବମୀଠାରୁ ରାମଲୀଳା ନାଟକ ପରିବେଷଣ ହୋଇଆସୁଛି। ସୋମବାର ସୀତା ଚୋରି ନାଟକ ପରିବେଷଣ କରାଯାଇଛି। ରାମ ଭୂମିକାରେ ରବିଚନ୍ଦ୍ର ପୁରୋହିତ, ଲକ୍ଷ୍ମଣ ବିଦ୍ୟାଧର ଓ ସୀତା ଭୂମିକାରେ ଜ୍ୟୋତି ପ୍ରକାଶ ଥନାପତି, ରାବଣ ଭୂମିକାରେ ସତ୍ୟମ ପ୍ରିତମ ହୋତା, ମାରିଚ ବିଶନାଥ, ଇନ୍ଦ୍ର ପ୍ରମୋଦ ପୁରୋହିତ, ଯତି ରାବଣ ଗୋବିନ୍ଦ ଭୁକ୍ତା, ଜଟାୟୁ ସଞ୍ଜୀବ ଭୋଇ ପ୍ରମୁଖଙ୍କ ଅଭିନୟ ଦର୍ଶକଙ୍କୁ ବିମୋହିତ କରୁଛି।

### ହରିହର ମହାବିଦ୍ୟାଳୟରେ ଅଗ୍ନିଶମ ବିଭାଗର ମକଡ୍ରିଲ

**ଲୋଇସିଂହା,୧୮।୪((ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ସପ୍ତାହ ଉପଲକ୍ଷେ ଯୋଗୀସର୍ଡା ହରିହର ମହାବିଦ୍ୟାଳୟରେ ମକଡ୍ରିଲ ସୋମବାର କରାଯାଇଥିଲା। ଅଗ୍ନିଶମ ଅଧିକାରୀ ପଞ୍ଚାନନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ଛାତ୍ରୀଛାତ୍ରଙ୍କୁ ଘରେ ରୋଷେଇ ବେଳେ ଗ୍ୟାସରୁ କିମ୍ବା ବିଦ୍ୟୁତ୍ ସର୍ଟଶର୍କିଟରେ ନିଆଁ ଲାଗିଲେ ଘରେ ଫସି ରହିଥିବା ବ୍ୟକ୍ତି ଏବଂ ପ୍ରାକୃତିକ ବିପର୍ଯ୍ୟସ୍ତ ବେଳେ ଅସୁବିଧାରେ ଥିବା ଲୋକଙ୍କୁ କିପରି ସୁରକ୍ଷିତ ଉଦ୍ଧାର କରାଯାଇଥାଏ ସେ ସମ୍ପର୍କରେ ଡେମୋ ଦେଖାଇ ତାଲିମ ପ୍ରଦାନ କରିଥିଲେ। ଏସବୁ କୌଶଳକୁ ପ୍ରୟୋଗ କରି ବିପଦରେ ଥିବା ଲୋକଙ୍କୁ ଉଦ୍ଧାର କରି ପାରିବେ ବୋଲି ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦିଆଯାଇଥିଲା।

### ବଗେଇବିରାରେ ନାମଯଜ୍ଞ ଉଦ୍‌ଯାପିତ

**ବରଗଡ଼ ଅଫିସ୍,୧୮।୪:** ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ଗ୍ରାମ ସ୍ଥିତ ସହରାପଡ଼ା ହନୁମାନ ମନ୍ଦିର ପରିସରରେ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ, ଦିଲୀପ ସାୱାଡ଼ିଆ, ପିକୁନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ୩ଦିନ ଧରି ଚାଲିଥିବା ନାମଯଜ୍ଞରେ ଭାବେନ୍ଦ୍ର ପ୍ରଧାନ ସପତ୍ନୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ନାମଯଜ୍ଞରେ ୧୩ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରିଥିଲେ। ବଗେଇବିରା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଳଛତ୍ର ଉଦ୍‌ଘାଟିତ

**ଡୁଙ୍ଗୁରିପାଲି, ୧୮।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ପକ୍ଷରୁ ସୋମବାର ବସ୍‌ଷ୍ଟାଣ୍ଡ ପାଖରେ ଜଳଛତ୍ର ଉଦ୍‌ଘାଟିତ ହୋଇଛି। ଥାନାଧିକାରୀ ଭାନୁଶଙ୍କର ଯାଦବ ସର୍ବସାଧାରଣଙ୍କ ପାଇଁ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ରାଜପଥ ପାର୍ଶ୍ୱରେ ଜଳଛତ୍ର ଉଦଘାଟନ ହେବା ଦ୍ୱାରା ଲୋକେ ପ୍ରବଳ ଗ୍ରୀଷ୍ମ ମଧରେ ପାଣି ପାଇ ପାରିବେ। ଉଦ୍‌ଘାଟନ ବେଳେ ଡୁଙ୍ଗୁରିପାଲି ଥାନା ଏସଆଇ ଲକ୍ଷ୍ମିଧର ପାତ୍ର, ଏଏସଆଇ ଶ୍ରୀକୃଷ୍ଣ ସେଠ, ମୋହନ ବରିହା, ଏକାମ୍ର ନାହାକ ପ୍ରମୁଖ ଉପସ୍ଥିତ ଥିଲେ।



# ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ଚେକ୍‌ଡ୍ୟାମ

- କାମରେ ଅଧିକ ଶିଶୁ ଶ୍ରମିକ ନିୟୋଜିତ
- ଅନ୍ୟ ଅଞ୍ଚଳର ଶ୍ରମିକଙ୍କ ଦ୍ୱାରା କାମ
- କାର୍ଯ୍ୟର ସ୍ଥାୟିତ୍ୱ ନେଇ ସନ୍ଦେହ

**କୋକସରା,୧୮।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଧୀନ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର କଛାରପଡା ଅଷ୍ଟାଳ ଜୋରଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ଚେକଡ୍ୟାମ କାମ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି। ଯନ୍ତ୍ରୀଙ୍କ ବିନା ଅନୁପସ୍ଥିତିରେ ଠିକାଦାର ଜଣକ ମନଇଚ୍ଛା କାମ କରୁଥିବା ବେଳେ ହାତ ତିଆରି ଚିପସ, ମେଟାଲ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଫଳରେ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ଏହି ପ୍ରକଳ୍ପର ଅଟକଳ ମୂଲ୍ୟ ୫ ଲକ୍ଷ ଟଙ୍କା ରହିଥିବାବେଳେ କାର୍ଯ୍ୟ ଆରମ୍ଭ ତାରିଖ ମଧ୍ୟ ଫଳକରେ ସୂଚନା ଦିଆଯାଇନାହିଁ। କାର୍ଯ୍ୟ ବିଭାଗୀୟ ଦର୍ଶାଯାଇଥିବା ବେଳେ ଜଣେ ଠିକାଦାର କାର୍ଯ୍ୟ ସମ୍ପାଦନା କରୁଥିବା ଜଣାପଡିଛି। ଅନ୍ୟପଟେ ସ୍ଥାନୀୟ ଶ୍ରମିକଙ୍କୁ କାମରେ ନ ଲଗାଇ ଅନ୍ୟ ଅଞ୍ଚଳର ଶ୍ରମିକଙ୍କୁ



ଅଷ୍ଟାଳ ଜୋରଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ଚେକଡ୍ୟାମ କାମ।

ନିୟୋଜିତ କରାଯାଇ ଥିବାରୁ ସ୍ଥାନୀୟ ଅଞ୍ଚଳର ଶ୍ରମିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ କାର୍ଯ୍ୟରେ ନିୟୋଜିତ ରହିଥିବା ଅଧିକ ଶିଶୁ ଶ୍ରମିକ ରହିଛନ୍ତି। ଉକ୍ତ ଯୋଜନାରେ ଚାଲିଥିବା ଏହି କାର୍ଯ୍ୟରେ ଜବକାର୍ଡଧାରୀ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ପାରିଶ୍ରମିକ ପାଉଣା ଯିବାକୁ ନିୟମ ରହିଥିବା ବେଳେ ଏଠାରେ ନିୟୋଜିତ ଅନ୍ୟ ପଞ୍ଚାୟତ ଶିଶୁ ଶ୍ରମିକ କିପରି ପାରିଶ୍ରମିକ ପାଇବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ଶିଶୁ ଶ୍ରମିକଙ୍କୁ ଅଧିକ ପରିଶ୍ରମ କରାଇ କମ ପାଉଣା ଦେଇ ଠିକାଦାର ଜଣକ ମାଲେମାଲ ହେବାକୁ ଯୋଜନା ରଖିଥିବା ମଧ ଆଲୋଚନା ହେଉଛି। ଏ ନେଇ କୋକସରା ବ୍ଲକ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନଙ୍କ ମତାମତ ନେବାରୁ କ'ଣ ହୋଇଛି, ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି।

## ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କର



ବୈଠକରେ ଉପସ୍ଥିତ ନୂତନ ପେନସନଭୁକ୍ତ ହାଇସ୍କୁଲର ଶିକ୍ଷକମାନେ।

**ଲୋଇସିଂହା,୧୮।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲରେ ବ୍ଲକର ନୂତନ ପେନସନଭୁକ୍ତ ହାଇସ୍କୁଲ ଶିକ୍ଷକଙ୍କ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟକାରୀ ସଭାପତି ରାଜ କୁମାର ଭୋଇ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ଭୋଇ ନୂତନ ପେନେସନଭୁକ୍ତ ଶିକ୍ଷକଙ୍କ ବିବିଧ ସମସ୍ୟାର ସମାଧାନ ପାଇଁ ଏକଜୁଟ ହେବାକୁ ଆହ୍ୱନ ଦେଇଥିଲେ । ଡୋଳାମଣୀ ସାହୁ ନୂତନ ପେନସନ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥାରେ ନୂତନ ପେନସନଭୁକ୍ତ ଶିକ୍ଷକଙ୍କୁ ସାମିଲ କରିବାକୁ ଦାବି କରିଥିଲେ । ଶିକ୍ଷକ ଭକ୍ତବନ୍ଧୁ ନାଏକ ସଂଗଠନ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତିକ୍ରମେ ଗଣନାଥ ସାହୁ ସଭାପତି ମନୋନୀତ ହୋଇଥିଲେ । ଡିଲେଶ୍ୱର କୁଅଁର ଉପସଭାପତି,ସର୍ଜନ ନେଗୀ ସମ୍ପାଦକ, ଦୀପିକା ମଟାରୀ ସହସମ୍ପାଦକ, ପ୍ରଶାନ୍ତ କୁମାର ଭୋଇ କୋଷାଧ୍ୟକ୍ଷ ଏବଂ ବିକ୍ରମ କୁମାର ସାହୁ ଇନିସିଏଲ ଆପ୍ରାଣ୍ଟିସ୍ ସଭ୍ୟ ମୋନୀତ ହୋଇଥିଲେ। ସେବଦତ୍ତ ପଧାନ ଅତିଥିଭାବେ ଯୋଗଦେଇଥିଲେ ।

## ଜ୍ୟୋତିରାଓ ଫୁଲେ, ଆମ୍ବେଡକର ଜୟନ୍ତୀ



ଜ୍ୟୋତିରାଓ ଫୁଲେ, ଆମ୍ବେଡକର ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼ ଅଫିସ୍,୧୮।୪**

ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ସୋମବାର ବହୁଜନ କର୍ମଚାରୀ ସଙ୍ଗଠନ ପକ୍ଷରୁ ମହାତ୍ମା ଜ୍ୟୋତିରାଓ ଫୁଲେ ଏବଂ ଭାରତରତ୍ନ ବାବା ସାହେବ ଆମ୍ବେଡ଼କରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅଧ୍ୟାପକ ବିଜୟ କୁମାର ନାଗ, ଅଧ୍ୟାପିକା ନୀଳିମା ମେହେର, ବରିଷ୍ଠ ସମୀକ୍ଷକ ଅଙ୍ଗଦ ନାଗ, କୃଷି ଅଧିକାରୀ ଅମୀୟ କୁମାର ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଙ୍ଗଠନର ବରିଷ୍ଠ ସଦସ୍ୟ ବିକ୍ରମ ଛତର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରବନ୍ଧ, ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଲୁସନା ପାତ୍ର, ଦୁଲାରୀ ପ୍ରଧାନ, ଅଙ୍କେଶ୍ୱରୀ ପ୍ରଧାନ, ଶୁଭସ୍ମିତା ସାହୁ, ହେମାକ୍ଷୀ ହର୍ଷିତା ନାଗ, ସୋନମ ପ୍ରଧାନ, ଅନୁଭବ ସାହୁ, ଶ୍ରେୟାଂଶୀ ପାତ୍ର, ଜ୍ୟୋତ୍ସ୍ନା ହରିପାଲ, ଲିଲି ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠନ ସଭାପତି ଗଙ୍ଗାଧର ବିଭାର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁଣମଣି ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ଆରମ୍ଭ ହେଲା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଭବାନୀପାଟଣା,୧୮।୪(ସ୍ୱ.ପ୍ର.)**

କୋଭିଡ୍ ମହାମାରୀ ଯୋଗୁ ଗତ ୨ ବର୍ଷ ହେଲା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ବନ୍ଦ ରହିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସବୁ ଜିଲାରେ ସୋମବାରଠାରୁ ଆରମ୍ଭ ହୋଇଛି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକରୁ ପ୍ରଥମେ ଆରମ୍ଭ ହୋଇଛି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ଜିଲାପାଳ ଡ .ଗାଭାଲି ପରାଗ ହର୍ଷଦ ଅଧକ୍ଷତା କରିଥିଲେ। ଏଥିରେ ଏସ୍‌ପି ଡ. ଶ୍ରବଣା ବିବେକ ଏମ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ସୁଶାନ୍ତ କୁମାର ପଟେଲ, ପିଡିଡିଆରଡିଏ ସୋମେଶ କୁମାର ଉପାଧ୍ୟାୟ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ୍ ଦାସଙ୍କ ସମେତ ସମସ୍ତ ଜିଲାର ବିଭନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୫୩ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୨ଟି ବ୍ୟକ୍ତିଗତ ସମସ୍ୟା ଓ ୧୧ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତଥିଲା। ୭ଟି ଅଭିଯୋଗ ସମାଧାନ ତୁରନ୍ତ କରାଯାଇଥିଲା। ସେଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ କର୍ଲାମୁଣ୍ଡା ବ୍ଲକ ଗଜବହାଲ ଅଞ୍ଚଳର ଆନନ୍ଦିନି ସୁନାଙ୍କ ୯ବର୍ଷର ଝିଅର ମେଡିକାଲ ସହାୟତା (ପ୍ଲାଷ୍ଟିକ ସର୍ଜରୀ) ପାଇଁ ୫୦୦୦ଟଙ୍କା ଅନୁମୋଦନ କରାଯାଇଥିଲା। ଜନଶୁଣାଣି ଶିବିର ମାସର ପ୍ରତ୍ୟେକ ସୋମବାର ହେବ ଓ ଆସନ୍ତା ଶିବିର ନର୍ଲା ବ୍ଲକରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ନୂଆପଡ଼ା ଅଫିସ,୧୮।୪**

କରୋନା କଟକଣା ଯୋଗୁ ପ୍ରାୟ ଦୁଇବର୍ଷ ବନ୍ଦ ରହିଥିବା ସରକାରଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାରଠାରୁ ପୁଣିଥରେ ଆରମ୍ଭ ହୋଇଛି। ଜିଲାପାଳଙ୍କ ସଦଭାବନା ଗୃହରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଦୀର୍ଘଦିନ ପରେ ପ୍ରଥମ କରି ଅଭିଯୋଗ ଶୁଣାଣି ହେଉଥିବାରୁ ଭିଡ ପରିଲକ୍ଷିତ ହୋଇ ନ ଥିଲା। ତଥାପି ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୨ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୨୮ ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୪ଟି ସମୁହ ଅଭିଯୋଗ ରହିଥିଲା। ସମସ୍ତ ଅଭିଯୋଗ ଜିଲାପାଳ ସ୍ୱାଧାଦେବ ସିଂ ନିଜେ ଶୁଣାଣି କରିଥିଲେ। ତାଙ୍କ ସହିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ଡା.ସୋଭାରାଣି ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନିଲ କୁମାର ଆଚାର୍ଯ୍ୟ, ଉପଜିଲାପାଳ ତରଣିସେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ପ୍ରାୟ ସମସ୍ତ ବିଭାଗ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ଆବାସ ଗୃହ, ବଦଳି ବାତିଲ, ମରୁଡି ସହାୟତା, ଗଭୀର ନଳକୂପ ଖନନ, କୋଭିଡ୍ ସହାୟତା ପ୍ରଦାନ, କଳାକାର ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ନଳକୂପ ମରାମତି ଆଦି ବିଷୟ ରହିଥିଲା। ସରକାରୀ ଚାକିରିଆମାନେ ନିଜ ବଦଳି ବାତିଲ କରିବା ନେଇ ଗୁହାରୀ କରିଥିବା ବେଳେ ସେମାନଙ୍କୁ ମନଇଚ୍ଛାରେ ଥଇଥାନ କରାଯାଇପାରିବ ନାହିଁ ବୋଲି ଶୁଣାଇ ଦେଇଥିଲେ। ଦୀର୍ଘ ୨ ବର୍ଷ ପରେ ଅଭିଯୋଗ ଶୁଣାଣି ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। କିନ୍ତୁ ଜିଲାରେ ବର୍ତ୍ତମାନ ପାରଦ ୪୧ ଡିଗ୍ରୀ ଉପରେ ରହୁଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ପାନୀୟ ଜଳ ବ୍ୟବସ୍ଥା ଗ୍ରହଣ କରା ଯାଇ ନ ଥିବା ଦେଖିବାକୁ ମିଳିଛି। ସେହିପରି ଲୋକଙ୍କ ବିଶ୍ରାମ ନେବା ତଥା ଅପେକ୍ଷା କରିବା ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଟରେ ମଧ୍ୟ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ଶୁଣିବାକୁ ମିଳିଥିଲା।



ଜିଲାପାଳ ଅଭିଯୋଗକାରୀଙ୍କ ଫଇସଲା କରୁଛନ୍ତି।

## ୪୨ଅଭିଯୋଗର ଶୁଣାଣି କଲେ ଜିଲାପାଳ



ଜନଶୁଣାଣିରେ ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

**ପାଟଣାଗଡ, ୧୮।୪(ଡି.ଏନ.ଏ)**

କରୋନା ମହାମାରୀ ଯୋଗୁଁ ଗତ ୨ବର୍ଷ ଧରି ବନ୍ଦ ରହିଥଇବା ଜନ ଅଭିଯୋଗ ଶୁଣାଣି ସୋମବାର ପାଟଣାଗଡ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଚଞ୍ଚଳ ରଣା ଓ ଏସପି ନୀତିନ କୁଶଲକର ଏଥିରେ ଯୋଗଦେଇ ୪୨ ଅଭିଯୋଗର ଶୁଣାଣି କରିଥିଲେ। ତେବେ ପ୍ରଶାସନ ତରଫରୁ ଆବଶ୍ୟକ ପ୍ରଚାର ପ୍ରସାର କରାଯାଇ ନ ଥିବାରୁ କମ୍ ସଂଖ୍ୟକ ଲୋକେ ଜନଶୁଣାଣି ଶିବିରକୁ ଆସିଥିଲେ। ଉପଜିଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ, ପାଟଣାଗଡ ବିଡିଓ ନୀଳମାଧବ ସୁନା, ଏସ୍‌ଡିଏମଓ ଡକ୍ଟର ପିତବାସ ସା, ବେଲପଡା ବିଡିଓ ଭିକ୍ଟର ସୋରେନ, ପାଟଣାଗଡ ତହସିଲଦାର ଡକ୍ଟର ପୁଷ୍ପାଞ୍ଜଳି ପଣ୍ଡା, ବେଲପଡା ତହସିଲଦାର ପ୍ରଶାନ୍ତି ପଧାନ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଜିଲା ପ୍ରକଳ୍ପ ଅଧିକାରୀ ସୁଶାନ୍ତ ସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ, ଉପଖଣ୍ଡସ୍ତରୀୟ ପୋଲିସ ଅଧିକାରୀ ଜ୍ୟୋତିର୍ମୟ ଭୁକ୍ତ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କର

**କୋକସରା/ବେହେରା, ୧୮।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ନେଗୀଗୁଡାଠାରୁ ବେହେରା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ପାଇଁ ନୋଗୀଗୁଡାବାସୀ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ନୋଗୀଗୁଡା ଗ୍ରାମବାସୀ ବେହେରାକୁ ଯିବାକୁ ହେଲେ ଏକମାତ୍ର ରାସ୍ତା ରହିଛି। ପ୍ରତିଦିନ ବିଭିନ୍ନ କାମ ପାଇଁ ନେଗୀଗୁଡାବାସୀ ବେହେରା ଗ୍ରାମ ଉପରେ ନିର୍ଭର କରୁଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ସ୍କୁଲ, କଲେଜ, ସାପ୍ତାହିକ ବଜାର ଭଳି ଅନେକ କାର୍ଯ୍ୟାଳୟ ରହିଛି। ବର୍ଷା ଋତୁରେ ଏହି ରାସ୍ତା ଦେଇ ଯିବାଆସିବା ଠପ୍ ହୋଇଥାଏ। ଫଳରେ ବର୍ଷା ଚାରି ମାସ ଛାତ୍ରୀଛାତ୍ର ସ୍କୁଲ, କଲେଜ ଯିବା ବନ୍ଦ ହୋଇଥାଏ। ଏ ନେଇ ବିଭନ୍ନ ସମୟରେ ଗ୍ରାମବାସୀ ବିଡିଓଙ୍କଠାରୁ ଆରମ୍ଭ କରି ଉପଜିଲାପାଳ, ସ୍ଥାନୀୟ ବିଧାୟକଙ୍କୁ ଅନେକ ଧର ଅଭିଯୋଗ କରିଛନ୍ତି। ହେଲେ କେବଳ ପ୍ରତିଶ୍ରୁତିରେ ହିଁ ରାସ୍ତା ନିର୍ମାଣ ସିମିତ ରହିଯାଉଛି। ଫଳରେ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ନେଇ ପୋଡାଗୁଡା ସରପଞ୍ଚ ଜୟରାମ ନାଗ, ସମିତି ସଭ୍ୟ ରାଜୀବ ଖମାରୀ, ୱାର୍ଡସଭ୍ୟ ବାଲେକ ଖମାରୀଙ୍କ ସମେତ ଗ୍ରାମବାସୀ ଦେବେନ୍ଦ୍ର ଦାସ, ପ୍ରୀତିରାଜ ଗୋପାଳ, ଖଗପତି ଗୋପାଳ, ଅମୃତ ପୂଝାରୀ, ଜଗମୋହନ ସୁନା ପ୍ରମୁଖ ଏମ୍‌ପି ପଣ୍ଡାଙ୍କୁ ସାକ୍ଷାତ କରି ନେଗୀଗୁଡାଠାରୁ ବେହେରା ପର୍ଯ୍ୟନ୍ତ ୫ କି.ମି. ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବଶୀଘ୍ର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ପାଇଁ ଗ୍ରାମବାସୀଙ୍କୁ ସେ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



## ବୁଢ଼ୀମା ମନ୍ଦିର ରତ୍ନମୁଦ ଉତ୍ସବ ପାଇଁ ପ୍ରସ୍ତୁତି

**ସୋନପୁର,୧୮।୪(ନି. ପ୍ର .)**

ସୋନପୁର ସହର ଢେରାପଡ଼ାଠାରେ ବସବାସ କରୁଥିବା ତେଲୁଗୁ ଦେୱାଙ୍ଗ(ଢେରା) ସମ୍ପ୍ରଦାୟ ପକ୍ଷରୁ ନିର୍ମାଣାଧୀନ ଥିବା ବୁଢ଼ୀମା ମନ୍ଦିରର ରତ୍ନମୁଦ ଉତ୍ସବ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସୋମବାର ସ୍ଥାନୀୟ ବୁଢ଼ୀମା କ୍ଲବ ପରିସରରେ ଦିଲୀପ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରତ୍ନମୁଦ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ପରିଚାଳନା ପାଇଁ ବିଭିନ୍ନ କମିଟି ମାନ ଗଠନ କରାଯାଇଛି। ଏଥିପାଇଁ ଆସନ୍ତା ୨୦ ତାରିଖ ସନ୍ଧ୍ୟାରେ ବନଯାଗରେ ବାହାରି ସୁବର୍ଣ୍ଣପୁରର ଇଷ୍ଟଦେବତା ବାବା ସୁବର୍ଣ୍ଣମେରୁଙ୍କ ରାସ୍ତା ପାର୍ଶ୍ୱସ୍ଥ ସାହାଡ଼ା ଗଛକୁ ବରଣ କରାଯିବ। ୨୧ତାରିଖରେ କଳସ ଶୋଭାଯାତ୍ରା ପରେ ପୂଜାରମ୍ଭ ହୋଇ ମଧାହ୍ନରେ ରତ୍ନମୁଦ ଓ ପୂର୍ଣାହୂତି କାର୍ଯ୍ୟକ୍ରମ ରହିଛି। ମନ୍ଦିର ସମ୍ପୂର୍ଣ୍ଣ ଦକ୍ଷିଣ ଭାରତୀୟ ଢାଞ୍ଚାରେ ନିର୍ମାଣ ହେଉଛି। ଏହି ରତ୍ନମୁଦ କାର୍ଯ୍ୟକ୍ରମର ଆଧାତ୍ମିକ ପୂଜା ଓ ହୋମ ଯଜ୍ଞାନୁଷ୍ଠାନର ଆଚାର୍ଯ୍ୟ ଭାବରେ ପଶ୍ଚିମ ଓଡ଼ିଶାର ବାଗ୍ମୀ ବିଦ୍ୱାନ ମେଘନାଦ ପାଣିଗ୍ରାହୀ ରହିଛନ୍ତି। କର୍ତ୍ତା ଭାବରେ ରାମଚନ୍ଦ୍ର ପାତ୍ର ସସ୍ତ୍ରୀକ ଦାୟିତ୍ୱ ନିର୍ବାହ କରିବେ। ପ୍ରସ୍ତୁତି ବୈଠକରେ ରାମକୁମାର ପାତ୍ର, ବ୍ରଜକିଶୋର ପାତ୍ର, ଗୋପାଳ ପାତ୍ର, ଓଟଲ ନାରାୟଣ ପାତ୍ର, ଜନ୍ମେଜୟ ପାତ୍ର, ବି. ସତ୍ୟନାରାୟଣ ରାଓ, ଅକ୍ଷୟ ପାତ୍ର, ଆନନ୍ଦ ପାତ୍ର, ସନ୍ତୋଷ ପାତ୍ର, ପୁରୁଷୋତ୍ତମ ପାତ୍ର, ସୁରଜ ପାତ୍ର, ନନ୍ଦଲାଲ କମାଣୀ, ଗୁଣନିଧି ମେହେର, ଅଶୋକ ଭୂତ, ଅରକ୍ଷିତ ପାତ୍ର, ଭବାନୀ ଶଙ୍କର ପାତ୍ର, ସୁଦର୍ଶନ ପାତ୍ର ଓ ପ୍ରଦ୍ୟୁମ୍ନ ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଲ୍ୟ ବିବାହ ନିରାକରଣ, ନାରୀଶିକ୍ଷାକୁ ଗୁରୁତ୍ୱ

- ମେହେର ସମାଜର ଜିଲାସ୍ତରୀୟ ମହାସଭା
- ନବନିର୍ବାଚିତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

**ଜୁନାଗଡ,୧୮।୪(ଡି.ଏନ.ଏ.)**




ସଭାରେ ଜିଲା ସଭାପତି ଉଦ୍‌ବୋଧନ ଦେଉଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପଲାସ ଗ୍ରାମରେ ରବିବାର ସନ୍ଧ୍ୟାରେ ମେହେର ସମାଜର ଜିଲାସ୍ତରୀୟ ମହାସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦିଲୀପ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ମୁଖ୍ୟବକ୍ତା ପୂର୍ବତନ ବିଆରସିସି ଶ୍ରୀବତ୍ସ ମେହେର, ସମ୍ମାନିତ ଅତିଥି ଭାବେ ସମାଜର ନୂଆପଡା ଓ କଳାହାଣ୍ଡି ଜିଲା ଜୋନ୍ ଉପସଭାପତି ସନ୍ତୋଷ କୁମାର ମେହେର, ଜିଲା ଉପସଭାପତି ଗଙ୍ଗାଧର ମେହେର, ପିଆଇ କଲେଜ ଅଧକ୍ଷ ବିଭୁତି ଭୂଷଣ ମେହେର, ଡାକ୍ତର ଚୈତନ୍ୟ ମେହେର, ପୂର୍ବତନ ବ୍ଲକ ଅଧକ୍ଷ ମନୋଜ ମେହେର, ପଲାସ ଗ୍ରାମ୍ୟ କମିଟି ସଭାପତି ବନମାଳି ମେହେର, ଜିଲା କୋଷାଧ୍ୟକ୍ଷ ଗୋପୀନାଥ ମେହେର, ବଦାନ୍ୟ ବ୍ୟକ୍ତି ରାମେଶ୍ୱର ମେହେର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଭାରେ ସାମାଜିକ ଶୃଙ୍ଖଳା, ବିବାହ ଓ ନିର୍ବନ୍ଧ କାର୍ଯ୍ୟରେ ନିରାମିଶ ଭୋଜନ, ବାଲ୍ୟ ବିବାହ ନିରାକରଣ, ନାରୀ ଶିକ୍ଷା ଉପରେ ପ୍ରାଧାନ୍ୟ, ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସମାଜ ପକ୍ଷରୁ ବିବାହ ପାଇଁ ଆର୍ଥିକ ସହାୟତା ପ୍ରଦାନ ତଥା ଗଣବିବାହ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ପରେ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିବା ସମାଜର ନବନିର୍ବାଚିତ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ଜୁନାଗଡ ବ୍ଲକ ଅଧକ୍ଷା ସବିତା ମେହେର, ଚିର୍ଚିଗୁଡା ସରପଞ୍ଚ ପରମେଶ୍ୱର ମେହେର, ବଳଦିଆମାଳ ସରପଞ୍ଚ ଅର୍ଚ୍ଚନା ମେହେର, ସମିତିସଭ୍ୟ ପ୍ରକାଶ ମେହେର, ଦେଦର ସମିତିସଭ୍ୟା କମଳା ମେହେର ପ୍ରମୁଖ ରହିଥିଲେ। ସେହିପରି ସମାଜ ପାଇଁ ଗର୍ବ ଆଣିଥିବା ଧର୍ମଗଡର ଫେଶନ ଡିଜାଇନର ସୁଜିତ ମେହେର ଓ ଓଏସ୍ ପାଇଥିବା ଧିରଜ ମେହେରଙ୍କୁ ସମାଜ ପକ୍ଷରୁ ଉପଢୌକନ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରେ ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ପୁଣି ଥରେ ଦିଲୀପ ମେହେର ଜିଲା ସଭାପତି ହୋଇଥିବା ବେଳେ ଉପସଭାପତି ବନମାଳୀ ମେହେର, ସମ୍ପାଦକ ବିଦ୍ୟାଧର ମେହେର, ସହସମ୍ପାଦକ ସାନ୍ତନୁ ମେହେର, କୋଷାଧ୍ୟକ୍ଷ ସୁରେନ୍ଦ୍ର ମେହେର, ସଂଯୋଜକ ଚନ୍ଦ୍ରହାସ୍ୟ ମେହେର ପ୍ରମୁଖ ମନୋନୀତ ହୋଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୯ ଏପ୍ରିଲ, ୨୦୨୨

**ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ**

ଗୋଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ଭାରତ ପଡିଆ ଆମ୍ବତୋଟାଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧବାର୍ଷିକି ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ବ୍ଲକ ଜୋନ ୧ ଜିଲା ପରିଷଦ ସଭ୍ୟା ହେମାଙ୍ଗିନି ରାଉତ, ଦଶପୁର ଜୋନ ଜିଲା ପରିଷଦ ସଭ୍ୟା ସରିତା ମାଝି, ସରପଞ୍ଚ ସଂଘ ସଭାପତି ପୁରୁଷୋତ୍ତମ ରାଉତ, ବିଜେଡି ବ୍ଲକ ସଭାପତି ଦୟା ସାଗର ଚଲାନ, ଚେତନା ମାଝି, ମାନଝରୀ ସରପଞ୍ଚ ଜଗୁଜୀବନ ଅଗ୍ରିଆ, ମହେନ୍ଦ୍ର ମଙ୍ଗରାଜ, ନକୁଲ ବିଶି ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ତୋରଣ ପ୍ରତିଷ୍ଠା ସମାରୋହ ଉଦ୍‌ଯାପିତ

**ବରପାଲି,୧୮।୪(ଡି.ଏନ.ଏ):** ବରଗଡ଼ ଜିଲା ବରପାଲି କପିଳେଶ୍ୱର ମନ୍ଦିର ସମ୍ମୁଖରେ ନିର୍ମିତ ସୁଦୃଶ୍ୟ ତୋରଣ ପ୍ରତିଷ୍ଠା ସମାରୋହ ସୋମବାର ଉଦ୍‌ଯାପିତ ହୋଇଛି। ଶୀତଳଯାତ୍ରା କମିଟି ସଭାପତି ଆନନ୍ଦ ବାବୁ ପୂଜାରେ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ବିଜେଡ଼ି ନେତା ଲାଲ ବିକ୍ରମ ସିଂହ ଉପସ୍ଥିତ ଥିଲେ। ସେହିପରି ପାରାୟଣ କାର୍ଯ୍ୟମ ହୋଇଥିଲା। ଦୁଇଦିନ ଧରି ଚାଲିଥିବା ପ୍ରତିଷ୍ଠା ସମାରୋହରେ ବହୁସଂଖ୍ୟକ ଭକ୍ତ ଯୋଗଦାନ କରିଥିବାବେଳେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା।

### ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି

**ବରପାଲି,୧୮।୪(ଡି.ଏନ.ଏ)** ବରଗଡ଼ ଜିଲା ବରପାଲିରେ ୧୪୫ତମ ଶୀତଳଷଷ୍ଠୀ ପାର୍ବତୀ ବିବାହ ମହୋତ୍ସବ ପାଇଁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜଗନ୍ନାଥ ନଗର ଦୁର୍ଗା ମଣ୍ଡପରେ ଅନୁଷ୍ଠିତ ବୈଠକରେ କନ୍ୟାପିତା ମଳୟ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଆଡ଼ମ୍ବର ସହିତ ମହୋତ୍ସବ ପାଳନ ପାଇଁ ପରିଚାଳନା କମିଟି ଗଠିତ ହୋଇଥିଲା। ଏଥିରେ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ସଭାପତି, ଭୈରବ ମେହେର ଓ କୈଳାଶ ଗହୀର ଉପସଭାପତି, ଯଦୁମଣି ତ୍ରିପାଠୀ ସମ୍ପାଦକ, ସନ୍ତୋଷ ଗୁପ୍ତା ଓ ଅଜିତ ପ୍ରଧାନ ସହ ସମ୍ପାଦକ, ସଞ୍ଜୟ ଅଗ୍ରୱାଲ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ନରେନ୍ଦ୍ର ଅଗ୍ରୱାଲ, ଯଦୁମଣି ବିଶି, ଦିବାକର ପଟେଲ, ଏଥିନ୍ଦ୍ର ନାଥ ସେନ, ଗୋପାଳ ସାହୁ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ରହିଥିବା ବେଳେ ୨୧ଜଣ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଯଦୁମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସଙ୍ଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

**ସୋନପୁର, ୧୮।୪(ନି. ପ୍ର.):** ମହାନଦୀ ସାହିତ୍ୟ ସଂସଦ ପ୍ରେକ୍ଷାଳୟରେ ବରେଣ୍ୟ କଣ୍ଠଶିଳ୍ପୀ ସଙ୍ଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସୋମବାର ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନ ଉପସଭାପତି ଡକ୍ଟର ପୁରୁଷୋତ୍ତମ ମିଶ୍ର ଅଧ୍ୟକ୍ଷତା କରିଥିଲେ। କବି ବେଣୁଧର ପ୍ରଧାନ, ଲକ୍ଷ୍ମୀନାରାୟଣ ସାହୁ, ବନମାଳୀ ପଣ୍ଡା, ଯୁଧିଷ୍ଠିର ପଧାନ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା ସଂଯୋଜନା କରି ଅନୁଷ୍ଠାନ ସାଧାରଣ ସମ୍ପାଦକ ଡକ୍ଟର ସୌରଭ ରଞ୍ଜନ ଖମାରୀ କହିଥିଲେ ଯେ, ମହାନଦୀ ସାହିତ୍ୟ ସଂସଦ ସହିତ ପ୍ରଫୁଲ୍ଲ କରଙ୍କ ଘନିଷ୍ଠ ସଂପର୍କ ଥିଲା। ମହାନଦୀ ସାହିତ୍ୟ ସଂସଦର ଆମନ୍ତ୍ରଣକ୍ରମେ ସୁବର୍ଣ୍ଣପୁରକୁ ଆସି କର କହିଥିଲେ ପ୍ରକୃତରେ ମୁଁ କମଳ ଦେଶକୁ ଆସିଛି । ସୁବର୍ଣ୍ଣପୁର, ମହାନଦୀ ଓ ଜହ୍ନରାତିକୁ ଭେଟିଲା ପରେ ମୋତେ ଲାଗୁଛି ମୁଁ କମଳ ଦେଶର ନଈକୂଳରେ ଛିଡ଼ା ହୋଇଛି। ସୁବର୍ଣ୍ଣପୁର ମୋର ପ୍ରିୟ ସହର ମଧରୁ ଗୋଟିଏ । ଏ ସହର ବାରମ୍ବାର ମୋର ସ୍ମରଣରେ ରହିବ ବୋଲି କହିଥିଲ । ଶେଷରେ କଣ୍ଠଶିଳ୍ପୀ ସୁରେନ୍ଦ୍ର ମିଶ୍ର କଣ୍ଠଶିଳ୍ପୀ କରଙ୍କୁ ସ୍ମରଣ କରି ତାଙ୍କର ଏକ ଜନପ୍ରିୟ ଜଣାଣ ଭୁଜ ତଳେ ମୋତେ ରଖ ମହାବାହୁ ଗାନ କରିଥିଲେ।

### ଗଞ୍ଜେଇ ଚାଲାଣ ମାମଲା: ୩ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୧୮।୪(ସ୍ୱ.ପ୍ର):** ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ ଆନନ୍ଦ ନାରାୟଣ ମହାରଣା ଏକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ପ୍ରମାଣ ଅଭାବରୁ ୩ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ମୁତାବକ ଗତ ୧୧।୯।୨୦୧୪ ରେ ବୌଦ୍ଧ ବସଷ୍ଟାଣ୍ଡରୁ ୧୮ କିଲୋ ୪୩୦ ଗ୍ରାମ ଗଞ୍ଜେଇ ସହିତ ପୋଲିସ ବିରିଗଡ ଗ୍ରାମର ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ଗିରଫ କରିଥିଲା। ତଦନ୍ତ ପରେ ଅଭିଯୁକ୍ତ ପ୍ରକାଶର ବୟାନକୁ ଭିତ୍ତିକରି ପୋଲିସ ପକ୍ଷରୁ ଏହି ମାମଲାରେ ବାମଣ୍ଡା ଗ୍ରାମର ଅନନ୍ତ ମହାକୁଡ ଓ ଅଜିତ ମହାକୁଡଙ୍କ ନାମରେ ମାମଲା କରିଥିଲା। ଏନେଇ ବୌଦ୍ଧ ଥାନା କେସ ନମ୍ବର ୧୭୫/୧୪ରେ ମାମଲା ରୁଜୁ ହୋଇଥିଲା। ପରେ ଏହି ମାମଲାଟି ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ସ୍ପେଶାଲ କେସ ନମ୍ବର ୩୧/୧୪ ହୋଇ ବିଚାର କରାଯାଇଥିଲା। ସରକାରଙ୍କ ପକ୍ଷରୁ ୧୫ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ସୋମବାର ପ୍ରମାଣ ଅଭାବରୁ ଅଦାଲତ ୩ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାପଡିଛି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

# ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଅ

**ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ**


ପ୍ରଶାସନିକ ଅଧିକାରୀଙ୍କ ସହିତ ମାନବାଧିକାର କମିଶନ ଅଧ୍ୟକ୍ଷଙ୍କ ବୈଠକ ।

**ବରଗଡ଼ ଅଫିସ୍,୧୮।୪**

ଓଡ଼ିଶା ମାନବାଧିକାର କମିଶନର ଅଧ୍ୟକ୍ଷ ଜଷ୍ଟିସ୍ ବିଜୟକୃଷ୍ଣ ପଟେଲ ସୋମବାର ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ସେ ବିଭିନ୍ନ ସମାଜର ପ୍ରତିନିଧିଙ୍କ ସହିତ ସମସ୍ୟା ଉପରେ ଆଲୋଚନା କରିଥିଲେ। ୨୪ଘଣ୍ଟିଆ ଔଷଧ ଦୋକାନ ଖୋଲାଯିବା, ଆଉ ଗୋଟିଏ ମହାପ୍ରୟାଣ ଗାଡ଼ି, ଅସ୍ଥିଶଲ୍ୟ ଓ ନିଶ୍ଚେତକ ବିଶେଷଜ୍ଞ ନିଯୁକ୍ତି, ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ, ଆଉ ଗୋଟିଏ ଡାଏଲାସିସ୍ ୟୁନିଟ୍ ସ୍ଥାପନ, ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ସେହିପରି ଚାଷୀମାନଙ୍କ ପାଇଁ ଗୋଦାମ ଗୃହ, କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟ ବୃଦ୍ଧି, ଆଖୁଚାଷକୁ ପ୍ରାଧାନ୍ୟ ଦେଇ ଚିନିକଳକୁ କାର୍ଯ୍ୟକ୍ଷମ କରାଯିବା, ଶୀତଳ ଭଣ୍ଡାର ସ୍ଥାପନ, ଟ୍ରାଫିକ୍, ବିଦ୍ୟୁତ ବିଭ୍ରାଟ ଉପରେ ଉପସ୍ଥିତ ନାଗରିକମାନେ ଜଷ୍ଟିସ୍ ପଟେଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଲୋଚନରେ ବିଭିନ୍ନ ସଙ୍ଗଠନରୁ ଅଶ୍ୱିନୀ ତ୍ରିପାଠୀ, ଲିପ୍‌ସିତ ମିଶ୍ର, ହରିହର ପ୍ରଧାନ, କିଶୋର ଦେବତା, ଡା. ସୁସ୍ମିତା ଦାଶ, ସୁମନ ସାୱାଡ଼ିଆ, ଶ୍ୟାମସୁନ୍ଦର ଅଗ୍ରୱାଲ, ଦିଲୀପ ସାୱାଡ଼ିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହିତ ସେ ପୁଣି ଏକ ବୈଠକ କରି ଉକ୍ତ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା: ୧୨୨୩ ରୋଗୀ ଚିକିତ୍ସିତ

**ଅମରପାଲି,୧୮।୪(ଡି.ଏନ.ଏ)**

ଆଜାଦି କା ଅମୃତ ମହୋତ୍ସବ ଅବସରରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ସମିତି ସହାୟତାରେ ସୁବଳୟା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳ ବେଳା ସ୍ୱତନ୍ତ୍ର ଯୋଗ ଓ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ମେଳାର ବିଭିନ୍ନ ବିଭାଗରେ ୧୨୨୩ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଉଦ୍‌ଘାଟନ କରିଥିଲେ। ସମିତି ଉପାଧ୍ୟକ୍ଷ ନାରାୟଣ ଲୁହା, ଉପଜିଲାପାଳ ଅଶୋକ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର ଓ ସମିତି ସଭ୍ୟ ଲିଲି ମେହେର ଅତିଥିଭାବେ ଯୋଗ ଦେଇଥିଲେ । ଏଥିରେ ଭେଷଜ, ସ୍ତ୍ରୀ ଓ ପ୍ରସୂତୀ, ଶିଶୁ, ଦାନ୍ତ, ନାସା, କର୍ଣ୍ଣ, ଗଳା, ମ୍ୟାଲେରିଆ, ଯକ୍ଷ୍ମା ଆଦି ବିଭାଗରେ ବିଶେଷଜ୍ଞଙ୍କ ଦାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସକାଳ ୭ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିଲେ ମଧ୍ୟ ସିଡିଏମଓ ବହୁ ବିଳମ୍ବରେ ଆସିଥିବା ଦେଖିବାକୁ ମିଳିଥିଲା। ଜିଲାରେ ଦେଶର ସର୍ବାଧିକ ଗ୍ରୀଷ୍ମ ପ୍ରବାହ ହେଉଥିବା ବେଳେ ରୋଗୀମାନେ ଧୂଧୂ ଖରାରେ ଅକଥନୀୟ ଦୁର୍ଦ୍ଦଶା ଭୋଗିବା ଦେଖାଯାଇଥିଲା।


ସୁବଳୟା ସ୍ୱାସ୍ଥ୍ୟମେଳାରେ ମଞ୍ଚାସୀନ ଅତିଥି।

## ୫-ଟି ସଚିବଙ୍କୁ ଭେଟିଲେ ପୌରାଧ୍ୟକ୍ଷା


ବରଗଡ଼ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ୫-ଟି ସଚିବଙ୍କ ସହିତ ଆଲୋଚନା କରୁଛନ୍ତି ।

**ବରଗଡ଼ ଅଫିସ୍,୧୮।୪**

ବରଗଡ଼ ପୌର ପରିଷଦର ଅଧ୍ୟକ୍ଷା କଳ୍ପନା ମାଝି ଏବଂ ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଛନ୍ତି। ପୌରାଧ୍ୟକ୍ଷା ଏବଂ ଉପାଧ୍ୟକ୍ଷ ବରଗଡ଼ ପୌର ପରିଷଦର ବିଭିନ୍ନ ସମସ୍ୟା ନେଇ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବରଗଡ଼ ସହରର ସାମଗ୍ରିକ ବିକାଶକୁ ଆହୁରି ଗୁରୁତ୍ୱ ଦିଆଯିବ ବୋଲି ୫-ଟି ସଚିବ ନିର୍ଭର ପ୍ରତିଶ୍ରୁତି ଦେଇଥିବା ପୌରାଧ୍ୟକ୍ଷା ମାଝି ସୂଚନା ଦେଇଛନ୍ତି।

## ସାଇ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ

**ପାଇକମାଳ,୧୮।୪(ଡି.ଏନ.ଏ.)**

ସାମାଜିକ ନ୍ୟାୟ ପକ୍ଷ ପାଳନ ଅବସରରେ ପାଇକମାଳ ଭାଜପା ପକ୍ଷରୁ ସାଇ ମନ୍ଦିର ପରିସରରେ ସୋମବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମର ସଂଯୋଜକ ସତ୍ୟନାରାୟଣ ବେହେରାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ଜିଲା ଉପସଭାପତି ସରୋଜ ସାମଲ, ଗୋବର୍ଦ୍ଧନ ଅଗ୍ରୱାଲ, ସୁଶାନ୍ତ ନାଗ, ପାଇକମାଳ ସରପଞ୍ଚ ତୁଳାବତୀ ତାଣ୍ଡି, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ସିଂ ବରିହା, ଏମ୍‌ପି ପ୍ରତିନିଧି ବଳରାମ ସାହୁ ପ୍ରମୁଖ ଉପସ୍ଥିତ ରହି ଦଳର କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଯୋଗୀନ୍ଦ୍ର ଭୋଇ, ଧନସିଂ ତାଣ୍ଡି, ଶୁକଦେବ ପ୍ରଧାନ, ତପନ ବଢ଼େଇ, ଯୋଗୀ ପଟେଲ, ଲକ୍ଷ୍ମଣ ସେଠ, ଟିନୁ ଅଗ୍ରୱାଲ, ଲକ୍ଷ୍ମଣ ଜୈନ, ରବି ସାହୁ, ଧନୁର୍ଜ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ। ମଣ୍ଡଳ ସଭାପତି କୈଳାସ ଦିଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷକ ସଙ୍ଗଠନର ବାର୍ଷିକ ସଭା

**କାମଟିକ୍ରା,୧୮।୪(ଡି.ଏନ.ଏ)**

ଅତାବିରା ଏନ୍‌ଏସି ଅଧୀନ ଲାଦରପାଲି ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ରବିବାର ଓଡିଶା ରାଜ୍ୟ କୃଷକ ସଙ୍ଗଠନର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ସଭାପତିତ୍ୱ କରିଥିଲେ ସଙ୍ଗଠନ ସଭାପତି ବୀରେନ୍ଦ୍ର କର। ବରିଷ୍ଠ ଖବରଦାତା ରବି ଦାସ ମୁଖ୍ୟଅତିଥି, ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ କୀର୍ତ୍ତନ ବିଶ୍ୱାଳ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ସଙ୍ଗଠକ ଅମୂଲ୍ୟ କୁମାର ପତି, ସଫଳ ଚାଷୀ ଚକ୍ରଧର ପଧାନ, ଶିକ୍ଷାବିତ୍ ଭୋଜରାଜ ସ୍ୱାଇଁ, ମହିଳା ଛତୁଚାଷୀ ନୂଆଁଦେଇ ମହାକୁର, ସମାଜସେବୀ ବୀରେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମାଟ୍ରିକ୍ ଟପ୍ପର ଛାତ୍ର ରୋଶନ ବିଶିଙ୍କୁ ମେଧାବୃତ୍ତି ସମ୍ମାନ ଦିଆଯାଇଥିଲା। ସେହିପରି ସଙ୍ଗଠନର ବରିଷ୍ଠ ସଭ୍ୟ ବି. ପାପାରାଓ ଓ ବୁଦ୍ଧଦେବ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ସୁବାଷ ବିଶ୍ୱାଳ, ସୀତାରାମ ସାହୁ, ଅରୁଣ ପଧାନ, ସୁରେନ୍ଦ୍ର ସ୍ୱାଇଁ, ଜୟ ବାବୁ, ଆକାଶ ପଧାନ, ସୁରେଶ କର୍ଣ୍ଣ, ସୁରେନ୍ଦ୍ର କଠାର, ଦଶରଥ ଭୋଇ, ଭୁବନେଶ୍ୱର ପଧାନ, ସମୀର ପଧାନ, ଚୈତନ୍ୟ କର୍ଣ୍ଣ , ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଟିକେଲାଲ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମଞ୍ଚସ୍ଥ ହେଲା 'ସେତୁବନ୍ଧ' ପ୍ରତିଷ୍ଠା

**ବୌଦ୍ଧ ରାମଲୀଳା ଯାତ୍ରାର ଅଷ୍ଟମ ଦିବସ**

**ବୌଦ୍ଧ,୧୮।୪(ସ୍ୱ.ପ୍ର.)**

ବୌଦ୍ଧର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ସୋମବାର ଅଷ୍ଟମ ଦିବସରେ ମଞ୍ଚସ୍ଥ ହୋଇଛି ନାଟକ ସେତୁବନ୍ଧ ପ୍ରତିଷ୍ଠା। ମାତା ସୀତାଙ୍କ ସନ୍ଧାନରେ ସାତ ସମୁଦ୍ର ପାରି ହୋଇ ହନୁମାନ ଲଙ୍କାଗଡରେ ପହଞ୍ଚିବାପରେ ସେଠାରେ ଅଶୋକ ବାଟିକାରେ ସୀତାମାତାଙ୍କ ଦର୍ଶନ କରିଥିଲେ। ସୀତାଙ୍କଠାରୁ ସନ୍ତକ ଗ୍ରହଣ କରିବା ପରେ ଲଙ୍କା ଦହନ କରି ପୁଣିଥରେ ସାତ ସମୁଦ୍ର ପାରିହୋଇ ଶ୍ରୀରାମଙ୍କ ନିକଟରେ ସୀତାଙ୍କ ସନ୍ଦେଶ ପହଞ୍ଚାଇଥିଲେ। ଲଙ୍କାଗଡ ଜଳିପୋଡି ଧ୍ୱଂସ ହୋଇଯିବା ପରେ ବିଭୀଷଣ ବଡଭାଇ ରାବଣକୁ ବୁଝାଇବାକୁ ଉଦ୍ୟମ କରିଥିଲେ। ଶ୍ରୀରାମ ବିଷ୍ଣୁଙ୍କ ଅବତାର। ତେଣୁ ସୀତାଙ୍କୁ ସସମ୍ମାନେ ଫେରାଇ ଦେବାକୁ ନିବେଦନ କରିଥିଲେ। କିନ୍ତୁ ରାବଣ ଉତକ୍ଷିପ୍ତ ହୋଇ ବିଭୀଷଣଙ୍କୁ ଲଙ୍କାଗଡ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭୀଷଣ ଆସି ଶ୍ରୀରାମଙ୍କ ଶରଣ ନେବା ସହିତ ଲଙ୍କା ବିଜୟ ଓ ସୀତାଙ୍କୁ ଉଦ୍ଧାର ପାଇଁ ଯୋଜନା କରାଯାଇ ସେତୁବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପୌରାଣିକ କଥାବସ୍ତୁକୁ ଅନୁଷ୍ଠାନର କଳାକାରମାନେ ନିଖୁଣ ଭାବରେ ପ୍ରଦର୍ଶିତ କରିଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବାବେଳେ ଭବାନିଶଙ୍କର ମହାପାତ୍ର ନିର୍ଦ୍ଦେଶନା ଓ ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।


ରାମଲୀଳା ନାଟକର ଦୃଶ୍ୟ।

## ବରିଷ୍ଠ ବିଜେଡି ନେତାଙ୍କ ପରଲୋକ

**ବରଗଡ଼ ଅଫିସ୍,୧୮।୪**



ବରଗଡ଼ର ବରିଷ୍ଠ ବିଜେଡ଼ି ନେତା ପ୍ରଫୁଲ୍ଲ ଆଚାର୍ଯ୍ୟଙ୍କ ସୋମବାର ଦେହାନ୍ତ ହୋଇଛି। ତାଙ୍କୁ ୭୮ବର୍ଷ ହୋଇଥିଲା। ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନା ଯାଇଥିଲେ ଏବଂ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ପୁଣି ଘରକୁ ଫେରିଥିଲେ। ମାତ୍ର ଅପରାହ୍ନରେ ତାଙ୍କର ପରଲୋକ ଘଟିଥିଲା। ସେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟ ଏବଂ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ଭାଇ ଅଟନ୍ତି। ବରଗଡ଼ ରାଜନୀତିରେ ସାଙ୍ଗଠନିକ କ୍ଷେତ୍ରରେ ସ୍ୱର୍ଗତ ଆଚାର୍ଯ୍ୟଙ୍କ ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ପରଲୋକରେ ଏଠାରେ ଗଭୀର ଶୋକପ୍ରକାଶ ପାଇଛି। ରାଜ୍ୟସଭା ସଦସ୍ୟ ଆଚାର୍ଯ୍ୟଙ୍କ ସମେତ ପୁତୁରା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅନ୍ୟ ପରିବାର ଲୋକେ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ଆଚାର୍ଯ୍ୟଙ୍କ ଶେଷ ଦର୍ଶନ କରିଥିଲେ। ମଙ୍ଗଳବାର ସକାଳେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ସଂସ୍କାର ସ୍କୁଲରେ ଆଶିଷ ଉତ୍ସବ

**ବରଗଡ଼ ଅଫିସ୍,୧୮।୪**

ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ପୂର୍ବରୁ ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଆଶିଷ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ସାୱାଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁ, ବବିତା ସାୱାଡ଼ିଆ, ସ୍କୁଲର ପରିଚାଳନା କମିଟିର ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକବୃନ୍ଦ ଉପସ୍ଥିତ ଥିଲେ। ପରୀକ୍ଷା ପାଇଁ ଭଲ ଭାବେ ପ୍ରସ୍ତୁତ ହେବାକୁ ସମସ୍ତେ ପରାମର୍ଶ ଦେଇଥିବାବେଳେ ଛାତ୍ରୀଛାତ୍ର ସ୍କୁଲରେ ବିତାଇଥିବା ଦିନଗୁଡିକର ଅନୁଭୂତି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ମମତା ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।


ଆଶିଷ ଉତ୍ସବରେ ଜଣେ ଛାତ୍ରଙ୍କୁ ଉପହାର ପ୍ରଦାନ କରାଯାଉଛି ।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ବିନିକା,୧୮।୪(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାଗୃହରେ ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବୋଲୀ ସୁନୀଲ ନରୱଣେ ଓ ଏସ୍‌ପି ଅମରେଶ ପଣ୍ଡା ଶିବିରରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ଶୁଣାଣି କରିଥିଲେ। ଆଗତ ୨୨୦ ଅଭିଯୋଗରୁ ୨୧୩ ବ୍ୟକ୍ତିଗତ, ୬ ସାମୂହିକ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ସମ୍ପର୍କିତ ଗୋଟିଏ ଶୁଣାଣି ନିମନ୍ତେ ଗ୍ରହଣ ହୋଇଥିଲା। ସେଥିରୁ ୧୩୮ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ୮୩ ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ବିଭାଗୀୟ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି। ବିନିକା ବିଡିଓ ବ୍ୟାସଦେବ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ଡୋଳାମଣି ପୁଟେଲ, ଉପଜିଲାପାଳ ନିହାର ରଞ୍ଜନ କହଁର, ବିନିକା ତହସିଲଦାର ଓ ବ୍ଲକ ସ୍ତରୀୟ କର୍ମଚାରୀ ଯୋଗଦେଇଥିଲେ।



ଜନଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ନୂଆପଡ଼ା ଅଫିସ,୧୮।୪**

ନୂଆପଡା ସଦର ଥାନା ଅଧୀନ ନୂଆପଡା-ପତୋରା ରାସ୍ତା ଚଚରାଭଟାଠାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଚୁଲାଭାଟ ପଞ୍ଚାୟତ ସୁପଲି ଗାଁର ସୁରଜ କେଉଟ (୨୦)। ସୁରଜ କୌଣସି କାମ ପାଇଁ ନୂଆପଡା ଆସି ବାଇକ୍ (ନଂ.ସିଜି୦୬ ପିଏ-୧୮୮୮)ରେ ଘରକୁ ଫେରୁଥିଲେ। ସାରାବଙ୍ଗପଟୁ ଆସୁଥିବା ଅନ୍ୟ ଏକ ବାଇକ୍ ସହିତ ମୁହାଁମୁହିଁ ଧକ୍କା ଦେବାରୁ ୨ ବାଇକ୍ ଆରୋହୀ ଘଟଣାସ୍ଥଳରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ୩ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁରଜଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ବାଇକ୍‌ରେ ଥିବା ୨ଜଣ ଆହତ ହୋଇଥିବା ଜଣାପଡିଛି। ନୂଆପଡା ସଦର ଥାନା ପୋଲିସ ମୃତଦେହ ଜବତ କରି ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ଦେଇଛି।

## ଖାଦ୍ୟ, ପାଣି ଅନ୍ୱେଷଣରେ ବନ୍ୟପ୍ରାଣୀ ଗାଁମୁହାଁ

**ନୂଆପଡ଼ା ଅଫିସ,୧୮।୪**

ନୂଆପଡା ଜିଲାରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅତ୍ୟଧିକ ଗରମ ଯୋଗୁ ବନ୍ୟପ୍ରାଣୀମାନେ ଗାଁ ମୁହାଁ ହେବାରେ ଲାଗିଛନ୍ତି। ଚଳିତବର୍ଷ ସ୍ୱାଭାବିକ ବର୍ଷାଠାରୁ କମ କମ ବର୍ଷା ହୋଇଥିଲା। ଫଳରେ ବନ୍ଧ, ମୁଡା କିମ୍ବା ଚହଲା ଆଦିରେ ପାଣି ଭର୍ତ୍ତିହୋଇ ପାରିଲା ନାହିଁ। ଅତ୍ୟଧିକ ଗରମ ଯୋଗୁ ବନ୍ଧ, ମୁଡା, ଚହଲା ଆଦିରେ ପାଣି ଶୁଖି ଫାଟି ଆଁ କଲାଣି। ଖାଦ୍ୟ ଅନ୍ୱେଷଣ ଓ ପାଣି ବିକଳରେ ବନ୍ୟପ୍ରାଣୀ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଗଛଗୁଡ଼ିକରେ ନୂଆଁପତ୍ର ପାଇଁ ପତ୍ରଝଡା ହେଉଛି। ଆଦିବାସୀମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ନାଁରେ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବାରୁ ଜଙ୍ଗଲ ପୋଡି ସଫା ହୋଇଯାଉଛି। ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ବନ୍ୟପ୍ରାଣୀ ଭୟରେ ଜଙ୍ଗଲରୁ ଗାଁ ଅଞ୍ଚଳକୁ ଚାଲି ଆସୁଛନ୍ତି। ପାହାଡତଳି ଗାଁଗୁଡ଼ିକରେ ବାର୍ହା, ଭାଲୁ, ସମ୍ବର, ଠେକୁଆ, ମାଙ୍କଡ, କୋଟ୍ରା ଆଦି ବୁଲୁଥିବା ଲୋକେ ଦେଖିବାକୁ ପାଉଛନ୍ତି। ଶନିବାର କୋମନା ବ୍ଲକର ଧରମପୁର ଓ ଗୋହିରାପଦର ଗାଁ ପାଖ ଫୁଡେନନାଲା ପାଖରେ ୩ଟି ସମ୍ବର ରହିଥିବା ଲୋକେ ଦେଖି କୋମନା ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ସେହିପରି ଗୋଡାପାହାଡ ତଳି ଗାଁ ସିଆଲଲଟି, ଭାଲୁକୋନା, ଝିପାବାହାଲ, ବେଲାଦନା, ସିଲେଟପାଣି, ଦିଆମୁଣ୍ଡା, କୁସଦହନା, ମିଛାପାଲି, ବିଶିବାହାଲ, ଦେଓଦର୍ହା ଓ ଚାନ୍ଦେଲ ପାହାଡର ତଳି ଗାଁ ଠୁଟିବର, ଲୋହୋଣ୍ଡୋପାଲି, କାଲିମାଟି,ସାଲେଭଟା, କାମକେଡା, ସିହିନାମୁଣ୍ଡା, ନାଏକପଡା, ଭରୁଆମୁଣ୍ଡା (ଖ) ଆଦି ଗାଁ ଓ ପାଟପାଣି, ଅନୁପଗଡ, ଭରୁଆମୁଣ୍ଡା(କ) ଏବଂ ଘାଟିପଡା ଠାରେ ପ୍ରତିଦିନ ଦେଖିବାକୁ ମିଳୁଛି। କୋମନା ବନ ବିଭାଗର ହାତୀ ସ୍କ୍ୱାଡ୍‌ର ବୈକୁଣ୍ଠ କୁମ୍ଭାର, ଡିଙ୍ଗର ଭୋଇ, ଅରୁନ କୁମାର ଜଗତ, ପ୍ରେମସିଂ ମାଝି, ବିରବର ଅଡବଙ୍ଗ ସମେତ ଫରେଷ୍ଟର କ୍ଷମାନିଧି ଶବର, ଫରେଷ୍ଟ ଗାର୍ଡ ବିଜୁଳ ରାଉତ ରାୟ ପ୍ରମୁଖ ଜଙ୍ଗଲତଳି ଗାଁରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସଚେତନ କରିବା ସହିତ ଗାଁକୁ ଚାଲି ଆସିଥିବା ଜୀବଜନ୍ତୁକୁ ଜଙ୍ଗଲକୁ ଘଉଡାଇବାରେ ଲାଗିଛନ୍ତି ବୋଲି କୋମନା ବନ ବିଭାବ ରେଞ୍ଜର ଦେବଦତ ସୂତାର ପ୍ରକାଶ କରିଛନ୍ତି।

### ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୁଚିଣ୍ଡା,(ଡି.ଏନ.ଏ.): କୁଚିଣ୍ଡା ବ୍ଲକ କଲ୍ଲେଇପାଲି ରାଜୀବ ଗାନ୍ଧୀ ମେମୋରିଆଲ ଜୁନିୟର କଲେଜରେ ୧୧ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ତିଲେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କେଶାଇବାହାଲ ପିସିଆର କଲେଜ ଅଧକ୍ଷ ସରୋଜ କୁମାର ଦାସ ମୁଖ୍ୟଅତିଥି, ଅଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ସନାତନ ବିଶୋଇ, ଫକୀରମୋହନ ଦଣ୍ଡିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁନୀତା ଟପ୍ପୋ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ୫-ଟି ସଚିବଙ୍କୁ ଭେଟିଲେ ସୁନ୍ଦରଗଡ ପୌରଉପାଧ୍ୟକ୍ଷ



ସୁନ୍ଦରଗଡ,୧୮।୪ (ଡି.ଏନ୍.ଏ): ୫-ଟି ସଚିବ ବିକେ ପାଣ୍ଡିଆନଙ୍କୁ ସୁନ୍ଦରଗଡର ନବନିର୍ବାଚିତ ପୌରଉପାଧକ୍ଷ ଲଲାଟେନ୍ଦୁ ପରିଡା ସୋମବାର ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ବେଳେ ପୌର ଉପାଧକ୍ଷ ପରିଡା ସୁନ୍ଦରଗଡ ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ଆଲୋଚନା କରି ଏଗୁଡିକ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯିବା ନେଇ ଦାବିକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୁନ୍ଦରଗଡ଼ ସହରରେ ଚାଲିଥିବା ବୃହତ୍ତ ପ୍ରକଳ୍ପଗୁଡିକ ମଧ୍ୟରେ ୩୦କୋଟି ବ୍ୟୟ ଅଟକଳରେ ଚାଲିଥିବା ବିଜୁଳିବନ୍ଧ ୱାଟରପାର୍କ, ୨୭ କୋଟି ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ଷ୍ଟାଡିୟମ, ୫୫କୋଟି ବ୍ୟୟ ଅଟକଳରେ ଚାଲିଥିବା ମଡେଲ ବାଇପାସର ନିର୍ମାଣ କାର୍ଯ୍ୟ ଯଥାଶିଘ୍ର ସମ୍ପୂର୍ଣ୍ଣ କରାଯିବା, ସୁନ୍ଦରଗଡ଼ରେ ଓଡିଶାର ଦ୍ୱିତୀୟ ଏମସ ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିବା, ସୁନ୍ଦରଗଡବାସୀଙ୍କ ଜୀବନରେଖା କୁହାଯାଉଥିବା ଇବ୍ ନଦୀରେ ୪୯୨କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ୨ଟି ବ୍ୟାରେଜ୍ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ସୁନ୍ଦରଗଡର ଜଳସଙ୍କଟ ସମସ୍ୟାର ସମାଧାନ, ୪ଟି ବ୍ଲକକୁ ଜଳସେଚନର ସୁବିଧା ଯୋଗାଇ ଦେବାକୁ ଦାବି କରାଯାଇଛି। ସୁନ୍ଦରଗଡ ସହରରେ ୩୪କୋଟି ବ୍ୟୟ ଅଟକଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟ ସରିଥିଲେ ମଧ୍ୟ ପାରିପାର୍ଶ୍ୱିକ ଅଞ୍ଚଳରେ ଏହି ସୁବିଧା ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବା,ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ଡ୍ରେନେଜ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ନେଇ ଦାବି କରିଛନ୍ତି।

### ୧୫୩ ଭିନ୍ନକ୍ଷମ ଛାତ୍ରୀଛାତ୍ର ପାଇବେ ମାଟ୍ରିକ ପରୀକ୍ଷା ରିହାତି



ସୁନ୍ଦରଗଡ, ୧୮।୪ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ସମଗ୍ର ଶିକ୍ଷା ପକ୍ଷରୁ ଆବେଦନ ହୋଇଥିବା ୧୫୩ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ରିହାତି ପାଇଁ ମାଧମିକ ଶିକ୍ଷା ପରିଷଦ ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶାଳୟ ପକ୍ଷରୁ ଅନୁମୋଦନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ଉଦ୍ୟମ କ୍ରମେ ମାଧମିକ ଶିକ୍ଷା ପରିଷଦର ସହକାରୀ ନିର୍ଦ୍ଦେଶକ ସମ୍ବଲପୁର ଜୋନର ପତ୍ରାଙ୍କ ସଂଖ୍ୟା ୧୭୪୦/ତା୧୬।୪।୨୦୨୨ ଦ୍ୱାରା ଜିଲାର ୧୫୩ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ବିଭିନ୍ନ ପ୍ରକାର ରିହାତି ସୁବିଧା ପାଇବେ। ସୋମବାର ଏହି ଉପଲକ୍ଷେ ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଛାତ୍ରୀଛାତ୍ରଙ୍କୁ ଅନୁମୋଦନପତ୍ର ଓ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରସ୍ତୁତ ଚିହ୍ନଟୀକରଣ କିଟ୍ ବଣ୍ଟନ କରାଯାଇଛି। ସୁନ୍ଦରଗଡ ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ ଓ ସମସ୍ତ ବ୍ଲକ ସଂଯୋଜକ ଉପସ୍ଥିତ ଥିଲେ।

### ଜିଲା ଓକିଲସଂଘ କର୍ମଚାରୀଙ୍କ ବିୟୋଗରେ ଶୋକ

ସୁନ୍ଦରଗଡ,୧୮।୪(ଡି.ଏନ୍.ଏ):ସୁନ୍ଦରଗଡ଼ ଜିଲା ଓକିଲ ସଂଘର କର୍ମଚାରୀ ହଳଧର ନାଏକଙ୍କ ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୦ବର୍ଷ ବୟସ ହୋଇଥିଲା। ସେ ଗତ ୪୦ବର୍ଷରୁ ଉର୍ଦ୍ଧ୍ୱ ଓକିଲସଂଘର କର୍ମଚାରୀଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କରି ବିୟୋଗରେ ଜିଲା ଓକିଲସଂଘ ପକ୍ଷରୁ ସୋମବାର ଶୋକସଭା ଅନୁଷ୍ଠିତ ହୋଇଥିଲା। ଜିଲା ଓକିଲ ସଂଘର ସଭାପତି କମଳଲୋଚନ ସେନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାଶ, ଧର୍ମେଶ ପଟେଲ, କିଶୋରଚ ନାଏକ, ପ୍ରଦୀପ ମହାନ୍ତି, ନୀରଜ ସାମନ୍ତରା, ଅଶୋକ ସ୍ୱାଇଁ ପ୍ରମୁଖ ନାଏକଙ୍କ ସମର୍ପିତ କାର୍ଯ୍ୟଧାରାକୁ ସ୍ମୃତିଚାରଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ୬ଦିନ ବିତିଗଲାଣି ପ୍ରଶାସନର ଦେଖାନାହିଁ

### ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ବନ୍ଦ

କୁତ୍ରା, ୧୮।୪(ଡି.ଏନ.ଏ.)



ନିର୍ମାଣାଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବୁଢ଼ାକଟା ଗ୍ରାମରେ ନିର୍ମାଣ ହେଉଥିବା ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ବନ୍ଦ ଘଟଣାକୁ ଛ'ଦିନ ବିତିଗଲାଣି ତଥାପି ପ୍ରଶାସନର ଦେଖାନାହିଁ। ଜାଣିଶୁଣି ନିରବ ରହିଥିବା ଅଭିଯୋଗ ହେଉଛି। ଏହି ଆଦର୍ଶ ବିଦ୍ୟାଳୟ ପ୍ରଥମେ କୁତ୍ରା ବ୍ଲକ ଅନ୍ତର୍ଗତ ଝାନପାଲି ଗ୍ରାମରେ ହେବାର ଥିଲା। କିନ୍ତୁ ସେଠାରେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ କାର୍ଯ୍ୟବନ୍ଦ ହୋଇ ରହିଥିଲା। ପରେ ଜିଲା ପ୍ରଶାସନ ଆଦର୍ଶ ବିଦ୍ୟାଳୟ ପ୍ରୋଜେକ୍ଟଟି ବୁଢ଼ାକଟା ଗ୍ରାମରେ କରିବା ପାଇଁ ସ୍ଥିର କରିଥିଲେ। ତେବେ ସେଠାରେ ମଧ୍ୟ ଲୋକଙ୍କ ପ୍ରବଳ ବିରୋଧ ହୋଇଥିଲା। ପରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ପାଖରେ କିଛି ସର୍ତ୍ତ ରଖି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ପାଇଁ ରାଜି ହୋଇଥିଲେ। ଗ୍ରାମବାସୀଙ୍କର ସର୍ତ୍ତ ଥିଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବୁଢ଼ାକଟା ତଥା ବିରିଙ୍ଗାଟୋଳି ଗ୍ରାମପଞ୍ଚାୟତର ୧୦ପ୍ରତିଶତ ପିଲାଙ୍କ ପାଠପଢ଼ା ପାଇଁ ଅଗ୍ରାଧିକାର, ଉକ୍ତ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ବୁଢ଼ାକଟା ଗ୍ରାମରୁ ନିଯୁକ୍ତି ହେବା ସହିତ ଗ୍ରାମର ଖେଳ ପଡ଼ିଆର ଉନ୍ନତି କରଣ। ଏହାକୁ ସୁନ୍ଦରଗଡ଼ ଉପଜିଲାପାଳ ଅଭିମନ୍ୟୁ ବେହେରା ଗତ ୧୩ ଜାନୁଆରୀ ୨୦୨୦ରେ ଲିଖିତ ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ରାଜି ହୋଇଥିଲେ। ତେବେ ବର୍ତ୍ତମାନ ଚଳିତବର୍ଷ ୨୦୨୨ରେ ପ୍ରଥମ କରି କୁତ୍ରା ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନାମ ଲେଖା ପ୍ରକ୍ରିୟା ଆରମ୍ଭ କରାଯାଇ ମେରିଟ୍ ତାଲିକା ପ୍ରକାଶ ପରେ ଗ୍ରାମର ପିଲାଙ୍କୁ ଅଣଦେଖା କରାଯିବାରୁ ସ୍ଥାନୀୟ ଗ୍ରାମବାସୀ ମିଳିତ ଭାବେ ଉପଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଉପଜିଲାପାଳ ସେମାନଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ତେବେ ସେଠାରେ ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ତ ଦୂରର କଥା ଉପଜିଲାପାଳ ଲିଖିତ ଭାବେ ଦେଇଥିବା ପ୍ରତିଶ୍ରୁତିର କୌଣସି ମୂଲ୍ୟ ନାହିଁ କହି ତାଙ୍କୁ ଫେରାଇ ଦେଇଥିବାର ଗଣମାଧ୍ୟମ ଆଗରେ ଗତ ୧୩ ତାରିଖ ଅଭିଯୋଗ କରିଛନ୍ତି। ଏହା ସହିତ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ପ୍ରଶାସନ ତାଙ୍କ କଥା ନ ଶୁଣିଛି ସେତେଦିନ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ ବୋଲି କହିଛନ୍ତି ଗ୍ରାମବାସୀ। ପ୍ରଶାସନ ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ରକ୍ଷା ନ କରି ଲୋକଙ୍କ ପାଖରୁ ଆସ୍ଥା ତୁଟାଉଥିବା କହିଛନ୍ତି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ସ୍ଥିତି ଆହୁରି ଭୟଙ୍କର ହେବା ସହିତ ପ୍ରଶାସନକୁ କୌଣସି କାର୍ଯ୍ୟରେ ସହଯୋଗ କରିବେନି ବୋଲି କହିଛନ୍ତି।

### ବନ୍ଧୁକ ଦେଖାଇ ଲୁଟି ନେଲେ ୫୦ ହଜାର

କୁତ୍ରା, ୧୮।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଡାହିଜିରା ଜଉରାମୁଣ୍ଡା ରାସ୍ତାରେ ବନ୍ଧୁକ ଦେଖାଇ ଜଣେ ବ୍ୟବସାୟିଙ୍କ ପାଖରୁ ୩ ଯୁବକ ୫୦ ହଜାର ଟଙ୍କା ଓ ୨ ଟି ମୋବାଇଲ ଲୁଟି ନେଇଥିବା ଜଣାପଡିଛି। ବଲିଆକାନି ଗ୍ରାମର ବିକ୍ରମ ମାଝୀ କୁତ୍ରା ମାର୍କେଟରେ ଏକ ଆଲମିରା ଦୋକାନ କରିଛନ୍ତି। ପ୍ରତିଦିନ ପରି ସୋମବାର ସନ୍ଧ୍ୟାରେ ଦୋକାନ ବନ୍ଦକରି କୁତ୍ରାରୁ ୧୨ କିଲୋମିଟର ଦୂରରେ ଥିବା ନିଜ ଘରକୁ ବାଇକ ଯୋଗେ ଏକୁଟିଆ ଫେରୁଥିଲେ। ଡାହିଜିରା ଜଉରାମୁଣ୍ଡା ରାସ୍ତା ମଝିରେ ରାସ୍ତା ଅବରୋଧ କରି ୩ ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ପରେ ବନ୍ଧୁକ ମୂନରେ ଧମକ ଦେଇ ସେଠାରୁ ବାଇକରେ ବସାଇ ରାସ୍ତା କଡର ଏକ ନିଛାଟିଆ ସ୍ଥାନକୁ ନେଇ ଧମକ ଚମକ ଦେଇ ସେ ଧରିଥିବା ପ୍ରାୟ ୫୦ ହଜାର ଟଙ୍କା ଏବଂ ୨ଟି ମୋବାଇଲ ଲୁଟି ନେଇ ପଲସର ବାଇକ ଯୋଗେ ୩ ଜଣ ଲୁଟେରା ଫେରାର ହୋଇଯାଇଥିଲେ। ଲୁଟେରାମାନଙ୍କ ମଧ୍ୟରେ ଜଣେ ହେଲମେଟ ପିନ୍ଧିଥିବା ବେଳେ ଅନ୍ୟ ୨ ଜଣ ମୁହଁକୁ ଘୋଡାଇ ରଖିଥିଲେ। ପରେ ବିକ୍ରମ କୁତ୍ରା ଥାନାକୁ ଆସି ଏନେଇ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଛି।

# ନକଲି ବିଦେଶୀ ମଦ, ଷ୍ଟିକର, ଖାଲି ବୋତଲ ଜବତ



ନକଲି ମଦ ଓ ଗିରଫ ବ୍ୟକ୍ତିଙ୍କ ସହ ଅବକାରୀ ବିଭାଗର କର୍ମଚାରୀ।

ଲହୁଣୀପଡ଼ା, ୧୮।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଅବକାରୀ ବିଭାଗ ପକ୍ଷରୁ ସୋମବାର ଚାନ୍ଦିପୋଷ ଥାନା ଅନ୍ତର୍ଗତ ପିତାଗାଁଠାରେ ବେନିୟମ ଭାବେ ଚାଲିଥିବା ନକଲି ବିଦେଶୀ ମଦ କାରଖାନା ଉପରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ନକଲି ବିଦେଶୀ ମଦ, ଷ୍ଟିକର, ଖାଲି ବୋତଲ ଠିପି ଜବତ କରାଯାଇଛି। ଏହା ସହିତ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ଚାନ୍ଦିପୋଷ ଥାନା ଅନ୍ତର୍ଗତ ପିତାଗାଁଠାରେ ମାଗା ତିର୍କୀ ଏକ ନକଲି ବିଦେଶୀ ମଦ କାରଖାନା ଚଳାଉଥିବା ଖବର ପାଇ ଲହୁଣୀପଡ଼ା ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢାଉ କରାଯାଇଥିଲା। ନକଲି ମଦ ୮୬ ଲିଟର, ନକଲି ସିଲ୍ ୬୯୨, ମଦ ତିଆରି ଲେବୁଲ ୧୯୫୦, ଖାଲି ବୋତଲ ୧୧୫ ଜବତ କରିଥିଲେ। ପିତାଗାଁର ମାଗା ତିର୍କୀ ବିଦେଶୀ ମଦ ରାଜ୍ୟ ବାହାରୁ କମ ଦାମ୍‌ରେ ଆଣି ଏଠାରେ ଦାମୀ ଲେବୁଲ ଲଗାଇ ବିକ୍ରି କରୁଥିଲେ। ସେ ଛୋଟବଡ ଖାଲି ବୋତଲ ସଂଗ୍ରହ କରି ରାଜ୍ୟ ବାହାରୁ ଆଣିଥିବା ବିଦେଶୀ ମଦକୁ ଏଠାରେ ନକଲି ମଦ ତିଆରି କରିବା ସହିତ ସେଠାରେ ନୂତନ ଭାବେ ଲେବୁଲ ଲଗାଇ ବିକ୍ରି କରୁଥିଲେ। ରାଉରକେଲା ଅବକାରୀ ବିଭାଗର ଅଧୀକ୍ଷକ ଆସିଫ ଅଲ୍ଲୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଲହୁଣୀପଡ଼ା ଅବକାରୀ ବିଭାଗ ଅଧିକାରୀ ଶ୍ରୀକାନ୍ତ ପଟ୍ଟନାୟକ, ଏଏସଆଇ ଅବଦୁଲ ଅନୱର, ଉଗ୍ରସେନ ବେହେରା, ପଞ୍ଚାନନ ଜେନା, ଘନଶ୍ୟାମ ମାହାନ୍ତ, କୁମାରୀ ପ୍ରଧାନ, ବିଦ୍ୟାଧର ସାହୁ, ବିକାଶ ରଞ୍ଜନ ମାହାନ୍ତ, ହେମ ମଞ୍ଜରୀ ବିଶ୍ୱାଳ, ସୟମ ସୁଧା ସାହୁ ପ୍ରମୁଖ ସାମିଲ ହୋଇ ଚଢାଉ କରିଥିଲେ।

### କଂଗ୍ରେସକୁ ତୃଣମୂଳ ସ୍ତରରେ ସୁଦୃଢ଼ ପାଇଁ ଆହ୍ୱାନ

ରାଉରକେଲା ଅଫିସ,୧୮।୪

ଜର୍ଜ ତିର୍କୀଙ୍କୁ ଠିକ୍ ପଦ ମିଳିଥିଲା । କିନ୍ତୁ ସେ ତାର ସଦୁପଯୋଗ ନ କରି ଦଳକୁ ଦୋଷ ଦେବା ଭୁଲ ବୋଲି ଉଦିତନଗର ସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସର ସାଧାରଣ ସମ୍ପାଦକ ରବି ରାୟ ମତ ପ୍ରକାଶ କରିଛନ୍ତି। ଦଳର ନୀତି ଆଦର୍ଶ ଭୁଲି ଜର୍ଜ ନିଜ ଇଚ୍ଛା ଅନୁସାରେ କାମ କରି ଆଜି ଦଳକୁ ଦୋଷ ଦେଇ ନିଜେ ଇସ୍ତଫା ଦେଇଛନ୍ତି। କୁଆଁରମୁଣ୍ଡା ଓ ବୀରମିତ୍ରପୁର ହେଉଛି ଜର୍ଜଙ୍କ ଗଡ। ସେଠାରେ ଜର୍ଜ ଚଳିତ ନିର୍ବାଚନରେ ପ୍ରାର୍ଥୀ ଦେଇ ମଧ୍ୟ ପରାଜୟର ସମ୍ମୁଖୀନ ହୋଇଛନ୍ତି। ବର୍ତ୍ତମାନ ଦଳରେ ଯେଉଁ ସବୁ ସମସ୍ୟା ଉପୁଜିଛି ତାହା ଆଗାମୀ ଦିନରେ ନ ଘଟିବା ପାଇଁ ସମସ୍ତ କର୍ମକର୍ତ୍ତା ଏକତିତ୍ର ହୋଇ ତୃଣମୂଳ ସ୍ତରରେ କାମ କରି ଜିଲା କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ରାୟ ଆହ୍ୱାନ ଦେଇଥିଲେ। ଜର୍ଜ ଦୁଇବର୍ଷ ଧରି ଜିଲା କଂଗ୍ରେସ ସଭାପତି ଦାୟିତ୍ୱରେ ଥିବାବେଳେ ଦଳର ବରିଷ୍ଠ କର୍ମୀମାନଙ୍କୁ ସାଙ୍ଗରେ ନ ନେଇ କାର୍ଯ୍ୟ କରିବାରୁ ଜିଲା କଂଗ୍ରେସରେ ବିଶୃଙ୍ଖଳା ଦେଖିବାକୁ ମିଳିଥିଲା ବୋଲି ରାଉରକେଲା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର କହିଥିଲେ। ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ସୋମନାଥ ପଣ୍ଡା, ବରିୟନ ସିଂହ, ମାନୁ ସାମଲ, ଆର. ପି ସିଂହ, ଦୀନବନ୍ଧୁ ଭୋଳ, ଶେଖ ଫିରଦୋସ୍, ଗୀତା ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜର୍ଜ ତିର୍କୀଙ୍କୁ ପଚାରିବାରୁ ସେ କହିଥିଲେ, କଂଗ୍ରେସ ଦଳରେ କୌଣସି ଶୃଙ୍ଖଳା ନାହିଁ। ଆଜି ଯେଉଁମାନେ ଖବରଦାତା ସମ୍ମିଳନୀ କରିଛନ୍ତି ସେମାନେ ଦଳବିରୋଧୀ କାମରେ ଲିପ୍ତ ଥିଲେ। ମୁଁ କଂଗ୍ରେସ ସଭାପତି ଥିବାବେଳେ ଦଳ ବିରୋଧୀ କାମ କରୁଥିବା ୬ ଜଣଙ୍କ ନାମରେ ପିସିସିକୁ ଲେଖି ଅବଗତ କରାଇଥିଲି। ଏହା ଉପରେ ଦଳ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଇ ବରଂ ରବି ରାୟଙ୍କୁ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ମନୋନିତ କରାଯାଇଥିଲା। ମୋତେ ଦଳ ଅଣଦେଖା କରିବାରୁ ମୁଁ ସ୍ୱଇଚ୍ଛାରେ ଇସ୍ତଫା ଦେଇଛି। ବର୍ତ୍ତମାନ ମୁଁ କୌଣସି ଦଳରେ ନାହିଁ ବୋଲି ତିର୍କୀ କହିଛନ୍ତି।

### ଟ୍ରକକୁ ଧକ୍କା ଦେଲା ଅଟୋ: ଜଣେ ମୃତ

ଲହୁଣୀପଡ଼ା,୧୮।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଯୋଡ଼ାବନ୍ଧ ନିକଟରେ ଏକ ଅଟୋ ଟ୍ରକକୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଲହୁଣୀପଡ଼ା ବ୍ଲକ ଦର୍ଜାଂ ପଞ୍ଚାୟତ ଗହମି ଗ୍ରାମର ସମା ମୁଣ୍ଡାଙ୍କ ପୁଅ ମଦନ ମୁଣ୍ଡା(୨୦) ଓଡ଼ି ୧୪ ଏନ୍ ୬୫୮୧ ମାଲବାହୀ ଅଟୋ ଯୋଗେ ରାଉରକେଲାରୁ ରାସନ ନେଇ ନିଜ ଗ୍ରାମକୁ ଫେରୁଥିଲେ। ଯୋଡ଼ାବନ୍ଧ ନିକଟସ୍ଥ ରାସ୍ତା କଡରେ ଛିଡା ହୋଇଥିବା ଓଡ଼ି– ୩୫ଇ – ୪୬୭୯ ନମ୍ବର ଟ୍ରକକୁ ଶକ୍ତ ଧକ୍କା ଦେଇ ଓଲଟି ପଡ଼ିଥିଲା। ଫଳରେ ଅଟୋରେ ବସିଥିବା ମଦନ ମୁଣ୍ଡା ଛିଟିକି ପଡିଥିଲେ। ତାଙ୍କୁ ସେହି ଅଟୋଟି ଚାପି ଦେବାରୁ କିଛି ସମୟ ପରେ ମୃତ୍ୟୁ ଘଟିଥିଲା। ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋ ଟ୍ରକକୁ ଜବତ କରି ଥାନାକୁ ଆଣିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇବା ସହିତ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

# ଆରଏମ୍‌ସି ସମ୍ମୁଖରେ ମହିଳା ସଂଘର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା ଅଫିସ,୧୮।୪



ମହିଳା ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ସମ୍ମୁଖରେ ଗାଢ଼ାଟୋଲା ଭାଗ୍ୟଲକ୍ଷ୍ମୀ ମହିଳା ମହାସଂଘ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆରଏମ୍‌ସି ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଉନ୍ନତି କାମ ପାଇଁ ସୋସିଆଲ ଡେଭଲପ୍‌ମେଣ୍ଟ ଏରିଆ(ଏସ୍‌ଡିଏ) ଗଠନ କରାଯାଇଛି। ଗାଢ଼ାଟୋଲା ଅଞ୍ଚଳରେ ୧୦ଟି ଏସ୍‌ଏଚ୍‌ଜିକୁ ନେଇ ଭାଗ୍ୟଲକ୍ଷ୍ମୀ ମହିଳା ମହାସଂଘ ଗଠିତ ହୋଇଛି। ଏହି ମହାସଂଘ ଦୀର୍ଘବର୍ଷ ଧରି ଉକ୍ତ ଅଞ୍ଚଳରେ ବହୁ କାର୍ଯ୍ୟ କରିଆସିଥିଲେ ସୁଦ୍ଧା ଆରଏମ୍‌ସି ପକ୍ଷରୁ ଉକ୍ତ ସଙ୍ଗଠନକୁ କୌଣସି କାମ ଦିଆଯାଉନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ମହିଳା ସଂଘ ପକ୍ଷରୁ ରାଉରକେଲା ମହାନଗର ନିଗମ କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ସଂଘ ସଭାପତି ସୌଭାଗ୍ୟ ଲକ୍ଷ୍ମୀ, ସୋମାରି ଜୟପୁରିଆ, ମେରିୟମ ମୁଣ୍ଡା, ରାଜକୁମାରୀ ଯାଦବ, ଦିଲୀପ ନାୟକ, ସୁନିତା ଅନସାରୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବଡ଼ଗାଁରେ ରାମଲୀଳା ଯାତ୍ରା

### ଅଷ୍ଟମ ରଜନୀରେ ସୀତା ଚୋରି ଅଭିନୀତ

ବଡ଼ଗାଁ, ୧୮।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରାର ଅଷ୍ଟମ ରଜନୀରେ ଖର, ଦୂଷଣ, ତ୍ରୀଶିରା ବଧ ଓ ସୀତାଙ୍କୁ ଅପହରଣ ବିଷୟବସ୍ତୁ ଉପରେ କଳାକାରମାନେ ଅଭିନୟ ପ୍ରଦର୍ଶନ କରିଥଲେ। ଲକ୍ଷ୍ମଣ, ସୂପନଖାର ନାଶା ଛେଦନ କଲାପରେ ସୂପନଖାର ଭାଇ ଖର, ଦୂଷଣ, ତ୍ରୀଶିରା ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କ ସହିତ ଯୁଦ୍ଧ କରି ନିହତ ହୋଇଥିଲେ। ଏହାପରେ ପରାକ୍ରମୀ ରାବଣ ସଭା ଡ଼କାଇଥିଲେ। ସଭାରେ ମନ୍ତ୍ରୀ ପରିଷଦ ସହ ମନ୍ତ୍ରଣା କରି ମାରୀଚକୁ ମାୟା ମୃଗ ହୋଇ ସୀତାଙ୍କ କୁଟୀର ନିକଟରେ ଦେଖାଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାରୀଚ ମାୟା ମୃଗ ହୋଇ ସୀତାଙ୍କ କୁଟୀର ନିକଟରେ ବିଚରଣ କରିଥଲେ। ସୀତା ସ୍ୱର୍ଣ୍ଣ ମୃଗ ଦେଖି ରାମଙ୍କୁ ଧରିଆଣିବା ପାଇଁ କହିବାରୁ ରାମଚନ୍ଦ୍ର ମୃଗକୁ ଧରିବା ପାଇଁ ଚାଲିଯାଇଥିଲେ। ରାମଙ୍କ ତୀର ବାଜିବାରୁ ମାରୀଚ ତ୍ରାହି ଲକ୍ଷ୍ମଣ ଡାକ ଦେଇଥିଲେ। ଏହାଶୁଣି ସୀତା ରାମ ବିପଦରେ ପଡ଼ିଥିବା ଆଶଙ୍କା କରି ଲକ୍ଷ୍ମଣଙ୍କୁ ଯିବାପାଇଁ କହିଥିଲେ। ଲକ୍ଷ୍ମଣ ଯିବାକୁ ମନା କରିବାରୁ ସୀତା କଟୁବାକ୍ୟ କହି ଯିବାକୁ ବାଧ୍ୟ କରିଥିଲେ। ଲକ୍ଷ୍ମଣ କୁଟୀର ସମ୍ମୁଖରେ ତିନିଟି ଗାର ଟାଣି ଜଙ୍ଗଲ ଅଭିମୁଖେ ଚାଲିଯାଇଥିଲେ। ଏହି ସମୟରେ ଜତି ବେଶରେ ରାବଣ ସୀତାଙ୍କ କୁଟୀରକୁ ଆସି ଭିକ୍ଷା ମାଗିଥିଲେ ଓ ଭିକ୍ଷା ଦେଲାବେଳେ ଅପହରଣ କରି ନେଇଯାଇଥିଲେ। ଏହି ବିଷୟବସ୍ତୁ ଉପରେ କଳାକାରମାନେ ନିଖୁଣ ଅଭିନୟ ପ୍ରଦର୍ଶନ କରିଥଲେ। ରାବଣ ଭୂମିକାରେ ବିଟୁ ନାୟକ, ଜତି ରାବଣ ଭୂମିକାରେ ବ୍ରହ୍ମାନନ୍ଦ ପାଣିଗ୍ରାହୀ, ଇନ୍ଦ୍ରଜିତ ଭୂମିକାରେ ମୁନୁ ଦାସ, ତରଣିସେନ ଭୂମିକାରେ ସୋନୁ ଦାସ, ଅକ୍ଷୟ କୁମାର ଭୂମିକାରେ ବୁଲୁ ସା, ଖର, ଦୂଷଣ, ତ୍ରୀଶିରା ଭୂମିକାରେ ପିକଲୁ ପାଣିଗ୍ରାହୀ, ନନ୍ଦୁ ସା, ସୁବୋଧ ସାହୁ ଅଭିନୟ ପ୍ରଦର୍ଶନ କରିଥଲେ।

### ବୀରମିତ୍ରପୁରରେ ସାରହୁଲ ପୂଜା ଧୁମ୍‌ଧାମରେ ପାଳିତ

କୁଆଁରମୁଣ୍ଡା,୧୮।୪(ଡି.ଏନ.ଏ)

ଆଦିବାସୀଙ୍କର ସାରହୁଲ (ଖାଦି) ପୂଜା ବିଭିନ୍ନ ଅଞ୍ଚଳରେ ପାଳିତ ହୋଇଯାଇଛି। କୁଆଁରମୁଣ୍ଡା ମୂଳି ପାଡ଼ହା ଆନୁକୂଲ୍ୟରେ ବୀରମିତ୍ରପୁର ଜଗନ୍ନାଥ ବାଟିକା ପଡିଆରେ ଶନିବାର ଧୁମଧାମରେ ପାଳିତ ହୋଇଯାଇଛି। କୁଆଁରମୁଣ୍ଡା ମୂଳି ପାଡହା ବେଲ୍ ବାରିଆ ବେକ୍, ଦେୱାନ ବସନ୍ତ ଓରାମଙ୍କ ପୌରୋହିତ୍ୟରେ ଏହି ସମାରୋହରେ ୭୦ଟି ଗ୍ରାମର ପାଡହାପ୍ରେମୀମାନେ ଅଂଶଗ୍ରହଣ କରି ପାରମ୍ପରିକ ପୂଜାରେ ସାମିଲ ହୋଇଥିଲେ। ବିଭିନ୍ନ ଆଦିବାସୀ ନୃତ୍ୟ, ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ପୌରପାଳିକା ଅଧକ୍ଷ ସନ୍ଦୀପ ମିଶ୍ର ଯୋଗଦେଇ ଆଦିବାସୀଙ୍କ ଏହି ପର୍ବ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଉପଦେୱାନ ବିକ୍ରମ ଓରାମ, ରକମ ଉର୍ବାସ ଛାୟା ଟିଗ୍ଗା, କଟୱାର ଅର୍ଜୁନ ତିର୍କୀ, ସୁନିଲ ଖେସ୍ ପ୍ରମୁଖ ଉପସ୍ଥିତ ଥିଲେ।

### 'ଗୁଡ ଇଭ୍‌ନିଂ ଦେବଗଡ଼'ଶୁଭାରମ୍ଭ

# ନୃତ୍ୟ,ସଙ୍ଗୀତର ଅଭିନବ କାର୍ଯ୍ୟକ୍ରମ

ଦେବଗଡ଼,୧୮।୪(ଡି.ଏନ୍..)



ଗୁଡ ଇଭ୍‌ନିଂ ଦେବଗଡ' କାର୍ଯ୍ୟକ୍ରମରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ଆଗାମୀ ୨୭ରୁ ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେବ 'ଉତ୍ସବ ପ୍ରଧାନପାଟ'। ଏଥିସହ ନିକଟସ୍ଥ ପଡିଆ ଏବଂ ରାସ୍ତାକଡରେ ଆୟୋଜିତ ହେବ ଆକର୍ଷଣୀୟ 'ପଲ୍ଲୀଶ୍ରୀ ମେଳା'। ଏହି ଉତ୍ସବ ଏବଂ ପଲ୍ଲୀଶ୍ରୀ ମେଳାକୁ ଜନାଦୃତ ଏବଂ ଲୋକାଭିମୁଖି କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ 'ଗୁଡ ଇଭ୍‌ନିଂ ଦେବଗଡ' ନାମରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ 'ଆଇ ଲଭ ଦେବଗଡ ପଏଣ୍ଟ'ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେବଗଡ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ନୃତ୍ୟ, ସଙ୍ଗୀତ ଏବଂ ସାଂସ୍କୃତିକ ଅନୁଷ୍ଠାନର କଳାକାର, ନୃତ୍ୟ ଦଳ ଅଂଶଗ୍ରହଣ କରି ଚିତ୍ତାକର୍ଷକ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହଜାର ହଜାର ଜନସାଧାରଣଙ୍କ ସମେତ ଡେପୁଟି କଲେକ୍ଟର କୈବଲ୍ୟ କିଶୋର କର, ସୁଶାନ୍ତ କୁମାର ନାୟକ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ସରକାରୀ କର୍ମଚାରୀ, ବୁଦ୍ଧିଜୀବୀ ଓ କଳା ସଂସ୍କୃତି ପ୍ରେମୀ ମନଭରି ଉପଭୋଗ କରୁଥିବା ବହୁ ଦେଖିବାକୁ ମିଳିଥିଲା । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜନ୍ମେଜୟ ନାୟକ, ଉପେନ୍ଦ୍ର ଭଞ୍ଜ, ଅବନୀକାନ୍ତ ମିଶ୍ର, ବଂଶୀଧର ସାହୁ, ପ୍ରିତମ କୁମାର ବେହେରା ଓ ଶିବାଶିଷ ଝାଙ୍କର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଆଗାମୀ ଶନିବାର ସନ୍ଧ୍ୟାରେ ମଧ୍ୟ ସେଠାରେ ଅନୁରୂପ 'ଗୁଡ ଇଭିନିଂ ଦେବଗଡ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ରହିଛି। ରବିବାର ଦିନଠାରୁ ଜିଲା ପ୍ରଶାସନ ପକ୍ଷରୁ ପୂର୍ବ ଭଳି 'ବାଟେଘାଟେ'କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ। ଜନସାଧାରଣଙ୍କୁ ପ୍ରଶାସନର ନିକଟତର କରିବା ଲକ୍ଷ୍ୟରେ ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରତ୍ୟେକ ରବିବାର 'ବାଟେଘାଟେ'ଆୟୋଜିତ ହେଉଥିଲା। କରୋନା କଟକଣା ଯୋଗୁଁ ଦୀର୍ଘଦିନ ଧରି ବନ୍ଦ ରହିଥିଲା। ଏହି କାର୍ଯ୍ୟକ୍ରମ ପୁଣିଥରେ ଆରମ୍ଭ ହେବାକୁ ଯାଉଥିବାରୁ ଜିଲାର ଶିଶୁ ଠାରୁ ଆରମ୍ଭ କରି ଯୁବ ବର୍ଗ ଏବଂ ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି।

## ରେଳ ମଣ୍ଡଳରେ ଆମ୍ବେଡକରଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,(ବ୍ୟୁରୋ): ଡ. ବାବା ସାହେବ ଭୀମରାଓ ରାମଜୀ ଆମ୍ବେଡକରଙ୍କ ୧୩୧ତମ ଜନ୍ମ ବାର୍ଷିକୀ ସୋମବାର ସମ୍ବଲପୁର ରେଳ ମଣ୍ଡଳ ସଭାଗୃହଠାରେ ପାଳିତ ହୋଇଯାଇଛି । ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଯୋଗଦେଇ ବାବା ସାହେବଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହାସହ ବାବା ସାହେବଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହେବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ କାର୍ମିକ ଅଧିକାରୀ ଜୁସୁଫ ମବରୀ ଅଂସାରୀ କରିଚାଳନା କରିଥିଲେ ।

## ସଂକ୍ଷେପରେ

### ଦୁର୍ଘଟଣା: ଜଣେ ମୃତ, ୨ ଗୁରୁତର

ଜମନକିରା, ୧୮।୪(ଡି.ଏନ.ଏ.): ଜମନକିରା ଥାନା କୁଲୁଣ୍ଡି ଫାଣ୍ଡି ନିକଟ ରାଜରାସ୍ତା ୪୯ରେ ସୋମବାର ମଧ୍ୟାହ୍ନରେ ଏକ କଣ୍ଟେନର ସହ ପିକ୍‌ଅପ୍ ଧକ୍କା ହେବା ଫଳରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ପଡିଆବାହାଲ ଗାଁର ଗଙ୍ଗାଧର ସୁହୁଲା। ଏଥିରେ ଅନ୍ୟ ଦୁଇଜଣ ଦୀନବନ୍ଧୁ ଓ ନିରଞ୍ଜନ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ପୋଲିସ ସୂଚନା ଅନୁଯାୟୀ ଗଙ୍ଗାଧର ପିକ୍‌ଅପ ନେଇ ଘରକୁ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା କଣ୍ଟେନର ସହ ଧକ୍କା ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୁଚିଣ୍ଡା,୧୮।୪ (ଡି.ଏନ.ଏ.): କୁଚିଣ୍ଡା ଟାଉନ୍ ହଲଠାରେ ସୋମବାର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କୁଚିଣ୍ଡା ବ୍ଲକସ୍ତରୀୟ କୁଷ୍ଠରୋଗୀଙ୍କ ଆରୋଗ୍ୟ ପାଇଁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଲ୍‌ଓ ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଡା. ଶ୍ୟାମବନ୍ଧୁ ରଥ, ଡା. ଶକ୍ତିଦତ୍ତ ସତ୍ୟଜିତ ସିଂ, କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଉଶ୍ୱର ମୁଣ୍ଡା, ଜଗନ୍ନାଥ ବେହେରା, ଅସୀତ କୁମାର ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ପଞ୍ଚାୟତରୁ ୩୦୦ ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୯୯ ଜଣଙ୍କୁ ଭିନ୍ନକ୍ଷମ ଭାବେ ଚିହ୍ନଟ କରାଯାଇଥିଲା। କୁଷ୍ଠ ରୋଗରୁ ଆରୋଗ୍ୟ ହୋଇଥିଲେ ମଧ ଗୋଡ ଓ ପାଦରେ ବିଭିନ୍ନ ସମସ୍ୟା ରହିଥିବା ୭୦ ଜଣ ଭିନ୍ନକ୍ଷମଙ୍କୁ ଖୁବଶୀଘ୍ର ଜୋତା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଶିବିର ଆୟୋଜନରେ କୁଚିଣ୍ଡା ପଞ୍ଚାୟତ ସମିତିର ବିଏସ୍‌ଏସ୍‌ଓ ଇଛନ୍ତି ଭୋଇ ଓ ପିଇଓ ଦୀପକ ପଟେଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ୮୯୨ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ନାକଟିଦେଉଳ,୧୮।୪(ଡ଼ି.ଏନ.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ମହାବିଦ୍ୟାଳୟରେ ସୋମବାର ଆୟୁଷ୍ମାନ ଭାରତ ଯୋଜନାରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ନାକଟିଦେଉଳ ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ ହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮୯୨ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ଦିଆଯାଇଥିଲା। ଏଥିସହିତ ଆୟୁଷ୍ମାନ ଭାରତ ଯୋଜନାରେ ୬୫ଜଣଙ୍କ ଡ଼ିଜିଟାଲ ହେଲଥ୍ ଆଇଡ଼ି କରାଯାଇଥିବା ବେଳେ ୪ ରୋଗୀ ବିଶେଷଜ୍ଞ ଡାକ୍ତରଙ୍କଠାରୁ ଟେଲି ପରାମର୍ଶ ନେଇଥିଲେ। ମେଡ଼ିସିନ ବିଶେଷଜ୍ଞ ଡା. ଅଜୟ କୁମାର ରାଉତ, ଶିଶୁ ବିଶେଷଜ୍ଞ ଡା.ରାମକୃଷ୍ଣ ପତି, ସ୍ତ୍ରୀ ଓ ପ୍ରସୁତି ବିଭାଗ ବିଶେଷଜ୍ଞ ଡା. ଶରତ ଚନ୍ଦ୍ର ପଟେଲ, ଶଲ୍ୟ ବିଶେଷଜ୍ଞ ଡା. ଚିନ୍ମୟ କର, ଚକ୍ଷୁ ବିଶେଷଜ୍ଞ ଡା. ସ୍ୱବନିକା କୟାରକୁର ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭରତ ଚନ୍ଦ୍ର ଦାଶ, ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ, ଜାତୀୟ ବାଳ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକ୍ରମ ଅଧିକାରୀ ଡା. ବିଷ୍ଣୁପ୍ରସାଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ସମସ୍ତ ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଜିଲାରେ ମେ’ ୯ରୁ ଧାନକିଣା

ସମ୍ବଲପୁର,୧୮।୪(ବ୍ୟୁରୋ)

ସମ୍ବଲପୁର ଜିଲାରେ ଆସନ୍ତା ମେ’ ୯ରୁ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ଜିଲାସ୍ତରୀୟ ବୈଠକରେ ସୋମବାର ନିଷ୍ପତ୍ତି ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ ଅଧ୍ୟକ୍ଷତା କରିଥିଲେ। ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ରେଙ୍ଗାଲି ବିଧାୟକ ନାଉରି ନାୟକ, କୁଚିଣ୍ଡା ବିଧାୟକ କିଶୋର ନାୟକ, ଭାଜପା କୃଷକ ମଞ୍ଚର ଜିଲା ସଭାପତି ସମୀର ରଞ୍ଜନ ବାବୁ, ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରଶେଖର ପଣ୍ଡା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବଳ, ସଦର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତ ରବିଋତୁ ସମୟରେ ୩୦ ପ୍ୟାକ୍ସ ଓ ୧୦ ଏସ୍‌ଏଚ୍‌ଜି ଜରିଆରେ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାହେବ। ୪୬ ମିଲର ଧାନକିଣାରେ ଭାଗ ନେବେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଓ ଗ୍ରେଡ୍ ଏ’ ଧାନ କୁଇଣ୍ଟାଲ ପ୍ରତି ୧୯୬୦ ଟଙ୍କା ରହିଛି। ବିକ୍ରି ଧାନର ପ୍ରାପ୍ୟ ପି-ପାସ୍ (ପ୍ୟାଡି ପ୍ରୋକ୍ୟୁରମେଣ୍ଟ ଅଟୋମେଶନ ସିଷ୍ଟମ) ମାଧ୍ୟମରେ ଧାନ ବିକ୍ରିର ୨୪ରୁ ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା।



ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ଓ ଅଧିକାରୀ।

### କେନ୍ଦ୍ରରେ ଅବ୍ୟବସ୍ଥା ନେଇଚାଷୀ ସଙ୍ଗଠନ କର୍ମକର୍ତ୍ତାଙ୍କ ଉଦ୍‌ବେଗ

ଧନକଉଡ଼ା ବ୍ଲକରେ ୭, ଝୁଝୁମୁରାରେ ୪, ମାନେଶ୍ୱରରେ ୮, ରେଙ୍ଗାଲିରେ ୪, ବାମରାରେ ୧, କୁଚିଣ୍ଡାରେ ୩, ଜମନକିରା ବ୍ଲକରେ ୩ ପ୍ୟାକ୍ସ ରହିଛି। ସେହିପରି ଧନକଉଡ଼ା ବ୍ଲକରେ ୨, ମାନେଶ୍ୱରରେ ୨, ଝୁଝୁମୁରାରେ ୧, ଜମନକିରାରେ ୨, କୁଚିଣ୍ଡା ବ୍ଲକରେ ୩ ଏସ୍‌ଏଚ୍‌ଜି ଧାନକିଣା ପ୍ରକ୍ରିୟାରେ ସାମିଲ ହେବେ। ଚଳିତବର୍ଷ ସ୍ୱାଭାବିକ ମୌସୁମୀ ହେବାକୁ ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ରବି ଧାନ ସଂଗ୍ରହ ସମ୍ପୂର୍ଣ୍ଣ କରିବାକୁ ଅତିରିକ୍ତ ଜିଲାପାଳ ରାଜ ପରାମର୍ଶ ଦେଇଥିଲେ। ସଂଗ୍ରହ କେନ୍ଦ୍ରରେ ଥିବା ଚାଷୀଙ୍କ ଧାନ ଯେପରି ବର୍ଷାରେ ନ ଭିଜେ ସେଥିପାଇଁ ପର୍ଯ୍ୟାପ୍ତ ପରିମାଣର ତାର୍ପୋଲିନ ବ୍ୟବସ୍ଥା, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚାଷୀଙ୍କ ପାଇଁ ପାନୀୟ ଜଳ ସୁବିଧା କରିବାକୁ ରାଜ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଧାନ ସଂଗ୍ରହରେ ହେଉଥିବା ଅବ୍ୟବସ୍ଥା, କଟ୍‌ନୀଛଟ୍‌ନୀ ଓ ସଂଗ୍ରହ କେନ୍ଦ୍ରରେ ସମସ୍ୟା ନେଇ ଜିଲା କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କ ସମେତ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନେ ଉପସ୍ଥିତ ଥିବା ନେତା ଓ ଅଧିକାରୀଙ୍କୁ ବାରମ୍ବାର ପ୍ରଶ୍ନ କରିଥିଲେ। ଉତ୍ତର ଦେଇ ନ ପାରି ସେମାନେ ଘାଇଲା ହୋଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ମେ’ ୯ ତାରିଖଠାରୁ ଧାନ ସଂଗ୍ରହ ନିଷ୍ପତ୍ତିକୁ ବରେଇପାଲି ଜୟଦୁର୍ଗା କୃଷକ ସଙ୍ଗଠନ ବିରୋଧ କରିଛି। କର୍ମକର୍ତ୍ତାଙ୍କ କହିବା କଥା ଧାନ ଅମଳ ହେବାରେ ବିଳମ୍ବ ହେବ। ଯଦି ମାର୍କେଟ ଖୋଲାଯିବ ତା’ହେଲେ ଟୋକନ୍ ଲାପ୍‌ସ ହୋଇଯିବ। ତେଣୁ ମେ ୧୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ ବୋଲି ଦାବି କରିଛନ୍ତି।

### ମାରଣାସ୍ତ୍ର ଦେଖାଇ ୯୮ ହଜାର ଲୁଟ୍

ରେଢାଖୋଲ,୧୮।୪(ଡି.ଏନ.ଏ.)

ରେଢାଖୋଲ ଥାନା ନାକ୍ଟିଦେଉଳ ରାସ୍ତାର ମୁଟୁରୁମୁଣ୍ଡା ଘାଟିରେ ସୋମବାର ଦିନ ଦ୍ୱିପ୍ରହରରେ ଜଣେ ବ୍ୟକ୍ତିଙ୍କୁ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ୯୮ହଜାର ଟଙ୍କା ଲୁଟିନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଚାରମାଳ ଥାନା ରଙ୍ଗମାଟିଆ ଗ୍ରାମର ବୁଲୁ ପ୍ରଧାନ ଏ ନେଇ ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଥାନା କେସ୍ ନଂ.୯୮ରେ ଏକ ମାମଲା ରୁଜୁ କରିଛି। ସୂଚନାମତେ ବୁଲୁ ବ୍ୟାଙ୍କରୁ ଟଙ୍କା ଉଠାଇ ଶ୍ୱଶୁର ଘରକୁ ବାଇକ୍‌ରେ ଯାଉଥିଲେ। ମୁଟୁରୁମୁଣ୍ଡା ଘାଟିରେ ୨ଟି ବାଇକ୍‌ରେ ୪ ଜଣ ଲୁଟେରା ତାଙ୍କୁ ଅଟକାଇବା ସହ ମାରଣାସ୍ତ୍ର ଦେଖାଇ ବାଇକ ଡିକିରେ ଥିବା ୯୮ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତ ଜାରି ରଖିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଲୁଟେରାଙ୍କ ଟେର ପାଇନାହିଁ।

### ମହୁଲ ଚାଲାଣ: ପିକ୍‌ଅପ ଜବତ, ଜଣେ ଗିରଫ

ଦେବଗଡ଼,୧୮।୪(ଡି.ଏନ.ଏ)

ବେଆଇନ ମହୁଲ ଚାଲାଣ ବେଳେ ଦେବଗଡ଼ ଅବକାରୀ ବିଭାଗ ସୋମବାର ସନ୍ଧ୍ୟାରେ ଏକ ମହୁଲ ବୋଝେଇ ପିକଅପ ଭ୍ୟାନ ଜବତ କରିଥିବା ବେଳେ ଗାଡି ଚାଳକଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାଇ କଂସର ଫାଣ୍ଡି ଅନ୍ତର୍ଗତ ଗୋହିରା ଡ୍ୟାମ ପଟୁ ଚଟିବରଘାଟ ରାସ୍ତା ଦେଇ ବେଆଇନ ଭାବେ ମହୁଲ ଚାଲାଣ ହେଉଥିବା ସୂଚନା ପାଇ ଦେବଗଡ଼ ଅବକାରୀ ନିରୀକ୍ଷକ ମଧୁସୂଦନ ସାହୁ ସଦଳବଳେ ଉକ୍ତ ରାସ୍ତାରେ ଛକି ରହିଥିଲେ । ସନ୍ଧ୍ୟା ପ୍ରାୟ ୭ଟାରେ ଉକ୍ତ ରାସ୍ତା ଦେଇ ଏକ ପିକ୍‌ଅପ ଓଡି ୧୯ ଏଲ ୩୪୧୮ ଆସୁଥିବାବେଳେ ଅବକାରୀ ବିଭାଗ କର୍ମଚାରୀମାନେ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିରେ ମହୁଲ ଭର୍ତ୍ତି ଥିବାବେଳେ ଗାଡି ଚାଳକ କୁଞ୍ଜାମରା ଗ୍ରାମର ସତ୍ୟାନନ୍ଦ ସାହୁ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଅବକାରୀ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରୁ ମହୁଲ ବୋଝଇ ପିକଅପକୁ ଜବତ କରାଯିବା ସହ ଅଭିଯୁକ୍ତ ସତ୍ୟାନନ୍ଦକୁ ଗିରଫ କରିଥିଲେ ।

# ଘର ଭାଙ୍ଗି ଚାଉଳ ଖାଇଲା ହାତୀ

ନାକଟିଦେଉଳ,୧୮।୪(ଡ଼ି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଗତ କିଛିଦିନ ହେଲା ହାତୀ ଉପଦ୍ରବ ଲାଗିରହିଛି। ହାତୀମାନେ ଲୋକଙ୍କ ଘର ଭାଙ୍ଗିବା ସହ ପନିପରିବା ଓ ଧାନଚାଉଳ ଖାଇ ନଷ୍ଟ କରୁଛନ୍ତି। ସୋମବାର ଭୋର ପ୍ରାୟ ୩ଟା ସମୟରେ ଜାମୁଯୋରୀ ପଞ୍ଚାୟତର ତଳନାଳୀ ଗ୍ରାମକୁ ଏକ ଦନ୍ତାହାତୀ ପଶିଆସିଥିଲା। ହାତୀଟି ଗ୍ରାମର ବାବୁଲି ନାଏକଙ୍କ ଘର କାନ୍ଥ ସହ ଛପର ହୋଇଥିବା ଆଜବେଷ୍ଟସ୍ ଭାଙ୍ଗି ଚାଉଳ ଖାଇଦେଇଛି। ଘର ଭିତରେ ବାବୁଲିଙ୍କ ୬ପ୍ରାଣୀ କୁଟୁମ୍ବ ଶୋଇଥିବା ବେଳେ ହାତୀ ଘର ଉପରେ ଆକ୍ରମଣ କରିଥିଲା। ବାବୁଲି ହଠାତ୍ ନିଦରୁ ଉଠି ସ୍ତ୍ରୀ, ପିଲାଛୁଆ ଓ ବୃଦ୍ଧ ମା’ବାପାଙ୍କୁ ଧରି ଘରୁ ବାହାରିଯିବାରୁ ସମସ୍ତେ ବର୍ତ୍ତି ଯାଇଥିଲେ। କିଛି ସମୟ ପରେ ସାହି


ହାତୀ ଉପଦ୍ରବରେ ଭାଙ୍ଗିଥିବା ଘର।

### ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

ପଡ଼ିଶା ଲୋକେ ସେଠାରେ ପହଞ୍ଚିଥିଲେ। ଦନ୍ତା ହାତୀଟି ପ୍ରାୟ ୧ଘଣ୍ଟା ଧରି ଉପଦ୍ରବ ଚଳାଇଥିବା ବେଳେ ଏଥିରେ ବାବୁଲିଙ୍କ ୨ବଖରା ଘର ଭାଙ୍ଗିଯାଇଛି। ଖବର ପାଇ ବନ କର୍ମଚାରୀ ପହଞ୍ଚି ହାତୀଟିକୁ ଘଉଡ଼ାଇଥିଲେ। ବାବୁଲି ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ କ୍ଷତିପୂରଣ ସହ ସହାୟତା ଯୋଗାଇ ଦେବାକୁ ବ୍ଲକ କଂଗ୍ରେସ କମିଟି ସଭାପତି ରମାକାନ୍ତ ସାହୁ ଦାବି କରିଛନ୍ତି।

# କୃଷକ ସୁରକ୍ଷା ସଙ୍ଗଠନର ଦାବିପତ୍ର

ଜମନକିରା, ୧୮।୪(ଡି.ଏନ.ଏ.)

ଖରିଫ ଫସଲ କ୍ଷତିପୂରଣ ରାଶି ପ୍ରଦାନରେ ସରକାରଙ୍କ ଟାଳଟୁଳ ନୀତି ବିରୋଧରେ ସୋମବାର ଜମନକିରା ବ୍ଲକ କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ବ୍ଲକ ଘେରାଉ କରାଯାଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଟୁନୁ ମେହେରଙ୍କୁ ଦାବିପତ୍ର ଦିଆଯାଇଛି। ପୂର୍ବରୁ ସଙ୍ଗଠନ ଆବାହକ କୃଷଦାଜ ଚୌଧୁରୀଙ୍କ ନେତୃତ୍ୱରେ ୨୧ ପଞ୍ଚାୟତର ସଙ୍ଗଠନ କର୍ମକର୍ତ୍ତାଙ୍କ ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା। ଦାବିପତ୍ରରେ ଦର୍ଶାଯାଇଛି, ଜମନକିରା ବ୍ଲକରେ ବର୍ଷା ଅଭାବରୁ ୨୦୨୧-୨୨ ଆର୍ଥିକ ବର୍ଷ ଖରିଫ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ନିୟମାନୁସାରେ କୃଷି, ରାଜସ୍ୱ ଓ ପରିସଂଖ୍ୟାନ ବିଭାଗ ଆକଳନ କରି କ୍ଷୟକ୍ଷତି ନେଇ ସରକାରଙ୍କୁ ଜଣାଇଛନ୍ତି। ଏହା ସତ୍ତ୍ୱେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। ଏହାର ପ୍ରତିବାଦରେ କୃଷକ ସୁରକ୍ଷା ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲା। ୧୦ଦିନ ମଧ୍ୟରେ କ୍ଷତିପୂରଣ ଦେବା ବ୍ୟବସ୍ଥା ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ନବୀନ ପଟେଲ, ଗୁରୁଚରଣ ପଟେଲ, ଅରବିନ୍ଦ ନାୟକ, ଧନେଶ୍ୱର ପଧାନ, ସୁଶୀଲ ପଟେଲ, ଦିଲୀପ ପଟେଲ, ସୁଧାଂଶୁ ଚୌଧୁରି, ପୂର୍ଣଚନ୍ଦ୍ର ପଟେଲଙ୍କ ସମେତ ବିଭିନ୍ନ ଚାଷୀ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଚାଷୀ ସଙ୍ଗଠନ କର୍ମକର୍ତ୍ତା।

### ମେଗା ସ୍ୱାସ୍ଥ୍ୟ ଶିବିର

ଜମନକିରା, ୧୮।୪(ଡି.ଏନ.ଏ.)

ଜମନକିରା ବ୍ଲକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଓ ବ୍ଲକ ଅଧକ୍ଷା ଆସ୍ରିତା ଭୋଇ, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ମୁଦୁଲି, ଜିଲାପରିଷଦ ଜୋନ-୧ ସୁଜାତା ଖୁଣ୍ଟିଆ, ଜିଲା ପରିଷଦ ଜୋନ-୨ ତନୟା ଧରୁଆ, ସିଡିଏମ୍‌ଓ ସମ୍ବଲପୁର ଅଶୋକ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଫାଶୀମାଲ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶରତ ଚନ୍ଦ୍ର ଦେହୁରି ଶିବିର ପରିଚାଳନା କରିଥିଲେ। ଏଥିରେ ୮ ଶହରୁ ଉର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ସେମାନଙ୍କୁ ମାଗଣାରେ ଔଷଧ ଦିଆଯାଇଥିଲା। ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ପାରା ମେଡ଼ିକାଲ ଷ୍ଟାଫ୍ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭିସୁଟ୍‌ରେ ଟେଡେକ୍ସ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୧୮।୪(ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଛାତ୍ରୀଛାତ୍ରଙ୍କ ପକ୍ଷରୁ ଟେଡେକ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଶ୍ୱର ସର୍ବକନିଷ୍ଠ ପ୍ରଧାନ ଶିକ୍ଷକ ବାବର ଅଲ୍ଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ସଂଘର୍ଷ କାହାଣୀ ବର୍ଣ୍ଣନା କରି ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ୟୁଟ୍ୟୁବର ଅମନ ଧରୱାଲ, ଲୋପାମୁଦ୍ରା ମିଶ୍ର, ସ୍କୋଡ୍ରୋନ ନେତ୍ରୀ ଦୀପ୍ତି ବକ୍ତା ଭାବେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଓଡିଶା ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ଅଂଶୁମାନ ରଥ ଜୀବନର ବିଭିନ୍ନ ଦିଗ ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ଅଙ୍କନ ବିଶ୍ୱାସ ଧନ୍ୟବାଦ ଦେଇଥିଲେ।

# ଜିଏମ୍‌ୟୁରେ ବିଶ୍ୱ ଐତିହ୍ୟ ଦିବସ

ସମ୍ବଲପୁର, ୧୮।୪(ବ୍ୟୁରୋ)

ଐତିହ୍ୟ ଯେକୌଣସି ଗ୍ରାମ ଓ ସହରର ଠିକଣା। ଏହା ଖଜୁରାହୋ, କୋଣାର୍କ କିମ୍ବା ହୁମା ଭଳି ଛୋଟ ଜନବସତିକୁ ମଧ୍ୟ ପ୍ରସିଦ୍ଧ କରିପାରେ। ତେଣୁ ଐତିହ୍ୟ ବାବଦରେ ସଚେତନତା ଜରୁରୀ। ସୋମବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଇତିହାସ ବିଭାଗ ଆୟୋଜିତ ବିଶ୍ୱ ଐତିହ୍ୟ ଦିବସରେ ବକ୍ତାମାନେ ଏହା କହିଛନ୍ତି। ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଐତିହାସିକ ଦୀପକ କୁମାର ପଣ୍ଡା ବକ୍ତା ଭାବେ ଯୋଗଦେଇ ରାଜତନ୍ତ୍ର ଓ ବ୍ରିଟିଶ ଶାସନ କାଳରେ ସମ୍ବଲପୁରଠାରେ ନିର୍ମିତ ପୁରାତନ କୀର୍ତ୍ତିରାଜି, ନିର୍ମାଣ ଶୈଳୀ ଓ ବର୍ତ୍ତମାନର ସ୍ଥିତି ବିଷୟରେ ଆଲୋଚନା କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ମୋହିନ ମହମ୍ମଦ ସମ୍ମାନିତ ଅତିଥି ଥିଲେ। ଉପକୁଳପତି ଡ. ଉମାଚରଣ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ପରମତାପ ପ୍ରଧାନ ସ୍ୱାଗତ ଭାଷଣ, ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଅତୁଲ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପିକା ସସ୍ମିତା ଶାସନି ଧନ୍ୟବାଦ ଦେଇଥିଲେ।

### ଝାରସୁଗୁଡ଼ାରେ ଜନ ଅଭିଯୋଗ ଶୁଣାଣି

ଝାରସୁଗୁଡ଼ା ଅଫିସ,୧୮।୪: କରୋନା କଟକଣା ହଟିବା ପରେ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି। ଏଥିରେ ଏସ୍‌ପି ବିକାଶ ଚନ୍ଦ୍ର ଦାଶ, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପଜିଲାପାଳ ଶିବ ଟପ୍ପୋଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୧୨ଟି ଅଭିଯୋଗ ଦାଖଲ ହୋଇଥିଲା। ଏଥିମଧ୍ୟରେ ୬ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ରହିଥିଲା। ଡୁମେରଡିହିରୁ ଖୁନ୍ତାମାଲ ଆର୍‌ଡି ରାସ୍ତା ମରାମତି, ନିକ୍ତିମାଲରେ ଗ୍ରାମ୍ୟ ରାସ୍ତା ଅବରୋଧ, ପାର୍ବତୀ ଗିରି ଉଠାଜଳସେଚନ ପ୍ରକଳ୍ପରୁ ଚାଷଜମିକୁ ପାଣି ଯୋଗାଣ ଆଦି ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ତନିଷ୍କ ପକ୍ଷରୁ ‘କଲାଇ’ର ଉଦ୍‌ଘାଟନ

ଝାରସୁଗୁଡ଼ା ଅଫିସ,୧୮।୪

ଟାଟା ଗ୍ରୁପ୍ ପରିଚାଳିତ ତନିଷ୍କ ଅଳଙ୍କାର ତରଫରୁ ‘କଲାଇ’ର ଉଦ୍‌ଘାଟନ ହୋଇଛି। ଝାରସୁଗୁଡ଼ା ତନିଷ୍କ ଶୋ’ ରୁମ୍ ତରଫରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ଅଳଙ୍କାର ପ୍ରଦର୍ଶିତ କରାଯାଇଥିଲା। ଏଥିରେ ମିନର୍ଭା ପଣ୍ଡା, ରଣଜିତ ତ୍ରିପାଠୀ, ପ୍ରକାଶ ଦଲୱାନୀ ଓ ସତିଶ୍ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ତନିଷ୍କ ଫ୍ରାଞ୍ଚାଇଜ୍ ନବପ୍ରୀତ ସିଂହ ଗ୍ରାହକଙ୍କୁ ସ୍ୱାଗତ କରିବା ସହ କଲାଇ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଝାରସୁଗୁଡ଼ା ଶୋ ରୁମ୍ ମ୍ୟାନେଜର ପ୍ରକାଶ ଜେନା ନୂତନ ଅଳଙ୍କାର କ୍ରୟ ସମୟରେ ଗ୍ରାହକମାନେ କି ସୁବିଧା ପାଇବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଅକ୍ଷୟ ତୃତୀୟା ଉପଲକ୍ଷେ ତନିଷ୍କ ତରଫରୁ ଆସନ୍ତା ୨୩ ତାରିଖରୁ ଝାରସୁଗୁଡ଼ା, ରାଉରକେଲା ଓ ସମ୍ବଲପୁର ଶୋ ରୁମ୍‌ରେ ଏହା ଉପଲବ୍ଧ ହେବ। ଏଥିମଧ୍ୟରେ ସୁନା ଗହଣା ଗଢାମୂଲ୍ୟ ଉପରେ ପ୍ରତି ଗ୍ରାମ୍ ପ୍ରତି ୨ଶହ ଟଙ୍କା ପର୍ଯ୍ୟନ୍ତ ଛାଡ କରାଯିବ। ସେହିପରି ହୀରା ଗହଣାରେ ୨୦ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳିବ। ହୀରା ଅଭିଯାନ ସମ୍ପର୍କରେ ସୂଚନାଦେଇ ଫ୍ରାଞ୍ଚାଇଜ୍ ସିଂହ କହିଥିଲେ, ଉତ୍ସର୍ଗୀକୃତ ଜୀବନପାଇଁ ଭାରତୀୟ ମହିଳାଙ୍କୁ ସମାଜ ହୀରା ଭାବେ ସମ୍ମାନ ଦେଇଥାଏ। ପ୍ରତ୍ୟେକ ମହିଳାଙ୍କ ନିକଟରେ ଅତି କମ୍‌ରେ ଗୋଟିଏ ହୀରା ଅଳଙ୍କାର ରହିବା ଦରକାର ବୋଲି କହିଥିଲେ।



କଲାଇ କାର୍ଯ୍ୟକ୍ରମରେ ନୂତନ ଅଳଙ୍କାର ପ୍ରଦର୍ଶିତ କରାଯାଉଛି।

# ଆଶାକର୍ମୀଙ୍କ ଆର୍‌ଡିସି ଅଫିସ ସମ୍ମୁଖରେ ବିକ୍ଷୋଭ

ସମ୍ବଲପୁର,୧୮।୪(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ଆଶା କର୍ମୀ ସଂଘ ନେତୃତ୍ୱରେ ସୋମବାର ଆଶା କର୍ମୀମାନେ ସମ୍ବଲପୁର ଆର୍‌ଡିସି, ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରଛନ୍ତି। ପୂର୍ବରୁ ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘ ଆବାହକ ପ୍ରଶାନ୍ତ ପାଢ଼ୀ, ସହ ସଂଯୋଜିକା ମମତା ଖଣ୍ଡାୟତ, ସଭାନେତ୍ରୀ ଲକ୍ଷ୍ମୀ ମହାରଣା, ସମ୍ପାଦିକା ଯଜ୍ଞସେନି ପ୍ରଧାନ, ପ୍ରଶାନ୍ତ ପାଢ଼ୀଙ୍କ ନେତୃତ୍ୱରେ ନାରୀସେବା ସଦନରୁ ଏକ ରାଲି ବାହାରି ବିକ୍ଷୋଭ ସ୍ଥଳରେ ପହଞ୍ଚିଥିଲା। ବିଧବା, ଦିବ୍ୟାଙ୍ଗ, ବୟସ୍କା ଆଶା ପାଉଥିବା ମଧୁବାବୁ ପେନ୍‌ସନ୍ ବନ୍ଦ ନ କରିବା, ସରକାରୀ ମାନ୍ୟତା, ପେନ୍‌ସନ୍ ବ୍ୟବସ୍ଥା,୨୧ ହଜାର ଟଙ୍କା ଭତ୍ତା, ଜନନୀ ସୁରକ୍ଷା ଯୋଜନାର ପାଉଣା ଦ୍ୱିଗୁଣିତ କରିବା,



ଆର୍‌ଡିସି ଅଫିସ ଆଗରେ ଆଶା କର୍ମୀଙ୍କ ବିକ୍ଷୋଭ।

ପ୍ରୋତ୍ସାହନ ରାଶି ବୃଦ୍ଧି, ରାତ୍ରକାଳୀନ ଭତ୍ତା ପ୍ରଭୃତି ୨୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀ ସମସ୍ତ ସରକାରୀ ଯୋଜନାକୁ ଶହେ ପ୍ରତିଶତ ସଫଳ କରିଆସୁଥିବା ବେଳେ ସେମାନଙ୍କ ସକାଶେ ବଞ୍ଚିବା ଭଳି ଦରମାର ବ୍ୟବସ୍ଥା କରା ନ ଯିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସଂଘ ଆବାହକ ପ୍ରଶାନ୍ତ ପାଢ଼ୀ କହିଛନ୍ତି। ଆଗାମୀ ଦିନରେ ଆନ୍ଦୋଳନ କୁ ବ୍ୟାପକ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବିକ୍ଷୋଭରେ ହୀରାବତୀ ମିର୍ଦ୍ଧା, ସଞ୍ଜିତା ସିଂ, ବିଜୟ ଲକ୍ଷ୍ମୀ ଖେରୁଆଲ, ଲିଲି ନାୟକ, ସୌଦାମିନୀ ଦେହୁରି, ସାବିତ୍ରୀ ବିଶାଳ, ସୁଲତା ପ୍ରଧାନ, ପିଙ୍କି ମାଝି, ସୁନନ୍ଦିନୀ ଭାଟି, ଲକ୍ଷ୍ମୀ ତାଣ୍ଡିଆ, ସୀତା ପାଣ୍ଡେ, ନିବେଦିତା ବାଦିଙ୍କ ସମେତ ଶତାଧିକ ଆଶା କର୍ମୀ ସାମିଲ ଥିଲେ।

### ରାମଜୀ ମନ୍ଦିରରେ ରାମଚରିତମାନସ ପାରାୟଣ

ସୁନ୍ଦରଗଡ, (ଡି.ଏନ୍.ଏ): ସ୍ଥାନୀୟ ରାମଜୀ ମନ୍ଦିରରେ ରାମନବମୀ ପାଳନ ଅବସରରେ ଚାଲିଥିବା ରାମଚରିତ ମାନସ ପାରାୟଣ ସୋମବାର ଉଦ୍‌ଯାପିତ ହୋଇଛି। ପାରାୟଣର ପ୍ରବଚିକା ଭାବେ ନିହାରିକା ମହାପାତ୍ର ପ୍ରତ୍ୟେକ ସନ୍ଧ୍ୟାରେ ମହାକାବ୍ୟ ରାମାୟଣର ମର୍ଯ୍ୟାଦାପୁରୁଷ ପ୍ରଭୂ ରାମଚନ୍ଦ୍ରଙ୍କ କଥାମୃତକୁ ସୁନ୍ଦର ଭାବେ ବାଖ୍ୟାକରି ଶ୍ରଦ୍ଧାଳୁଙ୍କ ମନଜିଣିଥିଲେ। ମନ୍ଦିର ପୂଜକ କୃଷ୍ଣଚନ୍ଦ୍ର ପୂଜାରୀ, କମିଟିର କର୍ମକର୍ତ୍ତା ବେଣୁମାଧବ ତ୍ରିପାଠୀ, ସୁଧାଂଶୁ ମହାପାତ୍ର, ମାୟାଧର ଚିନ୍ନାରା, ଦେବବ୍ରତ ପାଣିଗ୍ରାହୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆରେ ମାମଲା

**ଖବରଦାତାଙ୍କ ଗୋଡ଼ରେ ବେଡ଼ି ଘଟଣା**

**ବାଲେଶ୍ୱର ଅଫିସ, ୧୮।୪:** ବାଲେଶ୍ୱର ନୀଳଗିରି ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ଲୋକନାଥ ଦଳେଇଙ୍କୁ ପୋଲିସର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ବିରୋଧରେ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ(ପିସିଆଇ)ରେ ମାମଲା ରୁଜୁ ହୋଇଛି। ପ୍ରେସ କାଉନସିଲ ଆକ୍ଟ, ୧୯୭୮ର ଧାରା ୧୩ ଅନୁଯାୟୀ ଏହି ମାମଲା (ନଂ.୮୨/୨୦୨୨) ପଞ୍ଜୀକୃତ ହୋଇଥିବା ଜଣାଯାଇଛି। ଗଣମାଧମ ସଂସ୍ଥା ଏବଂ ଗଣମାଧମ ପ୍ରତିନିଧିଙ୍କ ସ୍ୱାର୍ଥ ନିମନ୍ତେ ସର୍ବଭାରତୀୟ ସ୍ତରରେ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ଏକ ସ୍ୱୟଂଚାଳିତ ସଂସ୍ଥା। ଏହି କ୍ରମରେ ନୀଳଗିରି ଖବରଦାତାଙ୍କ ପ୍ରତି ହୋଇଥିବା ପୋଲିସ ପ୍ରଶାସନର ଅନ୍ୟାୟ ବିରୋଧରେ ପିସିଆଇ ସଦସ୍ୟ ତଥା ବରିଷ୍ଠ ଖବରଦାତା ପ୍ରସନ୍ନ କୁମାର ମହାନ୍ତି ଇମେଲ ଜରିଆରେ ଏକ ଲିଖିତ ଅଭିଯୋଗ କରିଥିଲେ। ତେବେ ପିସିଆଇ ପକ୍ଷରୁ ଏହି ମାମଲାର ଏବେ ତଦନ୍ତ ଆରମ୍ଭ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଅଭିଯୁକ୍ତଙ୍କୁ ହାଜର ହେବାକୁ ସମନ କରାଯିବ ବୋଲି ମହାନ୍ତିଙ୍କୁ ସୂଚନା ଦିଆଯାଇଛି।

### କୋଭିଡ୍ ମୃତ୍ୟୁର ବର୍ଷେ ପରେ ବି ମିଳିନି ସହାୟତା ରାଶି

**ନୂଆପଡ଼ା ଅଫିସ,୧୮।୪:** କରୋନା ତୃତୀୟ ଲହର ପରେ ବର୍ତ୍ତମାନ ଚତୁର୍ଥ ଲହର ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଥିବା ବେଳେ କୋଭିଡ୍ ମୃତ୍ୟୁର ବର୍ଷେ ପରେ ବି ସହାୟତା ରାଶି ମିଳି ନ ଥିବା ଜଣାପଡ଼ିଛି। ନୂଆପଡା ଜିଲା ସିନାପାଲି ବ୍ଲକ ସିଙ୍ଗଝର ପଞ୍ଚାୟତରେ ଏଭଳି ଘଟଣା ଏବେ ସାମ୍ନାକୁ ଆସିଛି। କୋଭିଡ୍ ମୃତ୍ୟୁ ବର୍ଷାଧିକାଳ ବିତିଯାଇଥିଲେ ମଧ୍ୟ ଉକ୍ତ ପଞ୍ଚାୟତର ରାଜାରାମ ବାଗ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରାପ୍ତ ସୂଚନାନୁସାରେ ରାଜାରାମଙ୍କ ସ୍ତ୍ରୀ ସୁନୟନା ବାଗ ୨୦୨୦ ନଭେମ୍ବର ୧୫ରେ କୋଭିଡ୍ ସଂକ୍ରମଣ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ତେବେ ଏଠାରେ ସମସ୍ୟା ରହିଗଲା ସୁନୟନା ଛତିଶଗଡର ରାୟପୁରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ନେଇ ଆବେଦନକୁ ନାକଚ କରିଥିଲେ। ଏହାସହ ରାଜାରାମଙ୍କ ଦୁଇଟି ଛୁଆ ଅଛନ୍ତି। ଜଣକର ବୟସ ୯ ବର୍ଷ ହୋଇଥିବା ବେଳେ ଅନ୍ୟ ଜଣଙ୍କ ବୟସ ୬ ବର୍ଷ। ତେଣୁ ସେମାନଙ୍କ ଲାଳନ ପାଳନ ପାଠପଢାକୁ ନେଇ ଚିନ୍ତାରେ ଥିବା ରାଜାରାମ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସି ନିଜର ଗୁହାରି ଜଣାଇଥିଲେ। ଜିଲାପାଳ ଏ ସଂକ୍ରାନ୍ତରେ ଉପସ୍ଥିତ ବିଭାଗୀୟ ଅଧିକାରୀ ତଥା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏକ ମାସ ମଧ୍ୟରେ ତାଙ୍କୁ ସହାୟତା ରାଶି ଯୋଗାଇ ଦେବା ନେଇ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

### ମହିଳାଙ୍କୁ ବଳାତ୍କାର; ଯୁବକ ଗିରଫ

**ଲହୁଣୀପଡ଼ା,୧୮।୪(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ତାଳବାହାଲି ପଞ୍ଚାୟତ ଲଣ୍ଡାମୁଣ୍ଡା ଗ୍ରାମରେ ବିଳମ୍ବିତ ରାତିରେ ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରାଯାଇଛି। ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଲଣ୍ଡାମୁଣ୍ଡା ଗ୍ରାମରେ ଏକ ରାସ୍ତା ନିର୍ମାଣ ହେଉଛି। ସେଠାରେ କର୍ମଚାରୀମାନେ ରହିବା ପାଇଁ ଠିକାଦାରଙ୍କ ପକ୍ଷରୁ ଗୋଟିଏ କ୍ୟାମ୍ପ ନିର୍ମାଣ କରାଯାଇଛି। ସେହି କ୍ୟାମ୍ପରେ ଅନ୍ୟ କର୍ମଚାରୀଙ୍କ ସହିତ କେନ୍ଦ୍ରାପଡା ଅଞ୍ଚଳର ଗୌତମଚରଣ ବେହେରା (୩୦) ରହୁଥିବା ଜଣାପଡିଛି। କ୍ୟାମ୍ପ ନିକଟରେ ଥିବା ଘରର ବିବାହିତା ମହିଳା କୌଣସି କାମରେ ବିଳମ୍ବିତ ରାତିରେ ବାହାରକୁ ବାହାରି ଥିବାବେଳେ ଗୌତମ ବଳାତ୍କାର କରିଥିଲେ। ମହିଳା ଚିତ୍କାର କରିବାରୁ ପରିବାର ଲୋକ ଆସିଥିଲେ। ପରିବାର ପକ୍ଷରୁ ଲିଖିତ ଅଭିଯୋଗକୁ ଭିତ୍ତିକରି ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ରାତାରାତି ଉଠେଇ ଆଣି ପଚରାଉଚରା କରିଥିଲା। ସୋମବାର ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଛି।

# ଘନଘନ ବିଦ୍ୟୁତ୍ କାଟ, ଲୋକେ ଅତିଷ୍ଠ

■ମାସେ ହେଲା ରାତିରେ କରେଣ୍ଟ ରହୁନାହିଁ
■ମାତିଛନ୍ତି ବନ୍ୟଜନ୍ତୁ ଶିକାରୀ
■ସନ୍ଧ୍ୟା ହେଲେ ଚେନ୍ ପିଙ୍ଗି ସରବରାହ ବନ୍ଦ କରୁଛନ୍ତି

**ବଲାଙ୍ଗୀର ଅଫିସ, ୧୮।୪**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ରେଙ୍ଗାଲି ଅଞ୍ଚଳରେ ଗତ ଏକ ମାସ ହେଲା ଘନଘନ ବିଦ୍ୟୁତ୍ କାଟ କରାଯାଉଛି। ସନ୍ଧ୍ୟା ହୋଇଗଲେ ବିଦ୍ୟୁତ୍ କାଟ କରାଯାଉଛି ଯେ, ଆରଦିନ ସକାଳ ଯାଏ କରେଣ୍ଟ ଆସୁନାହିଁ। ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସମାଧାନ ହେଉନାହିଁ। ରେଙ୍ଗାଲି ପଞ୍ଚାୟତର ରେଙ୍ଗାଲି, କପିଳବାହାଲ, କୁମିଆପାଲି, ବାଗଡୁଙ୍ଗୁରି ତଥା ରତାଖଣ୍ଡି ପଞ୍ଚାୟତର ତାଲଜୁରୀ, ଡୁମେରଝରନ୍, ଫଳସାମାଳ ପ୍ରଭୃତି ଗ୍ରାମରେ ସନ୍ଧ୍ୟା ହେଲେ ବିଦ୍ୟୁତ୍ କାଟ କରାଯାଉଛି। ସାରା ରାତିରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ପରେ ପୁଣି ଦିନବେଳା ଯୋଗାଣ ହେଉଛି। ଖରାଦିନରେ ଲୋକ ରାତିରେ ଚାଷ କାମରେ କ୍ଷେତକୁ ପାଣି ମଡା କାମ କରୁଥିଲେ। ରାତିରେ ବିଦ୍ୟୁତ୍ ରହୁ ନ ଥିବାରୁ ପାଣିମଡା କାମ ବାଧାପ୍ରାପ୍ତ ହେଉଛି। ଏବେ ଏପ୍ରିଲ ମାସରେ ଅନେକ ଛାତ୍ରୀଛାତ୍ରଙ୍କ ପରୀକ୍ଷା ସିଜନ୍ ଚାଲିଛି। ଏଭଳି ସମୟରେ ପିଲାଙ୍କ ପାଠପଢ଼ ବ୍ୟାହତ ହେଉଛି। ଏନେଇ ଛାତ୍ରୀଛାତ୍ର, ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ବିଶେଷକରି ଛୋଟ ଶିଶୁ ଓ ବୃଦ୍ଧାବୃଦ୍ଧ ଖରାଦିନରେ ଲାଇଟ୍ ବିନା ରାତି ସାରା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ସେମାନେ କହିଛନ୍ତି ଯେ, କେତେକ ଅସାମାଜିକ ବ୍ୟକ୍ତି ରାତି ହେଲେ ଚେନ୍ ପକାଇ ଦେଉଥିବାରୁ ଏହି ସମସ୍ୟା ଦେଖାଦେଉଛି। ତେବେ ଏହା ରୋକିବାକୁ ପୋଲିସ ଓ ବିଦ୍ୟୁତ୍ ବିଭାଗର ମିଳିତ ଅଭିଯାନ ହେବା କଥା। ଏଦିଗରେ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଜନପ୍ରତିନିଧି ଓ ରାଜନେତାଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଅଞ୍ଚଳରେ କେତେକ ଅସାମାଜିକ ତତ୍ତ୍ୱ ଓ ଶିକାରୀ ବନ୍ୟଜନ୍ତୁଙ୍କୁ ମାରିବା ପାଇଁ ବିଦ୍ୟୁତ୍ ଫାଶ ପକାଉଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ତଥ୍ୟାଭିଜ୍ଞ ମହଲରୁ ଜଣାପଡିଛି। ଏ ଦିଗରେ ବନବିଭାଗ ପକ୍ଷରୁ ମଧ୍ୟ ଚଢ଼ାଉ କରାଯିବାକୁ ଲୋକେ ଦାବି କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ନହେଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧହେବେ ବୋଲି ଚେତାବନୀ ଶୁଣାଇଛନ୍ତି।



# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଏସ୍‌ପି।

**ବୌଦ୍ଧ,୧୮।୪(ସ୍ୱ.ପ୍ର)**

କୋଭିଡ କଟକଣା ଯୋଗୁ ଦୀର୍ଘ ଦୁଇବର୍ଷରୁ ଅଧିକ ସମୟ ହେଲା ସ୍ଥଗିତ ରହିଥିବା ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ପୁନର୍ବାର ଆରମ୍ଭ ହୋଇଛି। ଏହି ଅବସରରେ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଶିବିରରେ ଜନସାଧାରଣଙ୍କ ପକ୍ଷରୁ ୨୯ଟି ଆପତ୍ତି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ମାମଲା ହୋଇଥିବାବେଳେ ୫ଟି ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା। ଅଭିଯୋଗଗୁଡିକ ସମ୍ପର୍କରେ ଅନୁଧ୍ୟାନ କରାଯାଇ ୨ଟି ବ୍ୟକ୍ତିଗତ ମାମଲାର ସମାଧାନ କରାଯାଇ ତୁରନ୍ତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଯୋଗାଇଦିଆଯାଇଥିବାବେଳେ ୨୭ଟି ମାମଲାକୁ ବିଭିନ୍ନ ବିଭାଗକୁ ପଠାଯାଇ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଉପଜିଲାପାଳ ସନତ କୁମାର ନାଏକ, ଜିଲା ଜରୁରିକାଳୀନ ଅଧିକାରୀ ଅବନୀକାନ୍ତ ସାହୁ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ନୂଆ ଜୀବନ ପାଇଲେ ଲକ୍ଷ୍ମୀପ୍ରିୟା

■ସହାୟତା କଲେ ଗୃହ ରାଷ୍ଟ୍ରମନ୍ତ୍ରୀ
■ବିଏସ୍‌କେୱାଇରେ ହେଲା ଚିକିତ୍ସା

**ଜୁନାଗଡ,୧୮।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଲେଇଗାଁ ପଞ୍ଚାୟତ କୁଲିହାରୀ ଗ୍ରାମର ଲକ୍ଷ୍ମୀପ୍ରିୟା ବାଗ (୩୨) ନାମକ ଜଣେ ମହିଳା ସ୍ନାୟୁଜନିତ ରୋଗରେ ପୀଡ଼ିତ ହୋଇ ଜୀବନ ସହ ସଂଗ୍ରାମ କରୁଥିଲେ। ତାଙ୍କ ଏପରି ଦୁଃଖଦ ଖବର ବିଷୟରେ ଜାଣି ଜୁନାଗଡ ବିଧାୟକ ତଥା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସହାୟତାର ହାତ ବଢାଇଥିଲେ। ରାଜ୍ୟ ସରକାରଙ୍କ ବିଏସ୍‌କେୱାଇ (ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା) ମାଧ୍ୟମରେ ଲକ୍ଷ୍ମୀପ୍ରିୟାଙ୍କୁ ଭୁବନେଶ୍ୱର ଏମ୍ସରେ ଗତ ୧୦ ତାରିଖ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ନ୍ୟୁରୋସର୍ଜରୀ (ସ୍ନାୟୁ ଶଲ୍ୟ ଚିକିତ୍ସା)ର ଆବଶ୍ୟକତା ପଡିଥିଲା। ଫଳରେ ତାଙ୍କୁ ନ୍ୟୁରୋସର୍ଜରୀ ଚିକିତ୍ସା କରାଯାଇଥିଲା।



ଡାକ୍ତରଖାନାରେ ଲକ୍ଷ୍ମୀପ୍ରିୟା।

ଏହି ଚିକିତ୍ସା ସମସ୍ତ ଖର୍ଚ୍ଚ ବିଜୁ କଲ୍ୟାଣ ସ୍ୱାସ୍ଥ୍ୟ ଯୋଜନାର ସ୍ମାର୍ଟ ମାଧ୍ୟମରେ ହୋଇଥିଲା। ବର୍ତ୍ତମାନ ଲକ୍ଷ୍ମୀପ୍ରିୟା ସୁସ୍ଥ ଥିବା ଜଣାପଡିଛି। ବିଏସ୍‌କେୱାଇ ଲକ୍ଷ୍ମୀପ୍ରିୟାଙ୍କ ପାଇଁ ବରଦାନ ସାଜିଥିବାବେଳେ ଏଥିପାଇଁ ତାଙ୍କୁ ନୂଆ ଜୀବନ ମିଳିଛି। ଯାହାକୁ ନେଇ ତାଙ୍କ ପରିବାରବର୍ଗ ରାଜ୍ୟ ସରକାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପାରମ୍ପରିକ ବିହନ, ଖାଦ୍ୟ ମେଳା ଉଦ୍‌ଘାଟିତ

**ଓଡ଼ିଶା ସହିତ ୩ ରାଜ୍ୟର ଚାଷୀ ସାମିଲ**

**କର୍ଲାମୁଣ୍ଡା,୧୮।୪(ଡି.ଏନ.ଏ.)**

କଳାହାଣ୍ଡିଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲପଞ୍ଚାୟତ କଂସିଲଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଶୋସାଇଟି ପକ୍ଷରୁ ସୋମବାର ପାରମ୍ପରିକ ବିହନ ଓ ଖାଦ୍ୟ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବ। ଉଦ୍‌ଘାଟିତ ମୁଖ୍ୟଅତିଥି ଭାବେ ଜିଲା ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଅଧ୍ୟକ୍ଷା କୁନି ସାହୁ, କର୍ଲାମୁଣ୍ଡା କ ଜୋନ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ତହସିଲଦାର ବାସନ୍ତୀ ସେଠୀ, କମ୍ବୁପାଣି ମିଶ୍ର, ଆୟୋଜକ ଏନଜିଓ ରାଜ୍ୟ ସଂଯୋଜକ ବସନ୍ତ କୁମାର ପାଣିଗ୍ରାହୀ, ଅମର କୁମାର ଗଉଡ଼ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ପାରମ୍ପରିକ ବିହନ ଓ ଖାଦ୍ୟର ସୁରକ୍ଷା ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏଥିରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଓଡ଼ିଶାର ବରଗଡ଼, କୋରାପୁଟ, କନ୍ଧମାଳ, ବଲାଙ୍ଗୀର ଓ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଯୋଗଦେଇ ଅନେକ କିସମର ଦେଶୀ ବିହନ ପ୍ରଦର୍ଶନ କରିଥିଲେ।

# ଫସିଲେ ଜମନକିରା ଆର୍‌ଆଇ

**ଜମନକିରା, ୧୮।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ସର୍କଲ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ମନୋଜ କୁମାର ମହାନନ୍ଦ ସୋମବାର ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଛନ୍ତି।

ସୂଚନା ଅନୁସାରେ, ଜମନକିରା ବ୍ଲକ ଚାହାବଗାନପଡ଼ାର ଦୁଃଖୀ ମିଞ୍ଜଙ୍କର ୫ ଭାଇ। ଭାଇମାନେ ଜମି ଭାଗବଣ୍ଟା ପାଇଁ ଜମନକିରା ତହସିଲରେ ଆବେଦନ କରିଥିଲେ। ତହସିଲ ପକ୍ଷରୁ ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ କରାଯାଇଥିଲା। ମାତ୍ର ଆର୍‌ଆଇ ମହାନନ୍ଦ ବାହାନା କରି ସମୟ ଗଡ଼ାଇ ଚାଲିଥିଲେ। ଦୁଃଖୀ ଅନ୍ୟ ଉପାୟ ନ ପାଇ ଖର୍ଚ୍ଚ ନେଇ ଜମି ଚିହ୍ନଟ କରିବାକୁ ଅନୁରୋଧ କରିଥିଲେ।



ଗିରଫ ମନୋଜ

ହେଲେ ଆର୍‌ଆଇ ଏଥିପାଇଁ ୯ ହଜାର ଟଙ୍କା ଦାବି କରିଥଲେ। ଏ ନେଇ ଦୁଃଖୀ ସମ୍ବଲପୁର ଭିଜିଲାନ୍ସ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଦୁଃଖୀଙ୍କୁ ରାସାୟନିକ ପ୍ରଲେପ ଦିଆ ୯ ହଜାର ଟଙ୍କା ଦିଆଯାଇଥିଲା। ଯୋଜନା ମୁତାବକ ତହସିଲ ଅଫିସ ନିକଟ ପାନ ଦୋକାନରେ ଦୁଃଖୀ ଏହି ଟଙ୍କା ଆର୍‌ଆଇଙ୍କୁ ଦେବାବେଳେ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଭିଜିଲାନ୍ସ ଟିମ୍ ଆର୍‌ଆଇ ମହାନନ୍ଦଙ୍କୁ ସମ୍ବଲପୁର ଏସ୍‌ପିଙ୍କ ପାଖରେ ହାଜର କରି କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


**OFFICE OF THE NOTIFIED AREA COUNCIL: BOUDHGARH**
**"e" Procurement Notice**
**Tender call Notice No:2484/NAC/1/2022-23**
**No.C-90: dtd.13.4.2022**

1. Name of work :- Civil works as mentioned in website.
2. No. of works: 2 No. of Civil works.
3. Bid value : Rs 17.42 lakhs to Rs 17.73 lakhs
4. Date and time of availability, received of the bid documents in the portal: From 10.00 A.M. of dt 15.04.22 to dt 21.04.2022 up to 5.00 P.M only.
5. Bids received online shall be opened on Dt 23.04.2022 at 11.00AM
6. Submission of original documents: on or before 10.30 AM of Dt.23.04.2022.
7. Name & Address of the Officer inviting Bid :- EXECUTIVE OFFICER, BOUDHGARH NAC
8. The contractors awarded with various developmental works of NAC, Boudhgarh and who have not completed the work after completion period is over and have not obtained the EOT from the competent authority are debarred to participate in the tender process.

For further details can be seen from the Procurement portal: **www.tendersorissa.gov.in**

**Sd./- Executive Officer, Boudhgarh NAC**
OIPR-13155/11/0003/2223

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID**
**No.3952, Dated:13.04.2022**
**Bid Identification No. :- MC/RMC/15/2022**

**No.C-86:** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/04/2022 for 13 nos Civil work with value of Rs. 3.36 lakh to Rs. 35.03 lakh.
1.Bid documents will be available in website www.tendersorissa.gov.in from 18.04.2022.
2.Bids must be submitted on "online" on or before 28.04.2022 by 17.00 hours.
3. Bids shall be opened at 11.00 hours on 29.04.2022 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

**Sd./- Municipal Commissioner,**
**Rourkela Municipal Corporation**
OIPR-13131/11/0005/2223

**GOVERNMENT OF ODISHA** No.A-66
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER**
**NUAPADA IRRIGATION DIVISION, NUAPADA**
**e-Procurment Notice No.- (NID) 01/2022-23**
**e-mail address: ee.npd.irr@gmail.com**
**PERCENTAGE RATE e-TENDER**

1. The Superintending Engineer Nuapada Irrigation Division, Nuapada, Dist.- Nuapada, Pin-766105, (Odisha) on behalf of Governor of Odisha invites **"PERCENTAGE RATE Bids" IN SINGLE COVER SYSTEM**, in electronic tendering system for the construction works detailed in the table below, which are eventually to be draw on P1 agreement.

| | |
|---|---|
| Package No. | **BID ID No. (NID) 01/2022-23 TO (NID) 38/2022-23** |
| Nature of Work | **38 (Thirty eight) Nos. C.C. lining & Renovation of stone lining.** |
| Approximate value of work | **Varies Rs.5.53 to Rs.10.96 Lakh (Excluding GST)** |
| Period of Completion | **03, (Three) calendar Months.** |
| Classification of Bidder | **'D' & 'C' class Contractor only** |
| Bid documents available Date and Time. | **21.04.2022 to 01.05.2022 up to 17.00 Hrs** |
| Bid clarification start date & closing date. | **21.04.2022 to 01.05.2022 during office hours** |
| Date, Time and Venue of opening of bid online. | **02.05.2022 at 9.00 Hrs** at O/o the Superintending Engineer, Nuapada Irr. Division, Nuapada |
| If stipulation arises the Tender will be decided through Lottery System. | **10.05.2022 at 9.30 Hrs** at O/o the Superintending Engineer, Nuapada Irr. Division, Nuapada |

Further details can be seen any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.

**Sd./- Superintending Engineer, Nuapada Irrigation Division, Nuapada**
OIPR-32026/11/0002/2223

**ZILLA SWASTHYA SAMITI, SUNDARGARH**
OFFICE OF THE CDM&PHO-CUM-DISTRICT MISSION DIRECTOR, SUNDARGARH
**Advt. No. 1397/NMH, 2022** **Dt. 12.04.2022**
**Request for proposal (RFP) for Management of Maternity Waiting Home (Maa Gruha) in PPP mode under DMF, Sundargarh**

**No.E-16:-** Sealed proposal as per prescribed RFP documents are invited from interested eligible bidder for operation and management of MWH (Maa Gruha) in PPP mode under DMF, Sundargarh. The eligible criteria, the details requirement of said services and the formats for submission of proposals are set forth in the RFP documents which can be downloaded from the website www.sundargarh.nic.in. Interested bidders fulfilling the eligibility criteria may submit their proposals (with EMD & documents as per RFP) to the O/o CDM & PHO Sundargarh. The pre Bid meeting will be held on 22.04.2022 at 4.30 PM in the office Chamber of the undersigned and proposal(s) complete in all respect should reach the undersigned on or before 05.00 PM of 30.04.2022 through Regd. Post/Speed Post and the same will be opened on date 02.05.2022 at 11 .00 AM in the office chamber of the undersigned. The undersigned reserves the right to reject any or all tender(s) without assigning any reason.

**Sd./- CDM&PHO-cum-District Mission Director, Sundargarh**
OIPR-10100/11/0003/2223

**OFFICE OF THE SUPERINTENDING ENGINEER**
**NABARANGPUR IRRIGATION DIVISION, NABARANGPUR**
**QUOTATION CALL NOTICE NO. SE NID 01/22-23 DT. 07.04.2022**
**CORRIGENDUM**

No. 467 Date. 18.04.2022
No.A-62:- Due to some un avoidable circumstances the date and time of the availability, submission and opening of the quotation for hiring of vehicles in the office of the Superintending Engineer, Nabarangpur Irrigation Division have been changed as follows.

| Procurement Officer | Quotation Identification No. | Availability of quotations | Submission of quotations | Date of opening of quotations |
|---|---|---|---|---|
| SE, Nabarangpur Irrigation Division, Nabarangpur | SE, NID-01/ 2022-23 (01-03) | 11.04.2022 to 27.04.2022 upto 10.00 A.M. | 11.04.2022 to 27.04.2022 upto 11.00 A.M. | 27.04.2022 at 01.00 P.M. |

Other details remain unchanged.
**Superintending Engineer, Nabarangpur Irrigation Division, Nabarangpur**
OIPR-32361/11/0002/2223

**Directorate of Soil Conservation and Watershed Development (DSC & WD), Odisha**
**Department of Agriculture & Farmers' Empowerment, Government of Odisha**
**Krushi Bhawan, Bhubaneswar-7510001**
**email ID: iwmporissa@gmail.com**
**No.RE/HR/RFP/01 dated: 13.04.2022**
**Notice Inviting Tender (NIT)**

No. L-20:- DSC & WD seeks to invite proposals for engagement of agency to provide professional manpower at various locations of DSC&WD under the World Bank assisted Rejuvenating Watersheds for Agricultural Resilience through Innovative Development (REWARD) Programme. The bidders can access & download the complete NIT & TOR documents with other details from the official website of eprocurement portal of Odisha (tendersodisha.gov.in) & also from website of DSC & WD at https://www.soilodisha.nic.in and submit the same along with required tender processing fee as specified in the tender documents.
The last date for receipt of tender bids by online in e-procurement portal is dt.18.05.2022 up to 05.00 PM. For the details of opening of bids, important information, terms and conditions etc., please refer the tender documents available in the above websites.
The proposal received beyond the last date & time will be rejected outrightly. The Director, Soil Conservation & Watershed Development, Odisha, Bhubaneswar reserves the right to reject any/all proposals without assigning any reason thereof.

**Sd./- Director, Soil Conservation and Watershed Development, Odisha, Bhubaneswar**
OIPR-01470/11/0005/2223

**WATCO**
**OFFICE OF THE CHIEF EXECUTIVE OFFICER, WATCO**
**Ground Floor, Unnati Bhawan, Satyanagar, Bhubaneswar-751007, Odisha, India Telefax: - +91-674-2391444**
**e-mail - mail@watcoodisha.in / md@watcoodisha.in**
**No.C-97:** **INVITATION FOR BID (IFB)**
**Bid Identification No. WATCO (W) - 02/2022-23 Dtd.18.04.2022**
**WATCO No. 1509/ Date:18.04.2022**

1. Name of the work : Selection of Agency for Establishment of Public Health Engineering Laboratories for Testing and Quality Monitoring of Water & Waste Water on PPP Mode for Period of 10 (Ten) Years in 7 (Seven) Public Health Divisions of Odisha under DBOT basis -Jagatsinghpur, Angul, Keonjhar, Jharsuguda, Bhanjanagar, Bolangir & Koraput
2. Period of completion : 6 (Six) Calendar Months.
3. Date & Time of Online availability of bid document in the Web Portal : From 11.00 AM of Dt.25.04.2022 to 5.00 PM of 17.05.2022
4. Last Date / Time of Online receipt of bids in the Web Portal : 5.00 P.M. of 17.05.2022.
5. Date & Time of Opening of Technical bids : 11.00 AM of Dt.18.05.2022
6. Name and address of the Officer Inviting Bid : Chief Executive Officer, WATCO, Ground Floor, Unnati Bhawan, Satyanagar, Bhubaneswar-751007, Odisha, India, Telefax: - +91-674-2391444 e-mail - mail@watcoodisha.in / ma@watcoodisha.in

- **Further details can be seen from the e-Procurement portal https://www.tendersodisha.gov.in / http://www.watcoodisha.in**
- **All amendments, time extension, clarifications etc., will be uploaded in the website only. Bidders should regularly visit the above website to keep themselves updated.**

**Sd./- Chief Executive Officer, WATCO**
OIPR-13194/11/0008/2223

**OFFICE OF THE MUNICIPAL COUNCIL, JODA**
**E-mail eojodamunicipality@rediffmail.com**
**No.1138** **Date.. 12.04.2022**
**QUOTATION CALL NOTICE**

**No.C-91:** Sealed quotations ate invited from interested reputed Travel Agencies/Tour Operators or Private Individuals for providing One Number of 'AC Diesel/petrol driven vehicle having seating capacity not more than ten including driver , which shall be conform to the terms and conditions (Annexure-1) for official use in Joda Municipality on monthly rent basis.
1 . The vehicle must be road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of up to date tax payment etc. which are mandatory for plying of vehicle. 2. The Driver of the vehicle must have a Valid Driving License for driving light transport passenger vehicle and should be sufficiently experienced in driving transport passenger vehicle. 3. The Driver should be well behaved, gentle and obedient in nature. 4. A sum of Rs.5000.00 shall be deposited by the intending bidders in shape of Account Payee Bank Draft drawn in favour of the Executive Officer, Joda Municipality and submitted along with the quotation as security deposit. After completion of the bidding process, the amount will be refunded to the unsuccessful bidders, 5. The Monthly rate of Hire Charge should be quoted separately in the general bid information (excluding fuel & lubricants). 6. The vehicle must achieve a fuel efficiency of 12 Kms per Litre. 7. The details of the make and year of manufacture of the vehicle registration No, mileage (Kms covered per litre) and name of the Driver with Driving License No and period of validity should be specifically provided in the general bid information to be furnished with the quotation (Annexure-2). 8. The Quotation completed in all respect should reach the undersigned on or before 28.04.2022 by 11.00 AM and shall be opened on the same day at 11.30AM in presence of the bidders or their authorized representatives. 9. The application form of quotation containing general bid information & Terms and Conditions for Hiring of Vehicles etc. will be available with cashier on payment of Rs.500.00 from 12.04.2022 to 28.04.2022 till 10.00A.M excepting the Govt. holidays or can be downloaded from official website of Joda Municipality www.jodamunicipality.com from Dt.12.04.2022 to Dt 28.04.2022 till 10.00 AM. In case the application form is downloaded from the website, the applicant shall furnish the Demand Draft for an amount of Rs.500.00 (Rupees Five hundred only) towards the cost of application along with the application.

**Sd./- Executive Officer, Joda Municipality**
OIPR-13124/11/0001/2223

See Career Appointment on every Wednesday & Saturday

**ହିନ୍ଦୁ ଦମ୍ପତି ଜନ୍ମ କରନ୍ତୁ ୪ ସନ୍ତାନ**

ବିଭିନ୍ନ ରାଜ୍ୟରେ ସାମ୍ପ୍ରଦାୟିକ ସଂଘର୍ଷ ମଧ୍ୟରେ ହିନ୍ଦୁତ୍ୱବାଦୀ ନେତ୍ରୀ ସାଧ୍ୱୀ ଋତମ୍ଭରାଙ୍କ ବୟାନ ଚର୍ଚ୍ଚା ଜୋର୍ ଧରିଛି। ପ୍ରତ୍ୟେକ ହିନ୍ଦୁ ଦମ୍ପତି ୪ଟି ଲେଖାଏ ସନ୍ତାନ ଜନ୍ମ କରନ୍ତୁ ବୋଲି ସେ କହିଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଦେଶ ସେବାରେ ନିୟୋଜିତ କରିବା ସହ ଅନ୍ୟ ୨ ଜଣ ମା'ବାପାଙ୍କ ପାଖରେ ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହା ଦ୍ୱାରା ଖୁବ୍ ଶୀଘ୍ର ଭାରତ ଏକ ହିନ୍ଦୁ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ଋତମ୍ଭରା କହିଛନ୍ତି।



## ସଂକ୍ଷେପରେ

### ମନୋଜ ପାଣ୍ଡେ ସେନାମୁଖ୍ୟ ନିଯୁକ୍ତ



**ନୂଆଦିଲ୍ଲୀ,୧୮।୪:** ସ୍ଥଳସେନାର ଉପମୁଖ୍ୟ ଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ମନୋଜ ପାଣ୍ଡେଙ୍କୁ ଭାରତୀୟ ସେନାର ପରବର୍ତ୍ତୀ ଅଧକ୍ଷ ଭାବେ ସୋମବାର ନିଯୁକ୍ତି ପ୍ରଦାନ କରାଯାଇଛି। ମେ' ୧ରେ ସେ କାର୍ଯ୍ୟଭାର ଗ୍ରହଣ କରିବେ। ବର୍ତ୍ତମାନର ସେନାମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେଙ୍କ କାର୍ଯ୍ୟକାଳ ଏପ୍ରିଲ୍ ୩୦ରେ ଶେଷ ହେଉଥିବାବେଳେ ମନୋଜ ପାଣ୍ଡେ ତାଙ୍କ ଉତ୍ତରାଧିକାରୀ ଭାବେ ଦାୟିତ୍ୱ ନେବାକୁ ଯାଉଛନ୍ତି। କର୍ପସ ଅଫ୍ ଇଞ୍ଜିନିୟର୍ସରୁ ପ୍ରଥମ ଅଫିସର ଭାବେ ସେ ଦେଶର ୨୯ତମ ସେନାଧକ୍ଷ ହେବାକୁ ଯାଉଛନ୍ତି। ନ୍ୟାଶନାଲ ଡିଫେନ୍ସ ଏକାଡେମୀରୁ ଶିକ୍ଷା ସମାପ୍ତ ପରେ ସେ ୧୯୮୨ ଡିସେମ୍ବରରେ କର୍ପସ୍ ଅଫ୍ ଇଞ୍ଜିନିୟର୍ସରେ ଭର୍ତ୍ତି ହୋଇଥିଲେ। ୨୦୦୧ ଡିସେମ୍ବରରେ ପାର୍ଲାମେଣ୍ଟ ଭବନ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକ୍ ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ନିୟନ୍ତ୍ରଣ ରେଖାର ପଲାନୱାଲା ସେକ୍ଟରରେ ସେନାର ଅପରେଶନ ପରାକ୍ରମରେ ସେ ଇଞ୍ଜିନିୟର ରେଜିମେଣ୍ଟର ନେତୃତ୍ୱ ନେଇଥିଲେ। ପୂର୍ବାଞ୍ଚଳ କମାଣ୍ଡ ଦାୟିତ୍ୱ ନେବା ପୂର୍ବରୁ ଲ୍ୟୁଟ୍‌ନାଣ୍ଟ ଜେନେରାଲ ପାଣ୍ଡେ ଆଣ୍ଡାମାନ ନିକୋବର କମାଣ୍ଡର କମାଣ୍ଡର-ଇନ୍-ଚିଫ୍ ଥିଲେ।

### ଶ୍ରୀଲଙ୍କାରେ ନୂଆ କ୍ୟାବିନେଟ୍

**କଲମ୍ବୋ,୧୮।୪(ପି.ଟି.):** ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଶ୍ରୀଲଙ୍କାରେ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ସୋମବାର ୧୭ ନୂଆ ମନ୍ତ୍ରୀଙ୍କୁ ନିଯୁକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେଙ୍କ ବ୍ୟତୀତ ଗୋଟାବାୟାଙ୍କ ଅନ୍ୟ ଘନିଷ୍ଠ ସମ୍ପର୍କୀୟ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ୩ ଜଣଙ୍କୁ ମନ୍ତ୍ରୀ ନିଯୁକ୍ତ କରାଯାଇଥିଲା। ଆର୍ଥିକ ସଙ୍କଟ ଯୋଗୁ ଶ୍ରୀଲଙ୍କାବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ୧୯୪୮ରେ ଏହି ଦ୍ୱୀପଦେଶ ବ୍ରିଟିଶ ଶାସନରୁ ମୁକ୍ତ ହେବା ପରେ କେବେ ଏଭଳି ସଙ୍କଟର ସମ୍ମୁଖୀନ ହୋଇ ନ ଥିଲା। ବିଦେଶୀ ପୁଞ୍ଜି ଅଭାବରୁ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନି କରାଯାଇପାରୁ ନାହିଁ। ଫଳରେ ସେଠାରେ ଇନ୍ଧନ ସମସ୍ୟା ଦେଖାଦେବା ସହ ଦୀର୍ଘ ସମୟ ବିଦ୍ୟୁତ୍ କାଟ ହେଉଛି। ଏଥିସହିତ ବିଭିନ୍ନ ସାମଗ୍ରୀର ଦର ଆକାଶଛୁଆଁ ହୋଇଛି। ଆର୍ଥିକ ସଙ୍କଟ ପାଇଁ ଗୋଟାବାୟା ସରକାରଙ୍କୁ ଦାୟୀ କରାଯାଇ ତାଙ୍କ ଇସ୍ତଫା ଲାଗି ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ସରକାର ବିରୋଧୀ ଆନ୍ଦୋଳନ ଦମନ ପାଇଁ ସରକାର ଜରୁରୀ ସ୍ଥିତି ସହ କେତେକ ଅଞ୍ଚଳରେ କର୍ଫ୍ୟୁ ଜାରି କରିଛନ୍ତି। ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ ପାଇଁ କ୍ୟାବିନେଟର ସବୁ ମନ୍ତ୍ରୀ କିଛିଦିନ ପୂର୍ବରୁ ଇସ୍ତଫା ଦେଇଥିଲେ।

# ତେଜୁଛି ସାମ୍ପ୍ରଦାୟିକ ହିଂସା

**ନୂଆଦିଲ୍ଲୀ,୧୮।୪**

■ଦିଲ୍ଲୀରେ ପୁଣି ଢେଲାମାଡ଼: ପୋଲିସ ଇନ୍ସପେକ୍ଟର ଆହତ

■ଶୋଭାଯାତ୍ରା ଆୟୋଜକଙ୍କ ବିରୋଧରେ ଏତଲା

ଦେଶର ବିଭିନ୍ନ ରାଜ୍ୟରେ ଗତ କିଛି ଦିନ ହେଲା ସାମ୍ପ୍ରଦାୟିକ ହିଂସା ବଢ଼ିବାରେ ଲାଗିଛି। ରାମନବମୀ ଶୋଭଯାତ୍ରା ଏବଂ ହନୁମାନ ଜୟନ୍ତୀ ସମୟରେ ବିଭିନ୍ନ ସ୍ଥାନରେ ଦୁଇ ସମ୍ପ୍ରଦାୟର ଲୋକେ ପରସ୍ପର ମୁହାଁମୁହିଁ ହୋଇଥିଲେ। ଦିଲ୍ଲୀର ଜାହାଙ୍ଗୀରପୁରୀ ଅଞ୍ଚଳରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାକୁ ନେଇ ଗତ ଶନିବାର ସାମ୍ପ୍ରଦାୟିକ ସଂଘର୍ଷ ସୃଷ୍ଟି ହୋଇ ପୋଲିସ ସମେତ କେତେଜଣ ଆହତ ହୋଇଥିଲେ। ସୋମବାର ସେଠାରେ ପୁଣିଥରେ ଢେଲାମାଡ଼ ହେବାରୁ ଦିଲ୍ଲୀ ପୋଲିସର ଜଣେ ଇନ୍ସପେକ୍ଟର ଆହତ ହୋଇଛନ୍ତି। ଜାହାଙ୍ଗିରପୁରୀ ସାମ୍ପ୍ରଦାୟିକ ସଂଘର୍ଷ ଘଟଣାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଆୟୋଜନକାରୀଙ୍କ ବିରୋଧରେ ଦିଲ୍ଲୀ ପୋଲିସ ସୋମବାର ଏତଲା ଦାଏର କରିଛି। ସେମାନେ ଅନୁମତି ନ ନେଇ ଶୋଭାଯାତ୍ରା ବାହାର କରିଥିବାରୁ ଆଇପିସିର ଧାରା ୧୮୮ରେ ଏତଲା ଦାଏର ହୋଇଥିବା ଉତ୍ତରପଶ୍ଚିମାଞ୍ଚଳ ଡିସିପି ଉଷା ରଙ୍ଗ୍‌ନାନି କହିଛନ୍ତି। ଶନିବାର ସକାଳେ ଓ ସନ୍ଧ୍ୟାରେ ଆୟୋଜିତ ଶୋଭାଯାତ୍ରାକୁ ଅନୁମତି ମିଳିଥିଲା। ରାତିରେ ବିନା ଅନୁମତିରେ ବାହାରିଥିବା ଶୋଭାଯାତ୍ରା ବେଳେ ସଂଘର୍ଷ ହୋଇଥିଲା।



ଜାହାଙ୍ଗୀରପୁରୀ ହିଂସାବେଳେ ଏକ ବାଇକ୍ ଜାଳି ଦିଆଯାଇଛି।

ସୋମବାର ସି-ବ୍ଲକ୍‌ରୁ ଟେକାମାଡ଼ ହୋଇଥିବାବେଳେ ପୋଲିସ ଟିମ୍ ଏବଂ ରାପିଡ୍ ଆକ୍ସନ ଫୋର୍ସ ସେଠାରେ ପହଞ୍ଚିଛନ୍ତି। ସି-ବ୍ଲକ୍‌ର ସମସ୍ତ ଗେଟ୍‌କୁ ବନ୍ଦ କରିଦିଆଯିବା ସହ କାହାକୁ ବାହାରକୁ ଯିବାକୁ ଦିଆଯାଉ ନାହିଁ। କ୍ରାଇମ୍ ବ୍ରାଞ୍ଚ ଟିମ୍ ପୂର୍ବ ସଂଘର୍ଷର ତଦନ୍ତ ପାଇଁ ଉକ୍ତ ଲେନ୍‌ରେ ପ୍ରବେଶ କରିବାକୁ ଉଦ୍ୟମ କରୁଥିବାବେଳେ ଟେକାମାଡ଼ ହୋଇଥିଲା। ଜାହାଙ୍ଗୀରପୁରୀ ସାମ୍ପ୍ରଦାୟିକ ସଂଘର୍ଷର ତଦନ୍ତ ଦାୟିତ୍ୱ ସୋମବାର କ୍ରାଇମ୍ ବ୍ରାଞ୍ଚ୍‌କୁ ହସ୍ତାନ୍ତର କରାଯିବା ସହ ଏହା ପଛରେ ବାଂଲାଦେଶୀ/ରୋହିଙ୍ଗ୍ୟା ପ୍ରସଙ୍ଗ ଜଡ଼ିତ କି ନୁହେଁ, ତଦନ୍ତ କରିବା ପାଇଁ କୁହାଯାଇଛି। ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି। ଏପର୍ଯ୍ୟନ୍ତ ଉଭୟ ସମ୍ପ୍ରଦାୟରୁ ୨୩ ଜଣଙ୍କୁ ଗିରଫ କରାଗଲାଣି। ଜାତି, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ଯେଉଁମାନେ ହିଂସାରେ ସମ୍ପୃକ୍ତ ଥାଆନ୍ତୁ ନା କାହିଁକି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦିଲ୍ଲୀ ପୋଲିସ କମିଶନର ରାକେଶ ଅସ୍ଥାନା ସୋମବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ପୋଲିସ ଗିରଫଦାରିରେ ପାତର ଅନ୍ତର କରୁଛି ବୋଲି ସୋସିଆଲ ମିଡିଆରେ ଅଭିଯୋଗ ହେବା ପରେ ଅସ୍ଥାନା ଏଭଳି ମନ୍ତବ୍ୟ ଦେଇଛନ୍ତି। ଶୋଭାଯାତ୍ରାରେ



**ସାମ୍ପ୍ରଦାୟିକ ସଂଘର୍ଷରେ ସମ୍ପୃକ୍ତ କାହାକୁ ଛଡ଼ାଯିବ ନାହିଁ: ଅସ୍ଥାନା**

ବାହାରିଥିବା କେତେଜଣ ସି-ବ୍ଲକ୍ ମସ୍‌ଜିଦରେ ପତାକା ଲଗାଇବାକୁ ଉଦ୍ୟମ କରିଥିଲେ ବୋଲି ବିଭିନ୍ନ ରାଜନେତା ଓ ସୋସିଆଲ ମିଡିଆ ବ୍ୟବହାରକାରୀ ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗକୁ ପୋଲିସ କମିଶନର ଖଣ୍ଡନ କରିଛନ୍ତି। ସେଦିନ ଶୋଭାଯାତ୍ରାକୁ ନେଇ ବଚସାରୁ ସଂଘର୍ଷ ହୋଇଥିଲା ଏବଂ ଉଭୟ ଗୋଷ୍ଠୀ ପରସ୍ପରକୁ ଢେଲାମାଡ଼ କରିଥିଲେ। ଏଥିରେ ୯ ଜଣ ପୋଲିସ କର୍ମଚାରୀଙ୍କ ସହ ଅନ୍ୟ କେତେଜଣ ଆହତ ହୋଇଥିଲେ। ଏହାର ତଦନ୍ତ ପାଇଁ ୧୪ଟି ଟିମ୍ ଗଠନ କରାଯାଇଛି। ତଥ୍ୟ ପ୍ରମାଣ ସଂଗ୍ରହ ଲାଗି ୪ଟି ଫୋରେନ୍‌ସିକ୍ ଟିମ୍ ଉକ୍ତ ଅଞ୍ଚଳକୁ ଯାଇଥିବା ଅସ୍ଥାନା ଗଣମାଧ୍ୟମକୁ କହିଛନ୍ତି।

ସ୍ଥିତିକୁ ଉତ୍ତେଜନାପୂର୍ଣ୍ଣ ରଖିବା ଲାଗି କେତେଜଣ ସୋସିଆଲ ମିଡିଆରେ ଗୁଜବ ପ୍ରଚାର କରିବାକୁ ଉଦ୍ୟମ କରୁଛନ୍ତି। ସେଥିରେ ବିଶ୍ୱାସ ନ କରିବାକୁ ପୋଲିସ କମିଶନର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ପରିବେଶକୁ ବିଶୃଙ୍ଖଳିତ କରିବାକୁ ଉଦ୍ୟମ କରୁଥିବା ଲୋକଙ୍କୁ ଛଡ଼ାଯିବ ନାହିଁ ବୋଲି ସେ କହିଛନ୍ତି।

## ୨ ଯବାନ ଶହୀଦ

**ପୁଲୱାମା,୧୮।୪**

ଆତଙ୍କବାଦୀ ଆକ୍ରମଣରେ ପୁଲୱାମାରେ ରେଲୱେ ପ୍ରୋଟେକ୍ସନ ଫୋର୍ସ (ଆର୍‌ପିଏଫ୍)ର ୨ ଯବାନ ଶହୀଦ ହୋଇଛନ୍ତି। ମୃତ ଯବାନଦ୍ୱୟ ହେଲେ ସବ୍-ଇନ୍‌ସ୍ପେକ୍ଟର ଦେବରାଜ ଏବଂ ହେଡ୍ କନଷ୍ଟେବଳ ସୁରିନ୍ଦର ସିଂ। ପୁଲୱାମାର କାକାପୋଡ଼ାରେ ଥିବା ଏକ ଚା ଦୋକାନ ନିକଟରେ ଆତଙ୍କବାଦୀମାନେ ଆର୍‌ପିଏଫ୍ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ସେମାନଙ୍କୁ ଆହତ ଅବସ୍ଥାରେ ନିକଟସ୍ଥ ଡାକ୍ତରଖାନା ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ ତିନି ସପ୍ତାହ ଧରି ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ବଢ଼ିଚାଲିଛି। ଆସନ୍ତା ୨୪ ତାରିଖରେ ପଞ୍ଚାୟତିରାଜ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଜମ୍ମୁ-କଶ୍ମୀର ଗସ୍ତ କରିବେ। ଶତାଧିକ ପଞ୍ଚାୟତ ଅଧିକାରୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୋଦି ଯୋଗ ଦେବାର ଯୋଜନା ରହିଛି।

## ଇନ୍ଧନ ସଙ୍କଟରୁ ପାକ୍‌ରେ ବିଦ୍ୟୁତ କାଟ୍

**ଇସ୍‌ଲାମାବାଦ, ୧୮।୪**

ବିଦେଶରୁ କୋଇଲା, ପ୍ରାକୃତିକ ଗ୍ୟାସ୍ କିଣିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ନ ଥିବାରୁ ପାକିସ୍ତାନରେ ଇନ୍ଧନ ସଙ୍କଟ ଦେଖାଦେଇଛି। ଫଳରେ କଳକାରଖାନା ସମେତ ଘରୋଇ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି। ୟୁକ୍ରେନ୍ ଯୁଦ୍ଧ ଯୋଗୁ କୋଇଲା ଏବଂ ଗ୍ୟାସ୍ ଦରରେ ବ୍ୟାପକ ବୃଦ୍ଧି ଘଟିଥିବାବେଳେ ଇନ୍ଧନ ଯୋଗାଣ ଶୃଙ୍ଖଳ ମଧ୍ୟ ବ୍ୟାହତ ହୋଇଛି। ଅର୍ଥ ଅଭାବରୁ ପାକିସ୍ତାନ ଆବଶ୍ୟକ କୋଇଲା ଆମଦାନୀ କରିପାରୁ ନ ଥିବାରୁ ଦେଶର ଅନେକ ପାୱାର ପ୍ଲାଣ୍ଟରୁ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ପାକିସ୍ତାନରେ ଏନର୍ଜି ଖର୍ଚ୍ଚ ଗତ ୯ ମାସରେ ଦୁଇଗୁଣା ହୋଇ ୧୫ ବିଲିୟନ ଡଲାରରେ ପହଞ୍ଚିଛି। କୋଇଲା ଅଭାବରୁ ଏପ୍ରିଲ ୧୩ରେ ୩,୫୦୦ ମେଗାୱାଟ୍‌ର ପାୱାରପ୍ଲାଣ୍ଟ ବନ୍ଦ ରହିଛି। ଏହାବାଦ୍ ଟେକ୍ନିକାଲ ସମସ୍ୟା ଯୋଗୁ ପ୍ରାୟ ସମାନ ମେଗାୱାଟ୍‌ର ପାୱାର ପ୍ଲାଣ୍ଟ ମଧ୍ୟ କାମ କରୁନାହିଁ ବୋଲି ଅର୍ଥମନ୍ତ୍ରୀ ମିଫ୍‌ତାହ ଇସ୍‌ମାଇଲ କହିଛନ୍ତି।

## ମହାରାଷ୍ଟ୍ର ଅଚଳପୁରରେ କର୍ଫ୍ୟୁ

**ମୁମ୍ବାଇ,୧୮।୪**

ମହାରାଷ୍ଟ୍ରର ଅମରାବତୀ ଜିଲା ଅନ୍ତର୍ଗତ ଅଚଳପୁର ସହରରେ ଧର୍ମୀୟ ପତାକା ହଟାଇବାକୁ କେନ୍ଦ୍ର କରି ରବିବାର ମଧ୍ୟରାତ୍ରରେ ଦୁଇ ସମ୍ପ୍ରଦାୟର ସଦସ୍ୟଙ୍କ ମଧ୍ୟରେ ସଂଘର୍ଷ ଓ ଢେଲାମାଡ଼ ପରେ ସେଠାରେ କର୍ଫ୍ୟୁ ଜାରି ହୋଇଛି। ସଂଘର୍ଷରେ କେତେଜଣ ଆହତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ଲାଗି ପୋଲିସକୁ ଲୁହବୁହା ବାଷ୍ପ ପ୍ରୟୋଗ



କରିବାକୁ ପଡ଼ିଥିଲା। ଏହି ହିଂସାକାଣ୍ଡରେ ବର୍ତ୍ତମାନ ସୁଦ୍ଧା ଉଭୟ ପକ୍ଷରୁ ୨୨ ଜଣଙ୍କୁ ଗିରଫ କରାଯାଇଛି। ପୋଲିସ କହିବା ଅନୁଯାୟୀ, ପ୍ରତିବର୍ଷ ଉତ୍ସବ ସମୟରେ ଅଚଳପୁରର ମୁଖ୍ୟ ପ୍ରବେଶପଥ ଖିଡ଼କି ଗେଟ୍ ଏବଂ ଦୁଲ୍‌ହା ଗେଟ୍ ଉପରେ ସ୍ଥାନୀୟ ଲୋକେ ବିଭିନ୍ନ ଧର୍ମର ପତାକା ଲଗାଇଥାନ୍ତି। ରବିବାର ରାତିରେ କେତେଜଣ ଅସାମାଜିକ ତତ୍ତ୍ୱ ଉକ୍ତ ଧର୍ମୀୟ ପତାକା ହଟାଇଦେବାରୁ ଏହାକୁ ନେଇ ବଚସାରୁ ସଂଘର୍ଷ ହୋଇଥିଲା। ଠିକ୍ ସମୟରେ ସ୍ଥାନୀୟ ପୋଲିସ ଏବଂ ରାଜ୍ୟ ରିଜର୍ଭ ପୋଲିସ ଫୋର୍ସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା।

## ଭଦୋଦରାରେ ସଂଘର୍ଷ: ୧୯ ଗିରଫ

**ମୁମ୍ବାଇ,୧୮।୪**

ଗୁଜରାଟର ଭଦୋଦରା ସହରରେ ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣାକୁ କେନ୍ଦ୍ରକରି ସାମ୍ପ୍ରଦାୟିକ ସଂଘର୍ଷ ଘଟିଯାଇଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। ଦଙ୍ଗାକାରୀମାନେ ଢେଲାମାଡ଼ କରିବା ସହ ଉପାସନା ସ୍ଥଳ ଓ କେତେକ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ପୋଲିସ ଦଙ୍ଗା ଘଟଣାରେ ୧୯ ଜଣଙ୍କୁ ଓ ସଡ଼କ ଦୁର୍ଘଟଣା ପାଇଁ ୩ ଜଣଙ୍କୁ ଗିରଫ କରିଛି। କରେଲିବାଗ୍ ପୋଲିସ କହିବା ଅନୁଯାୟୀ ସହରର ରାଓପୁରାଠାରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ବାଇକ୍ ଦୁଇଟି ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ଏହାକୁ ନେଇ ଉତ୍ତେଜନା ଦେଖାଯାଇଥିଲା। ସଙ୍ଗେ ସଙ୍ଗେ ଦୁର୍ଘଟଣାସ୍ଥଳରେ ଉଭୟ ସମ୍ପ୍ରଦାୟର ଲୋକେ ପହଞ୍ଚି ପରସ୍ପର ଉପରକୁ ଟେକାମାଡ଼ କରିଥିଲେ। ଉତ୍ତ୍ୟକ୍ତ ଲୋକେ ରାସ୍ତା ପାର୍ଶ୍ୱରେ ଥିବା ଏକ ଉପସନା ସ୍ଥଳର ମୂର୍ତ୍ତି ଭାଙ୍ଗିବା ସହ ଦୁଇଟି ରିକ୍ସା ଓ କେତେକ ଦୁଇଚକିଆ ଯାନ ଭଙ୍ଗାରୁଜା କରିଥିଲେ। ରାଓପୁରା ଓ କରେଲିବାଗ୍ ଥାନାରେ ଦୁର୍ଘଟଣା ଓ ଦଙ୍ଗାକୁ ନେଇ ଦୁଇଟି ଏତଲା ଦାଏର ହୋଇଛି।

## ଆମ୍‌ୱେର ୭୫୭ କୋଟିର ସମ୍ପତ୍ତି ବାଜ୍ୟାପ୍ତ

**ପିରାମିଡ୍ ଫ୍ରଡ୍ ଚଲାଉଛି କମ୍ପାନୀ: ଇଡି**

**ନୂଆଦିଲ୍ଲୀ, ୧୮।୪:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନେଟ୍‌ୱର୍କ ମାର୍କେଟିଂ କମ୍ପାନୀ ଆମ୍‌ୱେ ଇଣ୍ଡିଆର ୭୫୭ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରିଭେନଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ) ବଳରେ ବାଜ୍ୟାପ୍ତ କରିଛି। ଏଥିରେ କମ୍ପାନୀର ତାମିଲନାଡୁସ୍ଥିତ ଡିଣ୍ଡିଗୁଲ୍ ଜିଲାରେ ଥିବା ଜମି ଏବଂ କାରଖାନା ବିଲ୍ଡିଂ ସମେତ ପ୍ଲାଣ୍ଟ, ମେଶିନାରୀ, ଯାନବାହନ, ବ୍ୟାଙ୍କ ଆକାଉଣ୍ଟ, ଫିକ୍ସଡ୍ ଡିପୋଜିଟ୍ ଆଦି ରହିଥିବା ସୋମବାର ଇଡି ସୂଚନା ଦେଇଛି। ବାଜ୍ୟାପ୍ତ ହୋଇଥିବା କମ୍ପାନୀର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୪୧୧.୮୩ କୋଟି ଟଙ୍କା ରହିଛି। ସେହିପରି ୩୬ ବ୍ୟାଙ୍କ ଆକାଉଣ୍ଟରେ ଥିବା ୩୪୫.୯୪ କୋଟି ଟଙ୍କାକୁ ମଧ୍ୟ ବାଜ୍ୟାପ୍ତ କରାଯାଇଛି। ଆମ୍‌ୱେ ମଲ୍ଟି-ଲେଭଲ ମାର୍କେଟିଂ ଆଳରେ ପିରାମିଡ୍ ଫ୍ରଡ୍ ଚଲାଉଥିବା ଇଡି କହିଛି। ବଜାରରେ ଉପଲବ୍ଧ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ଉତ୍ପାଦ ତୁଳନାରେ ଆମ୍‌ୱେ ଦ୍ୱାରା ଦିଆଯାଉଥିବା ସାମଗ୍ରୀର ମୂଲ୍ୟ ବେଶ ଅଧିକ ରହିଛି। ପ୍ରକୃତ ସୂଚନା ନ ପାଇ ସାଧାରଣ ଲୋକ କମ୍ପାନୀର ସଦସ୍ୟ ହେବା ସହ ଉତ୍ପାଦକୁଡ଼ିକୁ ଅତ୍ୟଧିକ ମୂଲ୍ୟରେ କିଣୁଥିବା ଇଡି କହିଛି।

## ଲକ୍ଷ୍ନୌ, ୧୦ ଏନ୍‌ସିଆର୍ ଜିଲାରେ ମାସ୍କ ବାଧ୍ୟତାମୂଳକ

**ଲକ୍ଷ୍ନୌ/ଚଣ୍ଡିଗଡ଼,୧୮।୪**

ୟୁପି ସରକାର ଲକ୍ଷ୍ନୌ ଏବଂ ୬ ଏନ୍‌ସିଆର୍ ଜିଲାରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରିଛନ୍ତି। ହରିୟାଣାର ୪ ଏନ୍‌ସିଆର୍ ଜିଲାରେ ମାସ୍କକୁ ବାଧ୍ୟତାମୂଳକ କରାଯାଇଛି। ସୋମବାର ଗୌତମବୁଦ୍ଧ ନଗର, ଗାଜିଆବାଦ, ହାପୁର, ମୀରଟ, ବୁଲନ୍ଦସହର, ବାଗପତ୍, ଲକ୍ଷ୍ନୌ ସମେତ ହରିୟାଣାର ଗୁରୁଗ୍ରାମ, ଫରିଦାବାଦ, ସୋନିପତ୍ ଏବଂ ଝାଜ୍ଜର ଜିଲାରେ ମାସ୍କକୁ ବାଧ୍ୟତାମୂଳକ କରାଯାଇଛି।

## ଦିନକରେ ସଂକ୍ରମଣ ୯୦% ବୃଦ୍ଧି

**ନୂଆଦିଲ୍ଲୀ,୧୮।୪**

ଭାରତରେ କୋଭିଡ୍ ସଂକ୍ରମଣ ଗୋଟିଏ ଦିନରେ ୯୦ ପ୍ରତିଶତ ବୃଦ୍ଧି ପାଇଛି। ଫଳରେ ମହାମାରୀର ଚତୁର୍ଥ ଲହର ଆସିବା ନେଇ ଆଶଙ୍କା ଦେଖାଯାଇଛି। ୨୪ ଘଣ୍ଟା ମଧ୍ୟରେ ୨,୧୮୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହା ପୂର୍ବ ଦିନ ତୁଳନାରେ ୮୯.୮ ପ୍ରତିଶତ ଅଧିକ। ରବିବାର ୧,୧୫୦ ଜଣ ସଂକ୍ରମିତ ହୋଇଥିଲେ। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ କରୋନାରେ ୨୧୪ ଜଣଙ୍କ ଜୀବନ ଯାଇଛି।





ଦେଶରେ ହଠାତ୍ ସଂକ୍ରମଣ ବଢ଼ିବାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତା ବ୍ୟକ୍ତ କରିଛନ୍ତି। ରବିବାର ଦେଶରେ ଦୈନିକ ପଜିଟିଭିଟି ହାର୍ ୦.୩୧ ପ୍ରତିଶତ ଥିବାବେଳେ ସୋମବାର ତାହା ୦.୮୩ ପ୍ରତିଶତକୁ ବୃଦ୍ଧି ପାଇଛି।

# କ୍ଷୁଧା ସଙ୍କଟରେ ପଡ଼ିବେ ୧୭୦ କୋଟି

**ନ୍ୟୁୟର୍କ, ୧୮।୪**

■ୟୁକ୍ରେନ୍ ଯୁଦ୍ଧକୁ ନେଇ ଜାତିସଂଘର ଚେତାବନୀ

■ଗମ୍ଭୀର ହେବ ଦାରିଦ୍ର୍ୟ ସମସ୍ୟା



ୟୁକ୍ରେନ୍-ରୁଷିଆ ଯୁଦ୍ଧର ପରିଣାମ କେବଳ ଏହି ଦୁଇଦେଶ ନୁହେଁ ବରଂ ସାରା ବିଶ୍ୱ ଭୋଗିବ। ଏଥିଯୋଗୁ ଦୁନିଆର ଏକ ପଞ୍ଚମାଂଶ ବା ୧୭୦ କୋଟି ଲୋକେ ଦାରିଦ୍ର୍ୟତା ଓ କ୍ଷୁଧାର ଶିକାର ହେବେ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଚେତାଇ ଦେଇଛନ୍ତି। ଦଶନ୍ଧି ପୂର୍ବରୁ ଏତେ ମାତ୍ରାରେ ଲୋକେ ଏଭଳି ସଙ୍କଟରେ ପଡ଼ି ନ ଥିବାବେଳେ ତାହା ଏବେ ଘଟିବାକୁ ଯାଉଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରୁଷିଆ ଏବଂ ୟୁକ୍ରେନ୍ ବିଶ୍ୱର ୩୦ ପ୍ରତିଶତ ଗହମ ଓ ବାର୍ଲି, ଏକ ପଞ୍ଚମାଂଶ ମକା, ଅଧାରୁ ଅଧିକ ସୂର୍ଯ୍ୟମୁଖୀ ତେଲ ଚାହିଦା ପୂରଣ କରିଥାନ୍ତି। ସବୁଠାରୁ କମ୍ ବିକଶିତ ୪୫ ଦେଶକୁ ରୁଷିଆ ଓ ୟୁକ୍ରେନ୍ ଗହମ ଯୋଗାଇଥାନ୍ତି। ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଫଳରେ ଏହି ଦୁଇ ଦେଶ ଉପରେ ନିର୍ଭରଶୀଳ ରାଷ୍ଟ୍ରଗୁଡ଼ିକରେ ବ୍ୟାପକ ଖାଦ୍ୟାଭାବ ଦେଖାଦେବ ବୋଲି ଗୁଟେରସ୍ କହିଛନ୍ତି।

ୟୁକ୍ରେନ୍ ସଙ୍କଟ ଯୋଗୁ ଶସ୍ୟ ରପ୍ତାନି ବାଧାପ୍ରାପ୍ତ ହୋଇଥିବାରୁ ବିଶ୍ୱ ବଜାରରେ ଖାଦ୍ୟ ଦରଦାମ ଆକାଶଛୁଆଁ ହୋଇଛି। ୨୦୨୨ ଆରମ୍ଭରୁ ଗହମ ଏବଂ ମକା ଦର ୩୦ ପ୍ରତିଶତ ବଢ଼ିଛି। ବ୍ରେଣ୍ଟ କ୍ରୁଡ୍ ଅଏଲ ୬୦ ପ୍ରତିଶତରୁ ଅଧିକ ବଢ଼ିଛି। ଗ୍ୟାସ୍, ସାର ଆଦିର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୋଇଥିବା ଜାତିସଂଘ ମହାସଚିବ କହିଛନ୍ତି। ଏଥିସହ ଧନୀକୁ ଅଧିକ ଧନୀ ଏବଂ ଗରିବକୁ ଅଧିକ ଗରିବ କରୁଥିବା ବିଶ୍ୱ ଆର୍ଥିକ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ସେ ଆହ୍ୱାନ ଦେଇଛନ୍ତି। ଇଣ୍ଟରନ୍ୟାଶନାଲ ମନିଟାରୀ ଫଣ୍ଡ (ଆଇଏମ୍‌ଏଫ୍) ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଏଭାଙ୍କ ମତରେ, ୟୁକ୍ରେନ୍ ଯୁଦ୍ଧ ଚଳିତ ବର୍ଷ ୧୪୩ ଦେଶର ଅଭିବୃଦ୍ଧି ହାର ପୂର୍ବାନୁମାନଠାରୁ ହ୍ରାସ ପାଇବ। ଏହି ଦେଶଗୁଡ଼ିକର ଜିଡିପି ବିଶ୍ୱ ଜିଡିପିର ୮୬ ପ୍ରତିଶତ। କରୋନା ମହାମାରୀ ଭିତରେ ୟୁକ୍ରେନ୍ ସଙ୍କଟ ଯୋଗୁ ସୃଷ୍ଟ ସଙ୍କଟ ମଧ୍ୟରେ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ନିମନ୍ତେ ସମନ୍ୱିତ ପଦକ୍ଷେପ ଜରୁରୀ ବୋଲି ବୁଧବାର ଆଇଏମ୍‌ଏଫ୍, ବିଶ୍ୱ ବ୍ୟାଙ୍କ, ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ (ଡବ୍ଲ୍ୟୁଏଫ୍‌ପି), ୱାର୍ଲ୍ଡ ଟ୍ରେଡ୍ ଅର୍ଗାନାଇଜେଶନ (ଡବ୍ଲ୍ୟୁଟିଓ) ମୁଖ୍ୟ ଏକ ମିଳିତ ବିବୃତିରେ ଆହ୍ୱାନ ଦେଇଥିଲେ।

## ରୁଷିଆ କବ୍‌ଜାରେ ବ୍ରିଟେନ ନାଗରିକ

**ମସ୍କୋ ଟିଭିରେ ଭିଡିଓ ପ୍ରସାରିତ**



**ମସ୍କୋ, ୧୮।୪:** ରୁଷିଆ ସହ ଲଢ଼େଇବେଳେ ୟୁକ୍ରେନ୍‌ରୁ ଦୁଇ ବ୍ରିଟେନ ନାଗରିକଙ୍କୁ ମସ୍କୋ କବ୍‌ଜାରେ ଅଛନ୍ତି। ସେମାନଙ୍କ ଏକ ଭିଡିଓ ରୁଷିଆ ଷ୍ଟେଟ୍ ଟିଭିରେ ପ୍ରସାରିତ ହୋଇଛି। ଏହି ଦୁଇ ଜଣ ୟୁକ୍ରେନ୍‌ରେ ବନ୍ଦୀ ଥିବା ରୁଷିଆ ସପକ୍ଷବାଦୀ ରାଜନେତା ଭିକ୍ଟୋର ମେଡ୍‌ଭେଡ୍‌ଚୁକଙ୍କୁ ଅଦଳବଦଳ କରିବା ପାଇଁ କହୁଥିବା ଦେଖିବାକୁ ମିଳିଛି। ଭିକ୍ଟୋର ମଧ୍ୟ ଏକ ଭିଡିଓରେ ତାଙ୍କୁ ରୁଷିଆ ବନ୍ଦୀ କରିଥିବା ୟୁକ୍ରେନ୍ ସୈନ୍ୟଙ୍କ ସହ ଅଦଳବଦଳ କରିବା ପାଇଁ କହୁଥିବା ଦେଖାଯାଇଛି। ଭିଡିଓ ଯୋଗେ ଉଭୟେ ପୃଥକ ଭାବେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କୁ ଅନୁରୋଧ କରୁଛନ୍ତି। ବ୍ରିଟେନର ପିନ୍ନର ଏବଂ ଆସ୍‌ଲିନ୍ ମାରିଉପୋଲରେ ୟୁକ୍ରେନ୍ ସହ ଲଢ଼ିବା ପାଇଁ ଯାଇଥିଲେ। ସେଠାରୁ ରୁଷୀୟ ସୈନ୍ୟ ସେମାନଙ୍କୁ ବନ୍ଦୀ କରିଛନ୍ତି। ଭିଡିଓରେ ଜଣେ ଅଚିହ୍ନା ବ୍ୟକ୍ତି ସେମାନଙ୍କ ନିକଟରେ ଥିବା ଦେଖାଯାଇଛି। ଏଥିସହ ଭିକ୍ଟୋରଙ୍କୁ ମୁକୁଳାଇବା ପାଇଁ ତାଙ୍କ ସ୍ତ୍ରୀ ଓକ୍‌ସାନାଙ୍କ ଦାବିକୁ ମଧ୍ୟ ବୋରିସ୍ ଶୁଣିବା ଉଚିତ ବୋଲି ଆସ୍‌ଲିନ୍ କହିଛନ୍ତି।

## ୟୁକ୍ରେନ୍ ସୀମା ନିକଟରେ ନ୍ୟୁକ୍ଲିୟର ବମ୍ବର

**କିଭ୍, ୧୮।୪**

■ଲଭିଭ୍‌ରେ ରକେଟ୍ ମାଡ଼, ୭ ମୃତ

■ବିଶ୍ୱକୁ ବିଶ୍ୱାସ ନାହିଁ: ଜେଲେନ୍‌ସ୍କି

ପାଖାପାଖି ଦୁଇ ମାସ ହେଲା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଥମିବାର ନାଁ ନେଉ ନ ଥିବାବେଳେ କ୍ରେମଲିନ୍ ପକ୍ଷରୁ ନ୍ୟୁକ୍ଲିୟର ଆକ୍ରମଣର ଆଶଙ୍କା ଘନଉଛି। ଏପରି ସ୍ଥିତିରେ ୟୁକ୍ରେନ୍ ସୀମା ନିକଟରେ ରୁଷିଆର ନ୍ୟୁକ୍ଲିୟର ବମ୍ବର ଦେଖିବାକୁ ମିଳିଛି। ଏହି ବିମାନ ଜରିଆରେ ନ୍ୟୁକ୍ଲିୟର ବୋମା ପରିବହନ କରାଯାଇଥାଏ। ତେବେ ଏହି ବିମାନକୁ ନେଇ କୌଣସି ମିଶନ ବାବଦରେ ମସ୍କୋ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇନାହିଁ। ସେପଟେ ମସ୍କୋଭା ଯୁଦ୍ଧଜାହାଜ ନଷ୍ଟ ହେବାକୁ ନେଇ ଆକ୍ରମଣାତ୍ମକ ହୋଇଥିବା ରୁଷିଆ ୟୁକ୍ରେନ୍‌ର ବିଭିନ୍ନ ସହରରେ ଆକ୍ରମଣ ତୀବ୍ର କରିଛି। ରାଜଧାନୀ କିଭ୍ ସମେତ ଲଭିଭ୍, ଖର୍କିଭ୍ ଆଦି ସହରରେ ରକେଟ ମାଡ଼ କରିଛି। ଏଥିଯୋଗୁ ଲଭିଭ୍‌ରେ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗତ ୨୪ ଘଣ୍ଟାରେ ମୋଟ ୯ ୟୁକ୍ରେନ୍ ନାଗରିକ ପ୍ରାଣ ହରାଇଛନ୍ତି। ମସ୍କୋର ଆକ୍ରମଣ ପରେ ବିଶ୍ୱକୁ ବିଶ୍ୱାସ କରିହେଉନାହିଁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ବିଶ୍ୱକୁ କିମ୍ବା କଥାକୁ ବିଶ୍ୱାସ ନାହିଁ। ରୁଷିଆର ଆକ୍ରମଣ ପରେ ପଡ଼ୋଶୀଙ୍କୁ ମଧ୍ୟ ବିଶ୍ୱାସ ନାହିଁ ବୋଲି ଜେଲେନ୍‌ସ୍କି ଏକ ସାକ୍ଷାତକାରରେ କହିଛନ୍ତି।



ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ବିରୋଧ କରି ଲଣ୍ଡନରେ ବିକ୍ଷୋଭ।

**ଖସିଲା ଶେୟାର ବଜାର**

**ମୁମ୍ବାଇ:** ସପ୍ତାହର ପ୍ରଥମ କାରବାର ଦିନ ଅର୍ଥାତ୍ ସୋମବାର ଶେୟାର ବଜାର ବ୍ୟାପକ ପରିମାଣରେ ହ୍ରାସ ଘଟିଛି। ଗତ ସପ୍ତାହରେ ଥିବା ବ୍ୟବସାୟ ଦିନରେ ଲଗାତର ୩ଦିନ ହ୍ରାସ ଦେଖାଦେଉଥିବା ବେଳେ ସୋମବାର ଦିନକୁ ଅନ୍ତର୍ଭୁକ୍ତ କରାଗଲେ ଶେୟାରବଜାରରେ କ୍ରମାଗତ ୪ର୍ଥ ଦିନ ପାଇଁ ହ୍ରାସ ଦେଖିବାକୁ ମିଳିଛି। କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୧୧୭୨.୧୯ ଅଙ୍କ (୨.୦୧%) ହ୍ରାସ ଘଟିଥିବା ବେଳେ ନିଫ୍ଟିରେ ୩୦୨ ପଏଣ୍ଟ (୧.୭୩%) ହ୍ରାସ ଦେଖାଦେଉଥିଲା। ଫଳରେ ଟ୍ରେଡିଂ ସମୟ ଶେଷ ସୁଦ୍ଧା ସେନ୍‌ସେକ୍ସ ୫୭,୧୬୬.୭୪ରେ ଏବଂ ନିଫ୍ଟି ୧୭,୧୭୩.୬୫ ଇନ୍‌ଡେକ୍ସରେ ବନ୍ଦ ହୋଇଛି।

## ସଂକ୍ଷେପରେ

### ମାରୁତି ସୁଜୁକିର ବର୍ଦ୍ଧିତ ଦର ଲାଗୁ

**ନୂଆଦିଲ୍ଲୀ,୧୮।୪:** ସୋମବାରଠାରୁ ଦେଶର ଅଗ୍ରଣୀ କାର୍ ନିର୍ମାତା କମ୍ପାନୀ ମାରୁତି ସୁଜୁକି ଦର ବୃଦ୍ଧି ପାଇଛି। ନିର୍ମାଣ ଖର୍ଚ୍ଚ ବୃଦ୍ଧି କାରଣରୁ କମ୍ପାନୀ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଗାଡ଼ିଗୁଡ଼ିକର ହାରାହାରି ମୂଲ୍ୟରେ ୧.୩% ବୃଦ୍ଧି ହୋଇଥିବା କମ୍ପାନୀ ପକ୍ଷରୁ ଶେୟାର ବଜାରକୁ ସୂଚନା ଦିଆଯାଇଛି। ଏହା ପୂର୍ବରୁ ଏପ୍ରିଲ୍ ୬ରେ ଦରବୃଦ୍ଧି ସମ୍ପର୍କରେ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିଲା। ମାରୁତି ସୁଜୁକି ପୂର୍ବରୁ ମର୍ସିଡିଜ୍, ବିଏମ୍‌ଡବ୍ଲ୍ୟୁ, ଅଡ଼ି, ଟୟୋଟା ପକ୍ଷରୁ ନିଜ କାର୍ ଦର ବୃଦ୍ଧି କରାଯାଇଥିଲା।

### ମାଇଣ୍ଡ୍ ଟ୍ରି ଏବଂ ଏଲ୍‌ଆଣ୍ଡ୍‌ଟି ଇନ୍‌ଫୋଟେକର ମିଶ୍ରଣ ହେବ

**ନୂଆଦିଲ୍ଲୀ,୧୮।୪:** ଲାର୍ସେନ୍ ଆଣ୍ଡ୍ ଟୁବ୍ରୋ (ଏଲ୍ ଆଣ୍ଡ୍ ଟି) ଲିମିଟେଡ୍ ପକ୍ଷରୁ ଶେୟାର ବଜାରରେ ଲିଷ୍ଟେଡ୍ ଦୁଇ ସଫ୍ଟୱେର୍ କମ୍ପାନୀ ମାଇଣ୍ଡ୍ ଟ୍ରି ଲିମିଟେଡ୍ ଏବଂ ଏଲ୍ ଆଣ୍ଡ୍ ଟି ଇନ୍‌ଫୋଟେକ୍ ଲିମିଟେଡ୍‌କୁ ମିଶ୍ରଣ କରିବା ନେଇ ଯୋଜନା କରାଯାଉଛି। ଖବର ଏଜେନ୍ସି ବ୍ଲୁମ୍‌ବର୍ଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମୁମ୍ବାଇରେ ମୁଖ୍ୟ କାର୍ଯ୍ୟାଳୟ ଥିବା ଇଞ୍ଜିନିୟରିଂ ଫାର୍ମ ଏଲ୍ ଆଣ୍ଡ୍ ଟି ଲିମିଟେଡ୍ ଅଧୀନରେ ମାଇଣ୍ଡ୍ ଟ୍ରି ଲିମିଟେଡ୍ ଏବଂ ଏଲ୍ ଆଣ୍ଡ୍ ଟି ଇନ୍‌ଫୋଟେକ୍ ଲିମିଟେଡ୍ ଦୁଇ ଆଇଟି/ସଫ୍ଟୱେର୍ କମ୍ପାନୀ ରହିଛନ୍ତି। ଏଲ୍ ଆଣ୍ଡ୍ ଟି ୨୦୧୯ରେ ମାଇଣ୍ଡ୍ ଟ୍ରି' କୁ ଅଧିଗ୍ରହଣ କରିଥିଲା। ବ୍ଲୁମ୍‌ବର୍ଗର ତଥ୍ୟ ଅନୁସାରେ ମାଇଣ୍ଡ୍ ଟ୍ରି'ର ମାର୍କେଟ୍ କ୍ୟାପିଟାଲାଇଜେଶନ୍ ୮.୩ ବଲିୟନ ଡଲାର ଥିବାବେଳେ ଏଲ୍ ଆଣ୍ଡ୍ ଟି ର ଏଥିରେ ୬୧% ଅଂଶଧନ ରହିଛି। ଅନ୍ୟପଟେ ଏଲ୍ ଆଣ୍ଡ୍ ଟି ଇନ୍‌ଫୋଟେକ୍ ଲିମିଟେଡ୍‌ର ମାର୍କେଟ୍ କ୍ୟାପିଟାଲାଇଜେଶନ୍ ୧୩.୬ ବିଲିୟନ ଡଲାର ଏବଂ ଏଥିରେ ଏଲ୍ ଆଣ୍ଡ୍ ଟି ଲିମିଟେଡ୍‌ର ପ୍ରାୟ ୭୪% ଅଂଶଧନ ରହିଛି। ଫଳରେ ଏହି ମର୍ଜର ପରବର୍ତ୍ତୀ କମ୍ପାନୀର ମାର୍କେଟ୍ କ୍ୟାପିଟାଲାଇଜେଶନ୍ ପ୍ରାୟ ୨୨ ବିଲିୟନ ଡଲାର ରହିବ ବୋଲି ଆଶା କରାଯାଉଛି।

# ମାର୍ଚ୍ଚରେ ଡବ୍ଲ୍ୟୁପିଆଇ ୧୪.୫୫% ଛୁଇଁଲା

ନୂଆଦିଲ୍ଲୀ,୧୮।୪



**■ଚାରି ମାସରେ ସର୍ବାଧିକ**

**■ତେଲ ମହଙ୍ଗା, ପନିପରିବା ଦର ହ୍ରାସ**

ଗତ ଚାରିମାସ (ଡିସେମ୍ବର-ମାର୍ଚ୍ଚ) ମଧ୍ୟରେ ମାର୍ଚ୍ଚରେ ପାଇକାରୀ ମୂଲ୍ୟ ଭିତ୍ତିକ ମୁଦ୍ରାସ୍ଫୀତି (ଡବ୍ଲ୍ୟୁପିଆଇ)ର ଦର ସର୍ବାଧିକ ସ୍ତରରେ ରହିଛି। ଚଳିତ ବର୍ଷ ମାର୍ଚ୍ଚରେ ଡବ୍ଲ୍ୟୁପିଆଇ ୧୪.୫୫% ଛୁଇଁଛି। ପୂର୍ବ ମାସ ଅର୍ଥାତ୍ ଫେବୃୟାରୀରେ ଏହି ଦର ୧୩.୧୧% ରହିଥିଲା। ବିଶେଷକରି ଅଶୋଧିତ ତୈଳ ଏବଂ ଅନ୍ୟାନ୍ୟ ଦ୍ରବ୍ୟର ଦର ବୃଦ୍ଧିର ପ୍ରଭାବ ଡବ୍ଲ୍ୟୁପିଆଇ ଉପରେ ପଡ଼ିଛି। ତେବେ ଏହାରି ମଧ୍ୟରେ ପନିପରିବା ଦରରେ ହ୍ରାସ ଦେଖା ଦେଇଛି। ଏନେଇ ସୋମବାର ଜାରି ହୋଇଥିବା ସରକାରୀ ତଥ୍ୟ ମୁତାବକ ୨୦୨୧ ଏପ୍ରିଲ୍‌ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଲଗାତର ଭାବରେ ୧୨ ମାସ ହେଲା ଡବ୍ଲ୍ୟୁପିଆଇ ଦୁଇଅଙ୍କ ବିଶିଷ୍ଟ ରହିଆସୁଛି। ଏହାପୂର୍ବରୁ ନଭେମ୍ବର ୨୦୨୧ରେ ପାଇକାରୀ ମୂଲ୍ୟ ଭିତ୍ତିକ ମୁଦ୍ରାସ୍ଫୀତି ୧୪.୮୭% ରହିଥିଲା। ତେବେ ୨୦୨୧ ମାର୍ଚ୍ଚରେ ଡବ୍ଲ୍ୟୁପିଆଇ ମାତ୍ର ୭.୮୯% ଥିଲା। ଫେବୃୟାରୀରେ ଖାଦ୍ୟ ପଦାର୍ଥର ଦର ୮.୧୯% ଥିବା ବେଳେ ମାର୍ଚ୍ଚରେ ସେଥିରେ ହ୍ରାସ ଘଟି ୮.୦୬% ହୋଇଛି। ଏହା ମଧ୍ୟରେ ପନିପରିବା ଦର ୨୬.୯୩%ରୁ ୧୯.୮୮%କୁ ହ୍ରାସ ହୋଇଛି। ଏହାଛଡ଼ା ମାର୍ଚ୍ଚରେ ମ୍ୟାନୁଫ୍ୟାକ୍ଚର୍ଡ ସାମଗ୍ରୀ ଦର ବୃଦ୍ଧି ଘଟି ୧୦.୭୧% ରହିଛି, ଏହା ଫେବୃୟାରୀରେ ୯.୮୪% ଥିଲା। ଇନ୍ଧନ ଏବଂ ବିଦ୍ୟୁତ୍ ଦର ବୃଦ୍ଧି ଘଟି ୩୪.୫୨% ରହିଛି। ଏଥିସହିତ ଅଶୋଧିତ ତୈଳ ଦର ଫେବୃୟାରୀରେ ୫୫.୧୭% ଥିବାବେଳେ ମାର୍ଚ୍ଚରେ ବୃଦ୍ଧି ଘଟି ୮୩.୫୬% ହୋଇଛି। ଗତ ସପ୍ତାହରେ ଜାରି ସରକାରୀ ତଥ୍ୟ ଅନୁସାରେ ମାର୍ଚ୍ଚରେ ରିଟେଲ୍ ମୁଦ୍ରାସ୍ଫୀତି ଦର ୬.୯୫% ରହିଥିଲା। ଫଳରେ କ୍ରମାଗତ ୩ୟ ମାସ ପାଇଁ କନ୍‌ଜ୍ୟୁମର ପ୍ରାଇସ୍ ଇନ୍‌ଡେକ୍ସ ଉପରେ ଆଧାରିତ ମୁଦ୍ରାସ୍ଫୀତି, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଦ୍ୱାରା ନିର୍ଦ୍ଧାରିତ ୬% ସୀମାଠାରୁ ଅଧିକ ରହିଛି।

ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଦର ବୃଦ୍ଧିର କାରଣ ସମ୍ପର୍କରେ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ବୟାନରେ କୁହାଯାଇଛି ଯେ, ମାର୍ଚ୍ଚରେ ମୁଦ୍ରାସ୍ଫିତ ଦର ଅଧିକ ହେବାର ମୁଖ୍ୟ କାରଣ ହେଉଛି ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍, ଖଣିଜ ତୈଳ ଏବଂ ମୌଳିକ ଧାତୁର ମୂଲ୍ୟରେ ବୃଦ୍ଧି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ବୈଶ୍ୱିକ ସପ୍ଲାଇ ଚେନ୍ ପ୍ରଭାବିତ ହୋଇଛି। ଫଳରେ ଦର ବୃଦ୍ଧି ପାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୫ମ ବର୍ଷ ଲାଗି ଟାଟା ଷ୍ଟିଲ୍‌ର ସଫଳତା

ନୂଆଦିଲ୍ଲୀ,୧୮।୪



**୨୦୨୨ଷ୍ଟିଲ୍ ସଷ୍ଟେନେବିଲିଟି ଚାମ୍ପିୟନ୍‌ସ ମାନ୍ୟତା**

ବିଶ୍ୱ ଇସ୍ପାତ ସଂଘ ପକ୍ଷରୁ ନିକଟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଲିମିଟେଡ୍ ଓ ଟାଟା ଷ୍ଟିଲ ୟୁରୋପକୁ ୨୦୨୨ ଷ୍ଟିଲ୍ ସଷ୍ଟେନେବିଲିଟି ଚାମ୍ପିୟନ୍‌ଶିପ୍‌ର ମାନ୍ୟତା ପ୍ରଦାନ କରାଯାଇଛି। କମ୍ପାନୀ କ୍ରମାଗତ ୫ମ ବର୍ଷ ପାଇଁ ଏହି ମାନ୍ୟତା ହାସଲ କରିପାରିଛି। ୨୦୧୮ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ପ୍ରତିବର୍ଷ ୱାର୍ଲଡ୍ ଷ୍ଟିଲ୍ ପକ୍ଷରୁ ଉଭୟ ସଂସ୍ଥାକୁ ଏହି ମାନ୍ୟତା ଦିଆଯାଉଛି। ସଷ୍ଟେନେବିଲିଟି (ନିରବଚ୍ଛିନ୍ନତା)ର ନୀତି ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ ରହି ବିଶ୍ୱ ଶ୍ରେଣୀର ଇସ୍ପାତ ନିର୍ମାତା ହୋଇ ରହିବା ଲାଗି ଟାଟା ଷ୍ଟିଲ୍ କରୁଥିବା ଉଦ୍ୟମ ଯୋଗୁ କମ୍ପାନୀ ଏହି ସମ୍ମାନଜନକ ମାନ୍ୟତା ହାସଲ କରିଆସୁଛି। ୱାର୍ଲଡ ଷ୍ଟିଲ୍ ପକ୍ଷରୁ ୨୦୨୧ବର୍ଷ ପାଇଁ ୧୦ଟି ସଂସ୍ଥାକୁ ସେମାନଙ୍କ କାର୍ଯ୍ୟ ଲାଗି ଷ୍ଟିଲ୍ ସଷ୍ଟେନେବିଲିଟି ଚାମ୍ପିୟନ ଭାବେ ଘୋଷଣା କରାଯାଇଛି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଏମ୍‌ଡି ଓ ସିଇଓ ଟି.ଭି.ନରେନ୍ଦ୍ରନ କହିଛନ୍ତି, କମ୍ପାନୀ କ୍ରମାଗତ ଭାବେ ୫ମ ବର୍ଷ ଲାଗି ୱାର୍ଲଡ୍ ଷ୍ଟିଲ୍ ପକ୍ଷରୁ ସଷ୍ଟେନେବିଲିଟି ଚାମ୍ପିୟନ୍‌ର ମାନ୍ୟତା ହାସଲ କରିଛି। ଟାଟା ଷ୍ଟିଲ୍‌ରେ ଏକ ନିରନ୍ତର ସଂସ୍ଥା ଗଠନ କରିବା ଓ ଏକ ଉତ୍ତମ ଭବିଷ୍ୟତ ଲାଗି ସମ୍ଭାବନାକୁ ସନ୍ଧାନ କରିବା ପାଇଁ ଆମ ସନ୍ଧାନର ମୂଳରେ ରହି ନବସୃଜନ ଓ ଦାୟିତ୍ୱବୋଧତାକୁ ଠିକ ଭାବେ କରି ଆସୁଛୁ। ପ୍ରଦୂଷଣର ମୁକାବିଲା କରିବା ଲାଗି ଆମେ ଉନ୍ନତ ପ୍ରଯୁକ୍ତିରେ ନିବେଶ କରୁଥିବା ବେଳେ ସମ୍ବଳ ଦକ୍ଷତାକୁ ମଧ୍ୟ ବଢ଼ାଉଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ବେଦାନ୍ତ ପକ୍ଷରୁ ଫ୍ଲାଏ ଆଶ୍ ଇଟା ନିର୍ମାଣ

ଭୁବନେଶ୍ୱର,୧୮।୪



ବେଦାନ୍ତ ଲିମିଟେଡର ଲାଞ୍ଜିଗଡ଼ ୟୁନିଟ୍ ଦେଶର ଅଗ୍ରଣୀ ମେଟାଲର୍ଜିକାଲ ଆଲୁମିନିୟମ ନିର୍ମାତା ଭାବେ ସ୍ୱୀକୃତି ହାସଲ କରିଛି। କମ୍ପାନୀ ସ୍ଥାନୀୟ ଉଦ୍ୟୋଗୀଙ୍କ ପାଇଁ ଏହାର ଆଲୁମିନା ତିଆରି ପାଇଁ କୋଇଲା ବ୍ୟବହାର କରାଯାଉଥିବା ଥର୍ମାଲ ପାୱାର ଜେନେରେସନରୁ ଉତ୍ପନ୍ନ ଉପ ଉତ୍ପାଦ ଫ୍ଲାଏ ଆଶ୍‌କୁ ବିନା ମୂଲ୍ୟରେ ଓ ସେମାନଙ୍କ ଦ୍ୱାର ଦେଶ ପର୍ଯ୍ୟନ୍ତ ଯୋଗାଇବାକୁ ସବସିଡିଯୁକ୍ତ ପରିବହନ ସମ୍ପର୍କରେ ଘୋଷଣା କରାଯାଇଛି। ଫଳରେ ପ୍ରତି ଟନ ପାଉଁଶ ପ୍ରସ୍ତୁତି ପାଇଁ ୧.୯ ମେଟ୍ରିକ ଟନ୍ ଉପର ମୃତ୍ତିକା ସଞ୍ଚୟ କରିଥାଏ। ଏହା ବ୍ୟତୀତ ଫ୍ଲାଏ ଆଶ୍ ଇଟା ପରିବେଶ ଉପଯୋଗୀ ବୋଲି ବିଶେଷଜ୍ଞମାନେ ମଧ୍ୟ ମତବ୍ୟକ୍ତ କରୁଛନ୍ତି। ବାସ୍ତବରେ କମ୍ପାନୀରୁ ଉତ୍ପାଦିତ ପ୍ରତି ଟନ୍ ପାଉଁଶ ଇଟା ପାଇଁ ଆନୁମାନିକ ୫୯୦୦ କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡର ସମାନ ନିର୍ଗମନକୁ ଏଡାଇ ଦିଆଯାଇପାରେ। ଇଟା ତିଆରି କରୁଥିବା ଲୋକମାନଙ୍କ ପାଇଁ ଏହା କ୍ଷତିକାରକ ନୁହେଁ।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ଲାଞ୍ଜିଗଡ଼ ୟୁନିଟ ଡେପୁଟି ସିଇଓ ଜି.ଜି ପାଲ କହିଛନ୍ତି ସ୍ୱାସ୍ଥ୍ୟ,ନିରାପତ୍ତା ଓ ପରିବେଶ ଉପରେ ଧ୍ୟାନ ଦେଇ କମ୍ପାନୀ ତାର ରଣନୀତି କରି ଆସିଛି। ସେହିଭଳି କଳାହାଣ୍ଡି ଜିଲା ମାଜିଷ୍ଟ୍ରେଟ ଓ କଲେକ୍ଟର ଡ. ଗାଭାଲି ପରାଗ ହର୍ଷଦ ଏବଂ ଜିଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ମୋହନ ସାବର ଜିଲାରେ ଫ୍ଲାଏଆଶ୍ ଇଟା ଉତ୍ପାଦନ ଯୋଜନାକୁ ଉଭୟ ପ୍ରଶଂସା କରିଛନ୍ତି ।

# ଏମ୍‌ସିଏଲ୍‌ଆରରେ ବୃଦ୍ଧି

ନୂଆଦିଲ୍ଲୀ,୧୮।୪

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ) ତା'ର ମାର୍ଜିନାଲ କଷ୍ଟ ଅଫ୍ ଲେଣ୍ଡିଂ ରେଟ୍ (ଏମସିଏଲଆର) ରେ ୧୦ ବେସିସ୍ ପଏଣ୍ଟ ବୃଦ୍ଧି କରିଛି। ଏମସିଏଲଆରରେ ବୃଦ୍ଧି ଫଳରେ ଗୃହଋଣ, ପର୍ସନାଲ ଲୋନ୍, ଅଟୋ ଲୋନ୍ ଆଦି ମହଙ୍ଗା ହୋଇଯିବ। ଏସବିଆଇର ୱେବସାଇଟ୍ ଅନୁସାରେ ଗ୍ରାହକମାନଙ୍କ ପାଇଁ ଓଭରନାଇଟ ନେଇ ୩ମାସ ପର୍ଯ୍ୟନ୍ତ ମାର୍ଜିନାଲ କଷ୍ଟ ଲେଣ୍ଡିଂ ରେଟ୍ ପାଇଁ ୬.୬୫% ବଦଳରେ ୬.୭୫% ସୁଧହାର ରହିବ। ଏହା ବ୍ୟତୀତ ୬ମାସ ପାଇଁ ୬.୯୫% ବଦଳରେ ୭.୦୫% ଏମସିଏଲଆର ରହିବ। ସେହିଭଳି ଏକ ବର୍ଷ ବିଶିଷ୍ଟ ଏମସିଏଲଆର ପାଇଁ ୭.୧୦%ଏବଂ ୨ ବର୍ଷ ପାଇଁ ୭.୩୦%, ୩ବର୍ଷ ପର୍ଯ୍ୟନ୍ତ ୭.୪୦% ରହିବ ବୋଲି କୁହାଯାଇଛି।

# ବୃଦ୍ଧି ପାଉଛି ଚିନି ରପ୍ତାନି

ନୂଆଦିଲ୍ଲୀ,୧୮।୪

୬ ବର୍ଷ ପୂର୍ବେ ୨୦୧୩-୧୪ ଆର୍ଥିକ ବର୍ଷରେ ଭାରତର ଚିନି ରପ୍ତାନି ପରିମାଣ ୧,୧୭୭ ମିଲିୟନ ଡଲାର ରହିଥିବା ବେଳେ ଗତ ଆର୍ଥିକ ବର୍ଷରେ ଏଥିରେ ଆଖିଦୃଶିଆ ଅଭିବୃଦ୍ଧି ଘଟିଥିବା ଦେଖିବାକୁ ମିଳିଛି। କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୨୦୧୩-୧୪ ଆର୍ଥିକ ବର୍ଷ ତୁଳନାରେ ୨୦୨୧-୨୨ରେ ୨୯୧% ବୃଦ୍ଧି ପାଇଛି। ଫଳରେ ଦେଶର ଚିନି ରପ୍ତାନି ହାର ବୃଦ୍ଧି ପାଇ ୪୬୦୦ ମିଲିୟନ୍ ଡଲାରରେ ପହଞ୍ଚିଛି। ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ କମର୍ସିଆଲ୍ ଇଣ୍ଟେଲିଜେନ୍ସ ଆଣ୍ଡ୍ ଷ୍ଟାଟିଷ୍ଟିକ୍ସ (ଡିଜିସିଆଇଆଣ୍ଡ୍‌ଏସ୍)ର ଡାଟା ଅନୁସାରେ ଭାରତ ବିଶ୍ୱସ୍ତରରେ ୧୨୧ଟି ଦେଶକୁ ଚିନି ରପ୍ତାନି କରିଛି। ୨୦୨୦-୨୧ ଆର୍ଥିକ ବର୍ଷ ତୁଳନାରେ ଗତ ବର୍ଷ ୬୫% ଅଧିକ ଚିନି ରପ୍ତାନି କରାଯାଇଛି। ୨୦୨୦-୨୧ ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ଯଥାକ୍ରମେ ଭାରତ ୨୭୯୦ ମିଲିୟନ୍ ଡଲାର୍ ଏବଂ ୧୯୬୫ ମିଲିୟନ୍ ଡଲାର ଚିନି ରପ୍ତାନି କରିଛି। କୋଭିଡ୍ ସମୟରେ ଉତ୍ପନ୍ନ ଲଜିଷ୍ଟିକ୍ ସମ୍ବନ୍ଧିତ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ଏହି ସଫଳତା ହାସଲ କରିପାରିଛି। ସୂଚନାଯୋଗ୍ୟ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଏବଂ କର୍ନାଟକର ଦେଶର ଚିନି ଉତ୍ପାଦନରେ ୮୦% ଭାଗୀଦାରି ରହିଛି। ଅନ୍ୟ ସହଯୋଗୀ ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ଓଡ଼ିଶା, ତାମିଲନାଡୁ, ବିହାର, ହରିୟାଣା ଏବଂ ପଞ୍ଜାବ ସାମିଲ୍ ଅଛନ୍ତି।

## ଫୁରସତ୍

# ଯକୃତର ସୁସ୍ଥତା ପାଇଁ ସଚେତନତା ଜରୁରୀ



**ବିଶ୍ୱ ଯକୃତ ଦିବସ**

ଯକୃତ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ହଜମ, ରୋଗ ପ୍ରତିରୋଧକ ଶକ୍ତି, ମେଟାବୋଲିଜମ୍ ସମେତ ଶରୀରର ଅନେକ ଜରୁରୀ କାର୍ଯ୍ୟକଳାପ ସହିତ ଜଡ଼ିତ ରହିଥାଏ। ଯକୃତକୁ ସୁସ୍ଥ ଏବଂ ରୋଗମୁକ୍ତ ରଖିବା ନେଇ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଏପ୍ରିଲ ୧୯ରେ ବିଶ୍ୱ ଯକୃତ ଦିବସ ପାଳନ କରାଯାଉଛି। କିଭଳି ଯକୃତକୁ ସୁସ୍ଥ ରଖାଯାଇ ପାରିବ ସେଥିନେଇ ଏହି ଦିବସ ପାଳନ ଅବସରରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ରକ୍ତରେ ଶର୍କରାସ୍ତରକୁ ଯକୃତ ନିୟନ୍ତ୍ରଣ କରିଥାଏ। ସେହିପରି ଶରୀରରେ କୋଲେଷ୍ଟରଲ ସ୍ତର ବଜାୟ ରଖିବା ପାଇଁ ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଯକୃତ ରକ୍ତ ଜମାଟ ବାନ୍ଧିବାରେ ମଧ୍ୟ ସାହାଯ୍ୟ କରିଥାଏ। ଲିଭର ଏକ ତରଳ ପଦାର୍ଥ କ୍ଷରଣ କରିଥାଏ। ଏହାକୁ ପିତ୍ତରସ ବା ବାଇଲ୍ କୁହାଯାଏ। ବାଇଲ୍ ଗଲ୍ ବ୍ଲାଡର ବା ପିତ୍ତକୋଷରେ ଗଚ୍ଛିତ ହୋଇ ରହିଥାଏ। ଫ୍ୟାଟ୍‌କୁ ବିଭାଜନ କରିବା ଏବଂ ହଜମ ପ୍ରକ୍ରିୟାରେ ବାଇଲ୍ ସାହାଯ୍ୟ କରିଥାଏ। ତେବେ ପ୍ରାରମ୍ଭିକ ଅବସ୍ଥାରେ ଯକୃତ ଅକାମୀ ହେବାର କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଯେତେବେଳେ ଯକୃତ ସମ୍ପୂର୍ଣ୍ଣ କାମ କରିବା ବନ୍ଦ କରିଦିଏ ସେତେବେଳେ ହିଁ ଏହା ଜଣାପଡ଼େ। ଏହା ଯୋଗୁ ଭୋକ କମିବା, ଓଜନ ହ୍ରାସ, ଜଣ୍ଡିସ ଭଳି ସାଧାରଣ ଲକ୍ଷଣ ପ୍ରକାଶ ପାଇଥାଏ। ଯକୃତକୁ ସୁସ୍ଥ ରଖିବା ପାଇଁ ରସୁଣ, ସବୁଜ ପନିପରିବା, ସେଓ ଏବଂ ଗାଜର ଆଦିକୁ ଖାଦ୍ୟରେ ସାମିଲ କରିବା ଲାଭଦାୟକ। ଗ୍ରୀନ୍ ଟି ଏବଂ ଲେମ୍ବୁରସ ଯକୃତ ପାଇଁ ଭଲ। ବନ୍ଧାକୋବି ଏବଂ ଫୁଲକୋବି ପରି ପନିପରିବା ଯକୃତକୁ ସୁସ୍ଥ ରଖିଥାଏ। ହଳଦୀ ଏବଂ କଦଳୀ ଯକୃତକୁ ମଧ୍ୟ ସୁସ୍ଥ ରଖିବାରେ ସହାୟ ହୋଇଥାଏ।

# ହଟ୍ ଫଟୋ ପାଇଁ ଟ୍ରୋଲ୍



ଦିଶା ପଟାନୀ

**ମୁମ୍ବାଇ:** ଅନେକ ସମୟରେ ହିନ୍ଦୀ ଚଳଚ୍ଚିତ୍ର ଏମ୍‌ଏସ୍ ଧୋନୀ ଫେମ୍ ଦିଶା ପଟାନୀ ନିଜ ଫଟୋ ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାନ୍ତି । ନିକଟରେ ଦିଶା ମନୋକିନ ପିନ୍ଧି ଥିବାର ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଅପ୍‌ଲୋଡ୍ କରିଛନ୍ତି। ଫଟୋରେ ଦିଶା ଖୁବ୍ ହଟ୍ ଦେଖା ଯାଉଥିବାବେଳେ ଫଟୋଟି ଫଲୋୟର୍ସଙ୍କୁ ପସନ୍ଦ ଆସିନାହିଁ। ଇନ୍‌ଷ୍ଟାଗ୍ରାମରେ ଦିଶାଙ୍କ ଫଲୋୟର୍ସ ସଂଖ୍ୟା ୫୦ ମିଲିୟନ ପାର୍ କରିବା ନେଇ ଦିଶାଙ୍କ ମନୋକିନ୍ ପିନ୍ଧା ବୋଲ୍ଡ ଅନ୍ଦାଜରେ ପୋଜ୍ ଦେଇଥିବାର ଏକ ଫଟୋ ଶେୟାର କରିଥିଲେ। କିଛି ୟୁଜର୍ସଙ୍କୁ ଫଟୋଟି ପସନ୍ଦ ଆସିଥିବାବେଳେ କିଛିଙ୍କୁ ଏହା ଆଦୌ ପସନ୍ଦ ଆସି ନାହିଁ। ଫଟୋ ପାଇଁ ସୋସିଆଲ ମିଡିଆରେ ଟ୍ରୋଲ ହେବାକୁ ନେଇ ଦିଶା କୁହନ୍ତି, ହେଟର୍ସ ଏବଂ ନେଗେଟିଭ୍ କମେଣ୍ଟକୁ କିଭଳି ଭାବେ ନଜରରୁ ହଟାଯିବ ତାହା ତାଙ୍କୁ ଭଲଭାବେ ଜଣା। ଟ୍ରୋଲର ଶିକାର ହେବା କଥା ଜାଣିବି ସେ ସବୁବେଳେ ତାଙ୍କ ମନପସନ୍ଦର ଫଟୋ ସୋସିଆଲ ସାଇଟ୍‌ରେ ଶେୟାର କରନ୍ତି। ନକରାତ୍ମକ କମେଣ୍ଟ ତାଙ୍କ ଉପରେ କୌଣସି ପ୍ରକାର ପ୍ରଭାବ ପକାଏ ନାହିଁ ଓ ଏହାଠାରୁ ସେ ସର୍ବଦା ଦୂରରେ ରୁହନ୍ତି ବୋଲି କହିଛନ୍ତି। ଶେଷ ଥର ପାଇଁ ଫିଲ୍ମ ରାଧେରେ ଦିଶାଙ୍କୁ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କ ଅପୋଜିଟରେ ଥିଲେ ସଲମାନ୍ ଖାନ୍। ଆଗାମୀ ଦିନରେ ଏକ୍ ଭିଲେନ୍ ରିଟର୍ନ୍ସରେ ଦିଶାଙ୍କୁ ଦେଖିବାକୁ ମିଳିବ। ବର୍ତ୍ତମାନ ତାଙ୍କ ହାତରେ ଏକ ହାଇ ବଜେଟ ଫିଲ୍ମ 'ଯୋଦ୍ଧା' ରହିଛି।

# ୧ ୟୁନିଟ୍ ଚାର୍ଜରେ ଚାଲୁଛି ୬୦ କି.ମି.



**ଥିରୁଭାନନ୍ତପୁରମ:** କେରଳର ଆଣ୍ଟୋନୀ ଜନ୍ ତିଆରି କରିଛନ୍ତି ଏକ ଇଲେକ୍ଟ୍ରିକ୍ କାର୍, ଯାହା ମାତ୍ର ୧ ୟୁନିଟ୍ ଇଲେକ୍ଟ୍ରିକ୍ ଚାର୍ଜରେ ୬୦ କିଲୋମିଟର ବାଟ ଅତିକ୍ରମ କରୁଛି। ୬୭ ବର୍ଷୀୟ ଆଣ୍ଟୋନୀ ପେସାରେ ଜଣେ କ୍ୟାରିୟର୍ କନ୍‌ସଲ୍‌ଟାଣ୍ଟ। ପ୍ରତ୍ୟେକ ଦିନ ଅଫିସ ଯିବା ଆସିବା କରିବାରେ ନିଜେ ତିଆରି କରିଥିବା ଇଲେକ୍ଟ୍ରିକ୍ କାର୍‌ଟିକୁ ବ୍ୟବହାର କରିଥାନ୍ତି। ଆଣ୍ଟୋନୀ ଏହି କାର୍‌ର ନାମ 'ପୁଲ୍‌କୁଡୁ' ରଖିଛନ୍ତି । ପୂର୍ବରୁ ସେ ଏକ ଇଲେକ୍ଟ୍ରିକ୍ ସ୍କୁଟର ବ୍ୟବହାର କରୁଥିଲେ ହେଁ ଏହା ତାଙ୍କୁ ଖରା ଓ ବର୍ଷାରୁ ରକ୍ଷା କରିପାରୁ ନ ଥିଲା, ଯାହାପରେ ସେ ଏକ ଇଲେକ୍ଟ୍ରିକ୍ କାର୍ ତିଆରି କରିବାକୁ ଚାହିଁଥିଲେ। କାର୍‌ଟିର ବଡ଼ିଟି ଗ୍ୟାରେଜ୍‌ରେ ତିଆରି ହୋଇଥିବାବେଳେ ଏହାର ୱେୟାରିଂ ଆଣ୍ଟୋନୀ ନିଜେ କରିଛନ୍ତି। ଏହି କାର୍‌ରେ ୨ ଜଣ ବସିବା ପାଇଁ ସ୍ଥାନ ରହିଛି। ଇଲେକ୍ଟ୍ରିକ୍ କାର ତିଆରି କରିବା ପାଇଁ ସେ ୨୦୧୮ରୁ ଯୋଜନା କରିଥିଲେ। କିନ୍ତୁ ଇଲେକ୍ଟ୍ରିକ୍ ୱେୟାରିଂ କ୍ଷେତ୍ରରେ ଅଭିଜ୍ଞତା ନ ଥିବା ତଥା ସମ୍ୟକ ଜ୍ଞାନ ପାଇଁ ସେ ଏହାକୁ ସମ୍ପୂର୍ଣ୍ଣ କରିପାରି ନ ଥିଲେ। ଦେଶରେ ଟାଟା ଟିଗୋର ଦ୍ୱାରା ନିର୍ମିତ ଇଲେକ୍ଟ୍ରିକ୍ କାରର ବଜାର ମୂଲ୍ୟ ୧୧.୯୯ ଲକ୍ଷ ଟଙ୍କା ଥିବାବେଳେ ଆଣ୍ଟୋନୀ ମାତ୍ର ୪.୫ ଲକ୍ଷ ଟଙ୍କା ବିନିମୟରେ ଏହି କର୍‌ଟିକୁ ତିଆରି କରିଛନ୍ତି। ଏହି କାର୍‌ରେ ଗୋଟିଏ ହେଡ୍ ଲାଇଟ୍, ଫଗ୍ ଲାଇଟ୍ ଇଣ୍ଡିକେଟର ଏବଂ ଫ୍ରଣ୍ଟ ବ୍ୟାକ୍ ୱାଇପର ରହିଛି। ମାତ୍ର ଗୋଟିଏ ୟୁନିଟ୍ ଚାର୍ଜ ଅର୍ଥାତ୍ ମାତ୍ର ୫ ଟଙ୍କା ବ୍ୟୟରେ ୬୦ କିଲୋମିଟର ବାଟ ଅତିକ୍ରମ କରୁଛି। ତୈଳ ଦର ବୃଦ୍ଧି କାରଣରୁ ବର୍ତ୍ତମାନ ସମୟରେ ଇଲେକ୍ଟ୍ରିକ୍ ଯାନର ଚାହିଦା ବୃଦ୍ଧି ପାଇଛି। ଦେଶରେ ୨୦୨୧-୨୨ରେ ଇଲେକ୍ଟ୍ରିକ୍ ଯାନ ପାଇଁ ୪,୨୯,୨୧୭ ରିଟେଲ୍ସ ଖୋଲାଯାଇଥିଲା।

# ସ୍ପାଇଡର ମ୍ୟାନ୍: ନୋ ୱେ ହୋମ୍ ଦେଖି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

ଫ୍ଲୋରିଡା

ଫ୍ଲୋରିଡାର ଜଣେ ଯୁବକ ସ୍ପାଇଡର ମ୍ୟାନ୍: ନୋ ୱେ ହୋମ୍ ଫିଲ୍ମ ଦେଖି ଗିନିଜ ୱାର୍ଲ୍ଡ ରେକର୍ଡ୍ସ କରିଛନ୍ତି। ପ୍ରାୟ ଲୋକଙ୍କୁ ଫିଲ୍ମ ଦେଖିବା ପସନ୍ଦ ଥାଏ। ତେବେ କିଛି ବ୍ୟକ୍ତି ନିଜ ମନ ପସନ୍ଦର ଫିଲ୍ମକୁ ବାରମ୍ବାର ଦେଖିଥାନ୍ତି କିନ୍ତୁ ଫ୍ଲୋରିଡାରାମିରୋ ଆଲାନିସ୍ ସ୍ପାଇଡର ମ୍ୟାନ୍ ଫିଲ୍ମକୁ ଗୋଟିଏ କି ଦୁଇଥର ନୁହେଁ ଏକାଥରକେ ୨୯୨ ଥର ଦେଖି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଆଲାନିସ୍ ୩ ମାସ ଧରି ଏହି ଫିଲ୍ମକୁ ଦେଖିଛନ୍ତି। ଗତବର୍ଷ ଡିସେମ୍ବର୧୬ରେ ସେ ଫିଲ୍ମ ଦେଖିବା ଆରମ୍ଭ କରିଥିବାବେଳେ ଚଳିତ ବର୍ଷ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ସେ ଟମ୍ ହୋଲାଣ୍ଡଙ୍କ ସ୍ପାଇଡର ମ୍ୟାନ୍: ନୋ ୱେ ହୋମ୍ ମୁଭି ଦେଖିଥିଲେ। ଏହା ପୂର୍ବରୁ ୨୦୧୯ରେ ଆଲାନିସ୍ ୧୯୧ ଥର ଆଭେଞ୍ଜର୍ସ: ଏଣ୍ଡ ଗେମ୍ ଫିଲ୍ମ ଦେଖି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ନିଜ ନାମ ସ୍ଥାନିତ କରିଥିଲେ।

# ସ୍କୁଟର ପାଇଁ ୧୫ ଲକ୍ଷର ନମ୍ବର ପ୍ଲେଟ




**ଚଣ୍ଡିଗଡ:** ସ୍କୁଟିର ଦାମ୍ ୭୧ ହଜାର ଟଙ୍କା, କିନ୍ତୁ ଏଥିରେ ଲାଗିଥିବା ନମ୍ବର ପ୍ଲେଟ୍‌ର ଦାମ୍ ୧୫ ଲକ୍ଷ ଟଙ୍କାରୁ ଅଧିକ। ପଞ୍ଜାବର ଚଣ୍ଡିଗଡ଼ରେ ଘଟିଛି ଏମିତି ଏକ ଘଟଣା। ଏଠାରେ ଜଣେ ବ୍ୟକ୍ତି ନିଜ ସ୍କୁଟି ପାଇଁ ୧ ନମ୍ବର ସିରିଜ ଆଣିବାକୁ ଖର୍ଚ୍ଚ କରିଛନ୍ତି ୧୫ ଲକ୍ଷ ୪୪ ହଜାର ଟଙ୍କା। ଏମିତି ଏକ ନମ୍ବର ପାଇବାକୁ ସେ ନିଲାମରେ ଭାଗନେଇଥିଲେ। ତେଣୁ ନମ୍ବର ପାଇବାର କ୍ରେଜ୍ ତାଙ୍କର ଏତେ ଅଧିକ ଥିଲା ଯେ ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କାର ନିଲାମ ଡାକିଥିଲେ। ଶେଷରେ ଅଭିଳଷିତ ନମ୍ବର ହାସଲ କରିବା ପରେ ସେ ବହୁ ଖୁସି ହୋଇଯାଇଥିଲେ। ବ୍ୟକ୍ତି ଜଣକ କହିଛନ୍ତି, ସେହି ନମ୍ବରକୁ ସେ ଏବେ ତାଙ୍କ ସ୍କୁଟିରେ ହିଁ ଲଗାଇ ବ୍ୟବହାର କରିବେ। ଏମିତି ଏକ ଖିଆଲି ମନର ସଉକ ପୂରା କରିପାରିଥିବାରୁ ନିଲାମ ଜିତିଥିବା ସମ୍ପୃକ୍ତ ବ୍ୟକ୍ତି ଜଣକ ଏବେ ଖୁସି। ସିଏଚ୍ ୦୧-ସିଜେ-୦୦୦୧ ନମ୍ବରକୁ ସେ ତାଙ୍କ ଆକ୍ଟିଭାରେ ଲଗାଇ କିଛିଦିନ ବ୍ୟବହାର କରିବା ପରେ ତାଙ୍କ କାର୍ ମର୍ସିଡିଜ୍‌ରେ ମଧ୍ୟ ଲଗାଇବେ ବୋଲି ଚିନ୍ତା କରିଛନ୍ତି। ଚଣ୍ଡିଗଡ଼ ପଞ୍ଜୀକରଣ ଓ ଲାଇସେନ୍ସିଂ ପ୍ରାଧିକରଣ ପକ୍ଷରୁ ଏଭଳି ଫ୍ୟାନ୍‌ସି ନମ୍ବର ପାଇଁ ନିଲାମ ଆୟୋଜନ କରାଯାଇଥିଲା। ନମ୍ବର ସିରିଜ୍ ନିଲାମରେ ମୋଟ ଦେଢ଼ କୋଟି ଟଙ୍କା କାରବାର ହୋଇଥିଲା। ତେବେ ଏହି ସିରିଜ୍‌ର ୧ ନମ୍ବର ପରେ ୨ ନମ୍ବର ପାଇଁ ଦ୍ୱିତୀୟ ସର୍ବାଧିକ ଟଙ୍କା ୫ ଲକ୍ଷ ୪୦ ହଜାର ଟଙ୍କାର ନିଲାମ ଡକାଯାଇଥିଲା।

# ମୋମେଣ୍ଟମ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୧୮।୪ (କ୍ରୀଡ଼ା ପ୍ରତିନିଧି)

ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ପଏଣ୍ଟ ଟେବୁଲରେ ଶୀର୍ଷସ୍ଥାନ ଅଧିକାର କରିଛି। ନିକଟ ଅତୀତରେ ଅନୁଷ୍ଠିତ ମ୍ୟାଚରେ ଭାରତୀୟ ଦଳର ନେତୃତ୍ୱ ନେଇ ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି ଓଡ଼ିଶା ଡିଫେଣ୍ଡର ଅମିତ ରୋହିଦାସ। ପୂରା ସିଜନରେ ଏପର୍ଯ୍ୟନ୍ତ ଭାରତୀୟ ଦଳ ମୋମେଣ୍ଟମ ବଜାୟ ରଖିପାରିଛି ବୋଲି ଅନୁଭବ କରୁଛନ୍ତି ଅମିତ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାର ପରିଣାମ ମଧ୍ୟ ଫଳାଫଳରେ ରୂପାନ୍ତରିତ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଘରୋଇ ପରିବେଶରେ ଭାରତୀୟ ଦଳର ପ୍ରୋ ଲିଗ୍ ମ୍ୟାଚ ଶେଷ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସମସ୍ତ ମ୍ୟାଚରେ ଭାରତ ଅତି ଚମତ୍କାର ପ୍ରଦର୍ଶନ କରିଥିଲା। ଏବେ ଦଳ ବିଦେଶ ଗସ୍ତକରି ବେଲ୍‌ଜିୟମ ଓ ନେଦରଲାଣ୍ଡ ବିପକ୍ଷରେ ମ୍ୟାଚ ଖେଳିବ। ସେଠାରେ ମଧ୍ୟ ମୋମେଣ୍ଟମ ବଜାୟ ରଖିବା ଦଳର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି।

ପୋଚ୍‌ଫେଷ୍ଟ୍ରୁମଠାରେ ଫ୍ରାନ୍ସ ବିପକ୍ଷରେ ୫-୦ ଗୋଲରେ ବିଜୟ ସହ ଭାରତ ଅଭିଯାନ ଆରମ୍ଭ କରିଥିଲା। ଏଠାରେ ଭାରତ ମୋଟ ୪ଟି ମ୍ୟାଚ ଖେଳିଥିଲା। ପରବର୍ତ୍ତୀ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୧୦-୨ ଗୋଲରେ ହରାଇଥିବାବେଳେ ଫ୍ରାନ୍ସଠାରୁ ଡବଲ ହେଡର ମ୍ୟାଚରେ ୨-୫ ଗୋଲରେ ହାରି ଯାଇଥିଲା। ତେବେ ପର ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ପୁଣି ୧୦-୨ ଗୋଲରେ ହରାଇ ଭାରତୀୟ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଘରୋଇ ପରିବେଶରେ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ପୁରୁଷ ହକି ଦଳ ମୋଟ ୮ଟି ମ୍ୟାଚ ଖେଳିଥିଲା। ସ୍ପେନ୍‌କୁ ପ୍ରଥମ ମ୍ୟାଚରେ ୫-୪ ଗୋଲରେ ହରାଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ୩-୫ ଗୋଲରେ ପରାଜିତ ହୋଇଥିଲା। ଆର୍ଜେଣ୍ଟିନା ବିପକ୍ଷ ପ୍ରଥମ ମ୍ୟାଚକୁ ଦଳ ୨-୨ ଗୋଲରେ ଡ୍ର ରଖିଥିବାବେଳେ ଶୁଟ୍ ଆଉଟରେ ୧-୩ ଗୋଲରେ ହାରି ଯାଇଥିଲା। ତେବେ ଦ୍ୱିତୀୟ ମ୍ୟାଚକୁ ୪-୩ ଗୋଲରେ ଜିତି ଦଳ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା। ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ ୩-୩ ଗୋଲରେ ଡ୍ର ରହିଥିଲେ ହେଁ ଶୁଟ୍‌ଆଉଟ ଫଳାଫଳ ଭାରତ ସପକ୍ଷରେ ଯାଇଥିଲା। ଏଥିରେ ଭାରତ ୩-୨ ଗୋଲରେ ବିଜୟୀ ହୋଇଥିଲା। ପରବର୍ତ୍ତୀ ମ୍ୟାଚକୁ ୪-୩ରେ ଜିତି ଦଳ ଡବଲ ବିଜୟ ହାସଲ କରିଥିଲା। ଜର୍ମାନୀ ବିପକ୍ଷରେ ମଧ୍ୟ ଭାରତର ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ଭାରତ ପ୍ରଥମ ମ୍ୟାଚକୁ ୩-୦ ଓ ଦ୍ୱିତୀୟ ମ୍ୟାଚକୁ ୩-୧ ଗୋଲରେ ଜିତିଥିଲା। ମୋଟ ୧୨ଟି ମ୍ୟାଚ ଖେଳିବାପରେ ଭାରତ ୮ ବିଜୟ, ୧ ଶୁଟ୍ ଆଉଟ ବିଜୟ, ୧ ଶୁଟ୍ ଆଉଟ ପରାଜୟ ଓ ୨ ପରାଜୟ ସହ ୨୭ ପଏଣ୍ଟ ପାଇ ନିଜର ଶୀର୍ଷସ୍ଥାନକୁ ଦୃଢ଼ କରିଛି। ୧୦ ମ୍ୟାଚରୁ ୧୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବା ଜର୍ମାନୀଠାରୁ ଭାରତ ପୂରା ୧୦ ପଏଣ୍ଟ ଆଗରେ ରହିଛି।



"ଜର୍ମାନୀ ବିପକ୍ଷ ଦ୍ୱିତୀୟ ମ୍ୟାଚ କଷ୍ଟସାଧ ଥିଲା। ଆମର ଫିନିଶିଂରେ କିଛିଟା ତ୍ରୁଟି ପରିଲକ୍ଷିତ ହୋଇଥିଲା। ତେଣୁ ଆଗାମୀ ମ୍ୟାଚ ଖେଳିବା ପୂର୍ବରୁ ଆମକୁ ଏହି ବିଭାଗ ଉପରେ କାର୍ଯ୍ୟ କରିବାକୁ ହେବ"
–ଅମିତ ରୋହିଦାସ

"ଜର୍ମାନୀ ବିପକ୍ଷ ଦ୍ୱିତୀୟ ମ୍ୟାଚ କଷ୍ଟସାଧ ଥିଲା। ସେମାନେ ବହୁତ ଭଲ ଖେଳିଥିଲେ। ଆମର ଫିନିଶିଂରେ କିଛିଟା ତ୍ରୁଟି ପରିଲକ୍ଷିତ ହୋଇଥିଲା। ତେଣୁ ଆଗାମୀ ମ୍ୟାଚ ଖେଳିବା ପୂର୍ବରୁ ଆମକୁ ଏହି ବିଭାଗ ଉପରେ କାର୍ଯ୍ୟ କରିବାକୁ ହେବ। ତେବେ ଉଭୟ ବିଜୟ ଦଳପାଇଁ ବେଶ୍ ଉପାଦେୟ ହୋଇଛି" ବୋଲି ଅମିତ କହିଛନ୍ତି। ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ମଧ୍ୟ ପ୍ରଥମେ ଜର୍ମାନୀ ଦଳକୁ ପୂରା ମାର୍କ ଦେଇଛନ୍ତି। "ପ୍ରଥମ ଗେମ୍‌ରେ ହାରିବା ପରେ ଜର୍ମାନୀ ଦ୍ୱିତୀୟ ଗେମ୍‌ରେ ସଫଳ ପ୍ରତ୍ୟାବର୍ତ୍ତନ କରି କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ଦୁର୍ଭାଗ୍ୟ ବଶତଃ ସେମାନେ ଏକାଧିକଥର ଗୋଲ ଦେବାରେ ସଫଳ ହୋଇପାରି ନ ଥିଲେ। ତେବେ ଉଭୟ ମ୍ୟାଚକୁ ଆମ ଖେଳାଳିମାନେ ଯେପରି ଖେଳିଲେ ସେଥିରେ ମୁଁ ଗର୍ବିତ" ବୋଲି ରିଡ୍ କହିଛନ୍ତି। ଜର୍ମାନୀ ବିପକ୍ଷ ଉଭୟ ମ୍ୟାଚରୁ ଭାରତୀୟ ଖେଳାଳିଙ୍କୁ ଅନେକ କିଛି ଶିଖିବାକୁ ମିଳିଛି ବୋଲି ରିଡ୍ ପ୍ରକାଶ କରିଛନ୍ତି। "ଦୁଇ ମ୍ୟାଚରୁ ୬ ପଏଣ୍ଟ ହାସଲ କରିବା ଆମର ଟାର୍ଗେଟ ଥିଲା। ଆମେ ସେଥିରେ ସଫଳ ହୋଇଥିଲୁ। ଲଗାତର ୨ଟି ମ୍ୟାଚରୁ ୬ ପଏଣ୍ଟ ପାଇବା ବହୁତ ଭଲ କଥା। ଜର୍ମାନୀ ବିପକ୍ଷ ୨ଟି ମ୍ୟାଚକୁ ଆମେ ସେମିଫାଇନାଲ ଏବଂ ଗୋଲ୍ଡ ମେଡାଲ ଗେମ୍‌ଭଳି ଖେଳିଥିଲୁ। ଆମେ ଅନ୍ୟ ଦଳଗୁଡ଼ିକଠାରୁ ଅଧିକ ମ୍ୟାଚ ଖେଳିଛୁ। ତେଣୁ ଅଧିକ ପଏଣ୍ଟ ପାଇଛୁ। ଆଗାମୀ ୪ ମ୍ୟାଚ ଆମର ଶକ୍ତିଶାଳୀ ବେଲଜିୟମ ଓ ନେଦରଲାଣ୍ଡ ବିପକ୍ଷରେ ଅଛି। ଏହା ପୂର୍ବରୁ ଆମ ଖେଳାଳିମାନେ କିଛିଦିନ ବ୍ରେକ୍ ପାଇଛନ୍ତି। ବ୍ରେକ୍‌ରୁ ଫେରିବାପରେ ଆମେ ପୁଣି କଠିନ ପରିଶ୍ରମ କରି ଆଗାମୀ ମ୍ୟାଚ ପାଇଁ ପ୍ରସ୍ତୁତ ହେବୁ" ବୋଲି ରିଡ୍ କହିଛନ୍ତି।

ପ୍ରକାଶଯୋଗ୍ୟ ଯେ ଭାରତୀୟ ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ଜୁନ୍ ୧୧ ଓ ୧୨ ତାରିଖରେ ଆଣ୍ଟ୍ୱେର୍ପଠାରେ ବେଲ୍‌ଜିୟମକୁ ଭେଟିବ। ଏହାପରେ ରୋଟରଡାମ ଯାଇ ଜୁନ୍ ୧୮ ଓ ୧୯ରେ ନେଦରଲାଣ୍ଡ ବିପକ୍ଷରେ ଖେଳିବ।

## ଏଫ୍ଆଇଏଚ୍ ପ୍ରୋ ଲିଗ୍

# ଜ୍ୟୋତିକା, ଶିୟାମ ଚାମ୍ପିୟନ



ରାଜ୍ୟ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୮।୪ (କ୍ରୀଡ଼ା ପ୍ରତିନିଧି)

## ରାଜ୍ୟ ୧୦ ବର୍ଷରୁ କମ ଚେସ ଉଦ୍‌ଯାପିତ

କଟକ ଶୈଳବାଳା ମହିଳା ମହାବିଦ୍ୟାଳୟ ପରିସରରେ ଉର୍ମିଳା ସ୍ମାରକୀ ରାଜ୍ୟ ୧୦ ବର୍ଷରୁ କମ୍ ଚେସ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହାର ବାଳିକା ବିଭାଗରେ ଜ୍ୟୋତିକା ସାହୁ ଓ ଓପନରେ ଶିୟାମ ସତ୍ୟାଂଶ ଚାମ୍ପିୟନ ହୋଇଛନ୍ତି। ଜ୍ୟୋତିକା ୫.୫ ପଏଣ୍ଟ ପାଇଥିବାବେଳେ ଶିୟାମ ୬ ପଏଣ୍ଟ ପାଇଛନ୍ତି। ବାଳିକା ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ରିତିକା ଜେନା, ଈଶାନି ଦାସ, ହର୍ଷିତା ସିଂ, ସାମିନା ସ୍ୱାଇଁ, ଅଦିତି ମହାରଣା, ଶୁଭସ୍ମିତା ପ୍ରିୟଦର୍ଶିନୀ, ତନଭି ମିଶ୍ର, ସାନ୍‌ଭି ମିଶ୍ର ଓ ୱାଇ. ଗାୟତ୍ରୀ ଟପ୍-୧୦ରେ ରହିଛନ୍ତି। ସେହିପରି ଓପନ ବିଭାଗରେ ଆର୍ଯ୍ୟନ ବେହେରା, ପ୍ରତୀକ କୁଶାଳ ରାଉତ, ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ, ଦେବପ୍ରିୟ ବିଶ୍ୱାଳ, ଭିହାନ ରେଡ୍ଡୀ, ମନିଶ ମିଶ୍ର, ଅକ୍ର ମିଶ୍ର, ଶିବାଶିଷ ସିଂ ଓ ଓଜାସ ଆରୋହଣ ସାହୁ ଶୀର୍ଷ ୧୦ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି। ଏହା ବ୍ୟତୀତ ୬, ୭, ୮ ଓ ୯ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଦୁଇ ଚାମ୍ପିୟନ ପ୍ରତିଯୋଗୀଙ୍କୁ ଟ୍ରଫି ସହ ଗୋଟିଏ ଲେଖାଏ ସାଇକେଲ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶୈଳବାଳା ମହିଳା କଲେଜର ପ୍ରିନ୍ସିପାଲ ସୁରେଖା ସୁନ୍ଦରୀ ସ୍ୱାଇଁ ମୁଖ୍ୟ ଅତିଥି ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଏସ.ଆର. ଚେସ୍ ସେଣ୍ଟର ସମ୍ପାଦକ ସତ୍ୟ ରଞ୍ଜନ ପଟ୍ଟନାୟକ, ଟ୍ରିପଲ 'ସି' ଚେସ୍ କ୍ଲବ ସଭାପତି କମଳାକାନ୍ତ ବିଷୋୟୀ, ଉପସଭାପତି ବିଶ୍ୱଜିତ ରାୟ, ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର, ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ଓ ମାଷ୍ଟର୍ସ ଚେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପୁରସ୍କାର ଆକାରରେ ଆୟୋଜକ ଟ୍ରିପଲ 'ସି' ଚେସ୍ କ୍ଲବ ଓ ମାଷ୍ଟର୍ସ ଚେସ୍ ଫାଉଣ୍ଡେଶନ ପକ୍ଷରୁ ଟ୍ରଫି ସହ ୨୦,୦୦୦ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ବାଳିକା ଓ ଓପନ ବିଭାଗର ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀ ୩୪ତମ ଜାତୀୟ ୧୦ ବର୍ଷରୁ କମ୍ ଚେସ୍‌ରେ ଭାଗ ନେବେ। ଏହା ଚଳିତ ମାସ ୨୬ରୁ ମେ' ୧ ପର୍ଯ୍ୟନ୍ତ ଜମ୍ମୁ ବର୍ନାଇର କଙ୍ଗ୍ରା ଫର୍ଟଠାରେ ଅନୁଷ୍ଠିତ ହେବ।

# ୟୁନିଟି କପ ଦିବାରାତ୍ର କ୍ରିକେଟ ଉଦ୍‌ଯାପିତ

ଭୁବନେଶ୍ୱର, ୧୮।୪ (କ୍ରୀଡ଼ା ପ୍ରତିନିଧି)

ୟୁନିଟି କପ ଦିବା ରାତ୍ର ଆଇଟି କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଛି। ଏଥିରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ଫ୍ରଣ୍ଟେକ୍ ଆଚିଭର୍ସ ୧୫ ରନରେ ମୋଲେକ୍ସ ରେଡ୍ ରାପ୍ଟର୍ସଙ୍କୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବି କୁଇକ୍‌ର ମାଲିକ ପ୍ରଦୀପ ବାବୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଟୁର୍ନାମେଣ୍ଟରୁ ମିଳିଥିବା ଅର୍ଥ କୋଭିଡ-୧୯ରେ ପ୍ରାଣ ହରାଇଥିବା ଆଇଟି ସମ୍ପ୍ରଦାୟର ପରିବାରବର୍ଗଙ୍କୁ ସାହାଯ୍ୟ କରାଯିବ ବୋଲି ୟୁନିଟି କପର ଉପଦେଷ୍ଟା ରଞ୍ଜିତ ପଣ୍ଡା, ଅବିନାଶ ପଟ୍ଟନାୟକ, ରାଧାକାନ୍ତ ଭଟରାୟ, ସମ୍ପାଦକ ପ୍ରମୋଦ ମହାନ୍ତି, ଉପସଭାପତି ପ୍ରୀତିମୋହନ, ଅଥଲେଟିକ ସେକ୍ରେଟାରୀ ପ୍ରକାଶ ତରାଇ, କୋଷାଧକ୍ଷ ସୁବୋଧ ନାୟକ ଓ ମ୍ୟାନେଜର ପୂର୍ଣ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଜଣାଇଛନ୍ତି।



ଟ୍ରଫି ସହ ଚାମ୍ପିୟନ ଫ୍ରଣ୍ଟେକ୍ ଆଚିଭର୍ସ ଦଳ।


ମାଧୁରୀ ମେହେଟା


କାଜଲ ଜେନା

# ବିଜୟ ସହ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୧୮।୪ (କ୍ରୀଡ଼ା ପ୍ରତିନିଧି): ତ୍ରିଭେନ୍ଦ୍ରମର ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମରେ ଅନୁଷ୍ଠିତ ସିନିୟର ମହିଳା ଟି୨୦ ଲିଗ୍‌ରେ ବିଜୟ ସହ ଓଡ଼ିଶା ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୭୧ ରନରେ ଛତିଶଗଡ଼କୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୧୫୦ ରନ କରିଥିଲା। କାଜଲ ଜେନା ୫୬ ବଲ୍‌ରୁ ୬୦ ରନ କରି ଆଉଟ ହୋଇଥିବାବେଳେ ମାଧୁରୀ ମେହେଟା ୫୩ ବଲ୍‌ରୁ ୬୬ ରନକରି ଅପରାଜିତ ରହିଥିଲେ। ଛତିଶଗଡ଼ର ପ୍ରତିଜ୍ଞା ସିଂ ଓ ଶିଳ୍ପା ସାହୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୫୧ ରନ ବିଜୟ ଲକ୍ଷ୍ୟରେ ଛତିଶଗଡ଼ ୨୦ ଓଭରରେ ୫ ଉଇକେଟ ହରାଇ ୭୯ ରନ କରିବାକୁ ସକ୍ଷମ ହୋଇଥିଲା। ଶିବାନୀ କ୍ରିଷ୍ଣା ସର୍ବାଧିକ ୨୪ ରନ କରିଥିଲେ। ଓଡ଼ିଶାର ପ୍ରିୟଙ୍କା ପ୍ରିୟଦର୍ଶିନୀ ୨ଟି ଓ ସୁଜାତା ମଲିକ ଗୋଟିଏ ଉଇକେଟ ନେଇଥିଲେ।

## ରାଜ୍ୟ ଖବର

# ୧୧ ଏମ୍‌ଓଙ୍କୁ ଡିଡିଏମ୍ ପଦୋନ୍ନତି

ଯାଜପୁର ଅଫିସ,୧୮।୪

ରାଜ୍ୟ ଖଣି ନିର୍ଦ୍ଦେଶାଳୟରେ କାମ କରୁଥିବା ୧୧ ଏମ୍‌ଓ ବା ମାଇନିଂ ଅଫିସର(ଖଣି ଅଧିକାରୀ)ଙ୍କୁ ଓଆର୍‌ଏସ୍‌ପି ରୁଲ୍ସ-୨୦୧୭ର ଲେଭେଲ-୧୩ ଅନୁଯାୟୀ ଖଣି ଉପନିର୍ଦ୍ଦେଶକ(ଡିଡିଏମ୍) ଭାବେ ପଦୋନ୍ନତି ମିଳିଛି। ସେହିପରି ୧୧ ଜଣ ସହକାରୀ ଖଣି ଅଧିକାରୀ(ଏଏମ୍‌ଓ)ଙ୍କୁ ଲେଭେଲ-୧୨ରେ ମାଇନିଂ ଅଫିସର ଭାବେ ପଦୋନ୍ନତି ମିଳିଛି। ରାଜ୍ୟପାଳଙ୍କ ନିର୍ଦ୍ଦେଶ ଅନୁସାରେ ଖଣି ବିଭାଗର ଯୁଗ୍ମ ସଚିବ ୩୪୩୩ ଓ ୩୪୨୦/୧୬।୪।୨୦୨୨ରେ ଏହି ବିଜ୍ଞପ୍ତି ଜାରି କରିଛନ୍ତି। ମାଇନିଂ ଅଫିସରରୁ ଡିଡିଏମ୍ ପଦବୀକୁ ପଦୋନ୍ନତି ପାଇଥିବା ଅଧିକାରୀମାନେ ହେଲେ କଟକ ଏମ୍‌ଓ ସର୍କଲର ଜିତେନ୍ଦ୍ର କୁମାର ପଣ୍ଡାଙ୍କୁ ବାରିପଦା, ଯାଜପୁର ରୋଡ ଡିଡିଏମ୍ କାର୍ଯ୍ୟାଳୟର ପ୍ରିୟଦର୍ଶୀ ସନ୍ଦୀପ କୁମାର ବଳଙ୍କୁ ବ୍ରହ୍ମପୁର ଡିଡିଏମ୍, ଭୁବନେଶ୍ୱର ହେଡକ୍ୱାର୍ଟରର ଲିପ୍ସା ପୃଷ୍ଟିଙ୍କୁ ଭୁବନେଶ୍ୱର, ଗଞ୍ଜାମ ଏମ୍‌ଓ ଦୀନେଶ ଅଗ୍ରୱାଲାଙ୍କୁ ଯୋଡା ଡିଡିଏମ୍, କଳାହାଣ୍ଡି ଏମ୍‌ଓ ଦିଲୀପ କୁମାର ସାହୁଙ୍କୁ କଟକ, ଯାଜପୁର ରୋଡ ଅଫିସର ପବିତ୍ର କୁମାର ସାହୁଙ୍କୁ ଭୁବନେଶ୍ୱର, କେନ୍ଦୁଝର ଏମ୍‌ଓ ଅସିତ କୁମାର ବେହେରାଙ୍କୁ କେନ୍ଦୁଝର ଡିଡିଏମ୍, ସମ୍ବଲପୁର ସର୍କଲର ବିଭୂତିଭୂଷଣ ବେହେରାଙ୍କୁ ଯାଜପୁର ରୋଡ ଡିଡିଏମ୍, କୋରାପୁଟ ଡିଡିଏମ୍ ଅଫିସର ବିଶ୍ୱନାଥ ସୋରେନଙ୍କୁ କଳାହାଣ୍ଡି ଡିଡିଏମ୍, ତାଳଚେର ଅଫିସର ଧରଣୀଧର ନାୟକଙ୍କୁ ତାଳଚେର ଡିଡିଏମ୍ ଏବଂ ଯୋଡ଼ା ଅଫିସର ବିଶ୍ୱନାଥ ସେଠୀଙ୍କୁ ଭୁବନେଶ୍ୱର ହେଡକ୍ୱାର୍ଟରକୁ ପଦୋନ୍ନତି ହୋଇ ଅବସ୍ଥାପିତ କରାଯାଇଛି। ସେହିପରି କଟକ ସର୍କଲର ଏଏମ୍‌ଓ ସରଦିନୁ ପଣ୍ଡାଙ୍କୁ କଟକ ଏମ୍‌ଓ, ଯୋଡା ଡିଡିଏମ୍ ଅଫିସର ସନତ କୁମାର ବିଶୋଇଙ୍କୁ ଯୋଡ଼ା ଏମ୍‌ଓ, ତାଳଚେର ଏଏମ୍‌ଓ ଆନନ୍ଦ ଚନ୍ଦ୍ର ସେଠୀଙ୍କୁ ତାଳଚେର, ଭୁବନେଶ୍ୱର ଏଏମ୍‌ଓ ସୁରେଶ ଚନ୍ଦ୍ର ବେହେରାଙ୍କୁ ଭୁବନେଶ୍ୱର, ଯାଜପୁର ରୋଡ ଏଏମ୍‌ଓ ବସନ୍ତ କୁମାର ସାହୁଙ୍କୁ କେନ୍ଦୁଝର ଏମ୍‌ଓ, କୋଇରା ଡିଡିଏମ୍ ଅଫିସର ଅଲେଖ ଚନ୍ଦ୍ର ଖଟୁଆଙ୍କୁ କୋଇରା ଏମ୍‌ଓ, କେନ୍ଦୁଝରର ଦେବେନ୍ଦ୍ରନାଥ ଦଲାଇଙ୍କୁ ଯୋଡ଼ା ଏମ୍‌ଓ, ବାରିପଦା ଅଫିସର ମୁରଲୀଧର ନାଏକଙ୍କୁ କଳାହାଣ୍ଡି, ରାଉରକେଲା ଅଫିସର ଭକ୍ତବନ୍ଧୁ ପାତ୍ରଙ୍କୁ ବାରିପଦା, ସମ୍ବଲପୁର ଅଫିସର ଦେବବ୍ରତ ମହାନ୍ତିଙ୍କୁ ଫୁଲବାଣୀ ଓ କୋରେଇ ଅଫିସର ମନୋହର ମହନ୍ତଙ୍କୁ ତାଳଚେର ଏମ୍‌ଓ ଭାବେ ପଦୋନ୍ନତି ଦିଆଯାଇ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷେ ବାରିପଦା ଏମ୍‌ଓ ଏସ.ଏନ. ସାହୁ ଓ ଫୁଲବାଣୀ ଏମ୍‌ଓ ଦୀନବନ୍ଧୁ ପରିଡ଼ାଙ୍କୁ ଭୁବନେଶ୍ୱର ହେଡକ୍ୱାର୍ଟର, ତାଳଚେର ଏମ୍‌ଓ ବିଷ୍ଣୁପଦ ରାଉତଙ୍କୁ କୋଇଡା, କୋଇଡା ଏମ୍‌ଓ କୀର୍ତ୍ତିରଞ୍ଜନ ସେଠୀଙ୍କୁ ବ୍ରହ୍ମପୁର, ଭୁବନେଶ୍ୱର ଅଫିସର ପ୍ରଫୁଲ୍ଲ କୁମାର ସେଠୀଙ୍କୁ କୋଇଡା ଓ ବିଜୟ କୁମାର ସାହୁଙ୍କୁ କୋଇଡା ଏବଂ ଯୋଡା ଜେଡିଏମ୍ ସଲିଲ କୁମାର ବେହେରାଙ୍କୁ ଭୁବନେଶ୍ୱର ହେଡକ୍ୱାର୍ଟରକୁ ବଦଳି କରାଯାଇଛି।

## ରାଜ୍ୟ ଖଣି ନିର୍ଦ୍ଦେଶାଳୟ
- ୧୧ ଏଏମ୍‌ଓ ହେଲେ ଏମ୍‌ଓ

# ଖୁସି ଆଣିପାରେ ବାଘ ଗଣନା ରିପୋର୍ଟ

ଢେଙ୍କାନାଳ ଅଫିସ,୧୮।୪

ଢେଙ୍କାନାଳ ଜିଲାର ଜଙ୍ଗଲରେ ବାଘ ସଂଖ୍ୟା ବୃଦ୍ଧି ପାଉଥିବା ଆଶଙ୍କା କରୁଛି ବନ ବିଭାଗ। ଆସନ୍ତା ଅଗଷ୍ଟରେ ବାଘ ଗଣନା ରିପୋର୍ଟ ଆସିବାକୁ ଥିବାରୁ ଏହା ସମସ୍ତଙ୍କ ପାଇଁ ଖୁସିର ଖବର ଆଣିପାରେ ବୋଲି କୁହାଯାଉଛି। କାରଣ ଜିଲାର ଏକ ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ଟ୍ରାପ୍ କ୍ୟାମେରାରେ ଦୁଇଟି କଲରାପତରିଆ ବାଘ ଠାବ ହୋଇଛି। ସୋମବାର ଜିଲା ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ନିୟମ ଅନୁଯାୟୀ ଉକ୍ତ ସଂରକ୍ଷିତ ଜଙ୍ଗଲର ନାମ ଗୋପନ ରଖାଯାଇଛି। ଶିକାରୀଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ଜଙ୍ଗଲ ନାମ ପ୍ରକାଶ କରାଯାଇନାହିଁ। ଦୁଇଟିଯାକ କଲରା ପତରିଆ ବାଘ ଶିକାର କରିବା ପାଇଁ ଉଦ୍ୟତ ହେଉଥିବା ଫଟୋରୁ ଜଣାପଡିଛି।


କ୍ୟାମେରାରେ କଏଦ ହୋଇଥିବା ବାଘ ଫଟୋ।

- ଢେଙ୍କାନାଳ ଜଙ୍ଗଲରେ ବାଘ ସଂଖ୍ୟା ବୃଦ୍ଧି ଆଶଙ୍କା
- ଟ୍ରାପ୍ କ୍ୟାମେରାରେ ଦୁଇ କଲରାପତରିଆ ଠାବ
- ଶିକାର ଅପେକ୍ଷାରେ ଥିବାବେଳେ ଉଠିଛି ଫଟୋ

ଢେଙ୍କାନାଳ ଜିଲାରେ ଚଳିତବର୍ଷ ବାଘ ଗଣନା ସରିଛି। ଏହାର ରିପୋର୍ଟ ବର୍ତ୍ତମାନ ସୁଦ୍ଧା ଆସିନାହିଁ। ଏହା ପୂର୍ବରୁ ଜିଲାରେ ବାଘ ସଂଖ୍ୟା ୮ ରହିଥିଲା। କଙ୍କଡାହାଡ ବ୍ଲକ ରଞ୍ଜାଗଡ ସଂରକ୍ଷିତ ଜଙ୍ଗଲର ଏକୁଲ ସେକୁଲ ଅଞ୍ଚଳରୁ ଗତ ୨ବର୍ଷ ତଳେ ଦୁଇଟି ବାଘ ଶିକାର କରାଯାଇ ଏହାର ଛାଲ ଚୋରାଚାଲାଣ ହେଉଥିବାବେଳେ ଦେଓଗାଁ-କପିଳାସ ରାସ୍ତାରୁ ବନବିଭାଗ ଜବତ କରିଥିଲା। ଏଥିରେ ଜଣେ ପ୍ରାଥମିକ ଶିକ୍ଷକଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଥିଲା। ଜଙ୍ଗଲ ବଢ଼ିଥିବାରୁ ଜିଲାରେ ବାଘ ସଂଖ୍ୟା ବୃଦ୍ଧି ପାଉଥିବା ବନ ବିଭାଗ ପକ୍ଷରୁ ଆଶଙ୍କା କରାଯାଇଛି। ସେହିପରି ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର କରିଡରରେ ଢେଙ୍କାନାଳ ଜିଲାର ହିନ୍ଦୋଳ ରେଞ୍ଜ୍ କନ୍ଧରା ଓ ନନ୍ଦିନିଆ ସଂରକ୍ଷିତ ଜଙ୍ଗଲକୁ ଅନ୍ତର୍ଭୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କହିଛନ୍ତି, ଢେଙ୍କାନାଳ ଜିଲାରେ ଥିବା ଏକ ଜଙ୍ଗଲରେ ଶିକାର କରିବା ପାଇଁ ଉଦ୍ୟତ ହେଉଥିବା ବେଳେ ଦୁଇଟି ଲିଓପାର୍ଡଙ୍କୁ ଟ୍ରାପ୍ କ୍ୟାମେରା କଏଦ କରିଛି। ନିୟମ ଅନୁଯାୟୀ ଜଙ୍ଗଲର ନାମ ପ୍ରକାଶ କରୁନାହୁଁ। ଚଳିତବର୍ଷ ଜିଲାର ବାଘ ଗଣନା ରିପୋର୍ଟ ଆସନ୍ତା ଅଗଷ୍ଟ ସୁଦ୍ଧା ଆସିବ ବୋଲି ଆଶା କରାଯାଉଛି।

# ମନ୍ତ୍ରୀଙ୍କ ଷ୍ଟାଫ୍ କ୍ୱାର୍ଟର୍ସରେ ରୋଷେୟାଙ୍କ ଝୁଲନ୍ତା ମୃତଦେହ

ଝାରସୁଗୁଡ଼ା ଅଫିସ,୧୮।୪

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଝାରସୁଗୁଡା ସରବାହାଲସ୍ଥିତ ଷ୍ଟାଫ୍ କ୍ୱାର୍ଟର୍ସରୁ ଟାଉନ ଥାନା ପୋଲିସ ଗତ ରବିବାର ଝୁଲନ୍ତା ଅବସ୍ଥାରେ ଏକ ମୃତଦେହ ଜବତ କରିଛି। ମୃତକ ହେଲେ ଢେଙ୍କାନାଳ ଜିଲା ବାଲିମି ଥାନା ଅଞ୍ଚଳର ଲଳିତ କୁମାର ସାହୁ(୨୨)। ସେ ମନ୍ତ୍ରୀଙ୍କ ଷ୍ଟାଫ୍ କ୍ୱାର୍ଟର୍ସରେ ରୋଷେୟା ଭାବେ କାମ କରୁଥିଲେ। ମୃତକଙ୍କ ବଡଭାଇ ବିରଞ୍ଚି ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଝାରସୁଗୁଡ଼ା ଟାଉନ ଥାନା ଅପମୃତ୍ୟୁ କେସ୍ ନଂ୨୨/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । କିଛିମାସ ହେଲା ଲଳିତ ରୋଷେୟା ଭାବେ କାମ କରୁଥିବାବେଳେ ଷ୍ଟାଫ୍ କ୍ୱାର୍ଟର୍ସ ସିଲିଂଫ୍ୟାନ୍‌ରେ ବେକରେ ଗାମୁଛାବାନ୍ଧି ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତକରି ରାତିରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ବୋଲି ଆଇଆଇସି ସାବିତ୍ରୀ ବଳ କହିଛନ୍ତି। ରାତିରେ ମୃତଦେହ ବ୍ୟବଚ୍ଛେଦକୁ ନେଇ ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି, ଗରମ ଦିନ ହୋଇଥିବାରୁ ମୃତଦେହ ନ ରଖି ରାତିରେ ବ୍ୟବଚ୍ଛେଦ କରାଯାଇଛି। ରାତିରେ ମୃତଦେହ ବ୍ୟବଚ୍ଛେଦ କରିବା ନିୟମ ନ ଥିବାବେଳେ ପୋଲିସ୍ କିଭଳି ବ୍ୟବଚ୍ଛେଦ କଲା ସେ ନେଇ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଲଳିତ ଅନ୍‌ଲାଇନ୍‌ରେ ଟଙ୍କା ଲଗାଉଥିଲେ। ଏଥିରେ ସେ ବିଫଳ ହୋଇ ଅନେକ ସମୟରେ ଚିନ୍ତାଗ୍ରସ୍ତ ରହୁଥିଲେ। ଫଳରେ ସେ ମାନସିକ ସନ୍ତୁଳନ ହରାଇ ଏଭଳି ପଦକ୍ଷେପ ନେଇଥିବା ଆଶଙ୍କା କରାଯାଉଛି ବୋଲି ଆଇଆଇସି ବଳ କହିଛନ୍ତି। ଅନ୍ୟପକ୍ଷେ ରୋଷେୟା ଭାବେ କାମ କରୁଥିବା ଲଳିତ ଅନ୍‌ଲାଇନରେ ଗେମ ଖେଳୁଥିଲେ। ଟଙ୍କା ହରାଇଥିବାରୁ ସେ ଏଭଳି ପଦକ୍ଷେପ ନେଇଥିବା ପୋଲିସ ତଦନ୍ତରୁ ଜଣାପଡିଛି ବୋଲି ମନ୍ତ୍ରୀ ଦାସ କରିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact:
0674-2580385
8637280816,
7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା।
(୨) ଗୃହ ସୋଲାର ପ୍ୟାନେଲ ଯୋଜନା।
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା।
(୪) କିଷାନ କ୍ରେଡିଟ କାର୍ଡ ଯୋଜନା।
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

ସ୍ୱ ବିମ୍ବାଧର ମିଶ୍ର
(ସଦାଶିବପୁର) ଢେଙ୍କାନାଳ
ଆବିର୍ଭାବ : 01 May 1948
ତିରୋଧାନ : 9 April 2001
ଏକବିଂଶତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପରିବାର ଓ ବନ୍ଧୁ ବାନ୍ଧବଙ୍କ ବିନମ୍ର ପ୍ରାର୍ଥନା । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସ୍ତ୍ରୀ-ଡ଼ଲି, ପୁଅ-ଶିବୁ, ବୁବୁ ବୋହୂ-ସୋନି, ସୋନାଲି ଝିଅ-ନିନା, ଜ୍ୱାଇଁ-ବିଦ୍ୟୁତ୍ ନାତି-ପିଟୁ, ରିଓ, ନାତୁଣୀ-ଆହାନା, ରିହାନା
ଧ-୭୧୬୨୯

୨୦ ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ମୀରା ମିଶ୍ର
(ଆଚାର୍ଯ୍ୟ)
ଆବିର୍ଭାବ- ୧୮.୨.୧୯୪୩
ତିରୋଧାନ - ୨୯.୪.୨୦୦୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପୁତ୍ର ଓ ପୁତ୍ରବଧୂ- ହର୍ଷ, ମାମୁନି, ଟିକ୍କୁ, ଶିବାନୀ, ଗୁବୁଲ, ଗୁନ୍ଟ, ନାତି ଓ ନାତୁଣୀ- ଡାଲିଆ, ଜିନିଆ, ରୋହନ, ସୋହନ ଓ ପରିବାରବର୍ଗ।
ଧ-୭୧୯୭୭

# ଘର ଭଡ଼ା

ଜବ୍, ବ୍ୟବସାୟ ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ଅଧିକାଂଶ ପରିବାରକୁ ବାହାରେ ଘର ଭଡ଼ା ନେଇ ରହିବାକୁ ହୋଇଥାଏ। ଆବଶ୍ୟକ ସ୍ଥଳେ ବାରମ୍ବାର ଘର ବି ବଦଳାଇବାକୁ ହୋଇଥାଏ। ଏମିତିରେ ଘର ଭଡ଼ା ନେବା ବେଳେ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଦିଗ ପ୍ରତି ଯତ୍ନଶୀଳ ହେବା ବୁଦ୍ଧିମତ୍ତାର କାର୍ଯ୍ୟ...





**ଏଗ୍ରିମେଣ୍ଟ ଗୁରୁତ୍ୱପୂର୍ଣ୍ଣ:** ବର୍ତ୍ତମାନ ଅନେକ ସ୍ଥାନରେ ଘରଭଡ଼ା ନେବା ବେଳେ ଏଗ୍ରିମେଣ୍ଟ ପେପରରେ ଦସ୍ତଖତ କରିବାକୁ ହେଉଛି। ତେଣୁ ଘର ନେବା ପୂର୍ବରୁ ଉକ୍ତ ପେପରରେ ଘରମାଲିକଙ୍କର କ'ଣ ସବୁ ନିୟମ ଲେଖା ରହିଛି ଭଲ ଭାବେ ପଢ଼ି ନିଅନ୍ତୁ। ଏପରିକି ଘରଭଡ଼ା ସହିତ ଇଲେକ୍ଟ୍ରି ବିଲ୍ କିମ୍ବା ୱାଟର ବିଲ୍, ଆପାର୍ଟମେଣ୍ଟ ହୋଇଥିଲେ ସୋସାଇଟି ଚାର୍ଜ ଇତ୍ୟାଦି ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପରେ ହିଁ ଏଗ୍ରିମେଣ୍ଟ ପେପରରେ ସାଇନ୍ କରନ୍ତୁ। ନଚେତ୍ ପରବର୍ତ୍ତୀ ସମୟରେ ଅଧିକ ଟଙ୍କା ଦେବାକୁ ପଡ଼ିପାରେ ଏବଂ ଅଯଥା ସମସ୍ୟା ମଧ୍ୟ ଉପୁଜିପାରେ।

**ହୁଅନ୍ତୁନି ଠକାମିର ଶିକାର:** ନୂଆ ଜାଗାରେ ଘରଭଡ଼ା ଖୋଜିବା ଲାଗି ଅନେକଙ୍କୁ ମଧ୍ୟସ୍ଥଙ୍କ ସାହାଯ୍ୟ ନେବାକୁ ହୋଇଥାଏ। ହେଲେ ବେଳେବେଳେ ଦଲାଲଙ୍କ ହାବୁଡ଼ରେ ପଡ଼ି କେତେଜଣଙ୍କୁ ଠକାମିର ଶିକାର ହୋଇଥିବାର ବି ନଜିର ରହିଛି। କାରଣ କେବେ କେବେ ଦଲାଲମାନେ ନିଜ ପ୍ରାପ୍ୟ ନେବା ପରେ ବି ପ୍ରତିମାସରେ ଭଡ଼ାଟିଆଙ୍କଠୁ ଘରମାଲିକ କହିଥିବା ଟଙ୍କାଠାରୁ ଅଧିକ ନେଇଥାନ୍ତି। ଏକ୍ଷେତ୍ରରେ ଘରମାଲିକଙ୍କ ସହ ଭଡ଼ା ଟଙ୍କା ସମ୍ପର୍କରେ ସିଧାସଳଖ କଥା ହୋଇଯିବା ବୁଦ୍ଧିମତ୍ତାର କାର୍ଯ୍ୟ।

**ସୁରକ୍ଷା ପ୍ରତି ରୁହନ୍ତୁ ସଜାଗ:** ବର୍ତ୍ତମାନ ଚାରିଆଡ଼େ ଚୋରି ଡକାୟତିର ଆଶଙ୍କା ବହୁତ। ତେଣୁ ଘରଭଡ଼ା ନେବା ବେଳେ ନିରୋଳା କିମ୍ବା ଏକୁଟିଆ ସ୍ଥାନରେ ଥିବା ଘର ନେବା ଠିକ୍ ନୁହେଁ। ଘରର କବାଟ, ଝରକା ଆଦି ଠିକ୍ ଭାବେ ବନ୍ଦ ହେଉଛି ନା ନାହିଁ ଭଲ ଭାବେ ଦେଖି ନେବା ଦରକାର। ଆଖପାଖରେ ରହୁଥିବା ଲୋକେ କିପରି ଜାଣିବାକୁ ଚେଷ୍ଟା କରିବା ସହ ସମସ୍ତଙ୍କ ସହିତ ସୁସମ୍ପର୍କ ରଖନ୍ତୁ ଯେପରି ଆବଶ୍ୟକ ସ୍ଥଳେ ସେମାନେ ସାହାଯ୍ୟ ପାଇଁ ଆଗେଇ ଆସିବେ।

**ଯଥା ସମ୍ଭବ କମ୍ ସାମଗ୍ରୀ ରଖନ୍ତୁ:** ନିଜ ଘର ହେଉ ଅବା ଭଡ଼ା ବିଭିନ୍ନ ପ୍ରକାର ଫର୍ନିଚର, ଇଲେକ୍ଟ୍ରୋନିକ ସାମଗ୍ରୀ ଏବଂ ଅନ୍ୟାନ୍ୟ ଗୃହସଜ୍ଜା ଉପକରଣ ରଖିବାର ସଉକ ଅନେକଙ୍କର ରହିଛି। ହେଲେ ଭଡ଼ାଘରେ ରହୁଥିଲେ, ପରେ ଶିଫ୍ଟିଂ ବେଳେ ଯେପରି ନଷ୍ଟ ନ ହୁଏ ସେଥିପାଇଁ ଟିଭି, ଫ୍ରିଜ୍, ଫ୍ୟାନ୍, କମ୍ପ୍ୟୁଟର ଭଳି ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀକୁ ଛାଡ଼ି ଏସି, ମାଇକ୍ରୋୱେଭ୍, ଗିଜର ଆଦି ସାମଗ୍ରୀ କମ୍ ରଖିବାକୁ ଚେଷ୍ଟା କରନ୍ତୁ। ସେହିପରି ଭଡ଼ାଘର ମଝିରେ ମଝିରେ ବଦଳାଇବାକୁ ହେଉଥିବାରୁ ଶିଫ୍ଟିଂ ବେଳେ ଭାଙ୍ଗି ନ ଯିବା ଲାଗି ଅଧିକ ଦାମୀ ଫର୍ନିଚର, କାଚ ଶୋ ପିସ୍, ଝୁମର, ଅନ୍ୟାନ୍ୟ ଡେକୋରେଟିଭ ଲାଇଟ୍ ଆଦି ସାମଗ୍ରୀ ନ ରଖିବା ଭଲ।

**ରଖନ୍ତୁନି ବଡ଼ ଗାଡ଼ି :** ଭଡ଼ାଘରେ ରହୁଥିଲେ ସଉକ ପାଇଁ ଏକାଧିକ ଗାଡ଼ି ବିଶେଷକରି ଚାରିଚକିଆ ଯାନ ନ କିଣିବା ଭଲ। କାରଣ ଅନେକ ଭଡ଼ାଘରେ ପାର୍କିଂ ପାଇଁ ପର୍ଯ୍ୟାପ୍ତ ଜାଗା ନ ଥାଏ। ତେଣୁ ଗାଡ଼ି ରଖିବା ନିହାତି ଆବଶ୍ୟକ ଥିଲେ ପ୍ରଥମେ ପାର୍କିଂ ବ୍ୟବସ୍ଥା ଦେଖିବା ପରେ ଭଡ଼ା ନିଅନ୍ତୁ ନଚେତ୍ ଆପଣଙ୍କୁ ରାସ୍ତାକଡ଼ରେ ଗାଡ଼ି ରଖିବାକୁ ପଡ଼ିପାରେ, ଯାହାକି ଉଭୟ ଅବୈଧ ଏବଂ ବିପଦପୂର୍ଣ୍ଣ।

**ପୋଷା ଜୀବଜନ୍ତୁ:** ଘରେ ପୋଷା ଜୀବଜନ୍ତୁ ରଖିବାର ସଉକ ଅନେକଙ୍କର ରହିଛି। ହେଲେ ଯଦି ଆପଣ ଭଡ଼ା ଘରେ ରହୁଛନ୍ତି ତେବେ ପୋଷା ଜୀବଜନ୍ତୁ ନ ରଖିବା ଭଲ। କାରଣ ଅନେକ ଘର ମାଲିକ କୁକୁର, ବିଲେଇ ଆଦି ନିଜ ଘରେ ରଖିବାକୁ ପସନ୍ଦ କରନ୍ତି ନାହିଁ। ତେଣୁ ପ୍ରଥମେ ଏ ବାବଦରେ ବୁଝିନେବା ଭଲ।





## କ'ଣ କୁହନ୍ତି ଏମାନେ...



**ହରପ୍ରିୟା ମହାରଣା**(ଗୃହିଣୀ, ଭୁବନେଶ୍ୱର)- ଏବେ ଆମେ ଭୁବନେଶ୍ୱରରେ ଘର ଭଡ଼ା ନେଇ ରହୁଛୁ। କଲୋନିରେ ସମସ୍ତେ ଆମେ ମିଶିକି ରହୁଛୁ ସତ, ହେଲେ ମନରେ ଚୋରି ହେବାର ଭୟ ବହୁତ ରହୁଛି। ଆମେ ଯେବେ ବି ଗାଁକୁ ଯାଉ କିମ୍ବା କୌଣସି ବାହାର ଜାଗାକୁ ବୁଲିବାକୁ ଯାଉ ଘରକୁ ଚାବି ଦେଇ ଯାଇଥାଉ। ବେଶି ଦିନ ନ ରହି ୨-୩ ଦିନରେ ଫେରିଆସୁ। ବେଶି ରାତି ଯାଏଁ ଘରର ଗେଟ୍ କେବେ ବି ଖୋଲା ରଖେନି। ସବୁବେଳେ ନିଜ ପାଖେ ଏମରଜେନ୍ସି ନମ୍ବର କିଛି ରଖିଥାଏ। ବାହାରେ ରହୁଥିବାରୁ ଆମେ ଆମ ସୁରକ୍ଷା ପାଇଁ ଏବେ ଗୋଟେ କୁକୁର ରଖିଛୁ ।



**ଅନିତା ଦାସ** (ଗୃହିଣୀ, ପୁରୀ)- ୫ବର୍ଷ ହେଲାଣି ଭଡ଼ାଘରେ ରହୁଛି। ଏଇ ଭିତରେ ୨ଟି ଘର ବଦଳାଇ ସାରିଲିଣି। ତେବେ ପରିବାର ସହିତ ରହୁଥିବାରୁ ଘର ଭଡା ନେବା ପୂର୍ବରୁ ଘରର କବାଟ, ଝରକା, ପାଣି ବ୍ୟବସ୍ଥା ଆଦି ଠିକ୍ ଅଛି କି ନାହିଁ ଦେଖେ। ସୁରକ୍ଷା ଦୃଷ୍ଟିରୁ ଆଖପାଖରେ ରହୁଥିବା ଲୋକେ ଭଲ ହେବା ପ୍ରତି ଗୁରୁତ୍ୱ ଦିଏ ଏବଂ ସଭିଙ୍କ ସହ ସୁସମ୍ପର୍କ ରଖେ। ଏହା ଛଡା ଯିବାଆସିବା କରିବାକୁ ସୁବିଧା ହେବା ଲାଗି ଘରର ଲୋକେଶନକୁ ମଧ୍ୟ ଗୁରୁତ୍ୱ ଦିଏ। ଏସବୁ ବ୍ୟତୀତ ପ୍ରତି ମାସରେ ଭଡା ଦେବାରେ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବାରୁ ଘର ଖର୍ଚ୍ଚ ଦେଖିଚାହିଁ କରେ।

## ପୁରୁଣା କୁଲର ବ୍ୟବହାର କରୁଥିଲେ

ପ୍ରବଳ ଗରମ ସଭିଙ୍କୁ କରୁଛି ଅସ୍ତବ୍ୟସ୍ତ। ଏମିତିରେ ଟିକେ ବାହାରକୁ ବୁଲି ଆସିଲେ ସଙ୍ଗେ ସଙ୍ଗେ ଦରକାର ପଡୁଛି ଏସି କିମ୍ବା କୁଲର, ଯେଉଁଥିପାଇଁ ଖରାଦିନେ ଏହିସବୁ ସାମଗ୍ରୀର ଦାମ୍ ହୋଇଯାଏ ଆକାଶଛୁଆଁ। ଏମିତିରେ ଘରେ ଥିବା ପୁରୁଣା କୁଲରକୁ ସଜାଡ଼ି ପୁଣିଥରେ ବ୍ୟବହାର କରିପାରିବେ। ହେଲେ ଏହାର ବେଷ୍ଟ ରେଜଲ୍ଟ ପାଇବାକୁ ଚାହୁଁଥିଲେ ଜାଣିରଖନ୍ତୁ କେତୋଟି ଟିପ୍ସ...

➤କୁଲର ନୂଆ ହେଉକି ପୁରୁଣା ଏହାକୁ ସବୁବେଳେ ଖୋଲା ସ୍ଥାନରେ ଅର୍ଥାତ୍ ରୁମ୍‌ର ଭେଣ୍ଟିଲେଶନ ଠିକ୍ ଭାବରେ ହେଉଥିବା ସ୍ଥାନରେ ରଖନ୍ତୁ। ନଚେତ୍ ଥଣ୍ଡା ପବନ ପରିବର୍ତ୍ତେ ଗରମ ପବନ ଆସିବ।

➤କୁଲର ଯେପରି ସୂର୍ଯ୍ୟକିରଣ ସଂସ୍ପର୍ଶରେ ନ ଆସେ ସେଥିପ୍ରତି ଧ୍ୟାନଦିଅନ୍ତୁ। କାରଣ ଖରା ପଡ଼ିଲେ ଏହାର ୱିଣ୍ଡ ଫ୍ଲୋ ଓ କୁଲିଂ ଉପରେ ଖରାପ ପ୍ରଭାବ ପଡ଼ିଥାଏ।

➤ଅଧିକ ସମୟ କୁଲର ବ୍ୟବହାର ହେଉଥିବାରୁ ଏହାର ଜାଲିରେ ଧୂଳି ଜମିଯାଏ। ଏହାଯୋଗୁ ପବନ ଯିବା ଆସିବାର ବାଟ ବନ୍ଦ ହୋଇଯାଏ। ତେଣୁ ପ୍ରତି ଦୁଇ ସପ୍ତାହରେ ଥରେ କୁଲରର ଫିଲ୍ଟର ଜାଲିକୁ ସଫା ରଖନ୍ତୁ। ମଝିରେ ମଝିରେ ଏହାକୁ ସର୍ଭିସିଂ ପାଇଁ ଦିଅନ୍ତୁ।



## ଆଇକ୍ୟାଚି ଲୁକ୍ ଦିଏ ନୋଜ୍‌ପିନ୍

ନାକ ଫୁଟାଇବା ବା ନୋଜ୍ ପିଅରସିଂ କରିବା ଏବେ ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡ ପାଲଟିଛି। ଯାହାକୁ ଆଖିଆଗରେ ରଖି ମାର୍କେଟ୍‌ରେ ଭଳିକି ଭଳି ନୋଜ୍ ଅର୍ନମେଣ୍ଟ ବି ଉପଲବ୍ଧ। ଯଦି ଆପଣ ବି ଏହାକୁ ନିଜ ଫ୍ୟାଶନରେ ସାମିଲ କରିବାକୁ ଚାହୁଁଛନ୍ତି ଜାଣିରଖନ୍ତୁ ଟିପ୍ସ...



▶ଛୋଟ ଗୋଲ୍ଡ ବଲ୍ କିମ୍ବା ଡାଇମଣ୍ଡ ନୋଜ୍ ପିନ୍ ସିମ୍ପଲ ଏବଂ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ଏହାକୁ ସବୁ ଆଉଟ୍‌ଫିଟ୍‌ରେ ପିନ୍ଧିଲେ ଡିସେଣ୍ଟ ଲାଗୁଥିବାରୁ ଅନେକେ ବେଶ୍ ପସନ୍ଦ କରୁଛନ୍ତି।

▶ନୋଜ୍ ରିଂ ହୁପ୍‌ର ଡିମାଣ୍ଡ ସବୁଠୁ ଅଧିକ। ଏହା ଟ୍ରାଡିଶନାଲରୁ ମଡର୍ନ ପର୍ଯ୍ୟନ୍ତ ସବୁ ପ୍ରକାର ଗେଟ୍‌ଅପ୍ ସହ ମ୍ୟାଚ୍ କରିଥାଏ। ଆପଣ ଚାହିଁଲେ ଡ୍ରେସ୍‌ର କଲର ସହିତ ମ୍ୟାଚ୍ କରି ବିଡ୍, କ୍ରିଷ୍ଟାଲ୍, ବ୍ଲାକ୍ ମେଟାଲ୍, କୁନ୍ଦନ ଭଳି ନୋଜ୍ ରିଂ ହୁପ୍ ପିନ୍ଧିପାରିବେ।

▶ଡିଫରେଣ୍ଟ ଏବଂ ଟ୍ରେଣ୍ଡି ଲୁକ୍ ପାଇଁ ସ୍ନେକ୍ସମ୍ ପିଅର୍ସିଂ କରିପାରିବେ। ଏଥିରେ ନାକର ମଝିରେ ଛୋଟ ରିଂ କିମ୍ବା ଓଠ ଆଡ଼କୁ ସାମାନ୍ୟ ଝୁଲିଥିବା ରିଂ ଲଗାଇପାରିବେ। ସେଥିରେ ପର୍ଲ, ଷ୍ଟୋନ୍ କିମ୍ବା ଗୋଲ୍ଡ ବଲ୍ ଆଦି ଭଲ ଲାଗିବ।

▶ୱେଷ୍ଟର୍ନ ଆଉଟ ଫିଟ୍ ସହିତ ବୋଲ୍ଡ ଲୁକ୍ ପସନ୍ଦ କରୁଥିବା ଯୁବତୀମାନଙ୍କ ପାଇଁ ନୋଜ ବ୍ରିଜ୍ ପିଅର୍ସିଂ ବେଷ୍ଟ ଅପ୍ସନ, ଯାହାକି ବର୍ତ୍ତମାନ ଅନେକଙ୍କର ପସନ୍ଦ ପାଲଟିଛି। ଏଥିରେ ନାକର ଉପର ଭାଗ ବା ଦୁଇ ଆଖିର ମଝି ଥିବା ନାକରେ ଫୁଟାଯାଇ ନୋଜ୍ ଅର୍ନାମେଣ୍ଟ ଲଗାଯାଇଥାଏ।

▶ଆଣ୍ଟିକ୍ କିମ୍ବା ଷ୍ଟଡେଡ୍ ନୋଜ୍ ପିନ୍ ବି ଏବେ ଖୁବ୍ ଡିମାଣ୍ଡରେ ଅଛି। ଷ୍ଟୋନ୍ ଏବଂ ପର୍ଲ ନୋଜ୍ ପିନ୍ ବା ଷ୍ଟଡ୍ ମଧ୍ୟ ଅନେକେ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

## ଖାଦ୍ୟରୁଚି ସଜନାଛୁଇଁ ଆଚାର

**ଆବଶ୍ୟକ ସାମଗ୍ରୀ:** ସଜନା ଛୁଇଁ ୫୦୦ଗ୍ରାମ୍, ୪ ଚାମଚ ଭିନେଗାର, ସୋରିଷ ତେଲ ୧/୨ କପ୍, ହେଙ୍ଗୁ ଅଳ୍ପ, ଲାଲ ଲଙ୍କାଗୁଣ୍ଡ ୨ ଛୋଟ ଚାମଚ, ହଳଦୀଗୁଣ୍ଡ ୧ ଚାମଚ, ହଳଦିଆ ସୋରିଷ ୪ ଛୋଟ ଚାମଚ, ପାନମଧୁରୀ ୪ ଛୋଟ ଚାମଚ, ମେଥି ୪ ଛୋଟ ଚାମଚ, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ସଜନା ଛୁଇଁକୁ ଏକରୁ ଦେଢ଼ ଇଞ୍ଚ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏକ କାଚ ଡବାରେ ଏହାକୁ ରଖି ଲୁଣ ମିଶାଇ ଦିଅନ୍ତୁ। ଡବା ବନ୍ଦ କରି ଖରାରେ ଗୋଟେ ଦିନ ରଖି ଦିଅନ୍ତୁ । ପରେ ଏକ ଛଣା ସାହାଯ୍ୟରେ ଏଥିରୁ ବାହାରିଥିବା ପାଣିକୁ ଅଲଗା କରିଦିଅନ୍ତୁ। ଗ୍ୟାସ୍ ଚୁଲାରେ ଏକ ପ୍ୟାନ୍ ବସାଇ ଗରମ କରନ୍ତୁ। ଅଳ୍ପ ଆଞ୍ଚରେ ମେଥି, ପାନମଧୁରୀ ଏବଂ ସୋରିଷକୁ ୧ରୁ ୨ ମିନିଟ ପର୍ଯ୍ୟନ୍ତ ଭାଜି ଦିଅନ୍ତୁ। ଏହାକୁ ଥଣ୍ଡାକରି ଗୁଣ୍ଡ କରିନିଅନ୍ତୁ। ବର୍ତ୍ତମାନ ଚୁଲାରେ ପ୍ୟାନ୍ ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ ଚୁଲା ବନ୍ଦ କରି ସଜନାଛୁଇଁକୁ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ସେଥିରେ ମସଲା ଗୁଣ୍ଡ, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ହେଙ୍ଗୁ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଶେଷରେ ଭିନେଗାର ପକାଇ କିଛି ସମୟ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସଜନାଛୁଇଁ ଆଚାର। ଏହାକୁ ନିଜେ ଖାଇବା ସହ ଅନ୍ୟମାନଙ୍କୁ ଖୁଆଇବାର ମଜା ନିଅନ୍ତୁ।



ସୌନ୍ଦର୍ଯ୍ୟ

## ଗୋଲାପି ଓଠ ପାଇଁ



ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଓଠର ଭୂମିକା ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ଓଠକୁ ଆକର୍ଷଣୀୟ କରିବା ଲାଗି ମହିଳାମାନେ ବିଭିନ୍ନ ପ୍ରକାର ଲିପ୍ ମେକ୍‌ଅପ୍ ସାମଗ୍ରୀ ବ୍ୟବହାର କରିଥାନ୍ତି । ହେଲେ ଆପଣ ଚାହିଁଲେ ପ୍ରାକୃତିକ ଉପାୟରେ ଓଠକୁ ଗୋଲାପି କରିପାରିବେ ...



➔ମହୁ କିମ୍ବା ବାଦାମ ତେଲରେ ଚିନି ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଲଗାଇ ଆଙ୍ଗୁଳି ଟିପ ସାହାଯ୍ୟରେ ଧୀରେ ଧୀରେ ଓଠକୁ ମସାଜ କରନ୍ତୁ। ଏହାଦ୍ୱାରା ଓଠ ଉପରେ ଥିବା ଡେଡ୍ ସେଲ୍ ବାହାରିଯିବ। ଏହାବ୍ୟତୀତ ନଡ଼ିଆତେଲ କିମ୍ବା ଆଲୋଭେରା ଜେଲ୍‌ରେ ଚିନି ମିଶାଇ ମଧ୍ୟ ବ୍ୟବହାର କରିପାରିବେ। ଏହାପରେ ଓଠକୁ ଧୋଇ ବାମ୍ ଲଗାଇଦିଅନ୍ତୁ। ଓଠ ନରମ ରହିବା ସହ ଧୀରେ ଧୀରେ ଏହାର ରଙ୍ଗ ମଧ୍ୟ ଗୋଲାପି ଲାଗିବ।

➔ପ୍ରତିଦିନ ଶୋଇବା ପୂର୍ବରୁ ଓଠରେ ଲେମ୍ବୁ ଓ ଆଳୁ ରସ ଲଗାନ୍ତୁ। ସକାଳୁ ଉଠି ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ଓଠ ଧୀରେ ଧୀରେ ଗୋଲାପି ଦେଖାଯିବ।

➔ପ୍ରତିଦିନ ସେଓରସକୁ କେଇ ବୁନ୍ଦା ପାଣି ସହ ମିଶାଇ ଓଠରେ ଲଗାନ୍ତୁ। ଏପରି କରିବା ଫଳରେ ଓଠ ପ୍ରାକୃତିକଭାବେ ଗୋଲାପି ହୋଇଯିବ। ସେହିପରି ବିଟ୍ ରସ ମଧ୍ୟ ଲଗାଇପାରିବେ।

➔ଗୋଲାପ ଜଳ କିମ୍ବା ଲାଲ୍ ଗୋଲାପ ପାଖୁଡ଼ାକୁ ପେଷ୍ଟକରି ପ୍ରତିଦିନ ଲଗାଇଲେ ମଧ୍ୟ ଓଠ ଧୀରେ ଧୀରେ ଲାଲ୍ ହୋଇଥାଏ।

➔ଶରୀରର ଜଳୀୟାଂଶ କମ୍ ହେଲେ ବି ଓଠ କଳାପଡ଼ିଥାଏ। ତେଣୁ ପ୍ରଚୁର ପାଣି ପିଇବା ସହ ପଇଡ଼ପାଣି, ଅରେଞ୍ଜ ଜୁସ୍ ଏବଂ ଅନ୍ୟାନ୍ୟ ଜୁସ୍ ମଧ୍ୟ ପିଅନ୍ତୁ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଏପ୍ରିଲ ୧୯/୨୦୨୨ Sambalpur, Tuesday, April 19/ 2022


# ବଟଲରଙ୍କ ଶତକ, ଚହଲଙ୍କ ହ୍ୟାଟ୍ରିକ

ମୁମ୍ବାଇ,୧୮।୪

ଜୋଶ୍ ବଟଲରଙ୍କ ଦ୍ରୁତ ଶତକ ଏବଂ ୟୁଜବେନ୍ଦ୍ର ଚହଲଙ୍କ ହ୍ୟାଟ୍ରିକ ସହ ୫ ଉଇକେଟ ସଫଳତା ବଳରେ ରାଜସ୍ଥାନ ରୟାଲ୍ସ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ୭ ରନରେ ପରାସ୍ତ କରିଛି। ରାଜସ୍ଥାନ ୨୦ ଓଭରରେ ୫ ଉଇକେଟ ହରାଇ ୨୧୭ ରନ୍ କରିଥିବାବେଳେ

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**

**ସ୍ଥାନ: ମୁମ୍ବାଇ**

**ସମୟ: ରାତି ୭ଟା ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

କୋଲକାତା ୧୯.୪ ଓଭରରେ ୨୧୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଚହଲ ନିଜ ଅନ୍ତିମ ଓଭରର ୪ର୍ଥ ବଲ୍‌ରେ ଶ୍ରେୟାସ ଆୟାର, ୫ମ ବଲ୍‌ରେ ଶିବମ୍ ମାଭି ଏବଂ ୬ଷ୍ଠ ବଲ୍‌ରେ ପ୍ୟାଟ୍ କୁମିନ୍ସଙ୍କ ଉଇକେଟ ନେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଆଇପିଏଲ୍‌ରେ



ଶତକ ହାସଲକାରୀ ରାଜସ୍ଥାନ ରୟାଲ୍ସର ଜୋଶ୍ ବଟଲର।

ଏହାଥିଲା ରାଜସ୍ଥାନର ୫ମ ଏବଂ ଓଭରଅଲ୍ ୨୧ତମ ହ୍ୟାଟ୍ରିକ। ଗୋଟିଏ ମ୍ୟାଚରେ ଶତକ ଏବଂ ୫ ଉଇକେଟ ହାସଲ ଥିଲା ଆଇପିଏଲ୍ ଇତିହାସରେ ପ୍ରଥମ। ବିଭିନ୍ନ ସମୟରେ ନାଟକୀୟ ମୋଡ ନେଇଥିବା ଏହି ମ୍ୟାଚରେ କୋଲକାତା ପକ୍ଷରୁ ଶ୍ରେୟାସ ଆୟାର ସର୍ବାଧିକ ୮୫ ଓ ଆରୋନ ଫିଞ୍ଚ୍ ୫୮ ରନ କରିଥିଲେ ବି ଶେଷ ଭାଗରେ ଶୀଘ୍ର ଉଇକେଟ ପତନ ଯୋଗୁ କୋଲକାତା ପରାଜୟ ସ୍ୱାଦ ଚାଖିଥିଲା। ରାଜସ୍ଥାନ ପକ୍ଷରୁ ଚହଲ ୫ ଉଇକେଟ ସଫଳତା ପାଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ପକ୍ଷରୁ ଜୋଶ୍ ବଟଲର ୬୧ ବଲ୍‌ରୁ ୯ ଚୌକା ଓ ୫ ଛକା ସହାୟତାରେ ୧୦୩ ରନ କରିଥିଲେ। ଚଳିତ ଆଇପିଏଲ୍‌ରେ ଏହାଥିଲା ତାଙ୍କର ଦ୍ୱିତୀୟ ଶତକ। ଅଧିନାୟକ ସଞ୍ଜୁ ସାମସନ ୩୮ (୩ ଚୌକା ଓ ୨ ଛକା) ରନ କରିଥିଲେ। **ସଂକ୍ଷିପ୍ତ ସ୍କୋର:** ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୧୭/୫ (ଜୋଶ ବଟଲର-୧୦୩, ସଞ୍ଜୁ ସାମସନ-୩୮, ଶିମରନ ହେଟମେର-୨୬*, ଦେବଦତ୍ତ ପଡିକାଲ-୨୪, ସୁନୀଲ ନାରିନ-୨/୨୧, ଶିବମ ମାଭି-୧/୩୪, ପ୍ୟାଟ କୁମିନ୍ସ-୧/୫୦, ଆନ୍ଦ୍ରେ ରସେଲ-୨/୨୯)। କୋଲକାତା ନାଇଟ ରାଇଡର୍ସ ୧୯.୪ ଓଭରରେ ୨୧୦/ଅଲ୍‌ଆଉଟ (ଶ୍ରେୟାସ ଆୟାର-୮୫, ଆରୋନ ଫିଞ୍ଚ୍-୫୮, ୟୁଜବେନ୍ଦ୍ର ଚହଲ-୫/୪୦, ଓବେଡ ମ୍ୟାକକୟ-୨/୪୧, ପ୍ରସିଦ୍ଧ କ୍ରିଷ୍ଣା-୧/୪୩, ରବିଚନ୍ଦ୍ରନ ଅଶ୍ୱିନ-୧/୩୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୬ | ୫ | ୧ | ୧୦ | +୦.୩୯୫ |
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୮ | +୦.୩୮୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୬ | ୪ | ୨ | ୮ | +୦.୨୯୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୬ | ୪ | ୨ | ୮ | +୦.୧୪୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୪ | ୨ | ୮ | -୦.୦୭୭ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୧୬୦ |
| ପଞ୍ଜାବ କିଙ୍ଗ୍ସ | ୬ | ୩ | ୩ | ୬ | +୦.୧୦୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୩ | ୨ | ୪ | +୦.୨୧୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୬ | ୧ | ୫ | ୨ | -୦.୬୩୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୦ | ୬ | ୦ | -୧.୦୪୮ |

# ହରିୟାଣାକୁ ଜିତାଇଲେ ଶେଫାଳୀ

**ରାଞ୍ଚି,୧୮।୪(ପି.ଟି.):** ଅଧିନାୟିକା ଶେଫାଳୀ ବର୍ମାଙ୍କ ଅର୍ଦ୍ଧଶତକ ବଳରେ ହରିୟାଣା ୩ ଉଇକେଟରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ପଞ୍ଜାବକୁ ସିନିୟର ମହିଳା ଟି୨୦ ଟ୍ରଫିରେ ହରାଇ ଦେଇଛି।

ହରମନପ୍ରୀତଙ୍କ ୩୮ ବଲରେ ୬୪ ରନ୍‌ର ପାଳି ଯୋଗୁ ପଞ୍ଜାବ ୨୦ ଓଭରରେ ୩ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ବିଜୟ ଲକ୍ଷ୍ୟକୁ ୪ ବଲ ପୂର୍ବରୁ ୭ ଉଇକେଟ ହରାଇ ହାସଲ କରି ନେଇଥିଲା ହରିୟାଣା। ଅଧିନାୟିକା ଶେଫାଳୀ ୨୩ ବଲରେ ଖେଳିଥିଲେ ୫୦ ରନ୍‌ର ଇନିଂସ। ତାଙ୍କ ପାଳିରେ ସାମିଲ ଥିଲା ୭ ଚୌକା ଓ ୩ ଛକା। ତାଙ୍କୁ ସୁମନ ଗୁଇଲା (୩୧) ଓ ମାନସୀ ଯୋଶୀ (୨୫) ଉପଯୁକ୍ତ ସହାୟତା କରିଥିଲେ। ରାଜକୋଟରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ରେଲୱେ ୬୪ ରନରେ ହିମାଚଳ ପ୍ରଦେଶକୁ ହରାଇ ଅଭିଯାନ ଆରମ୍ଭ କରିଛି। ନିୟମିତ ଅଧିନାୟିକା ମିଥାଲି ରାଜ୍ ପ୍ରଥମ ମ୍ୟାଚ୍‌ରେ ଖେଳି ନ ଥିଲେ।









# ୩୦ ରେସ୍‌ଲରଙ୍କ ପାଇଁ ୧.୨୮ କୋଟି ମଞ୍ଜୁର

**ନୂଆଦିଲ୍ଲୀ,୧୮।୪(ପି.ଟି.):** ମଙ୍ଗୋଲିଆରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ସିନିୟର ଏସିଆନ ଚାମ୍ପିୟନଶିପ୍। ଏଥିରେ ଅଲିମ୍ପିକ୍ ପଦକଧାରୀ ରବି ଦାହିୟା ଓ ବଜରଙ୍ଗ ପୁନିଆଙ୍କ ସମେତ ୩୦ ରେସ୍‌ଲର ଭାଗନେବେ। ଏଥିଲାଗି ସୋମବାର ୧.୨୮ କୋଟି ଟଙ୍କା ମଞ୍ଜୁର କରିଛି ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)। ପୁରୁଷ ଫ୍ରିଷ୍ଟାଇଲ ଓ ଗ୍ରୀକୋ-ରୋମାନ ବର୍ଗରେ ୨୦ ଜଣ ଭାଗନେବାକୁ ଥିବା ବେଳେ ୧୦ ମହିଳା କୁସ୍ତିଯୋଦ୍ଧା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ‘‘ଉଭୟ ପୁରୁଷ ଓ ମହିଳା ଦଳର ଗସ୍ତ ଲାଗି ସରକାର ୧.୨୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି’’ ବୋଲି ସାଇ ପକ୍ଷରୁ ସୋମବାର ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି।

# ମାର୍ଶଙ୍କ ସମେତ ଦିଲ୍ଲୀ କ୍ୟାପିଟାଲ୍ସର ୪ ପଜିଟିଭ

ମୁମ୍ବାଇ, ୧୮।୪ (ପି.ଟି.)

ଦିଲ୍ଲୀ କ୍ୟାପିଟାଲ୍ସର ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚେଲ ମାର୍ଶ ଅତି କମ୍‌ରେ ୧୦ଦିନ କ୍ରିକେଟ ଖେଳିପାରିବେ ନାହିଁ। ସୋମବାର କୋଭିଡ୍ ପାଇଁ ହୋଇଥିବା ଦ୍ୱିତୀୟ ଆର୍‌ଟି-ପିସିଆର୍ ଟେଷ୍ଟରେ ମାର୍ଶଙ୍କ ସହିତ ଦୁଇ ସପୋର୍ଟ ଷ୍ଟାଫ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଦଳର ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ମାର୍ଶଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପଜିଟିଭ ଚିହ୍ନଟ ହୋଇଥିବା ଅନ୍ୟ ଦୁଇଜଣ ହେଲେ ଟିମ୍ ଡାକ୍ତର ଅଭିଜିତ୍ ସାଲ୍‌ଭି ଓ ଟିମ୍‌ର ମାଲିସବାଲା। ଦଳର ଅନ୍ୟ ଖେଳାଳିମାନଙ୍କ ଆରଟି-ପିସିଆର୍ ଟେଷ୍ଟ ଫଳାଫଳ ନେଗେଟିଭ ଆସିଛି। ଫଳରେ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଖେଳାଯିବାକୁ ଥିବା ଆଇପିଏଲ୍ ମ୍ୟାଚ ପ୍ରତି ବିପଦ ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି। ଖବର ଅନୁସାରେ ଅଷ୍ଟ୍ରେଲୀୟ ଅଲରାଉଣ୍ଡରଙ୍କ ନିକଟରେ କିଛି ଲକ୍ଷଣ ପ୍ରକାଶ ପାଇବା ପରେ ତାଙ୍କର ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ହୋଇଥିଲା। ଏଥିରେ ଫଳାଫଳ ପଜିଟିଭ ଆସିଥିଲା। ମାତ୍ର ପରେ ଆରଟି-ପିସିଆର୍ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଥିଲା। ମାର୍ଶଙ୍କ ପାଖରେ ସାମାନ୍ୟ ଲକ୍ଷଣ ପ୍ରକାଶ ପାଇଥିବାରୁ ବିପଦଜନକ ନ ଥିଲା। ତାଙ୍କୁ ଫରହତ୍ ଅଧୀନରେ ରିହାବିଲିଟେଶନରେ ରହିବାକୁ ନିର୍ଦ୍ଦେଶ ହୋଇଥିଲା। ଫରହତ ଓ ମାର୍ଶଙ୍କ ସଂସ୍ପର୍ଶରେ ଆସି ସାଲ୍‌ଭି କୋଭିଡ୍ ପଜିଟିଭ ହୋଇଥିବା କୁହାଯାଉଛି। ଦିଲ୍ଲୀ କ୍ୟାପିଟାଲ୍ସ ଦଳ ସୋମବାର ମୁମ୍ବାଇରୁ ପୁଣେ ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ମାର୍ଶଙ୍କ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ପଜିଟିଭ ଆସିବାରୁ ପ୍ରୋଟୋକଲ ଅନୁସାରେ ସତର୍କତାମୂଳକ ପଦକ୍ଷେପସ୍ୱରୂପ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ସମସ୍ତ ସଦସ୍ୟଙ୍କୁ ସେମାନଙ୍କ ହୋଟେଲ ରୁମ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଦଳର ମାଲିସ୍‌ବାଲାଙ୍କ ଶରୀରରେ ମଧ୍ୟ ସାମାନ୍ୟ ଲକ୍ଷଣ ଦେଖାଯାଇଥିଲା। ମାତ୍ର କୋଭିଡ୍ ଟେଷ୍ଟରେ ତାଙ୍କ ଫଳାଫଳ ନେଗେଟିଭ ଆସିଥିଲା।



ମିଚେଲ ମାର୍ଶ

# ସିଲେକ୍ସନ କମିଟି ରାଡାରରେ ଉମ୍‌ରାନ ମଲିକ

**ନୂଆଦିଲ୍ଲୀ, ୧୮।୪ (ପି.ଟି.):** ଆସନ୍ତା ଜୁନ୍‌ରେ ଦକ୍ଷିଣ ଆଫ୍ରିକା ଓ ଆୟର୍ଲାଣ୍ଡ ବିପକ୍ଷରେ ଭାରତ ୭ ଅନ୍ତର୍ଜାତୀୟ ଟି୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଭାରତୀୟ ଦଳରେ ପେସ୍ ବୋଲିଂ ସେନ୍‌ସେସନ ଉମରାନ ମଲିକଙ୍କୁ ସ୍ଥାନ ମିଳିପାରେ। ବର୍ତ୍ତମାନ ଆଇପିଏଲ୍ ଖେଳୁଥିବା ଏହି ଖେଳାଳି ସିଲେକ୍ସନ କମିଟି ନଜରରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ନିଜ ମାଟିରେ ୫ଟି ଅନ୍ତର୍ଜାତୀୟ ଟି୨୦(ଜୁନ୍ ୯, ୧୨, ୧୪, ୧୭, ୨୦ ତାରିଖରେ) ଏବଂ ପରେ ଦୁଇଟି ମ୍ୟାଚ୍ ଆୟର୍ଲାଣ୍ଡର ମାଲାହାଇଡ୍‌ରେ ଖେଳିବ। ଆୟର୍ଲାଣ୍ଡକୁ ଭାରତ ଏହାର ଦ୍ୱିତୀୟ ଦଳ ପଠାଇବ। ଏଥିରେ ହ୍ୱାଇଟ୍ ବଲ ସ୍ପେଶାଲିଷ୍ଟ ଖେଳାଳିମାନେ ସ୍ଥାନ ପାଇବେ। ପ୍ରମୁଖ ଖେଳାଳିମାନେ ଜୁଲାଇ ପ୍ରଥମ ଭାଗରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ ପାଇଁ ପ୍ରସ୍ତୁତ ହେବେ। ୟୁଏଇରେ ଗତ ଟି୨୦ ବିଶ୍ୱକପ୍ ଅଭିଯାନ ବେଳେ ଉମରାନ ଭାରତର ନେଟ୍ ବୋଲର ଥିଲେ। ଅଷ୍ଟ୍ରେଲିଆରେ ଆସନ୍ତା ଟି୨୦ ବିଶ୍ୱକପ୍ ପୂର୍ବରୁ ବିସିସିଆଇ ବହୁ ଫାଷ୍ଟବୋଲରଙ୍କ ଏକ ଗ୍ରୁପ୍ ତିଆରି କରିବା ଲକ୍ଷ୍ୟରେ ରହିଛି। ଉମରାନ ଯଦି ପରବର୍ତ୍ତୀ ଦୁଇ ମାସ ଫିଟ୍ ରୁହନ୍ତି ତେବେ ସେ ଭାରତୀୟ ଦଳରେ ସ୍ଥାନ ପାଇବା ଯଥେଷ୍ଟ ସମ୍ଭାବନା ରହିଛି। ଫାଷ୍ଟ ବୋଲର ଗ୍ରୁପ୍‌ରେ ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ଆଭେଶ ଖାଁ, ହର୍ଷଲ ପଟେଲ, ମହମ୍ମଦ ସିରାଜ, ଦୀପକ ଚହର(ଯଦି ଫିଟ୍ ହୁହନ୍ତି), ମହମ୍ମଦ ସାମି ଓ ଉମେଶ ଯାଦବ ଅଛନ୍ତି। ଚଳିତ ଆଇପିଏଲ୍‌ରେ ଉମରାନଙ୍କ ବ୍ୟତୀତ ବାମହାତୀ ସିମ୍ ବୋଲର ଟି. ନଟରାଜନ ଓ ଅର୍ଶଦୀପ ସିଂ ପ୍ରଭାବୀ ପ୍ରଦର୍ଶନ କରିଆସୁଛନ୍ତି। ଜମ୍ମୁର ଉମରାନଙ୍କୁ ବର୍ତ୍ତମାନ ଭାରତର ସବୁଠାରୁ ଦ୍ରୁତ ବୋଲର ଭାବେ ବିବେଚନା କରାଯାଉଛି। ସେ ନିୟମିତ ଘଣ୍ଟା ପ୍ରତି ୧୫୨ କିଲୋମିଟରୁ ଅଧିକ ବେଗରେ ବୋଲିଂ କରିପାରୁଛନ୍ତି (ଘଣ୍ଟା ପ୍ରତି ହାରାହାରି ୯୫ ମାଇଲ)। ଚଳିତ ଆଇପିଏଲ୍ ସିଜନରେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳୁଥିବା ଉମରାନ ଏପର୍ଯ୍ୟନ୍ତ ଖେଳିଥିବା ୬ଟି ଗେମ୍‌ରେ ୯ ଉଇକେଟ ଅକ୍ତିଆର କରିଛନ୍ତି। ବ୍ୟାଟିଂ ମାଷ୍ଟର ସୁନୀଲ ଗାଭାସ୍କର କହିଛନ୍ତି, ଉମରାନ ଯଦି ଲେଗ୍ ଷ୍ଟମ୍ପ ପଟେ ଅଧିକ ବୋଲିଂ ନ କରିବା ସହ ୱାଇଡ୍ ବଲ୍ ନ ପକାନ୍ତି ଆହୁରି ଘାତକ ସାବ୍ୟସ୍ତ ହେବେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ